# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଫେବୃୟାରୀ ୨୩ /୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Berhampur, Saturday, February 23/ 2019 (Career & Appointment) | ★★★

୧୫ ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହାନ୍ତି ଦୀପିକା

କେବେ ରାଜନୀତିରେ ଯୋଗଦେଲେ ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହିଁବେ ବୋଲି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ପ୍ରକାଶ କରିଛନ୍ତି।

୦୯

୧୯

## ଅଂଶୁଙ୍କୁ ସିଙ୍ଗଲ୍ସ ଟାଇଟଲ

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଅନୁଷ୍ଠିତ ର୍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ଅଂଶୁକୁମାର ଭୂୟାଁ।








### ଆଜିର ସମ୍ପାଦକୀୟ

**ବାବୁ 'ଅନୁରକ୍ତି'**

### ଆଜିର ମନ୍ତବ୍ୟ

"କେନ୍ଦ୍ରରେ କଂଗ୍ରେସ କ୍ଷମତାସୀନ ହେଲେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କରିବା।

–ହରିଶ ରାୱତ୍, ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଗତ ୪ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୩.୬୨ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭–୧୮ ଆର୍ଥିକ ବର୍ଷରେ ୧.୦୨ ଲକ୍ଷ କୋଟି ଟଙ୍କା ଅସୁଲ ହୋଇଛି।

– ଅର୍ଥ ମନ୍ତ୍ରଣାଳୟ

■ ମାଟ୍ରିକ ପରୀକ୍ଷା ଆରମ୍ଭରୁ ବିଭ୍ରାଟ

# ଭାଇରାଲ ହେଲା ଓଡ଼ିଆ ପ୍ରଶ୍ନପତ୍ର

- **୪ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୭ ନିଲମ୍ବିତ**
- **ଥାନାରେ ଏତଲା**

**କଟକ ଅଫିସ/ନୂଆପଡ଼ା ଅଫିସ୍/ଢେଙ୍କାନାଳ ଅଫିସ୍/କୋରାପୁଟ୍,୨୨।୨(ସ୍ୱ.ପ୍ର.)**

ରାଜ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ହେଲେ ପ୍ରଥମ ଦିନରୁ ହିଁ ବିଭ୍ରାଟ ଉପୁଜିଛି। ଭାଇରାଲ ହୋଇଛି ଓଡ଼ିଆ ପରୀକ୍ଷାର ପ୍ରଶ୍ନପତ୍ର, ଯାହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି। ପରୀକ୍ଷା ପରିଚାଳନାକୁ ନେଇ ପୁଣି ଥରେ କାଠଗଡ଼ାରେ ଛିଡ଼ାହୋଇଛି ରାଜ୍ୟ ଗଣଶିକ୍ଷା ବିଭାଗ ଓ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ। ତେବେ ପ୍ରଶ୍ନପତ୍ର ଭାଇରାଲ ହେବା ପରେ ୪ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଓ ୩ଜଣ ପରୀକ୍ଷା ନିରୀକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଆଉ ୨ଜଣ ପରୀକ୍ଷା ନିରୀକ୍ଷକଙ୍କ ବିରୋଧରେ ତଦନ୍ତ କରାଯାଉଛି। ବୋର୍ଡର ୧୯୮୮ ଆକ୍ଟ ଅନୁଯାୟୀ ଦାୟୀମାନଙ୍କ ବିରୋଧରେ ନିକଟସ୍ଥ ଥାନାରେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଏତଲା ଦିଆଯାଇଥିବା ବୋର୍ଡ ସଭାପତି ଡ. ଜହାଁଆରା ବେଗମ୍ ଶୁକ୍ରବାର ସନ୍ଧ୍ୟାରେ କହିଛନ୍ତି। ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ପାଇଁ ବୋର୍ଡ ପକ୍ଷରୁ ଉଦ୍ୟମ ହୋଇଛି। ମୋବାଇଲ ଫୋନ ☞ପୃଷ୍ଠା–୪



ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିବା ବେଳେ ପୋଲିସ ସହ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ଧସ୍ତାଧସ୍ତି।

# ସ୍ଥାୟୀ ହେବେ ଅସ୍ଥାୟୀ ସ୍ୱାସ୍ଥ୍ୟ କର୍ମଚାରୀ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଘୋଷଣା କରି ନିର୍ବାଚନ ବୈତରଣୀ ପାର ହେବାକୁ ଜୋରସୋର ଉଦ୍ୟମ ଚଳାଇଛନ୍ତି। ଚାଷୀ, ମହିଳା, ଯୁବଗୋଷ୍ଠୀ, ବୃଦ୍ଧା ବୃଦ୍ଧ, ଅଙ୍ଗନୱାଡି କର୍ମୀଙ୍କୁ ଖୁସି କରିବା ପରେ ବିଭାଗୀୟ ମୁଖ୍ୟଦପ୍ତର, ଜିଲା, ବ୍ଲକ, ତହସିଲ ଓ ଠିକା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଖୁସି କରିଛନ୍ତି। ରାଜ୍ୟ ମୁଖ୍ୟଦପ୍ତର, ଜିଲା, ବ୍ଲକ ଓ ତହସିଲରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କ ପାଇଁ ନୂତନ କମନ କ୍ୟାଡର ଏବଂ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ଦେବାକୁ ଘୋଷଣା କରିଛନ୍ତି।

ଦୀର୍ଘଦିନ ଧରି କ୍ୟାଡର ରୁଲ୍‌ରେ ସଂଶୋଧନ କରିବା ଏବଂ ସଚିବାଳୟ କର୍ମଚାରୀଙ୍କ ଭଳି ପଦୋନ୍ନତି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ବିଭାଗୀୟ ମୁଖ୍ୟ ଦପ୍ତରର କର୍ମଚାରୀମାନେ ଦୀର୍ଘଦିନ ଆନ୍ଦୋଳନ ଚଳାଇଥିଲେ। ଏପରି କି ଦାବି ପୂରଣ ନେଇ ୩ ମାସ କଲମ ଛାଡ଼ ଆନ୍ଦୋଳନ କରି ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି କରିଥିଲେ। ନିର୍ବାଚନ ଆଗରୁ କର୍ମଚାରୀମାନଙ୍କୁ ଖୁସି କରିବା ଲାଗି ରାଜ୍ୟ ସରକାର ଓଡ଼ିଶା ☞ପୃଷ୍ଠା–୪

### କ୍ୟାବିନେଟ ନିଷ୍ପତ୍ତି

- **ବିଭାଗୀୟ ମୁଖ୍ୟ ଦପ୍ତର, ଜିଲା, ବ୍ଲକ, ତହସିଲ କର୍ମଚାରୀଙ୍କ ପଦୋନ୍ନତି ପାଇଁ ବାଟ ଖୋଲିଲା**
- **ଗଠନ ହେଲା କମନ୍‌କ୍ୟାଡର**
- **ବାର୍ଷିକ ପଡ଼ିବ ୭୨ କୋଟିର ଅତିରିକ୍ତ ଆର୍ଥିକ ବୋଝ**




BERHAMPUR: Venkatraju Arcade, Sano Bazar, Ph: 0680-2250600

STORES ALSO AT: BHUBANESWAR: 621, Saheed Nagar, Janpath | BHUBANESWAR: Biju Patnaik International Airport | BHUBANESWAR: 309, District Centre, Chandrasekharpur | CUTTACK: 558/834, Cantonment Road | ROURKELA: Kesar Bhawan, Main Road | Toll Free: 1800 3131 777 | Open on Sundays



"ସଫଳତା ହାସଲ କରିଥିବା ଲୋକେ ଆଜି ଯେଉଁ ସ୍ତରରେ ପହଞ୍ଚିଛନ୍ତି, ତାହା ସେମାନଙ୍କ ବ୍ୟକ୍ତିଗତ ପ୍ରୟାସ ଯୋଗୁ ସମ୍ଭବ ହୋଇନାହିଁ। ସମାଜର ଉଦ୍ୟମ ଓ ଆଶୀର୍ବାଦ ହେତୁ ସେମାନେ ସଫଳତା ପାଇଛନ୍ତି। ତେଣୁ ବଞ୍ଚିତ ବର୍ଗର ଛାତ୍ରୀଛାତ୍ରଙ୍କୁ ସହଯୋଗର ହାତ ସମସ୍ତେ ବଢ଼ାଇବା ଉଚିତ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି



# ଆଝାରଙ୍କୁ ଚାବୁକ

**ଶେଷରେ ଅନ୍ତର୍ଜାତୀୟ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ ହୋଇଛି ଇସ୍‌ଲାମାବାଦ। ପୁଲଓ୍ୱାମା ଆକ୍ରମଣକୁ ନେଇ ଭାରତର କୂଟନୈତିକ ଉଦ୍ୟମ ପରେ ଏହାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ଆକ୍ରମଣରେ ଜୈଶ୍‌ର ସମ୍ପୃକ୍ତିକୁ ଅସ୍ୱୀକାର କରୁଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସପ୍ତାହେ ପରେ ଏହି ଆତଙ୍କବାଦୀ ସଙ୍ଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେଠାକାର ବାହବଲପୁରସ୍ଥିତ ଜୈଶ୍ ମୁଖ୍ୟାଳୟରେ ପାକିସ୍ତାନ ପୋଲିସ ଚଢ଼ାଉ କରିଥିବା ଜଣାପଡ଼ିଛି। ଆତଙ୍କ ଓ ମୃତ୍ୟୁର ସୌଦାଗର ମୌଲାନା ମାସୁଦ୍ ଆଝାରଙ୍କ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଚାବୁକ ମାଡ଼ରୁ କିଛି କମ୍ ନୁହେଁ ବୋଲି କୁହାଯାଉଛି।**


ମୌଲାନା ମାସୁଦ୍ ଆଝାର

## ଜେଇଏମ୍ ମୁଖ୍ୟାଳୟ ବାଜ୍ୟାପ୍ତ

କରାଚୀ,୨୨।୨

ପୁଲଓ୍ୱାମା ଆକ୍ରମଣର ଷଡ଼ଯନ୍ତ୍ରକାରୀ ମାସୁଦ୍ ଆଝାରଙ୍କ ଜୈଶ-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟାଳୟକୁ ଶୁକ୍ରବାର ପାକିସ୍ତାନ ସରକାର ବାଜ୍ୟାପ୍ତ କରିଛନ୍ତି। ପଞ୍ଜାବ ପ୍ରଦେଶର ବାହବଲପୁରସ୍ଥିତ ଜେଇଏମ୍ ଅଫିସ ପରିସରକୁ ସେଠାକାର ପୋଲିସ ଦଖଲ କରିଛି।



ଏହାସହ ଜେଇଏମ୍ ଦ୍ୱାରା ପରିଚାଳିତ ସମସ୍ତ ଇସ୍‌ଲାମିକ୍ ମଦ୍ରାସାକୁ ପଞ୍ଜାବ ସରକାର ନିଜ ନିୟନ୍ତ୍ରଣକୁ ନେଇଥିବା ଜଣାପଡ଼ିଛି। ଇସ୍‌ଲାମାବାଦରେ ଗୁରୁବାର ଜାତୀୟ ନିରାପତ୍ତା କମିଟି (ଏନ୍‌ଏସ୍‌ସି) ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅଧ୍ୟକ୍ଷତା କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଗୁରୁବାର ବମ୍ବେ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦ୍‌ଙ୍କ ଜମାତ୍-ଉଦ୍-ଦାଓ୍ୱା (ଜେୟୁଡି) ଉପରେ ନିଷେଧାଦେଶ ଜାରି କରିବାର ଦିନକ ପରେ ଜେଇଏମ୍ ଅଫିସ ସିଲ୍ କରାଯାଇଥିବା ସେଠାକାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ■ ପୁଲଓ୍ୱାମା ଆକ୍ରମଣକୁ ଏଫ୍‌ଏଟିଏଫ୍‌ର ନିନ୍ଦା
## 'ଗ୍ରେ' ଲିଷ୍ଟରୁ ହଟିବନି ପାକିସ୍ତାନ

ନୂଆଦିଲ୍ଲୀ,୨୨।୨(ପି.ଟି.)

ଆତଙ୍କବାଦ ପାଇଁ ଅର୍ଥ ଯୋଗାଣ ଉପରେ କଡ଼ା ନଜର ରଖୁଥିବା ଅନ୍ତର୍ଜାତୀୟ ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ପକ୍ଷରୁ ପାକିସ୍ତାନକୁ ଶକ୍ତ ଝଟକା ଲାଗିଛି। ଏଫ୍‌ଏଟିଏଫ୍‌ର 'ଗ୍ରେ' ଲିଷ୍ଟ (ଧୂସର ତାଲିକା)ରେ ପାକିସ୍ତାନ ପୂର୍ବରୁ ରହିଥିବାବେଳେ ଏହାକୁ ବଳବତ୍ତର ରଖିବା ପାଇଁ ଶୁକ୍ରବାର ନିଷ୍ପତ୍ତି ନେଇଛି।

ଏଫ୍‌ଏଟିଏଫ୍ ଜୈଶ୍‌ର ପୁଲଓ୍ୱାମା ଆକ୍ରମଣକୁ ନିନ୍ଦା କରିଛି। ଏହାସହ ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ପାଣ୍ଠି ଯୋଗାଣ ବନ୍ଦ କରିବାରେ ପାକିସ୍ତାନ ବିଫଳ ହୋଇଥିବା ଦର୍ଶାଇଛି। ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ସ୍ଥିତ ଏଫ୍‌ଏଟିଏଫ୍ ମୁଖ୍ୟାଳୟରେ ଚାଲିଥିବା ବୈଠକ ପରେ ଏହି ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ପାକିସ୍ତାନ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ଟେରର୍ ଫାଇନାନ୍ସିଂର ବିପଜ୍ଜନକ ଦିଗଗୁଡ଼ିକୁ ନେଇ ସମୀକ୍ଷା କରିନାହିଁ। ତେଣୁ ଆସନ୍ତା ମେ ସୁଦ୍ଧା ଇସ୍‌ଲାମାବାଦ ଆତଙ୍କବାଦ ପାଇଁ ଅର୍ଥ ଯୋଗାଣ ବିରୋଧରେ ତତ୍ପରତା ଦେଖାଉ। ଏଥିରେ ବିଫଳ ହେଲେ ପାକିସ୍ତାନକୁ କଳାତାଲିକାଭୁକ୍ତ କରାଯାଇପାରେ। ୨୦୧୮ ଜୁନ୍‌ରୁ ପାକିସ୍ତାନ ଧୂସର ତାଲିକାରେ ରହିଛି। ଏହି ଦେଶକୁ ଏଫ୍‌ଏଟିଏଫ୍ ୨୮ ବିନ୍ଦୁ କାର୍ଯ୍ୟସୂଚୀ ଦିଆଯାଇଛି। ପାକିସ୍ତାନ ଏହି ତାଲିକାରେ ରହିବ କି ନାହିଁ ଆସନ୍ତା ଜୁନ୍‌ରେ ପୁଣି ସମୀକ୍ଷା କରାଯିବ ବୋଲି ଏଫ୍‌ଏଟିଏଫ୍ ବୈଠକରେ ଭାରତ ପକ୍ଷରୁ ଉପସ୍ଥିତ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଜାତିସଂଘ ସୁରକ୍ଷା ପରିଷଦର ଭର୍ତ୍ସନା

ଜାତିସଂଘ,୨୨।୨(ପି.ଟି.)

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲା ଅଓ୍ୱନ୍ତିପୋରା ନିକଟସ୍ଥ ଲେଥିପୋରାରେ ଗତ ୧୪ ତାରିଖରେ ଆକ୍ରମଣ କରି ୪୯ ଯବାନଙ୍କ ଜୀବନ ନେଇଥିବା ଜୈଶ୍‌କୁ ଶୁକ୍ରବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଗୃହୀତ ସଂକଳ୍ପନାମାରେ ମଧ୍ୟ ନିନ୍ଦା କରାଯାଇଛି। ଏହି ବର୍ବର ଓ ଭୀରୁ କାର୍ଯ୍ୟ ପାଇଁ ଆକ୍ରମଣକାରୀମାନଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାଯିବା ଆବଶ୍ୟକ ବୋଲି ୟୁଏନ୍‌ଏସ୍‌ସିରେ ମତ ପ୍ରକାଶ ପାଇଛି। ଆତଙ୍କବାଦୀଙ୍କୁ ସମର୍ଥନ, ପ୍ରୋତ୍ସାହନ, ଅର୍ଥଯୋଗାଣ ଓ ସଙ୍ଗଠିତ କରୁଥିବା ଦେଶକୁ ଆତଙ୍କବାଦ ପାଇଁ ଦାୟୀ କରାଯିବା ଲାଗି ଜାତିସଂଘର ଏହି ପ୍ରଭାବଶାଳୀ ଅଙ୍ଗର ସଦସ୍ୟ ରାଷ୍ଟ୍ର ଚାଇନା, ଫ୍ରାନ୍ସ, ରୁଷିଆ, ବ୍ରିଟେନ୍ ଓ ଆମେରିକା ଏକ ବିବୃତିରେ କହିଛନ୍ତି। ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା ପାଇଁ ଭାରତ ପକ୍ଷରୁ ଚାଲିଥିବା ଉଦ୍ୟମରେ ସବୁବେଳେ କଣ୍ଟା ସାଜୁଥିବା ଚାଇନାର ପ୍ରତିବାଦର ସ୍ୱର ଏଥର ନରମ ପଡ଼ିଯାଇଛି। ଏହାକୁ ଭାରତର କୂଟନୈତିକ ବିଜୟ ବୋଲି କୁହାଯାଉଛି।




ଭିଏତ୍‌ନାମ ରାଜଧାନୀ ହାନୋଇରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍-ଉନ୍‌ଙ୍କ ମଧ୍ୟରେ ଆସନ୍ତା ୨୭ରେ ଦ୍ୱିତୀୟ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଶୁକ୍ରବାର ହାନୋଇସ୍ଥିତ ଅପେରା ହାଉସ୍‌ରେ ଦୁହିଁଙ୍କ ଭଳି ଦେଖାଯାଉଥିବା ରସେଲ୍ ହ୍ୱାଇଟ୍ (ବାମ) ଓ ହାଓ୍ୱାର୍ଡ ଏକ୍ସ (ଡାହାଣ) ଫଟୋ ପାଇଁ ପୋଜ୍ ଦେଉଛନ୍ତି।

## ବିଷାକ୍ତ ମଦ ପିଇ ୩୨ ମୃତ

ଗୁଆହାଟୀ,୨୨।୨

ଆସାମ ଗୋଲାଘାଟ ଜିଲାରେ ବିଷାକ୍ତ ମଦ ପିଇ ଏକ ଚା ବଗିଚାର ୩୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୦ ଜଣ ଅସୁସ୍ଥ ହୋଇ ଜୋରହାଟ ମେଡିକାଲ କଲେଜ ହସ୍ପିଟାଲ ଓ ଗୋଲାଘାଟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କେତେକଙ୍କ ଅବସ୍ଥା ଗୁରୁତର ଥିବାର ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗୁରୁବାର ସନ୍ଧ୍ୟାରେ ସାଲମାରା ଚା ବଗିଚାରେ ମୁନ୍‌ସାଇନ୍ ନାମକ ଦେଶୀମଦ ପିଇ ପ୍ରଥମେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ମୃତ୍ୟୁସଂଖ୍ୟା ୨୨ରେ ପହଞ୍ଚିଛି। ପୋଲିସ ଜୁଗିବାରି ଅଞ୍ଚଳରେ ଥିବା ମଦଭାଟିର ୨ ଜଣ ମାଲିକଙ୍କୁ ଗିରଫ କରିଛି। ବିଷାକ୍ତ ମଦ କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ ଖୋଜୁଛି। ଉକ୍ତ ଅଞ୍ଚଳରେ ଏହି ବେଆଇନ ମଦ ଗ୍ଲାସ୍ ୧୦ରୁ ୨୦ ଟଙ୍କାରେ ବିକ୍ରି ହେଉଥିଲା। ମଦ ପିଇ ବିକ୍ରେତା ସଞ୍ଜୁ ଓରାଙ୍ଗ ଓ ତାଙ୍କ ମାଆ ମଧ୍ୟ ପ୍ରାଣ ହରାଇଛନ୍ତି। ଅବକାରୀ ମନ୍ତ୍ରୀ ମଦମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ମଦ କାରବାର ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଅଭିଯୋଗ କରି ମଦବିରୋଧୀ ଆନ୍ଦୋଳନର ମୁଖ୍ୟ ଭାଜପା କର୍ମୀଙ୍କ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ମଦ ବ୍ୟବସାୟୀ ଓ ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକାରୁ ଏଭଳି ଘଟିଲା ବୋଲି ସେ କହିଛନ୍ତି। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ବିରୋଧୀ ଦଳ ଅସମ୍ ଗଣ ପରିଷଦ (ଏଜିପି) ଅଧ୍ୟକ୍ଷ ଆହ୍ୱାନ ଦେଇଥିବାବେଳେ କଂଗ୍ରେସ ଅବକାରୀ ମନ୍ତ୍ରୀ ପରିମଳ ଶୁକ୍ଳା ବୈଦ୍ୟଙ୍କ ଇସ୍ତଫା ଦାବି କରିଛି।



## ସଂକ୍ଷେପରେ

### ସେନାକୁ ମିଳିଲା ଧ୍ରୁବ ହେଲିକପ୍ଟର

**ବେଙ୍ଗାଲୁରୁ,୨୨।୨(ପି.ଟି.):** ଏରୋ ଇଣ୍ଡିଆ ଏୟାର ଶୋ' ଅବସରରେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍) ଶୁକ୍ରବାର ସେନାବାହିନୀକୁ ପ୍ରଥମ ପର୍ଯ୍ୟାୟରେ ୩ଟି ଅତ୍ୟାଧୁନିକ ହାଲୁକା ହେଲିକପ୍ଟର 'ଧ୍ରୁବ' ହସ୍ତାନ୍ତର କରିଛି। ୨୨ଟି ଧ୍ରୁବ (ଏଏଲ୍‌ଏଚ୍ ଏମ୍‌କେ-୩) ଏବଂ ୧୮ଟି ଏମ୍‌କେ-୪ ରୁଦ୍ର ହେଲିକପ୍ଟର ଯୋଗାଇବା ଲାଗି ହାଲ୍ ସହ ସେନାବାହିନୀ ୨୦୧୭ ଅଗଷ୍ଟରେ ଚୁକ୍ତି ସ୍ୱାକ୍ଷର କରିଥିଲା। ୨୨ଟିରୁ ୧୯ଟି ଧ୍ରୁବ ହେଲିକପ୍ଟର ନିର୍ମାଣ ଶେଷ ହୋଇଛି ଏବଂ ସେଗୁଡ଼ିକୁ ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯିବ ବୋଲି ହାଲ୍ ପକ୍ଷରୁ କୁହାଯାଇଛି।

### ପୂର୍ବତନ ମନ୍ତ୍ରୀଙ୍କୁ ୫ ବର୍ଷ ଜେଲ୍

**ରାଞ୍ଚି,୨୨।୨(ପି.ଟି.):** ପିଚୁ ଦୁର୍ନୀତି ମାମଲାରେ ସମ୍ପୃକ୍ତ ବିହାରର ପୂର୍ବତନ ମନ୍ତ୍ରୀ ଇଲିୟାସ ହୁସେନଙ୍କ ସମେତ ୫ ଜଣଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ଶୁକ୍ରବାର ଦୋଷୀସାବ୍ୟସ୍ତ କରି ୫ବର୍ଷ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି। ଏହି ଦୁର୍ନୀତିରେ ଠିକାଦାର ଡି.ଏନ୍. ସିଂଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ସ୍ୱତନ୍ତ୍ର ସିବିଆଇ ବିଚାରପତି ଅନିଲ କୁମାର ମିଶ୍ର ୨୨ ବର୍ଷ ତଳର ଏହି ମାମଲାର ଶୁଣାଣି ମଙ୍ଗଳବାର ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ଏଥିସହିତ ଉଭୟ ହୁସେନ ଏବଂ ସିଂଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ୧.୫୭ କୋଟି ଟଙ୍କାର ଏହି ପିଚୁ ଦୁର୍ନୀତି ୧୯୯୭ରେ ଲୋକଲୋଚନକୁ ଆସିଥିଲା ଏବଂ ପାଟନା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇକୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା।

### ଚିଦାମ୍ବରମ୍‌ଙ୍କ ବିରୋଧରେ ମାମଲା ଚାଲିବ



**ନୂଆଦିଲ୍ଲୀ,୨୨।୨(ପି.ଟି.):** ଆଇଏନ୍‌ଏକ୍ସ ମିଡିଆ ବିଦେଶୀ ପୁଞ୍ଜିନିବେଶକୁ ମଞ୍ଜୁରୀ ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ବିରୋଧରେ ମକଦ୍ଦମା ଚଳାଇବା ପାଇଁ ସିବିଆଇକୁ କେନ୍ଦ୍ରର ଅନୁମତି ମିଳିଛି। ସିବିଆଇ ଖୁବଶୀଘ୍ର ଚିଦାମ୍ବରମ୍‌ଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଆଇଏନ୍‌ଏକ୍ସ ମିଡିଆରେ ୩୦୫ କୋଟି ଟଙ୍କାର ବିଦେଶୀ ପୁଞ୍ଜିନିବେଶ ଅନୁମତି ପ୍ରଦାନରେ ଅନିୟମିତତା ହୋଇଥିଲା। ଏନେଇ ସିବିଆଇ ୨୦୧୭ ମେ' ୧୫ରେ ଏତଲା ଦାଏର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତି ଚିଦାମ୍ବରମ୍ ତାଙ୍କ କମ୍ପାନୀ ଚେସ୍ ମ୍ୟାନେଜମେଣ୍ଟ ସର୍ଭିସେସ୍, ପିଟର ମୁଖାର୍ଜୀ, ଇନ୍ଦ୍ରାଣୀ ମୁଖାର୍ଜୀ, ଆଇଏନ୍‌ଏକ୍ସ ମିଡିଆ, ଆଡଭାଣ୍ଟେଜ୍ ଷ୍ଟ୍ରାଟେଜିକ କନ୍‌ସଲ୍ଟିଂ ସର୍ଭିସେସ୍ ଏବଂ ଏହାର ନିର୍ଦ୍ଦେଶକ ପଦ୍ମା ବିଶ୍ୱନାଥନଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଥିଲା।

### କଙ୍ଗୋରେ ବସ୍-ଟ୍ରକ ଧକ୍କା: ୧୮ ମୃତ

**ଲୁବୁମ୍ବାଶି,୨୨।୨:** ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋରେ ଏକ ଏସିଡ୍ ବୋଝେଇ ଟ୍ରକ ଛିଡାହୋଇଥିବା ବସ୍‌କୁ ଧକ୍କା ଦେବାରୁ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ତମ୍ବା ଓ କୋବାଲ୍ଟ ଖଣି ଅଞ୍ଚଳ ଲୁବୁମ୍ବାଶି ଏବଂ କୋଲଓ୍ୱେଜି ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ବସ୍ ଯାତ୍ରୀଙ୍କ ଉପରେ ଏସିଡ୍ ଢାଳିହୋଇଯାଇଥିଲା।

### ଇତିହାସର ଆଇନାରେ
**ଫେବୃୟାରୀ ୨୩ର ପ୍ରମୁଖ ଘଟଣା**

୨୦୧୨ ଫେବୃୟାରୀ ୨୩ରେ ଇରାକ୍‌ର ବିଭିନ୍ନ ସହରରେ ଆକ୍ରମଣ ଯୋଗୁ ୮୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୫୦ ଆହତ ହୋଇଥିଲେ। ୨୦୧୧ ଶେଷଭାଗରେ ଆମେରିକା ଏହାର ସେନା ଇରାକ୍‌ରୁ ପ୍ରତ୍ୟାହାର କରିନେବା ପରେ ଏହା ଥିଲା ପଞ୍ଚମ ଏକକାଳୀନ ବଡଧରଣର ଆକ୍ରମଣ।

୧୯୪୭ ଫେବୃୟାରୀ ୨୩ରେ ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ୍ ଫର ଷ୍ଟାଣ୍ଡାର୍ଡାଇଜେଶନ୍ ପ୍ରତିଷ୍ଠା କରାଯାଇଥିଲା। ଏହା ଏକ ଅନ୍ତର୍ଜାତୀୟ ମାନକ ପ୍ରସ୍ତୁତକାରୀ ସଂସ୍ଥା। ଏହାର ମୁଖ୍ୟ କାର୍ଯ୍ୟାଳୟ ଜେନେଭା, ସୁଇଜରଲାଣ୍ଡରେ ରହିଛି ଏବଂ ୧୬୪ଟି ଦେଶରେ ଏହା କାର୍ଯ୍ୟ କରେ।

## ୨ ଜୈଶ୍ ଆତଙ୍କବାଦୀ ଗିରଫ


ଶାହନଓ୍ୱାଜ୍ ଅହମଦ ତେଲି


ଆକିବ୍ ଅହମଦ ମଲିକ୍

ଲକ୍ଷ୍ନୌ,୨୨।୨(ପି.ଟି.)

ପୁଲଓ୍ୱାମା ଆକ୍ରମଣ ପରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ବିରୋଧରେ ଉତ୍ତରପ୍ରଦେଶ (ୟୁପି) ପୋଲିସକୁ ମିଳିଛି ସଫଳତା। ଶାହରନପୁର ଜିଲା ଦେଓବନ୍ଦରୁ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ୨ ଜୈଶ୍ ଆତଙ୍କବାଦୀଙ୍କୁ ଗିରଫ କରିଛି।

ୟୁପି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଓ.ପି. ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜମ୍ମୁ-କଶ୍ମୀରର କୁଲଗାମ୍ ବାସିନ୍ଦା ଶାହନଓ୍ୱାଜ୍ ଅହମଦ ତେଲି ଓ ପୁଲଓ୍ୱାମା ନିବାସୀ ଆକିବ୍ ଅହମଦ ମଲିକ୍ ଦେଓବନ୍ଦର ଏକ ମଦ୍ରାସାରେ ଛଦ୍ମବେଶରେ ରହି ଆତଙ୍କବାଦୀ ସାଜିବାକୁ ଯୁବକମାନଙ୍କୁ ମତାଉଥିଲେ। ପୁଲଓ୍ୱାମା ଆକ୍ରମଣ ପରେ ଗୋଇନ୍ଦା ସୂଚନା ଆଧାରରେ ପୋଲିସ ସେମାନଙ୍କ ଉପରେ କଡ଼ା ନଜର ରଖିଥିଲା। ଏଟିଏସ୍ ଆଇଜି ଅସୀମ ତରୁଣଙ୍କ ନେତୃତ୍ୱରେ ଗୁରୁବାର ରାତିରେ ପୋଲିସ ଉକ୍ତ ମଦ୍ରାସାରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ କେତେକ ଜେହାଦୀ ଦସ୍ତାବିଜ ଓ ଅସ୍ତ୍ରଶସ୍ତ୍ର ଜବତ କରିଛି। ଉଭୟଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ହେବ। ଦୁହେଁ ମଦ୍ରାସାରେ ନାମ ନ ଲେଖାଇ ସେଠାରେ ରହୁଥିଲେ। ପୁଲଓ୍ୱାମା ଆକ୍ରମଣରେ ସେମାନଙ୍କ ସମ୍ପର୍କ ନେଇ ଅଧିକ ତଦନ୍ତ ଲାଗି ଦୁଇ ଆତଙ୍କବାଦୀଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଲକ୍ଷ୍ନୌ ନିଆଯିବ ବୋଲି ଓ. ପି. ସିଂ ସୂଚନା ଦେଇଛନ୍ତି। ଚଢ଼ାଉ ବେଳେ ମଦ୍ରାସାରୁ ଓଡ଼ିଶା ଓ କଶ୍ମୀରର ଆଉ କେତେଜଣ ଛାତ୍ରଙ୍କୁ ନେଇ ଅଟକ ରଖିଥିଲା ବୋଲି ସୂତ୍ରରୁ ଜଣାପଡ଼ିଛି।

## କଶ୍ମୀରୀଙ୍କ ସୁରକ୍ଷା ନେଇ ୧୧ ରାଜ୍ୟକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୨।୨(ପି.ଟି.)

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ବିଭିନ୍ନ ରାଜ୍ୟରେ କଶ୍ମୀର ଛାତ୍ର ଓ ଜନସାଧାରଣ ସାମାଜିକ ବାସନ୍ଦ, ହିଂସା ଓ ଧମକର ସମ୍ମୁଖୀନ ହୋଇଛନ୍ତି। ଏଥିରୁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ୧୧ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଶ୍ମୀରୀଙ୍କ ବିରୋଧରେ ଘଟିଥିବା ହିଂସାକାଣ୍ଡ ଉପରେ କେନ୍ଦ୍ର ଏବଂ ସମ୍ପୃକ୍ତ ରାଜ୍ୟକୁ ଅଦାଲତ ଜବାବ ମାଗିଛନ୍ତି। ଗତ ୧୪ ତାରିଖ ପୁଲଓ୍ୱାମା ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହାକୁ ନେଇ ବିଭିନ୍ନ ସ୍ଥାନରେ କଶ୍ମୀରୀମାନେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ହିଂସାକାଣ୍ଡ ଘଟାଉଥିବା ଲୋକଙ୍କ ବିରୋଧରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତିକୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ଏବଂ ଓମାର ଅବଦୁଲ୍ଲା ସ୍ୱାଗତ କରିଛନ୍ତି।

## ■ ସୁପ୍ରିମକୋର୍ଟ ଗଲେ କଶ୍ମୀର ସରକାର
## ୭ ପାକ୍ ବନ୍ଦୀଙ୍କୁ ସ୍ଥାନାନ୍ତର କରାଯାଉ

ନୂଆଦିଲ୍ଲୀ,୨୨।୨(ପି.ଟି.)

ଜମ୍ମୁ ଜେଲ୍‌ରେ ଥିବା ୭ ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କୁ ତିହାର ଜେଲ୍‌କୁ ସ୍ଥାନାନ୍ତର କରିବା ଲାଗି ଜମ୍ମୁ-କଶ୍ମୀର ସରକାର ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ସେମାନେ ସ୍ଥାନୀୟ ବନ୍ଦୀଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗ ହୋଇଛି। ବନ୍ଦୀ ଥିବା ୭ ଆତଙ୍କବାଦୀ ହେଲେ ଲଶ୍କରର ଓ୍ୱାକସ୍ ମନ୍‌ଜୁର, ମହମ୍ମଦ ଅବଦୁଲ୍ଲା ଓରଫ ଅବୁ ତଲ୍ଲାହ, ଜାଫର ଇକ୍‌ବାଲ, ଜୁବୈର୍ ତଲାହ ଜାରୋର। ୨୦୧୩ରେ ଗିରଫ ହୋଇଥିବା ଏହି ଆତଙ୍କବାଦୀଙ୍କ ଘର ପାକିସ୍ତାନର ମୁଲତାନରେ। ଅନ୍ୟତମ ଲଶ୍କର ଆତଙ୍କବାଦୀ ମହମ୍ମଦ ଅଲି ହୁସେନ ୨୦୧୪ରେ ଗିରଫ ହୋଇଥିଲେ। ଅଲ୍-ବଦର ଆତଙ୍କବାଦୀ ହଫିଜ ଅହମଦ ବାଲୋଚ୍ ୨୦୦୬ରେ ଗିରଫ ହୋଇଥିଲେ। ଶୋପିଆନ ଜିଲା ନଦିମାର୍ଗ ଅଞ୍ଚଳର ୨୪ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟାକରିଥିବା ଜିଆ ମୁସ୍ତାଫାଙ୍କୁ ୨୦୦୩ରେ ଗିରଫ କରାଯାଇଥିଲା। ବନ୍ଦୀ ସ୍ଥାନାନ୍ତର ନେଇ ସୁପ୍ରିମକୋର୍ଟ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ଜବାବ ମାଗିଛନ୍ତି। ପୂର୍ବରୁ ଅନ୍ୟଜଣେ ପାକିସ୍ତାନୀ ଆତଙ୍କବାଦୀ ଜାହିଦ ଫାରୁକଙ୍କ ସ୍ଥାନାନ୍ତର ଲାଗି ପିଟିଶନ୍ ଦାଏର ହୋଇଥିଲା।

## ସିଦ୍ଧୁଙ୍କୁ ମୁମ୍ବାଇ ଫିଲ୍ମ ସିଟି ମନା

**ମୁମ୍ବାଇ, ୨୨।୨:** ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଦେଶବିରୋଧୀ ମନ୍ତବ୍ୟ ପାଇଁ ପୂର୍ବତନ କ୍ରିକେଟର ତଥା ପଞ୍ଜାବର କ୍ୟାବିନେଟ୍ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁଙ୍କୁ ମୁମ୍ବାଇ ଫିଲ୍ମ ସିଟିରେ ପ୍ରବେଶ କରିବାକୁ ବାରଣ କରାଯାଇଛି। କିଛିଦିନ ତଳେ ଏହି କାରଣ ପାଇଁ ତାଙ୍କୁ କପିଲ ଶର୍ମାଙ୍କ କମେଡି ଶୋ'ରୁ ବାଦ୍ ଦିଆଯାଇଥିଲା। ସେଥିରେ ସେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଉଥିଲେ। କଂଗ୍ରେସ ନେତା ସିଦ୍ଧୁଙ୍କୁ ଫେଡେରେଶନ୍ ଅଫ୍ ଓ୍ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍ ପକ୍ଷରୁ ନିଷେଧ କରାଯାଇଥିବା ନେଇ ଏକ ପତ୍ର ଫିଲ୍ମ ସିଟିର ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ପଠାଯାଇଛି। ଭାରତରେ ପାକିସ୍ତାନୀ କଳାକାରଙ୍କୁ କାମ କରିବାର ସୁଯୋଗ ନ ଦେବା ଏବଂ ପାକିସ୍ତାନରେ ଭାରତୀୟ ଫିଲ୍ମ ରିଲିଜ୍ ନ କରିବାକୁ ଫେଡେରେଶନ୍ ପୂର୍ବରୁ ନିଷେଧାଜ୍ଞା ଜାରି କରିଥିଲା। କପିଲ ଶର୍ମା ଶୋ'ରେ ସିଦ୍ଧୁ କହିଥିଲେ କେତେଜଣ ଲୋକଙ୍କ ଖରାପ କାମ ପାଇଁ ସାରା ପାକିସ୍ତାନକୁ ନିନ୍ଦିତ କରାଯିବା ଉଚିତ ନୁହେଁ।



## ଗ୍ରହାଣୁରେ ଅବତରଣ କଲା ଜାପାନୀ ସ୍ପେସ୍‌କ୍ରାଫ୍ଟ

**ଟୋକିଓ:** ଜାପାନ୍‌ର ହାୟାବୁଶା୨ ସ୍ପେସ୍‌କ୍ରାଫ୍ଟ ଶୁକ୍ରବାର ଏକ ଗ୍ରହାଣୁରେ ଅବତରଣ କରିଛି। ଏହା ପୃଥିବୀଠାରୁ ୩୪୦ ନିୟୁତ କିଲୋମିଟର ଦୂରରେ ଅବସ୍ଥିତ। ମହାକାଶରେ ଶିଳା ନମୁନା ସଂଗ୍ରହ କରିବା ଏହି ମିଶନ୍‌ର ଲକ୍ଷ୍ୟ। ଏହାଦ୍ୱାରା ଜୀବନର ଉତ୍ପତ୍ତି ସମ୍ପର୍କରେ ବିଶେଷ ସୂଚନା ମିଳିପାରିବ। ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେଶନ୍ ଏଜେନ୍ସି (ଜାକ୍ସା)ର ସୂଚନା ଅନୁଯାୟୀ, ଉକ୍ତ ସ୍ପେସ୍‌କ୍ରାଫ୍ଟଟି ଗ୍ରହାଣୁ (ର୍ୟୁଗୁ)ର ପୃଷ୍ଠଭୂମିକୁ ପୂର୍ବାହ୍ନ ୭ଟା ୪୯ରେ ସ୍ପର୍ଶ କରିଥିଲା। ହାୟାବୁଶା୨ ଅବତରଣ କରିବା ପୂର୍ବରୁ ଦୀର୍ଘ ୩ବର୍ଷରୁ ଊର୍ଦ୍ଧ୍ୱ ମହାଶୂନ୍ୟରେ ଯାତ୍ରା କରିଥିଲା। ତେବେ ଏହି ଗ୍ରହାଣୁରୁ ନମୁନା ସଂଗ୍ରହ କରି ଏହା ୨୦୨୦ ଶେଷ ସୁଦ୍ଧା ପୃଥିବୀକୁ ଫେରିବ। ଟୋକିଓର ଦକ୍ଷିଣ-ପଶ୍ଚିମ ଭାଗ କାନାଗାଓ୍ୱାସ୍ଥିତ ମିଶନ୍ କଣ୍ଟ୍ରୋଲ ସେଣ୍ଟରରୁ ଜାକ୍ସା ବୈଜ୍ଞାନିକମାନେ ଉକ୍ତ ସ୍ପେସ୍‌କ୍ରାଫ୍ଟର ଗତିବିଧି ନିରୀକ୍ଷଣ କରୁଛନ୍ତି।



## ମୋଦିଙ୍କୁ ସିଓଲ ଶାନ୍ତି ପୁରସ୍କାର

ସିଓଲ,୨୨।୨(ପି.ଟି.)

### ଭାରତ-ଦକ୍ଷିଣ କୋରିଆ ୬ ଚୁକ୍ତି

### ଆତଙ୍କବାଦର ମୂଳୋତ୍ପାଟନ ଲାଗି ବିଶ୍ୱ ସମୁଦାୟ ଏକାଠି ହୁଅନ୍ତୁ: ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦକ୍ଷିଣ କୋରିଆ ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ଭିତ୍ତିଭୂମି ବିକାଶ, ଷ୍ଟାର୍ଟ-ଅପ୍, ସୀମାପାର ଅପରାଧ ରୋକିବା ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ୬ଟି ରାଜିନାମା ସ୍ୱାକ୍ଷର ହୋଇଛି। ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍ ଓ ମୋଦିଙ୍କ ମଧ୍ୟରେ ଗଠନମୂଳକ ଆଲୋଚନା ପରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଥିଲା।

ଆତଙ୍କବାଦ ଏବଂ ଉଗ୍ରବାଦ ବିଶ୍ୱ ଶାନ୍ତି ଏବଂ ନିରାପତ୍ତା ପ୍ରତି ବଡ଼ ବିପଦ। ଆତଙ୍କବାଦ ନେଟ୍‌ଓ୍ୱର୍କ ଏବଂ ସେମାନଙ୍କୁ ପାଣ୍ଠି ଯୋଗାଉଥିବା ଚ୍ୟାନେଲଗୁଡ଼ିକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ଲାଗି ବିଶ୍ୱ ସମୁଦାୟ ଏକାଠି ହୋଇ କାର୍ଯ୍ୟ କରିବାର ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ।



ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ୨୦୧୮ ବର୍ଷ ପାଇଁ ମର୍ଯ୍ୟାଦାଜନକ ସିଓଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି। ଅନ୍ତର୍ଜାତୀୟ ସହଯୋଗ ଏବଂ ବିଶ୍ୱ ଆର୍ଥିକ ଅଭିବୃଦ୍ଧି ବଢ଼ାଇବାରେ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଏଥିପାଇଁ ମୋଦି କୃତଜ୍ଞତା ଜଣାଇବା ସହ ପୁରସ୍କାର ସମସ୍ତ ଭାରତୀୟଙ୍କର ବୋଲି କହିଛନ୍ତି। ୨ ଲକ୍ଷ ଡଲାର ମୂଲ୍ୟର ଏହି ପୁରସ୍କାରକୁ ସେ ନମାମି ଗଙ୍ଗେ କାର୍ଯ୍ୟକ୍ରମ ପାଇଁ ଉତ୍ସର୍ଗ କରିଛନ୍ତି।

# ବଳାତ୍କାର, ଭ୍ରଷ୍ଟାଚାର ମାମଲାରେ ଦୋଷୀ: ସାଲୱିନ୍ଦର ସିଂଙ୍କୁ ୧୫ ବର୍ଷ ଜେଲ୍

ଗୁର୍‌ଦାସପୁର,୨୨।୨(ପି.ଟି.)


ସାଲୱିନ୍ଦର ସିଂ

ପଞ୍ଜାବସ୍ଥିତ ଗୁର୍‌ଦାସପୁରର ପୂର୍ବତନ ଏସ୍‌ପି ସାଲୱିନ୍ଦର ସିଂଙ୍କୁ ଏକ ବଳାତ୍କାର ମାମଲାରେ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଏହାସହ ଗୁର୍‌ଦାସପୁରସ୍ଥିତ ଅତିରିକ୍ତ ଜିଲା ସେସନ୍ସ କୋର୍ଟ ବିଚାରପତି ପ୍ରେମକୁମାର ସାଲୱିନ୍ଦରଙ୍କୁ ଏକ ଦୁର୍ନୀତି ମାମଲାରେ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୧୬ ଜାନୁୟାରୀରେ ପଠାନ୍‌କୋଟ ବାୟୁସେନା ଘାଟିରେ ଜୈଶ୍ ଆକ୍ରମଣର ଅବ୍ୟବହିତ ପୂର୍ବରୁ ଆତଙ୍କବାଦୀମାନେ ସାଲୱିନ୍ଦରଙ୍କୁ ଅପହରଣ କରିବା ପରେ ସେ ଚର୍ଚ୍ଚାକୁ ଆସିଥିଲେ। ବରିଷ୍ଠ ପୋଲିସ ଅଧିକାରୀ ସାଲୱିନ୍ଦର ଜଣେ ବଳାତ୍କାର ପୀଡ଼ିତାଙ୍କ ସ୍ୱାମୀଙ୍କ ବିରୋଧରେ ଏକ ବଳାତ୍କାର ମାମଲାର ତଦନ୍ତ କରୁଥିଲେ। ସେତେବେଳେ ସେ ଅଭିଯୁକ୍ତଙ୍କୁ ଜେରା କରିବା ବାହାନାର ପୀଡ଼ିତାଙ୍କ ଘରକୁ ଯାଉଥିଲେ। ଏହି ସମୟରେ ସାଲୱିନ୍ଦର ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିଲେ। ଏହାସହ ସେ ଅଭିଯୁକ୍ତଙ୍କ ମାମଲା ଦୁର୍ବଳ କରିବା ପାଇଁ ଉକ୍ତ ମହିଳାଙ୍କୁ ୫୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। କାର୍ଯ୍ୟରୁ ନିଲମ୍ବିତ ହେବା ପରେ ସେ ଫେରାର ହୋଇଯାଇଥିଲେ। ୨୦୧୭ ଏପ୍ରିଲ ୨୦ରେ ସାଲୱିନ୍ଦର ସ୍ଥାନୀୟ କୋର୍ଟରେ ଆତ୍ମସମର୍ପଣ କରିଥିଲେ। କୋର୍ଟ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇବା ପରେ ତାଙ୍କୁ ଅମୃତସର ସେଣ୍ଟ୍ରାଲ ଜେଲ୍‌କୁ ପଠାଇଦିଆଯାଇଛି।




# ଆଶିଷ ସିଂଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱ

ଭୁବନେଶ୍ୱର,୨୨।୨ (ବ୍ୟୁରୋ)

ଦକ୍ଷିଣାଞ୍ଚଳ ରେଞ୍ଜର ପୂର୍ବତନ ଡିଆଇଜି ଆଶିଷ ସିଂଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଆଗମୀ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଗସ୍ତର ସୁରକ୍ଷା ବ୍ୟବସ୍ଥାର ସେ ତଦାରଖ କରିବେ। ଶୁକ୍ରବାର ସେ ଏହି ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ଗୋଇନ୍ଦା ବିଭାଗର ଡିଆଇଜି ଓ କ୍ରାଇମବ୍ରାଞ୍ଚ ଏସଟିଏଫ(ସ୍ପେଶାଲ ଟାସ୍କ ଫୋର୍ସ)ର ଅତିରିକ୍ତ କାର୍ଯ୍ୟଭାର ତାଙ୍କୁ ଦିଆଯାଇଛି। ରାଜ୍ୟରେ ଗୋଇନ୍ଦା ବିଭାଗ ଅନେକ ସମୟରେ ଫେଲ ମାରୁଥିବା ବେଳେ ଆଶିଷ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକଟି ଗସ୍ତ ଯୋଜନା ମୁତାବକ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ସମ୍ପାଦନ କରାଯିବ। ଏଥିରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତ ସୃଷ୍ଟି ହେବ ନାହିଁ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ।

# ଚତୁର୍ଥ ଥର ଲାଗି ବଦଳିଲା ରାହୁଲଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ ଚତୁର୍ଥ ଥର ଲାଗି ପରିବର୍ତ୍ତନ ହୋଇଛି। ପ୍ରଥମେ ରାହୁଲ ଆସନ୍ତା ୨୮ରେ ଓଡିଶା ଆସିବା ନେଇ ଦଳ ପକ୍ଷରୁ କୁହାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ସମୟ ବଦଳି ରାହୁଲଙ୍କ ଅଫିସ୍ ମାର୍ଚ୍ଚ ୨ରେ ଆସିବା ନେଇ ଖବର ଦେଇଥିବା ପିସିସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ହେଲେ ଏହାର କିଛିଦିନ ଭିତରେ ପୁଣିଥରେ ରାହୁଲଙ୍କ ଓଡିଶା ଗସ୍ତ ମାର୍ଚ୍ଚ ୫ ପାଇଁ ସ୍ଥିର ହୋଇଥିଲା। ହେଲେ ଏଥର ଉକ୍ତ ତାରିଖକୁ ମଧ୍ୟ ପରିବର୍ତ୍ତନ କରାଯାଇଥିବା ଜଣାପଡିଛି। ରାହୁଲ ମାର୍ଚ୍ଚ ୮ତାରିଖରେ ଓଡିଶା ଆସିବେ ବୋଲି ଭୁବନେଶ୍ୱର କଂଗ୍ରେସ ଜିଲା କମିଟି ସଭାପତି ମାନସ ଚୌଧୁରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ରାହୁଲ ଆସନ୍ତା ଗସ୍ତ କାଳରେ ବରଗଡ ଏବଂ ଅନୁଗୋଳରେ ଦୁଇଟି ସାଧାରଣ ସଭାରେ ଯୋଗଦେବେ ବୋଲି ଶୁଣିବାକୁ ମିଳିଛି।

# ମାଡ଼ିଗଲା ଟ୍ରକ୍: ୨ ମୃତ

ସୋନପୁର/ବିନିକା, ୨୨।୨(ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଚେରୁପାଲି ଛକରେ ବସ୍‌କୁ ଅପେକ୍ଷା କରିଥିବା ୪ ଜଣ ଯାତ୍ରୀଙ୍କ ଉପରେ ଏକ ଟ୍ରକ ମାଡିଯିବାରୁ ଶୁକ୍ରବାର ୨ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଚେରୁପାଲିର ରୁଖ ଭୋରାସାଗର(୩୮) ଓ ବିନିକା ସହର ନିକଟସ୍ଥ ଶଉଳପୁରର ସୁରେନ୍ଦ୍ର ତରିଆ(୫୦)। ଟ୍ରକ୍ ଧକ୍କାରେ ରାସ୍ତାପାର୍ଶ୍ୱକୁ ଛିଟିକି ପଡିଥିବା ମୃତ ରୁଖଙ୍କ ଝିଅ ଭାନୁ(୪) ବିନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ସେଲେଡିର ଜୟଦେବ ଷାଣ୍ଢ(୪୨) ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।




୨୦୧୪ରୁ ଓଡ଼ିଶାରେ ଏଲ୍‌ପିଜି ଅଭିବୃଦ୍ଧି

| | ୨୦୧୪ | ୨୦୧୯ | ଅଭିବୃଦ୍ଧି |
|---|---|---|---|
| ଉପଭୋକ୍ତା | ୨୦.୨୨ ଲକ୍ଷ | ୭୬.୬୫ ଲକ୍ଷ | ୨୭୯% |
| ବଟଲିଂ | ୧.୨୭ କୋଟି | ୨.୫୪ କୋଟି | ୧୦୦% |
| ବିତରକ | ୩୬୭ | ୮୮୫ | ୧୪୧% |
| ଭୌଗୋଳିକ ପହଞ୍ଚ | ୨୦% | ୭୧.୫୦% | ୨୫୭% |







| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 80 | 132 | 142 |

Eggs Retail Price- 55/-Dozen
Issued in the Interest of Consumers
*Conditions Apply

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦୋନ୍ନତି ମାମଲା

# ହାଇକୋର୍ଟଙ୍କ ନିର୍ଦ୍ଦେଶ: କୁଳାଧିପତି ନେବେ ନିଷ୍ପତ୍ତି

**କଟକ ଅଫିସ,୨୨।୨:** ୟୁଜିସିର ୨୦୧୦ ମସିହା ରେଗୁଲେଶନର ଧାରା ୬, ୪, ୮କୁ ଉଲ୍ଲଂଘନ କରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୧୬ଜଣ ଆସୋସିଏଟ ପ୍ରଫେସରଙ୍କ ମଧ୍ୟରୁ ୧୧ ଜଣଙ୍କୁ ବେଆଇନ ଭାବେ ପ୍ରଫେସର ପଦକୁ ପଦୋନ୍ନତି ଦିଆଯାଇଛି। ଏହାକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ୟୁଜିସି ନିୟମ ଆଧାରରେ ମାମଲାର ବିଚାର କରି କୁଳାଧିପତି ଦେଢ ମାସ ମଧ୍ୟରେ ନିଷ୍ପତ୍ତି ନେଇ ତାହା ଆବେଦନକାରୀଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ୟୁଜିସିର ଉପରୋକ୍ତ ନିୟମ ଅନୁସାରେ ପ୍ରଫେସର ପଦକୁ ଉନ୍ନୀତ ହେବାକୁ ହେଲେ ସମ୍ପୃକ୍ତ ବ୍ୟକ୍ତି ଆସୋସିଏଟ ପ୍ରଫେସର ପଦରେ ଅନ୍ୟୂନ ୩ ବର୍ଷ କାର୍ଯ୍ୟ କରିଥିବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ବିଜ୍ଞପ୍ତି ସଂଖ୍ୟା ୪୮୩୧ ଅନୁସାରେ ୨୦୧୬ ନଭେମ୍ବର ୮ ତାରିଖରେ ୧୬ ଜଣଙ୍କୁ ଆସୋସିଏଟ ପ୍ରଫେସର ପଦକୁ ଉନ୍ନୀତ କରାଇଥିଲେ। ତେଣୁ ୟୁଜିସିର ରେଗୁଲେଶନ ଧାରା ୬, ୪, ୮ ଅନୁସାରେ ଏମାନେ ଆସୋସିଏଟ ପ୍ରଫେସର ପଦରେ ୩ ବର୍ଷ ରହିବା ପରେ ୨୦୧୯ ନଭେମ୍ବର ୭ ତାରିଖ ପରେ ହିଁ ପ୍ରଫେସର ପଦକୁ ଉନ୍ନୀତ ହେବାକୁ ଯୋଗ୍ୟ ବିବେଚିତ ହେବା କଥା। ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉପରୋକ୍ତ ୟୁଜିସି ନିୟମକୁ ଅଣଦେଖାକରି ପ୍ରଥମ ପର୍ଯ୍ୟାୟରେ ୧୦ ଜଣ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ଆସୋସିଏଟ୍ ପ୍ରଫେସରଙ୍କୁ ପ୍ରଫେସର ପଦବୀକୁ ଉନ୍ନୀତ କରିବା ପାଇଁ କୁଳାଧିପତିଙ୍କୁ ଏମାନଙ୍କ ନାମ ସୁପାରିସ କରିଥିଲେ। ପରେ ସେମାନଙ୍କୁ ପଦୋନ୍ନତି ଦିଆଯାଇଥିଲା। ମାତ୍ର ଏ କ୍ଷେତ୍ରରେ ୟୁଜିସି ନିୟମର ଉଲ୍ଲଂଘନ କରାଯାଇଥିଲା। ଉପରୋକ୍ତ ଅଭିଯୋଗ ଆଧାରରେ ପ୍ରଫେସର ପଦୋନ୍ନତିକୁ ବାତିଲ କରିବା ପାଇଁ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଆଗତ କରାଯାଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ବିଭାନ୍
ପରିବାରବର୍ଗ


ଅନୁଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




SALE

L&T Pc 71 Komatsu show room condition, 2009 Dec (Mo): 7978887806. D-11293




SALE

Ready to move 3BHK premium duplex at Gandamunda Square (adjacent to Main road). Contact: 9437309741 D-11181

**Plot on lowest buduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65834

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Bhubaneswar AIIMS Hospital**ଠାରେ **yellowzone gharabari 30'road,** ଇଲେକ୍ଟ୍ରିସିଟିଥିବା **plot sqft. 1500/-**ରେ ବିକ୍ରିହେବ: **9937819395.** D-65362

Stithiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Book 4BHK flat with 3 toilet, near AIIMS Square 150 meter Aiginia over bridge, NH-5, 1622 sqft. @ 65 lac. including parking. 7978584549. D-65592

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-11154

Yellowzone stithiban plot sale at AIIMS Hospital, Bhubaneswar. 8280037688. D-65368

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65833

Bhubaneswar GITA College ଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11299

Now Matrimonial ads. only on Wednesday & Sunday Book 1 Get 1 FREE

Yellowzone gharabari plots 30ft. road Jharapada Tankapani Road, Sai Temple 2BHK simplex 20,50,000/-. 7735738102. D-11286

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11298

Tamando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ: 9438859527. D-11188

Immediate registration & possession of gharabari plot near Patnaika Chowk in Bhubaneswar Puri NH and another ready to move 2BHK flat in Hanspal. Contact: 7606977222, 7978237779. D-65594




**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777.** D-11297




Newly ayurvedic fullbody massage ladies, gents: 7609923705, 7438851534. D-38549

Newly opening ayurvedic full body massage. 7077444583. D-11285

New new full body massage with home service available. 8117833107. D-38548

## AFFIDAVIT

Affidavit before Notary, Dhenkanal on 22.01.2019, I have changed my name from Mamina Hota to Pusparani Hota. Henceforth I shall be known as Pusparani Hota for all purpose. D-62078

### ପ୍ରଥମ ଜନ୍ମବାର୍ଷିକ ଉତ୍ସବ



(ବିଭାନ)

**ଶ୍ରେୟାଂଶ ରଞ୍ଜନ ଦାସ**
ସିଲନ୍ଦୀ, ତିର୍ତ୍ତୋଲ

ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ଶାରଳାଙ୍କ କୃପାରୁ ତୋର ସାରାଜୀବନ ସୁଖରେ ଭରିଯାଉ, ଶୁଭେଚ୍ଛା ସହ: ବାବା, ମାମା, ବଡ଼ବାବା, ବଡ଼ମାମା, ଓମ୍ ଭାଇ, ସାଇଭାଇ, ଜଗାଦାଦା, ଅଜା, ଆଈ, ଗୁଡୁ, ମାମୁ, ପୂଜା, ମଉସା, ମାଉସୀ, ପିଉସୀ, ବନ୍ଧୁ ଓ ପରିବାରବର୍ଗ।

ଧ-୧୧୨୯୬

### Birthday Wish



Sending you smiles for every moment of your special day... Have a wonderful time and a very

***Happy Birthday***
**"Anubha"**

D-11295

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଶାର୍ଟ ବଟନରେ ଆଣି ଧରାପଡ଼ିଲେ ଯାତ୍ରୀ

## ସୁନା ଚୋରା ଚାଲାଣର ନୂଆ ତରିକା

**ଭୁବନେଶ୍ୱର,୨୨।୨ (ବ୍ୟୁରୋ)**

ଭୁବନେଶ୍ୱର ବିମାନବନ୍ଦର ସୁନା ଚୋରା ଚାଲାଣକାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ବିଦେଶରୁ ବେଆଇନ ଭାବେ ସୁନା ଆଣି ଅନେକ ଯାତ୍ରୀ ଏଠାରେ ଧରାପଡୁଛନ୍ତି। ଏହାକୁ ରୋକିବା ପାଇଁ କଷ୍ଟମ ବିଭାଗ ଧରପଗଡ଼କୁ ଜୋରଦାର କରିଛି। ମାତ୍ର ଚୋରା ଚାଲାଣକାରୀ ନୂଆ ନୂଆ ତରିକାରେ ସୁନା ଆଣୁଛନ୍ତି।
୩ ଦିନ ତଳେ ଜଣେ ମହିଳା ଯାତ୍ରୀ ଟର୍ଚ୍ଚ ଲାଇଟ୍‌ରେ ସୁନା ପୂରାଇ ଆଣିଥିବା ବେଳେ ଶୁକ୍ରବାର ଜଣେ ଯାତ୍ରୀ ଅଭିନବ ଉପାୟରେ ସୁନା ଆଣି କଷ୍ଟମ ବିଭାଗ ଅଧିକାରୀଙ୍କ ହାତରେ ଧରାପଡ଼ିଛନ୍ତି। କୋଲକାତାର ଉକ୍ତ ଯାତ୍ରୀ ଜଣକ ନିଜ ଶାର୍ଟରେ ବଟନ ତଳେ ସୁନା ଲଗାଇ ଆଣୁଥିଲେ। ଯାଞ୍ଚ କରିବା ପରେ ତାଙ୍କଠାରୁ ୨୮୩.୨୪୦ ଗ୍ରାମର ସୁନା ଜବତ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି କଷ୍ଟମ ବିଭାଗ ପକ୍ଷରୁ କୁହାଯାଇଛି। ସମ୍ପୃକ୍ତ ଯାତ୍ରୀଙ୍କୁ କଷ୍ଟମ ବିଭାଗର ଅଧିକାରୀମାନେ ଅଟକ ରଖି ମାରାଥନ ଜେରା କରୁଛନ୍ତି। ସେ ବ୍ୟାଙ୍କକରୁ ଏୟାର ଏସିଆ ବିମାନ (ଏଫ୍‌ଡି-୧୧୨)ରେ ଭୁବନେଶ୍ୱର ଆସୁଥିଲେ। ଗୋଇନ୍ଦା ସୂତ୍ରରୁ ଖବର ପାଇ କଷ୍ଟମ ବିଭାଗର ଅଧିକାରୀମାନେ ବିମାନବନ୍ଦରରେ ଜଗି ରହିଥିଲେ। ଯାତ୍ରୀ ଜଣକ ଓହ୍ଲାଇବା ପରେ ତାଙ୍କୁ କଷ୍ଟମ ବିଭାଗର ଅଧିକାରୀମାନେ କାବୁ କରି ଯାଞ୍ଚ କରିଥିଲେ। ହେଲେ ତାଙ୍କ ଲଗେଜ୍ ଓ ଶରୀରରୁ ସୁନା ମିଳି ନ ଥିଲା। ଶେଷରେ ତାଙ୍କ ଶାର୍ଟ ବଟନ ଯାଞ୍ଚ କରିବାରୁ ସେଥିରେ ସୁନା ଲାଗିଥିବା ଜଣାପଡ଼ିଥିଲା।

# ୨୭ରେ ଖୋର୍ଦ୍ଧାରେ ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଖୁବ୍‌ଶୀଘ୍ର ଆଚରଣବିଧି ଲାଗୁ କରାଯାଇପାରେ। ଏହା ପୂର୍ବରୁ ଶାସକ ଦଳ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରେ ସରକାରୀ କାର୍ଯ୍ୟକ୍ରମ ଜାରି ରହିଛି। ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବର୍ଗର ଲୋକମାନଙ୍କ ନିକଟରେ ପହଞ୍ଚିବାରେ ଲାଗିଛନ୍ତି। ଏହି କ୍ରମରେ ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ ଜରିଆରେ ସବୁ ଜିଲାର ଯୁବପିଢିମାନଙ୍କୁ ମଧ୍ୟ ଭେଟିବାକୁ ପ୍ରୟାସ କରୁଛନ୍ତି। ରାଜ୍ୟର ପ୍ରାୟ ସବୁ ଜିଲାରେ ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ ଶେଷ ହେବାକୁ ଯାଉଛି। ଆସନ୍ତା ୨୭ରେ ନିର୍ବାଚନ ପୂର୍ବରୁ ଖୋର୍ଦ୍ଧା ଜିଲାରେ ଅନ୍ତିମ ଯୁବ ବାହିନୀ କାର୍ଯ୍ୟକ୍ରମ ହେବାକୁ ଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦ହଜାର ଯୁବପିଢି ଯୋଗଦେବା ନେଇ ଦଳ ପକ୍ଷରୁ ସୂଚନା ମିଳିଛି। ଖୋର୍ଦ୍ଧା ଜିଲାର ଏହି କାର୍ଯ୍ୟକ୍ରମରେ ଅବିଭକ୍ତ ପୁରୀ ଜିଲା ବିଜୁ ଯୁବ ବାହିନୀର ଯୁବପିଢି ମଧ୍ୟ ଯୋଗଦେବେ ବୋଲି ନିଷ୍ପତ୍ତି ନିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ସ୍ଥାୟୀ ହେବେ ଅସ୍ଥାୟୀ...

ଅମଲାସେବା(ଜିଲା କାର୍ଯ୍ୟାଳୟ ପ୍ରତିଷ୍ଠାନ ଅଧିକାରୀ ଓ ବରିଷ୍ଠ ପ୍ରତିଷ୍ଠାନ ଅଧିକାରୀଙ୍କ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ସାଧାରଣ କ୍ୟାଡର ନିୟମାବଳୀ ୨୦୧୯ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ୪ଟି କ୍ୟାଡର ରୁଲ୍ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ପୂର୍ବରୁ ଓଡ଼ିଶା ମୁଖ୍ୟ ଦପ୍ତର କାର୍ଯ୍ୟାଳୟର କନିଷ୍ଠ ସହାୟକ, ବରିଷ୍ଠ ସହାୟକ ଓ ଉପ ବିଭାଗ ଅଧିକାରୀଙ୍କ ସେବା ସର୍ତ୍ତ, ଓଡ଼ିଶା ଅମଲା ସଂଘ ନିୟମାବଳୀ ୧୯୯୪ କାର୍ଯ୍ୟକାରୀ ହେଉଥିଲା। ଏଥିଯୋଗୁ କର୍ମଚାରୀମାନେ ଅବସର ଗ୍ରହଣ କରୁଥିଲେ ମଧ୍ୟ ଗୋଟିଏରୁ ଅଧିକ ପଦୋନ୍ନତି ପାଇବା ସମ୍ଭବ ହେଉ ନ ଥିଲା । କ୍ୟାଡର ରୁଲ୍ ସଂଶୋଧନ ଓ ନୂତନ କମନ କ୍ୟାଡର ଗଠନ ପରେ ବିଭାଗୀୟ ମୁଖ୍ୟ ଦପ୍ତରରେ କନିଷ୍ଠସ୍ତରରେ ୩ଟି ପଦବୀ ଯଥା ଜୁନିୟର ଆସିଷ୍ଟାଣ୍ଟ, ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସଓ) ଏବଂ ସେକ୍ସନ ଅଫିସର(ଏସଓ) ପାହ୍ୟା ସୃଷ୍ଟି କରାଯାଇଥିବା ବେଳେ ବରିଷ୍ଠସ୍ତରରେ ମଧ୍ୟ ୩ଟି ପାହ୍ୟା ସୃଷ୍ଟି କରାଯାଇଛି। ସେହି ପାହ୍ୟାଗୁଡ଼ିକ ହେଲା ଏଷ୍ଟାବ୍ଲିସମେଣ୍ଟ ଅଫିସର, ଆଡମିନିଷ୍ଟ୍ରେଟିଭ ଅଫିସର ଏବଂ ସିନିୟର ଆଡମିନିଷ୍ଟ୍ରେଟିଭ ଅଫିସର। ଏଥିପାଇଁ ବରିଷ୍ଠ ସ୍ତରରେ ୭୮ଟି ନୂଆ ପଦବୀ ସୃଷ୍ଟି କରାଯାଇଛି। ମୁଖ୍ୟ ଦପ୍ତର କର୍ମଚାରୀଙ୍କ ଭଳି ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଏବଂ ତହସିଲରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ଏହି ନୂତନ କ୍ୟାଡର ରୁଲ କାର୍ଯ୍ୟକାରୀ ହେବ। କ୍ୟାଡର ରୁଲ ସଂଶୋଧନ ପରେ ଜିଲାସ୍ତରରେ ଜୁନିୟର ଆସିଷ୍ଟାଣ୍ଟ, ସିନିୟର ଆସିଷ୍ଟାଣ୍ଡ ଓ ସେକ୍ସନ ଅଫିସର ପାହ୍ୟାକୁ ପଦୋନ୍ନତି ମିଳି ପାରିବ। ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତରରେ କାର୍ଯ୍ୟରତ ଏଷ୍ଟାବ୍ଲିସମେଣ୍ଟ ଅଫିସର ଓ ଏହାର ଉପର ପାହ୍ୟା ଅଧିକାରୀଙ୍କୁ ପଦୋନ୍ନତି ଏବଂ ଚାକିରି ସମ୍ବନ୍ଧୀୟ ସମାନ ସୁଯୋଗ ପ୍ରଦାନ କରିବା ନିମନ୍ତେ କମନ କ୍ୟାଡର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ବିଭାଗୀୟ ମୁଖ୍ୟ ଦପ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଅବସର ନେବା ପର୍ଯ୍ୟନ୍ତ ମାତ୍ର ଗୋଟିଏ ପଦୋନ୍ନତି ପାଉଥିଲେ। କମନ କ୍ୟାଡର ଗଠନ ହେବା ପରେ କର୍ମଚାରୀମାନେ ଚାକିରି କାଳରେ ଅନେକ ପଦୋନ୍ନତି ପାଇପାରିବେ ବୋଲି କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି।
କେବଳ ମୁଖ୍ୟ ଦପ୍ତର ନୁହେଁ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ମଧ୍ୟ ସ୍ଥାୟୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା ଓ ଅନ୍ୟାନ୍ୟ ସଂସ୍ଥାରେ କାର୍ଯ୍ୟ କରୁଥିବା ଅସ୍ଥାୟୀ ଚୁକ୍ତିଭିତ୍ତିକ କର୍ମଚାରୀମାନେ ସ୍ଥାୟୀ ହେବେ। ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ (ପୁରୁଷ) ସେବା(ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ଆଇନ-୨୦୧୫, ଓଡିଶା ଷ୍ଟାଫ ନର୍ସ ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ )ଆଇନ ୨୦୧୫, ଓଡିଶା ଲାବୋରେଟୋରି ଟେକ୍ନିସିଆନ, ଓଡିଶା ଫାର୍ମାସିଷ୍ଟ ସେବା ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ଆଇନ-୨୦୧୫ ଆଦି ୬ଟି ନିଯୁକ୍ତି ନିୟମରେ ସଂଶୋଧନ କରାଯାଇଛି। ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ଷ୍ଟାଫନର୍ସ, ଏଏନଏମ, ଫାର୍ମାସିଷ୍ଟ, ରେଡିଓଗ୍ରାଫର, ଲାବୋରେଟୋରି ଟେକ୍ନିସିଆନମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳିବ। ଏଥିଯୋଗୁ ୮ ହଜାର ୧୦୦ କର୍ମଚାରୀ ଉପକୃତ ହେବେ। ସେଥିମଧ୍ୟରୁ ୫୮୮ ଜଣ ସ୍ୱାସ୍ଥ୍ୟକର୍ମୀ, ୩୯୯୮ ଷ୍ଟାଫ ନର୍ସ, ୨୭୩୦ ଏଏନଏମ, ୭୯୯ ଲାବୋରେଟୋରି ଟେକ୍ନିସିଆନ, ୬୮ ଜଣ ଫାର୍ମାସିଷ୍ଟ ରହିଛନ୍ତି। ଏଥିପାଇଁ ବାର୍ଷିକ ୧୭୨ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ସରକାରଙ୍କ ଉପରେ ପଡ଼ିବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଚିବାଳୟ ଠାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୨୮ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ମାରିଛି।

## ଭାଇରାଲ ହେଲା...

ବ୍ୟବହାର ଉପରେ କଟକଣା ଲାଗୁ ହୋଇଥିଲା। ନିୟମ ଭାଙ୍ଗିଥିବା ଏହି ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ସଭାପତି ବେଗମ୍ କହିଛନ୍ତି।
ପ୍ରଶ୍ନପତ୍ରକୁ ତିନିସ୍ତରୀୟ ସିଲ୍ ଭିତରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଯିବା ସହ ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଫୋନ୍ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଥିଲା। ମାତ୍ର ଦିନ ପ୍ରାୟ ୧୧.୩୦ ପରେ ମାଟ୍ରିକ୍ ପରୀକ୍ଷାର ଓଡ଼ିଆ ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍‌ଗୁଡ଼ିକରେ ଦେଖିବାକୁ ମିଳିଥିଲା। ପରୀକ୍ଷା ୧୦ଟାରେ ଆରମ୍ଭ ହୋଇ ୧୨.୩୦ରେ ଶେଷ ହୋଇଥାନ୍ତା। ମାତ୍ର ପରୀକ୍ଷା ଚାଲିଥିବା ବେଳେ ପ୍ରଶ୍ନପତ୍ର ଭାଇରାଲ ହେବା ଜଣାପଡ଼ିବା ପରେ ବୋର୍ଡ କର୍ତ୍ତୃପକ୍ଷଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିଲା। ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଘଟଣାର ଅନୁସନ୍ଧାନ ଚଳାଇ ବୋର୍ଡ ରାଜ୍ୟର ୩ ଜିଲାର ୪ ପରୀକ୍ଷା କେନ୍ଦ୍ରରେ ଏହି ବେନିୟମ କାର୍ଯ୍ୟ ହୋଇଛି ବୋଲି ଜାଣିବାକୁ ପାଇଥିଲା। ନୂଆପଡ଼ା ଜିଲା ବୋଡେନ ବ୍ଲକର କରଙ୍ଗମାଲ ହାଇସ୍କୁଲ, ଲିଟିସର୍ଗିସ୍ଥିତ ଗୋପୀନାଥ ହାଇସ୍କୁଲ, ଢେଙ୍କାନାଳ ଜିଲାର ସୁଦର୍ଶନ ବିଦ୍ୟାଭବନ ଓ କୋରାପୁଟ ଜିଲାର ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରରୁ ଏହି ପ୍ରଶ୍ନପତ୍ର ବିଭ୍ରାଟ ହୋଇଛି ବୋଲି ବୋର୍ଡ ସଭାପତି ଡ. ବେଗମ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନୂଆପଡ଼ା ଜିଲାର କରଙ୍ଗମାଲ ହାଇସ୍କୁଲ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ କୁମାର ପତି, ପରୀକ୍ଷା ନିରୀକ୍ଷକ ମୁକୁନ୍ଦ ଶବର, ଗୋପୀନାଥ ହାଇସ୍କୁଲ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୁଶୀଲ କୁମାର ଜୋଷୀ, ପରୀକ୍ଷା ନିରୀକ୍ଷକ ଅର୍ଜୁନ ଜୟ ପଣ୍ଡା, କୋରାପୁଟ ଜିଲା ବନ୍ଧୁଗାଁ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ନଗେନ୍ଦ୍ର କୁମାର ଜେନା ଓ ପରୀକ୍ଷା ନିରୀକ୍ଷକ ଉମେଶ ଚନ୍ଦ୍ର ବେହେରାଙ୍କୁ ନିଲମ୍ବନ କରାଯାଇଛି। ସେହିପରି ଢେଙ୍କାନାଳ ଜିଲାର ସୁଦର୍ଶନ ବିଦ୍ୟାଭବନ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଓ ପରୀକ୍ଷା ନିରୀକ୍ଷକଙ୍କୁ ନିଲମ୍ବନ କରିବା ପାଇଁ ସେଠାକାର ଶିକ୍ଷା ଜିଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ସାହୁଙ୍କୁ ନିଲମ୍ବିତ କରାଯାଇଛି। ଆଉ ୨ଜଣ ପରୀକ୍ଷା ନିରୀକ୍ଷକଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ା କହିଛନ୍ତି।
ସୂଚନା ଅନୁଯାୟୀ, ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ପାଇଁ ୧୨୯ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ୪ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା ଆରମ୍ଭ ହେବାର ୨୦ ମିନିଟ୍ ପରେ କେନ୍ଦ୍ରର ୫ ନମ୍ବର ରୁମ୍‌ର ଝରକା ପାଖକୁ ଆସି ଜଣେ ଯୁବକ ନିଜ ମୋବାଇଲ ଫୋନରେ ପ୍ରଶ୍ନପତ୍ରର ଫଟୋ ଉଠାଇ ଭାଇରାଲ କରିଦେଇଥିଲେ। ଏନେଇ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ନଗେନ୍ଦ୍ର କୁମାର ଜେନା କହିଛନ୍ତି ଯେ, କେନ୍ଦ୍ରର ପାଚେରି ନିକଟରେ ସୁରକ୍ଷାକର୍ମୀ ନ ଥିବାର ସୁଯୋଗ ନେଇ ଯୁବକ ଜଣକ ଏଭଳି ଘଟାଇଛନ୍ତି।
ଅନ୍ୟପକ୍ଷରେ ଘଟଣାକୁ ନେଇ ଛାତ୍ର ସଂଗଠନ ଏବିଭିପିର କାର୍ଯ୍ୟକର୍ତ୍ତାମାନେ ରାଜଭବନ ନିକଟ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ସରକାରୀ ବାସଭବନକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ପୋଲିସ ୨୫ ଜଣଙ୍କୁ ଅଟକ ରଖିଛି।
ବୋର୍ଡ କର୍ତ୍ତୃପକ୍ଷ ପରୀକ୍ଷା ବ୍ୟବସ୍ଥାକୁ ଯେତେ କଡ଼ାକଡ଼ି କଲେ ମଧ୍ୟ ପ୍ରଶ୍ନପତ୍ର ଲିକ୍ କିମ୍ବା ଭାଇରାଲକୁ ରୋକିବାରେ ବିଫଳ ହୋଇଛନ୍ତି। ନିକଟରେ ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ହେବାକୁ ନେଇ ବୋର୍ଡ ବିବାଦୀୟ ହୋଇଥିଲା। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉଛି। ସେହିପରି ଗତବର୍ଷ ମଧ୍ୟ ମାଟ୍ରିକ ପରୀକ୍ଷାର ଓଡ଼ିଆ, ଇଂଲିଶ୍ ଓ ଗଣିତ ପ୍ରଶ୍ନପତ୍ର ପରୀକ୍ଷା ଚାଲିଥିବାବେଳେ ହ୍ୱାଟସ୍‌ଆପ୍‌ରେ ଭାଇରାଲ ହୋଇଥିଲା। ଏହାକୁ ନେଇ ବୋର୍ଡ କାର୍ଯ୍ୟାଳୟରେ ଭଙ୍ଗାରୁଜା ହେବା ସହିତ ଅପ୍ରୀତିକର ପରିସ୍ଥିତି ମଧ୍ୟ ଉପୁଜିଥିଲା।

### ୭୮ ଜଣ ମାଲପ୍ରାକ୍ଟିସ

ପ୍ରଥମ ଦିବସରେ ରାଜ୍ୟରୁ ମୋଟ ୭୮ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିଛନ୍ତି। ଏହା ମଧ୍ୟରେ ମାଟ୍ରିକ୍ ପରୀକ୍ଷାର ୬୦ଜଣ ରହିଥିବା ବେଳେ ମଧ୍ୟମା ପରୀକ୍ଷାର ୩ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ୧୫ଜଣ ରହିଛନ୍ତି।

# ୧.୭ ଟନ୍ ଗଞ୍ଜେଇ ଜବତ

**କୋରାପୁଟ,୨୨।୨(ସ୍ୱ.ପ୍ର.):** ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲାରୁ ଗତ ଗୋଟିଏ ଦିନରେ ୧୭୦୯ କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ବ୍ୟବହାର ହୋଇଥିବା ୫ଟି ଗାଡ଼ି ଜବତ କରାଯାଇଥିବା ବେଳେ ୧୦ ଜଣଙ୍କୁ ଗିରଫ କରିଛି ପୋଲିସ। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୯୫ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି
୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ଅର୍ଜୁନ ଛୁଆଳସିଂହ**
ବଡପୋଖରିଆ, ଖୋର୍ଦ୍ଧା
ଆବିର୍ଭାବ: ୩୦।୧୦।୧୯୩୦
ତିରୋଧାନ: ୦୮।୦୨।୨୦୧୫

ଆଜି ୪ର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଶୋକସନ୍ତପ୍ତ: ଛୁଆଳସିଂହ, ସାମନ୍ତରାୟ ଓ ହରିଚନ୍ଦନ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୧୧୨୯୨

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଦିଗମ୍ବର ମିଶ୍ର**
୧୯୨୯-୨୦୧୯
ଖଇରାପଡ଼ା, ଗଣ୍ଡରପୁର, ଭୁବନେଶ୍ୱର, ଖୋର୍ଦ୍ଧା

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ମହର୍ଷି ବାଲ୍ମୀକିଙ୍କ ମୂଳ ରଚନାରୁ ଆପଣଙ୍କ ଦ୍ୱାରା ଅନୂଦିତ ଓଡ଼ିଆ ରାମାୟଣ ପ୍ରକାଶ ଅପେକ୍ଷାରେ। ଶୋକସନ୍ତପ୍ତ: ପ୍ରସନ୍ନ, ବାବୁ, ମାମି, ଛବି, ଲକ୍ଷ୍ମୀଧର, ରାମାୟଣ କମିଟି ସଦସ୍ୟବୃନ୍ଦ ଏବଂ ବନ୍ଧୁ ପରିଜନ। ଧ-୧୧୨୯୪


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଏକାଦଶସ୍ଥ ବୁଧାଦିତ୍ୟ ଯୋଗ ପ୍ରଭାବରେ ପ୍ରତ୍ୟେକ କାମ ସାହାଯ୍ୟ ସହଯୋଗ ମାଧ୍ୟମରେ ସମ୍ପନ୍ନ କରିପାରିବେ। ମନ ଚାହୁଁନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ସହକର୍ମୀମାନଙ୍କ ସାହାଯ୍ୟରେ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବା ଦିଗରେ ବନ୍ଧୁଙ୍କ ଅବଦାନକୁ ଭୁଲି ପାରିବେ ନାହିଁ।

**ବୃଷ**
ଷଷ୍ଠାଧିପତି ଅଷ୍ଟମସ୍ଥ ଯୋଗୁ ପରୋକ୍ଷ ଶତ୍ରୁତାର ବିନାଶ ଘଟିବ। ସାଙ୍ଗକୁ ଋଣ ମାଧ୍ୟମରେ ଅର୍ଥ ପ୍ରାପ୍ତି ଘଟିବ। ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ କାମରୁ ଓହରି ଆସି ପାରିବେ ନାହିଁ। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବା ସାଙ୍ଗକୁ ରୋଗପୀଡ଼ାରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି।

**ମିଥୁନ**
ଭାଗ୍ୟସ୍ଥାନରେ ରାଶ୍ୟାଧିପତି ହେତୁ ପ୍ରତିଷ୍ଠିତବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ହାସଲ କରିବେ। ଫଳତଃ କୌଣସି କାମ ଅଟକି ନ ରହି ଯଥା ସମୟରେ ସବୁ ଠିକ୍ ଠିକ୍ ହୋଇଯିବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହି ନ ପାରେ। କଳା, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବାର ସୂଚନା ରହିଛି।

**କର୍କଟ**
ଶୁକ୍ର ଓ ଶନିଙ୍କ ସମ୍ବନ୍ଧରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ମତପାର୍ଥକ୍ୟ କାରଣରୁ ସଙ୍କଟଜନକ ସ୍ଥିତି ଉତ୍ପନ୍ନ ହେବାର ସୂଚନା ରହିଛି। ତଥାପି କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବନାହିଁ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସହକର୍ମୀଙ୍କ ଜରିଆରେ ପାଇପାରିବେ।

**ସିଂହ**
ରବିଙ୍କ ସ୍ୱରାଶି ଅବଲୋକନ ପ୍ରଭାବରେ ଆରୋଗ୍ୟଲାଭ,ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ସରକାରୀ ସହାୟତା ପ୍ରାପ୍ତିର ସମ୍ଭାବନା ରହିଛି। ବନ୍ଧୁଙ୍କ ଫେରିବା ବାଟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ। ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ।

**କନ୍ୟା**
ପାରିବାରିକ ଅଶାନ୍ତି ଓ ଦୈହିକ ଦୁର୍ବଳତା ମନୋବଳକୁ ହ୍ରାସ କରାଇପାରେ। କିନ୍ତୁ ହସ୍ତା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଶିଡି ଚଢିପାରିବେ। ଦୀର୍ଘଦିନ ହେଲା ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ଶନିଙ୍କ ପ୍ରଭାବ ଯୋଗୁ ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ତୁଳା**
ଧନ ସପ୍ତମାଧିପ ମଙ୍ଗଳଙ୍କ ସୁଦୃଷ୍ଟି ବ୍ୟବସାୟିକ ସ୍ଥିତିକୁ ସୁଦୃଢ କରିବା ସହ ଆର୍ଥିକ ଉନ୍ନତି ଘଟାଇବ। ଫଳପ୍ରଦ ଯାତ୍ରା, ଗୃହଭୂମି ଲାଭ, ପ୍ରତିଯୋଗିତାରେ ସଫଳତା ପ୍ରଦାନ କରିବାର ପୂର୍ଣ୍ଣ ଆଶା ରହିଛି। ଚିତ୍ରା ନକ୍ଷତ୍ରର କେତେକ ଘରୋଇକଥା ବନ୍ଧୁଙ୍କ ନିକଟରେ କହିବାର ସୁଯୋଗ ହାତଛଡା ହୋଇଯିବ। ନିର୍ମାଣ କାର୍ଯ୍ୟରେ ତରବରିଆ ପଦକ୍ଷେପ ଠିକ୍ ନୁହେଁ।

**ବିଛା**
ରବି ଓ ଚନ୍ଦ୍ର ଷଡାଷ୍ଟକ ସ୍ଥିତିଜନିତ ସମୟ ଓ ପରିସ୍ଥିତିରେ ବିଷମତା ଆଶା ଓ କାମନାକୁ ଏପଟ ସେପଟ କରିଦେଇପାରେ। ଅବଶ୍ୟ ବିଶାଖା ନକ୍ଷତ୍ର ସକାଶେ ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସହିତ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବାର ସୁଯୋଗ ମିଳିବ।

**ଧନୁ**
କର୍ମଭାବସ୍ଥ ଚନ୍ଦ୍ର ଆପଣଙ୍କ ସମସ୍ୟା ସମାଧାନପୂର୍ବକ କର୍ମପ୍ରବାହକୁ ଅଗ୍ରଗାମୀ କରାଇବ। ନୂତନ ଗୃହ, ଯାନବାହନ, ବନ୍ଧୁ ସମ୍ପର୍କରେ ଉନ୍ନତି ମାନସିକ ସ୍ଥିତିକୁ ଦୃଢୀଭୂତ କରିପାରେ। ସାହିତ୍ୟ,କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ମତାନ୍ତର କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିପାରେ।

**ମକର**
ଦ୍ୱାଦଶସ୍ଥ ଶୁକ୍ରଙ୍କ ପ୍ରଭାବରେ ବିଳାସବ୍ୟସନ ଦିଗରେ ମନ ଆକର୍ଷିତ ହୋଇ ଲକ୍ଷ୍ୟସାଧନର ମାର୍ଗକୁ ଅଣଦେଖା କରିପାରନ୍ତି। ଶ୍ରବଣା ନକ୍ଷତ୍ର ସକାଶେ ଏକାଦଶସ୍ଥ ଗ୍ରହସମ୍ପର୍କ ନୂତନ ସମ୍ପର୍କ ସୃଷ୍ଟି କରିବାରେ ସହାୟକ ହୋଇପାରିବ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଆତିଥ୍ୟ ଗ୍ରହଣ ପୂର୍ବକ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**କୁମ୍ଭ**
ରାଶିରେ ଶତ୍ରୁଗ୍ରହ ରହିଥିଲେ ମଧ୍ୟ ଶନିଙ୍କ ଦୃଷ୍ଟିପ୍ରଭାବରେ କୌଣସି ଅସୁବିଧା ହେବନାହିଁ। ଯେତେ ପ୍ରକାରର ଚେଷ୍ଟାକଲେ ମଧ୍ୟ ବିରୋଧୀ ଶକ୍ତିର ପ୍ରାଦୁର୍ଭାବ ଆପଣଙ୍କ ଉପରେ କୌଣସି କୁପ୍ରଭାବ ପକାଇପାରିବେ ନାହିଁ। ଆକସ୍ମିକ ଭାବେ ପୂର୍ବରୁ କୌଣସି ସୂଚନା ନ ଦେଇ ପ୍ରିୟ ବନ୍ଧୁ ଘରକୁ ଆସିପାରନ୍ତି।

**ମୀନ**
ରାଶ୍ୟାଧିପତିଙ୍କ ପୂର୍ଣ୍ଣ ଦୃଷ୍ଟିଜନିତ ଅଭାବ ଓ ସାମୟିକ ପ୍ରତିବନ୍ଧକ କାମକୁ ସ୍ଥଗିତ ରଖିପାରିବ ନାହିଁ। ଆଜି ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ଗୁରୁପାକ ଦ୍ରବ୍ୟ ଭୋଜନଜନିତ ସ୍ୱାସ୍ଥ୍ୟହାନି ଘଟିବା ପୂର୍ବରୁ ସତର୍କତା ଅବଲମ୍ବନ କରିବା ଭଲ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

ଆଜି ଫାଲ୍‌ଗୁନ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ଶନିବାର, ଫେବୃୟାରୀ ୨୩ ତାରିଖ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ୧୨।୦୫ମି. ଗତେ ତୁଳା ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ୧୦।୦୫ମି. ଗତେ ଘ୧।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୧ମି. ଗତେ ଘ୯।୦୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୯।୦୭ମି. ଗତେ ଘ୧୦।୩୩ମି. ମଧ୍ୟେ ରାହୁକାଳ।

**ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ**



# ଚର୍ଚ୍ଚା: ଭାଜପାରୁ ମହାଶ୍ୱେତା, କଂଗ୍ରେସରୁ ଯୁବ ଆଶାୟୀ

### ନିର୍ବାଚନମଣ୍ଡଳୀ ରୂପରେଖ

ପୁରୀ ପୌରାଞ୍ଚଳ, ସଦର ବ୍ଲକର ୧୯ ଏବଂ ଗୋପ ବ୍ଲକର ୩ଟି ପଞ୍ଚାୟତକୁ ନେଇ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଛି। ୨୦୧୧ ଜନଗଣନା ଅନୁଯାୟୀ ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୩,୦୦,୫୪୮। ୨୦୧୯ ଭୋଟର ତାଲିକା ଅନୁଯାୟୀ ମତଦାତାଙ୍କ ସଂଖ୍ୟା ହେଉଛି ୨,୩୯,୪୩୧। ଏମାନଙ୍କ ମଧ୍ୟରେ ୧,୨୪,୫୩୭ ଜଣ ପୁରୁଷ, ୧,୧୪,୮୬୪ଜଣ ମହିଳା ଓ ଅନ୍ୟାନ୍ୟ ୩୦ଜଣ ଅଛନ୍ତି। ୨୦୧୪ ନିର୍ବାଚନରେ ମତଦାନ ହାର ୬୪.୭୩% ରହିଥିଲା। ବିଜେଡି ୫୩.୪୪% ଭୋଟ ପାଇଥିବା ବେଳେ କଂଗ୍ରେସ ୨୯.୨୭ ଏବଂ ଭାଜପା ୧୨.୨୩% ଭୋଟ ପାଇଥିଲା। ୨୦୦୯ ନିର୍ବାଚନରେ ମତଦାନ ହାର ଥିଲା ୫୭.୬୭%। ବିଜେଡି ୫୧.୫୮% ଭୋଟ ପାଇଥିବା ବେଳେ ଭାଜପା ୪୦.୩୨% ଏବଂ କଂଗ୍ରେସ ୫.୭୫% ଭୋଟ ପାଇଥିଲା।

**ହେମନ୍ତ ନାୟକ**
**ପୁରୀ ଅଫିସ,୨୨।୨**

ପୁରୀ ଜିଲା ଅନ୍ତର୍ଗତ ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ପୁରୀ ଏକ ପ୍ରମୁଖ ନିର୍ବାଚନ ମଣ୍ଡଳୀ। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହା ମହେଶ୍ୱର ମହାନ୍ତିଙ୍କ କବ୍‌ଜାରେ ରହିଆସିଛି। ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ପରିବର୍ତ୍ତନ କରିଥିଲେ ମଧ୍ୟ ସଫଳତା ପାଇନାହାନ୍ତି। ହେଲେ ଏଥର ପଟ ପରିବର୍ତ୍ତନ ହେବାର ଚର୍ଚ୍ଚା ଜୋର୍ ଧରିଛି। ବିଗତ ୨ଟି ନିର୍ବାଚନ ଫଳାଫଳକୁ ଦେଖିଲେ ଦଳ ନୁହେଁ, ଜଣେ ବ୍ୟକ୍ତି ହିଁ ମହେଶ୍ୱରଙ୍କୁ ଟକ୍କର ଦେବାକୁ ଚେଷ୍ଟା କରୁଥିଲେ। ଏଥର ସେ ପୁରୀ ଜିଲାରୁ ମୁହଁ ଫେରାଇ କଟକ ଜିଲା ଆଠଗଡ଼ ମୁହାଁ ହୋଇଛନ୍ତି। ମହେଶ୍ୱରଙ୍କୁ ଗାଦିଚ୍ୟୁତ କରିବା ସହଜ ନୁହେଁ, କିନ୍ତୁ ପରିବର୍ତ୍ତନର ହ୍ୱାୱା ବହୁଥିବାରୁ ଏହାକୁ ବିରୋଧୀ ଠିକ୍ ଢଙ୍ଗରେ ଆଗେଇ ନେଲେ ସଫଳ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଏହି ନିର୍ବାଚନମଣ୍ଡଳୀରେ ରହିଛି ପୁରୀ ସହର। ହେଲେ ସହରବାସୀ ସମସ୍ୟାରୁ କେବେ ମୁକୁଳି ପାରୁନାହାନ୍ତି। ବିଶେଷକରି ଡ୍ରେନେଜ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ କହିଛନ୍ତି, ଅସରାଏ ବର୍ଷା ହେଲେ ନଳାପାଣିରେ ଉବୁଟୁବୁ ହେଉଛି ବଡ଼ଦାଣ୍ଡ। ଘରେ ଘରେ ପଶୁଛି ଡ୍ରେନ୍ ପାଣି। ଏହି ମନୁଷ୍ୟକୃତ ତ୍ରୁଟି ପାଇଁ ବିଗତ ଦିନରେ ମହାପ୍ରଭୁଙ୍କ ରଥ ବି ଗଡ଼ିଛି ନଳା ପାଣିରେ। ସେମିତି ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଅଧାରୁ ଅଧିକ ପଦବୀ ଖାଲି। ଅଧିକାଂଶ ମେସିନ ଅଚଳ। ଉପଯୁକ୍ତ ଭିତ୍ତିଭୂମି ଅଭାବରୁ ରୋଗୀଙ୍କୁ କଟକ, ଭୁବନେଶ୍ୱର ରେଫର କରିବାର ମାନସିକତା ଡାକ୍ତରଙ୍କ ମନରେ ବସା ବାନ୍ଧିଲାଣି। ସେହିପରି ଅଧିକାଂଶ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି ବୋଲି ଦାଶ କହିଛନ୍ତି। କୌଣସି ବଡ଼ ଶିଳ୍ପ କିମ୍ବା କାରଖାନା ନ ଥିବାରୁ ବେକାର ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ବିଭିନ୍ନ ସମୟରେ ଶ୍ରୀମନ୍ଦିରରେ ବିଭ୍ରାଟ ଏବଂ ବିଶୃଙ୍ଖଳା କେବଳ ଜିଲାକୁ ନୁହେଁ ରାଜ୍ୟକୁ ବି ବଦ୍‌ନାମ କରୁଛି। ହେଲେ ଏ ସବୁରୁ ଫାଇଦା ହାସଲ କରିବା ପାଇଁ ବିରୋଧୀ ଠିକ୍ ରଣନୀତି ପ୍ରସ୍ତୁତ କରିପାରୁନାହାନ୍ତି। ଫଳରେ ବିଜେଡି ଏକଚାଟିଆ ଭାବେ କ୍ଷମତା ଦଖଲ କରିଆସୁଛି ବୋଲି କୁହାଯାଉଛି।

ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପୁଣି ଟିକେଟ ପାଇବାକୁ ଦୃଢ଼ ଆଶା ରଖିଛନ୍ତି। ଲଗାତର ୫ଥର ସେ ବିଧାନସଭାକୁ ଜିତି ଆସିଛନ୍ତି। ସେ ଗତ ନିର୍ବାଚନରେ ୭୬,୭୬୦ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ୪୨,୦୩୯ ଖଣ୍ଡ ଭୋଟ ପାଇଥିଲେ। ମହେଶ୍ୱର ୩୪,୭୨୧ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ଏଥର ପୁଣି ଭାଜପାରୁ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା କୃଷ୍ଣଚନ୍ଦ୍ର ପଣ୍ଡା ୧୭,୫୬୦ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୦୯ ନିର୍ବାଚନକୁ ଦୃଷ୍ଟି ଦେଲେ ମହେଶ୍ୱର ୬୧,୩୨୮ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଉମାବଲ୍ଲଭ ରଥ ଭାଜପା ଟିକେଟ୍‌ରୁ ଲଢ଼ି ୪୭,୯୩୪ ଭୋଟ ପାଇଥିଲେ। କଂଗ୍ରେସର ଉତ୍ତମ ଆଚାର୍ଯ୍ୟ ୬,୮୩୨ ଭୋଟ ପାଇଥିଲେ। ତେବେ ଏଥିରୁ ସ୍ପଷ୍ଟ ହେଉଛି ମହେଶ୍ୱରଙ୍କ ସହିତ ଉମାବଲ୍ଲଭ ହିଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କାରଣ ୨୦୦୯ରେ ଉମାବଲ୍ଲଭ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୧୪ରେ ସେ କଂଗ୍ରେସରୁ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦୦୯ରେ ଭାଜପା ୪୭,୯୩୪ ଭୋଟ ଭାଜପା ପାଇଥିବା ବେଳେ ୨୦୧୪ରେ ଭାଜପା ୧୭,୫୬୦ ପାଇ ତୃତୀୟରେ ଥିଲା।

ଏଥର ଉମାବଲ୍ଲଭ ଆଠଗଡ଼ରୁ କଂଗ୍ରେସର ପ୍ରାର୍ଥୀ ହେବା ଏକପ୍ରକାର ନିଶ୍ଚିତ। ହେଲେ ବିଜେଡି ଟିକେଟକୁ ନେଇ ଏଥର ଅନ୍ୟ କେହି ଆଶାୟୀ ଆଗକୁ ଆସିନାହାନ୍ତି। ଏ ସମ୍ପର୍କରେ ମହେଶ୍ୱରଙ୍କୁ ପଚରାଯିବାରୁ ତାହା ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଲୋକ ସଭା ଆସନରୁ ଲଢ଼ିବା ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କରେ ପଚରାଯିବାରୁ ବିଜେଡି ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି, ଯିଏ ଠିଆ ହୁଅନ୍ତୁ କୌଣସି ଫରକ୍ ପଡ଼ିବ ନାହିଁ ବୋଲି ମହେଶ୍ୱର କହିଛନ୍ତି।

ଅନ୍ୟପକ୍ଷରେ ପୁରୀ ବିଧାନସଭା ନିର୍ବାଚନ ପାଇଁ ଭାଜପାର ୩ ଆଶାୟୀ ପ୍ରାର୍ଥୀଙ୍କ ନାଁ ଏବେ ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ସେମାନେ ହେଲେ ଅଭିନେତ୍ରୀ ମହାଶ୍ୱେତା ରାୟ, କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର। ମହାପାତ୍ର କହିଛନ୍ତି, ସାଢ଼େ ୫ ବର୍ଷ ହେବ ଜିଲା ସଭାପତି ଭାବେ ସେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଦଳ ଯେତେବେଳେ ଯାହା ନିର୍ଦ୍ଦେଶ ଦେବ ତାହାକୁ ସେ ପାଳନ କରିବେ। ସେହିପରି ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା କୃଷ୍ଣଚନ୍ଦ୍ର ପଣ୍ଡା ଦଳୀୟ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ ଜାରି ରଖିଛନ୍ତି। ସେ କହିଛନ୍ତି, ଦଳ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛି ଜଣେ ଶୃଙ୍ଖଳିତ କର୍ମୀ ଭାବେ ସେ ତାହା କରିଆସିଛନ୍ତି। କାହାକୁ ଟିକେଟ ମିଳିବ ନ ମିଳିବ ତାହା ଦଳର ପାର୍ଲାମେଣ୍ଟ ବୋର୍ଡ ନିଷ୍ପତ୍ତି ନେବ। କେହି ଆଶା କରିବା କିଛି ଖରାପ ନୁହେଁ। କିନ୍ତୁ ଦଳରେ ଗୋଷ୍ଠୀ କନ୍ଦଳ ଥିବା ଯାହା ଚର୍ଚ୍ଚା ହେଉଛି ତାହା ଭୁଲ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଦଳୀୟ ସୂତ୍ରରୁ ମହାଶ୍ୱେତାଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି। ଏନେଇ ମହାଶ୍ୱେତା କହିଛନ୍ତି, ଯାହା ଚର୍ଚ୍ଚା ହେଉଛି ତାହା ଚର୍ଚ୍ଚାରେ ଥାଉ। ମୋତେ ପାର୍ଟି ଅଫିସରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ଯଦି ଦଳ ମୋତେ କୌଣସି ଦାୟିତ୍ୱ ଦିଏ ତେବେ ନିଶ୍ଚିତ ତାହାକୁ ତୁଲାଇବି।

ଅନ୍ୟପକ୍ଷରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ କଂଗ୍ରେସ ଏଠାରେ ଉଠିପାରୁନି। ୧୯୮୦ରୁ ୮୫ ପର୍ଯ୍ୟନ୍ତ କଂଗ୍ରେସର ଗଦାଧର ମିଶ୍ର ବିଧାୟକ ହୋଇଥିଲେ। ଏହା ପରଠୁ ଏହି ଜାତୀୟ ଦଳର ସ୍ଥିତିରେ ସୁଧାର ଆସୁନାହିଁ। ବିଶେଷକରି ନିର୍ବାଚନମଣ୍ଡଳୀ ବାସିନ୍ଦାଙ୍କ ସହ ସମ୍ପର୍କ ନ ଥିବା ଲୋକଙ୍କୁ ଏଠାରୁ ପ୍ରାର୍ଥୀ କରାଯାଉଥିବାରୁ ଦଳ ସଙ୍ଗଠିତ ହୋଇପାରୁନି ବୋଲି କର୍ମୀ କହୁଛନ୍ତି। କିନ୍ତୁ ଏଥର ନିର୍ବାଚନ ଲଢ଼ିବା ପାଇଁ କଂଗ୍ରେସର ଲମ୍ବା ଆଶାୟୀ ରହିଛନ୍ତି। ଯୁବନେତା ଅରୋପ୍ରସାଦ ମିଶ୍ର, ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର, ବିଶ୍ୱଜିତ ମହାନ୍ତି, ସୁଜିତ ମହାପାତ୍ର ପ୍ରାର୍ଥୀ ହେବା ନେଇ ଆଶା ରଖିଛନ୍ତି। ବିନାୟକ ଦାସ ମହାପାତ୍ର କହିଛନ୍ତି, ୩୦ ବର୍ଷ ହେବ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାମ କରିଆସିଛି। ଦଳ ମୋତେ ମୁଖପାତ୍ରର ଦାୟିତ୍ୱ ଦେଇଛି। ଟିକେଟ କାହାକୁ ମିଳିବ ତାହା ଦଳ ହିଁ ନିଷ୍ପତ୍ତି ନେବ। କିନ୍ତୁ ମୁଁ ଆଶା ରଖିଛି। ଅରୋପ୍ରସାଦ ମିଶ୍ର କହିଛନ୍ତି, ଯୁବ ପ୍ରାର୍ଥୀଙ୍କ ଉପରେ ରାହୁଲ ଗାନ୍ଧୀଙ୍କ ଫୋକସ ରହିଥିବାରୁ ଆଶାବାଦୀ ଅଛି। ୧୪ ବର୍ଷ ହେଲା ଯୁବ ଛାତ୍ର ସଙ୍ଗଠନରେ ଯୋଡ଼ି ହୋଇରହିଛି। ଛାତ୍ର କଂଗ୍ରେସର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ମଧ୍ୟ ରହିଥିଲି। ତେଣୁ ଟିକେଟ ପାଇଁ ଆଶା ରଖିଛି। ବିଶ୍ୱଜିତ ମହାନ୍ତି କହିଛନ୍ତି, ଉମାବଲ୍ଲଭଙ୍କ ସ୍ଥାନରେ ଏଠାରେ ଏଥର ଦଳ ଜଣେ ଯୁବ ଚେହେରାଙ୍କୁ ପ୍ରାର୍ଥୀ କରିବା ସମ୍ଭାବନା ରହିଛି। ତେଣୁ ଦଳର ଜଣେ ଯୁବ କର୍ମୀ ଭାବେ ମୁଁ ଟିକେଟ ପାଇବି ବୋଲି ଆଶା ରଖିଛି। ସୁଜିତ ମହାପାତ୍ର କହିଛନ୍ତି, ଦୀର୍ଘବର୍ଷ ହେଲା ଦଳ ସହିତ ରହିଆସିଛି। ଲୋକଙ୍କୁ ସାଙ୍ଗରେ ନେଇ ସଙ୍ଗଠନକୁ ଦୃଢ଼ କରିଛି। ନିର୍ମଳ ଭାବମୂର୍ତ୍ତି ଏବଂ ଯୁବ ଚେହେରାଙ୍କୁ ଦଳ ଚାହୁଁଥିବାରୁ ମୁଁ ଆଶାବାଦୀ। ଏମାନଙ୍କ ବ୍ୟତୀତ ଦଳ ଏବେ ବି ପୁରୀ ପାଇଁ ଅନ୍ୟ କେତେଜଣଙ୍କ ସହ ଯୋଗାଯୋଗରେ ଥିବା ଜଣାପଡ଼ିଛି। ନିର୍ବାଚନ ଯେତେ ପାଖଉଛି କଂଗ୍ରେସର ଅଙ୍କ ସେତେ ଜଟିଳ ହେବାରେ ଲାଗିଛି।

**୨୦୧୪ ନିର୍ବାଚନର ଫଳାଫଳ**

| କ୍ର.ନ. | ପ୍ରାର୍ଥୀ | ଦଳ | ପାଇଥିବା ଭୋଟ |
|---|---|---|---|
| ୧ | ମହେଶ୍ୱର ମହାନ୍ତି | ବିଜେଡି | ୭୬,୭୬୦ |
| ୨ | ଉମାବଲ୍ଲଭ ରଥ | କଂଗ୍ରେସ | ୪୨,୦୩୯ |
| ୩ | କୃଷ୍ଣଚନ୍ଦ୍ର ପଣ୍ଡା | ଭାଜପା | ୧୭,୫୬୦ |
| ୪ | ସୁରେନ୍ଦ୍ର ନାଥ ଦାଶ | ଏସ୍‌କେଡି | ୨,୫୦୪ |
| ୫ | ଆଦିତ୍ୟ ହୃଦୟ ମିଶ୍ର | ଆପ୍ | ୧,୦୫୮ |
| ୬ | ବାସନ୍ତୀ ଭୋଇ | ବିଏସ୍‌ପି | ୯୨୧ |
| ୭ | ଶ୍ରୀଧର ମିଶ୍ର | ଆମ ଓଡ଼ିଶା | ୫୮୦ |
| ୮ | ନୃସିଂହ ଚରଣ ଦାସ | ଟିଏମ୍‌ସି | ୩୪୮ |
| ୯ | ରାମଚନ୍ଦ୍ର ପ୍ରଧାନ | ସ୍ୱାଧୀନ | ୩୩୧ |

**ସଂକ୍ଷେପରେ**

## ୩ ବର୍ଷର ଝିଅକୁ ବଳାତ୍କାର
### ଅଭିଯୁକ୍ତ ନାବାଳକ କୋର୍ଟ ଚାଲାଣ

**ମହାକାଳପଡ଼ା, ୨୨।୨ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ଜମ୍ବୁ ମେରାଇନ ଥାନା ଅଞ୍ଚଳର ଜନୈକା ୩ବର୍ଷର ଝିଅକୁ ଗୁରୁବାର ସେହି ଅଞ୍ଚଳର ଜଣେ ନାବାଳକ(୧୫) ବଳାତ୍କାର କରିଛନ୍ତି। ପୀଡ଼ିତା ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ପୀଡ଼ିତାଙ୍କ ବଡ଼ ମା’ ଶୁକ୍ରବାର ଜମ୍ବୁ ମେରାଇନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୧୦/୧୯ ନଂ.ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଥାନା ଅଧିକାରୀ ରାମକୁମାର ମୁର୍ମୁ କହିଛନ୍ତି। ଅଭିଯୁକ୍ତ ନାବାଳକ ସ୍ଥାନୀୟ ଏକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ବୋଲି ଜଣାପଡ଼ିଛି।

## ଏମ୍‌ପି ତାପସ ପାଲ୍‌ଙ୍କ ପାସ୍‌ପୋର୍ଟ ରିଲିଜ ପାଇଁ ହାଇକୋର୍ଟଙ୍କ ଅନୁମତି

**କଟକ ଅଫିସ,୨୨।୨:** ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ଏମ୍‌ପି ତାପସ ପାଲ୍‌ଙ୍କ ପାସ୍‌ପୋର୍ଟ ରିଲିଜ କରିବା ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି। ମାତ୍ର ଏ କ୍ଷେତ୍ରରେ ହାଇକୋର୍ଟ କେତେକ ସର୍ତ୍ତ ରଖିଛନ୍ତି। ଯେତେବେଳେ ଏମ୍‌ପି ବିଦେଶ ଯାତ୍ରା କରିବେ ସେତେବେଳେ ତାଙ୍କ ଯାତ୍ରା ସମ୍ବନ୍ଧରେ ନିମ୍ନ ଅଦାଲତଙ୍କୁ ଅବଗତ କରାଇବେ। ବିଚାରପତି ଜଷ୍ଟିସ ଜେ.ପି. ଦାସ ଏହି ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି। ସୂଚନାଥାଉ କି, ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଲିଙ୍କ୍‌ରେ ସିବିଆଇ ପକ୍ଷରୁ ଏମ୍‌ପି ପାଲ୍‌ଙ୍କୁ ୨୦୧୬ ଡିସେମ୍ବର ୩୦ ତାରିଖରେ ଗିରଫ କରାଯାଇଥିଲା। ପରେ ପାଲ୍‌ଙ୍କୁ ଅଧିକ ପଚରାଉଚରା ନିମନ୍ତେ ଭୁବନେଶ୍ୱର ଅଣାଯାଇଥିଲା ଏବଂ ତାଙ୍କୁ ଝାରପଡ଼ା ଜେଲ୍‌ରେ ରଖାଯାଇଥିଲା। ତେବେ ଜାମିନ ନିମନ୍ତେ ପାଲ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପାଲ୍‌ଙ୍କ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ତାଙ୍କୁ ୨୦୧୮ ଫେବୃୟାରୀ ମାସରେ ଜାମିନ ପ୍ରଦାନ କରିଥିଲେ। ତେବେ ଗିରଫ ସମୟରେ ସିବିଆଇ ପକ୍ଷରୁ ଏମ୍‌ପି ପାଲ୍‌ଙ୍କ ପାସ୍‌ପୋର୍ଟ ଜବତ କରାଯାଇଥିଲା। ଉକ୍ତ ପାସ୍‌ପୋର୍ଟକୁ ସିବିଆଇଠାରୁ ମୁକୁଳାଇବା ପାଇଁ ଏମ୍‌ପି ପାଲ୍ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ମିଲନ କାନୁନ୍‌ଗୋ ମାମଲା ପରିଚାଳନା କରୁଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲା ଶୀତଳଭଣ୍ଡାର ସଂଘ

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**




ଶୀତଳଭଣ୍ଡାର ଆଗରେ ଆସୋସିଏଶନ ପକ୍ଷରୁ ମରାଯାଇଥିବା ବ୍ୟାନର।




ବିଲାତି ଢାଳି ପ୍ରତିବାଦ କରୁଛନ୍ତି ଚାଷୀ।

■ ଆଳୁ ଦର ପ୍ରଭାବିତ ହେବା ଆଶଙ୍କା
■ ପ୍ରଭାବ ପଡ଼ିବନି-ସମବାୟ ମନ୍ତ୍ରୀ

ଓଡ଼ିଶା ଶୀତଳଭଣ୍ଡାର ସଂଘ ପକ୍ଷରୁ ଶୁକ୍ରବାରଠାରୁ ବନ୍ଦ ଡାକରା ଦିଆଯାଇଛି। ରାଜ୍ୟରେ ଶୀତଳଭଣ୍ଡାରଗୁଡ଼ିକ ଅଚଳ ହେବା ପାଇଁ ୮ଟି ମୁଖ୍ୟ ପ୍ରସଙ୍ଗକୁ ଦାୟୀ କରାଯାଇଛି। ଏହି ପ୍ରସଙ୍ଗଗୁଡ଼ିକ ହେଉଛି- ଅଧିକ ପୁଞ୍ଜିନିବେଶ, ଉଚ୍ଚ ସୁଧ ବୋଝ, ବିଦ୍ୟୁତ୍ ଦେୟ, ଆଳୁ ମିଶନ ଫେଲ୍, ଲୋଡିଂ ସିଜନରେ ଅଧିକ ଯାତାୟାତ ଖର୍ଚ୍ଚ, ଷ୍ଟୋରେଜ୍ ଫାଇନାନ୍ସ ବିପକ୍ଷରେ ୱେର ହାଉସ ରିସିପ୍ଟ, ଅବକ୍ଷୟମୁଖୀ ଭଣ୍ଡାର କାର୍ଯ୍ୟକ୍ଷମ କରା ନ ଯିବା ଏବଂ ସ୍ଥାନୀୟ ଉତ୍ପାଦର ଅଭାବ। ଓଡ଼ିଶାରେ ମୁଖ୍ୟତଃ ଶୀତଳଭଣ୍ଡାରଗୁଡ଼ିକରେ ଆଳୁ ରଖାଯାଇଥାଏ। ତେଣୁ ଶୀତଳଭଣ୍ଡାର ସଂଘ ଆନ୍ଦୋଳନକୁ ଓହ୍ଲାଇଥିବାରୁ ଏହାର ଦର ପ୍ରଭାବିତ ହେବାର ଆଶଙ୍କା ରହିଛି। ଆଳୁ ବ୍ୟତୀତ ବିଟ୍, ଗାଜର, ଅଦା, ମହୁଲ ଏବଂ କିଛି ପରିମାଣର ଟମାଟୋ ଶୀତଳଭଣ୍ଡାରରେ ଗଚ୍ଛିତ ହୋଇଥାଏ। ତେଣୁ ଏ ସବୁର ଦର ପ୍ରଭାବିତ ହେବା ଆଶଙ୍କାଙ୍କୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ତେଲକୋଇ ଭଳି ସ୍ଥାନରେ ଚାଷୀ ଅମଳ ଟମାଟୋକୁ ରାସ୍ତାରେ ଫିଙ୍ଗିଛନ୍ତି। ରାଜ୍ୟ ସମବାୟ ବିଭାଗ ତୁରନ୍ତ ସମସ୍ୟାର ସମାଧାନ ନ କଲେ ପରିସ୍ଥିତି ଭୟାନକ ହେବ ବୋଲି ଜଣାପଡ଼ିଛି। ଆଶ୍ଚର୍ଯ୍ୟର କଥା ଏହି ଯେ, ଶୀତଳଭଣ୍ଡାର ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲେ ମଧ୍ୟ ସରକାର ନିଜଆଡୁ କଥାବାର୍ତ୍ତା ପାଇଁ ଆଗେଇ ଆସିନାହାନ୍ତି।

ରାଜ୍ୟର ଶୀତଳଭଣ୍ଡାରଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ଏକାଧିକ ପ୍ରସ୍ତାବ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ବାରମ୍ବାର ରଖାଯାଇଛି। ତନ୍ମଧ୍ୟରେ ରହିଛି- ୫୦୦୦ ମେଟ୍ରିକ ଟନ୍ କ୍ଷମତାବିଶିଷ୍ଟ ଶୀତଳଭଣ୍ଡାରକୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା, ଋଣ ଏବଂ ଦୈନନ୍ଦିନ ଖର୍ଚ୍ଚ ପାଇଁ ରିହାତି ଦର(୩%) ସୁଧ, ବିଜୁଳି ଦେୟ ବାବଦକୁ ୫୦% ରିହାତି, ଟ୍ରେଡର ଏବଂ କୃଷକଙ୍କୁ ବିଭିନ୍ନ ସବ୍‌ସିଡି, ଶୀତଳଭଣ୍ଡାର ପ୍ରମୋଟରଙ୍କ ଜରିଆରେ ବୀଜ ଉତ୍ପାଦନ ଏବଂ ବଣ୍ଟନ, ଆଳୁ ଉତ୍ପାଦନ ବୃଦ୍ଧି ଏବଂ ବୈଷୟିକ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ପରିଚାଳନା ଦାୟିତ୍ୱ।

ଶୀତଳଭଣ୍ଡାର ସଂଘର ସମ୍ପାଦକ ଜନାର୍ଦ୍ଦନ ସାହୁ କହିଛନ୍ତି ଯେ, ଆଳୁ ମିଶନ ଫେଲ୍ ହେବା ଦ୍ୱାରା ଶୀତଳଭଣ୍ଡାର ବହୁଳ ଭାବରେ ପ୍ରଭାବିତ ହୋଇଛି। ଏହାର ପରିଚାଳନା ଯଥାରୀତି କରାଯାଉ ନାହିଁ। ଭଣ୍ଡାରଗୁଡ଼ିକର ଉତ୍ତମ ପରିଚାଳନା ପାଇଁ ହାର୍ଭେଷ୍ଟ ମ୍ୟାନେଜମେଣ୍ଟ ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ତାଲିମପ୍ରାପ୍ତ ନୁହନ୍ତି। ପ୍ରତି ଶୀତଳଭଣ୍ଡାର ପରିଚାଳନା ପାଇଁ ବାର୍ଷିକ ପ୍ରାୟ କୋଟିଏ ତିରିଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ହେଲେ ସେହି ପରିମାଣରେ ଆୟ ହେଉନାହିଁ। ବାର୍ଷିକ କ୍ଷତିର ପରିମାଣ ଶୀତଳଭଣ୍ଡାର ପିଛା ୮୦ ଲକ୍ଷରୁ କୋଟିଏ ଛୁଉଁଛି। ସମସ୍ୟାର ସମାଧାନ ପାଇଁ ସଂଘର ପ୍ରତ୍ୟେକ ସଦସ୍ୟ ଚାହିଁ ବସିଛନ୍ତି। ସରକାର ତୁରନ୍ତ ସମାଧାନ ଦିଗରେ ପ୍ରକ୍ରିୟା ଆରମ୍ଭ କରନ୍ତୁ ବୋଲି ଜନାର୍ଦ୍ଦନ କହିଛନ୍ତି।

ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଚଳିତ ମାସ ୧୫ରେ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ବନ୍ଦ ଡାକରା ନେଇ ସୂଚନା ଦିଆଯାଇଥିଲା। ଶୁକ୍ରବାର ଏଥିପାଇଁ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ ସରକାର ସମାଧାନ ପାଇଁ ଆଗେଇ ଆସିଲେ ନାହିଁ। ସଂଘ ପରିଚାଳକଙ୍କ ସମେତ ପ୍ରତ୍ୟକ୍ଷ ଭାବେ ନିଯୁକ୍ତ ୩୦୦ କର୍ମଚାରୀ ଏବଂ ପରୋକ୍ଷ ଭାବରେ ନିର୍ଭରଶୀଳ ୧୦,୦୦୦ ଚାଷୀ ଏହି ବନ୍ଦ ଡାକରା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ରାଜ୍ୟରେ ମାତ୍ର ୪୬ଟି ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହେଉଥିବା ବେଳେ ପ୍ରାୟ ୮୦ଟି ଅଚଳ ଅବସ୍ଥାରେ ରହିଛି। ଉପରୋକ୍ତ ସମସ୍ତ ଦିଗରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ମତାମତ ଲୋଡ଼ିଥିଲୁ। ସେ କହିଛନ୍ତି ଯେ, ଅନେକେ ଘରୋଇ ଭାବରେ ଋଣ ଇତ୍ୟାଦିରେ ବୁଡ଼ି ସରକାରଙ୍କ ପାଖକୁ ଆସିଛନ୍ତି। ସେମାନଙ୍କ ବନ୍ଦ ଡାକରା ଦ୍ୱାରା ଦରଦାମ୍ ବୃଦ୍ଧି ହେବାର ଆଶଙ୍କା ନାହିଁ।

## ବିଲାତି ଢାଳିଲେ ଚାଷୀ

**ତେଲକୋଇ, ୨୩।୨(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ବ୍ଲକରେ ବିଲାତିର ଅଭାବୀ ବିକ୍ରି ଦେଖିବାକୁ ମିଳିଛି। କିଲୋ ପ୍ରତି ଏକ ଟଙ୍କାରେ ବିଲାତି ବିକ୍ରି ହେଉଛି। ଏ ନେଇ ଚାଷୀ ନାହିଁ ନ ଥିବା କ୍ଷତିର ସମ୍ମୁଖୀନ ହେଉଛନ୍ତି। ଶୀତଳଭଣ୍ଡାର ନ ଥିବା ଓ ବିଲାତି ଉତ୍ପାଦନ ଲାଗି କୌଣସି ଯୋଜନା ନ ଥିବାରୁ ଚାଷୀଙ୍କ ଏଭଳି ସ୍ଥିତି ହୋଇଥିବା ଅଭିଯୋଗ ହେଉଛି। ଶୁକ୍ରବାର ଶତାଧିକ ଚାଷୀ ଅଭାବୀ ବିକ୍ରିର ପ୍ରତିବାଦ କରି ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ବିଲାତି ଢାଳିଥିଲେ। ଚାଷୀ ମହେଶ୍ୱର ନାଏକ କହିଛନ୍ତି, ପନିପରିବା ପାଇଁ ଶୀତଳ ଭଣ୍ଡାର ନ ହେଲେ ଆଗାମୀ ଦିନରେ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ। ୧ ଟଙ୍କାରେ ବିଲାତି ବିକ୍ରି ହେଉଛି। ବହୁ ପରିଶ୍ରମ କରି ଚାଷୀ ହୀନସ୍ତା ହେଉଛନ୍ତି। ଏ ନେଇ ଚାଷୀ ହୃଷି ମହାନ୍ତ, ବିଜୟ ମୁଣ୍ଡା, ତ୍ରିନାଥ ସାହୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଲକୋଇ ବ୍ଲକ କୃଷି ବିଭାଗ ଅଧିକାରୀ ପି. ହାଁସଦାଙ୍କୁ ପଚାରିବାରୁ ଚାଷୀଙ୍କ ଦାବି ସମ୍ପର୍କରେ ରାଜ୍ୟ ପ୍ରଶାସନକୁ ଅବଗତ କରାଯାଇଥିବା ସେ କହିଛନ୍ତି।

### ପରୀକ୍ଷା ଦେବାକୁ ଯିବାବେଳେ ଧକ୍କାଦେଲା ଟ୍ରକ୍
## ୨ ଭାଇ, ବାପା ଗୁରୁତର

**ପରଜଙ୍ଗ,୨୨।୨(ଡି.ଏନ.ଏ.)**

ମାଟ୍ରିକ ପରୀକ୍ଷା ଦେବାକୁ ବାଇକ୍‌ରେ ଯାଉଥିବା ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କାମର୍ଦ୍ଦା ଗ୍ରାମର ବୁଲୁ ନାଏକ ଶୁକ୍ରବାର ଦୁର୍ଘଟଣାର ଶିକାର ହୋଇଛନ୍ତି। ଦୁର୍ଘଟଣାରେ ତାଙ୍କ ବାପା ମହେଶ୍ୱର ନାଏକ ଗୁରୁତର ହୋଇଥିବାବେଳେ ଭାଇ ଶାନ୍ତନୁ ନାଏକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ଏକ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଶାନ୍ତନୁଙ୍କ ଗୋଡ କଟି ଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ଶାନ୍ତନୁ ବାଇକ୍‌ରେ ମହେଶ୍ୱର ଓ ବୁଲୁଙ୍କୁ ନେଇ କଙ୍କଡାସୋଡା ସ୍ଥିତ ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ। ୫୩ ନମ୍ବର ଜାତୀୟ ରାଜପଥର ବାରିହାପୁର ଢାବା ନିକଟରେ ସମ୍ମୁଖ ପଟରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ୩ ଜଣଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ଶାନ୍ତନୁଙ୍କୁ କଟକ ବଡ଼ ଡାକ୍ତରଖାନା ଓ ଅନ୍ୟ ୨ ଜଣଙ୍କୁ କାମାକ୍ଷାନଗର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେବା ସହ ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ। ପରଜଙ୍ଗ ଥାନା ଅଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ କୁହନ୍ତି, ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଫେରାର ହୋଇଯାଇଛି। ବାଇକ୍‌ଟିକୁ ରଖାଯାଇଛି। ଆହତମାନେ ଡାକ୍ତରଖାନାରେ ଥିବାରୁ ଶନିବାର ଲିଖିତ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ତଦନ୍ତ ଜାରିରହିଛି।

### ୫ ରାଜ୍ୟର ପୋଲିସ ଡିଜିଙ୍କୁ ନେଇ ଆନ୍ତଃରାଜ୍ୟ ବୈଠକ

# ମାଓବାଦୀ ଦମନ, ନିଶା କାରବାର ଉପରେ ଫୋକସ

**୧୫୦ କମ୍ପାନୀ ଫୋର୍ସ ଦେବାକୁ କେନ୍ଦ୍ରକୁ ନିବେଦନ**

**ଭୁବନେଶ୍ୱର,୨୨।୨ (ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ମୁଣ୍ଡ ଉପରେ ଥିବାରୁ ରାଜ୍ୟ ପୋଲିସ ପାଇଁ ଚିନ୍ତା ବଢ଼ିଛି। ନିର୍ବାଚନ ସମୟରେ ମାଓବାଦୀ ଦମନ, ଆନ୍ତଃରାଜ୍ୟ ଅପରାଧୀଙ୍କୁ ଗିରଫ, ନିଶା କାରବାର ଏବଂ ଟଙ୍କା ଚାଲାଣକୁ କିଭଳି ରୋକିହେବ ସେନେଇ ରାଜ୍ୟ ପୋଲିସ ୫ ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗ ରାଜ୍ୟର ପୋଲିସ ଡିଜିଙ୍କୁ ନେଇ ରଣନୀତି ପ୍ରସ୍ତୁତ କରିଛି। ଶୁକ୍ରବାର ପୋଲିସ ଡିଜିଙ୍କ କ୍ୟାମ୍ପ ଅଫିସରେ ଏହି ଆନ୍ତଃରାଜ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା।

ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ନିର୍ବାଚନ ସମୟରେ ମାଓବାଦୀମାନେ ହିଂସା ଘଟାଇପାରନ୍ତି। ସେ ନେଇ ରାଜ୍ୟ ପୋଲିସକୁ ଖବର ମିଳିଛି। ତେଣୁ ପଡୋଶୀ ରାଜ୍ୟର ମିଳିତ ସହଯୋଗରେ ମାଓବାଦୀ ଦମନ ପାଇଁ ସର୍ଚ୍ଚ ଅପରେଶନ କରାଯିବ। ନିର୍ବାଚନ ସମୟରେ କୁଖ୍ୟାତ ଅପରାଧୀମାନେ ଅପରାଧ ଘଟାଇ ପଡ଼ୋଶୀ ରାଜ୍ୟକୁ ପଳାଇ ଆସି ଲୁଚି ରହିଥାନ୍ତି। ଯାହାଫଳରେ ସେମାନଙ୍କୁ ଗିରଫ କରିବା କଷ୍ଟକର ହୋଇଥାଏ। ତେଣୁ ବୈଠକରେ ଏନେଇ ଯୋଜନା ପ୍ରସ୍ତୁତ କରାଯାଇଛି।

ନିର୍ବାଚନ ସମୟରେ ଆହୁରି ଅଧିକ ୧୫୦ କମ୍ପାନୀ ପୋଲିସ ଫୋର୍ସ ଦେବା ପାଇଁ କେନ୍ଦ୍ରକୁ କୁହାଯାଇଛି। ଏହି ସମୟରେ ପଡୋଶୀ ରାଜ୍ୟରୁ ଟଙ୍କା ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ବେଆଇନ ଟଙ୍କା ଚାଲାଣ ଓ ପଡୋଶୀ ରାଜ୍ୟରୁ ଆସୁଥିବା ଗୋଳାବାରୁଦ ଉପରେ ନଜର ରହିବ। କିଭଳି ଏସବୁ ଆପରାଧିକ କାର୍ଯ୍ୟକଳାପକୁ ପ୍ରତିହତ କରିହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ସମୁଦ୍ର ପଥ ଉପରେ ଆତଙ୍କବାଦୀଙ୍କ ନଜର ରହିଛି। ତେଣୁ ସମୁଦ୍ରତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା କଡ଼ାକଡ଼ି କରାଯିବା ଉପରେ ଆଲୋଚନା କରାଯାଇଥିବା ଶର୍ମା କହିଛନ୍ତି।

ପଶ୍ଚିମବଙ୍ଗ ମେଦିନାପୁର ଡିଆଇଜିପି ଦେବେନ୍ଦ୍ର ପ୍ରକାଶ ସିଂ କହିଛନ୍ତି, ଓଡ଼ିଶା ଡିଜିପିଙ୍କ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ। ଏହି ବୈଠକ ଦ୍ୱାରା ପଡୋଶୀ ରାଜ୍ୟ ସହ ଗୋଇନ୍ଦା ଖବର ଆଦାନପ୍ରଦାନ ଏବଂ ଅପରାଧ ନିୟନ୍ତ୍ରଣ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ଯାହା ଅପରାଧ ନିୟନ୍ତ୍ରଣରେ ବିଶେଷ ସହାୟକ ହେବ।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ (ଗୃହ ବିଭାଗ) ଅସୀତ ତ୍ରିପାଠୀ, ସିଆରପିଏଫ୍ ଆଇଜିପି ଭିତ୍ତୁଲ କୁମାର, ବିଏସ୍‌ଏଫ ଆଇଜିପି ଏ.କେ. ସିଂ, ଏସ୍‌ଆଇଡବ୍ଲ୍ୟୁ ଆଇଜିପି ଘନଶ୍ୟାମ ଉପାଧ୍ୟାୟ, ଏଡିଜିପି (ଆଇନଶୃଙ୍ଖଳା)ସଞ୍ଜୀବ ପଣ୍ଡା, ଆନ୍ଧ୍ରପ୍ରଦେଶ ଏଡିଜିପି ନଳୀନ ପ୍ରଭାତ, ତେଲେଙ୍ଗାନା ଆଇଜିପି ଶ୍ରୀନିବାସ ରେଡ୍ଡୀ, ଛତିଶଗଡ ଡିଆଇଜିପି ଅମରେଶ ମିଶ୍ର, ଝାଡଖଣ୍ଡ ଡିଆଇଜିପି କୁଳଦୀପ ଦ୍ୱିବେଦୀ, ପଶ୍ଚିମବଙ୍ଗ ଡିଆଇଜିପି ଦେବେନ୍ଦ୍ର ପ୍ରକାଶ ସିଂ, ଓଡ଼ିଶା ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନୀଲ ରୟ, କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଶନିବାର, ୨୩ ଫେବୃୟାରୀ, ୨୦୧୯

କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ



# ବାବୁ 'ଅନୁରକ୍ତି'



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ଓ ରାଜ୍ୟ ସୂଚନା ଆୟୋଗଗୁଡ଼ିକରେ ସୂଚନା ଆୟୁକ୍ତ ପଦଗୁଡ଼ିକ ପୂରଣ କରିବାରେ ସରକାର କାହିଁକି ଅଧିକାଂଶ ବାବୁଙ୍କ ପ୍ରତି ଅତିଶୟ ଅନୁରକ୍ତି ବା ପୂର୍ବାଗ୍ରହ ଦେଖାଇଛନ୍ତି, ସେ ନେଇ ସୁପ୍ରିମ୍‌କୋର୍ଟ ପ୍ରଶ୍ନ କରିଛନ୍ତି। କୋର୍ଟ କହିଲେ ଯେ, ଏହିସବୁ ପଦଗୁଡ଼ିକରେ ନିଯୁକ୍ତି ଦେବାବେଳେ ସରକାର କେବଳ ବାବୁମାନଙ୍କୁ ଗୁରୁତ୍ୱ ନ ଦେଇ ବିଭିନ୍ନ କ୍ଷେତ୍ରରୁ ବିଶିଷ୍ଟ ଓ ଯୋଗ୍ୟ ବ୍ୟକ୍ତିମାନଙ୍କୁ ବାଛିବା ଉଚିତ ଥିଲା। ତେବେ କେନ୍ଦ୍ର ସରକାର ଏହି ନିଯୁକ୍ତି ପ୍ରକ୍ରିୟାରେ ଯେପରି ୱେବ୍‌ସାଇଟ୍‌ରେ ସର୍ଚ୍ଚ କମିଟି ସଦସ୍ୟମାନଙ୍କ ନାମ, ଶର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନଙ୍କର ନାମ, ଯୋଗ୍ୟତା ମାନଦଣ୍ଡ ଆଦି ସ୍ଥାନିତ କରୁଛନ୍ତି, ରାଜ୍ୟଗୁଡ଼ିକ ମଧ୍ୟ ତାହା ଅନୁସରଣ କରିବା ଉଚିତ ବୋଲି କୋର୍ଟ ପ୍ରକାଶ କରିଛନ୍ତି। କେନ୍ଦ୍ର ଓ ଆଠଟି ରାଜ୍ୟ– ପଶ୍ଚିମବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ, ନାଗାଲାଣ୍ଡ, ଆନ୍ଧ୍ରପ୍ରଦେଶ, କେରଳ ଓ କର୍ନାଟକକୁ ଆଉ ବିଳମ୍ବ ନ କରି ୬ ମାସ ମଧ୍ୟରେ ଖାଲି ଥିବା ସ୍ଥାନଗୁଡ଼ିକ ପୂରଣ କରିବା ପାଇଁ କୋର୍ଟ ଆଦେଶ ଦେଇଛନ୍ତି। କୋର୍ଟ ପୁଣି କହିଛନ୍ତି, କୌଣସି ପଦବୀ ଖାଲି ହେବାର ସମ୍ଭାବ୍ୟ ତାରିଖଠାରୁ ଏକରୁ ଦୁଇମାସ ପୂର୍ବରୁ ନିଯୁକ୍ତି ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବା ଉଚିତ, ଯାହାଫଳରେ ପଦ ଖାଲି ହେବା ଓ ପୂରଣ ହେବା ଭିତରେ ବିଶେଷ ବ୍ୟବଧାନ ରହିବ ନାହିଁ। ସର୍ଚ୍ଚ କମିଟି ପ୍ରାର୍ଥୀମାନଙ୍କୁ ଶର୍ଟଲିଷ୍ଟ କରିବା ପାଇଁ ଗ୍ରହଣ କରିଥିବା ଯୋଗ୍ୟତା ମାନଦଣ୍ଡକୁ ମଧ୍ୟ ସର୍ବସାଧାରଣରେ ପ୍ରକାଶ କଲେ, ତାହା ନିରପେକ୍ଷ ଭାବେ କରାଯାଉଛି ବୋଲି ଲୋକମାନେ ସୁନିଶ୍ଚିତ ହୋଇପାରିବେ।

### ୟୁପିଏସ୍‌ସି ଓ ଆଇପିଏସ୍

ପଞ୍ଜାବର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପଦ ପାଇଁ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ରାଜ୍ୟ ସରକାରଙ୍କ ପାଖକୁ ତିନିଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କର ଏକ ଶର୍ଟଲିଷ୍ଟ ପଠାଇବାର ଦିନକ ପରେ ଏହି ପଦରେ ଦିନକର ଗୁପ୍ତାଙ୍କୁ ନିଯୁକ୍ତି ମିଳିଛି। ସଂକ୍ଷିପ୍ତୀକୃତ ତାଲିକାରେ ଅନ୍ୟ ଯେଉଁ ଦୁଇଜଣ ବାବୁଙ୍କର ନାମ ଥିଲା, ସେମାନେ ହେଉଛନ୍ତି ଡିଜିପି (ପ୍ରଶାସନ) ଏମ୍.କେ. ତିୱାରୀ ଏବଂ ଡିଜିପି (ପ୍ରୋଭିଜନିଂ) ଭି.କେ. ଭାୱ୍ରା। ଉଭୟେ ୧୯୮୭ ବ୍ୟାଚ୍‌ର ଅଫିସର। ଗୁପ୍ତା ହେଉଛନ୍ତି ସମସ୍ତଙ୍କଠାରୁ ବରିଷ୍ଠ। କୌଣସି ଡିଜିପି ନିଯୁକ୍ତି ନିମନ୍ତେ ପ୍ରଥମ ଥର ପାଇଁ ଏପରି ଶର୍ଟଲିଷ୍ଟ ପ୍ରସ୍ତୁତ କରାଯାଇଛି। ଗତ ଜାନୁୟାରୀ ମାସରେ ସୁପ୍ରିମ୍‌କୋର୍ଟ କହିଥିଲେ ୟୁପିଏସ୍‌ସି ପ୍ରସ୍ତୁତ କରିଥିବା ଶର୍ଟଲିଷ୍ଟରୁ ହିଁ ରାଜ୍ୟ ସରକାର ଜଣଙ୍କୁ ଡିଜିପି ରୂପେ ନିଯୁକ୍ତି ଦେଇପାରିବେ। ଏହି ପଦ୍ଧତି ଦ୍ୱାରା କୌଣସି ରାଜ୍ୟର ପୋଲିସ ବିଭାଗର ସର୍ବୋଚ୍ଚ ପଦରେ ନିଯୁକ୍ତି କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। କୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଡିଜିପି ଅବସର ନେବାର ତିନିମାସ ପୂର୍ବରୁ ପ୍ରତ୍ୟେକ ରାଜ୍ୟ ସରକାର ୟୁପିଏସ୍‌ସିକୁ ଅବଗତ କରାଇବେ। ତା' ସହ ଯେଉଁ ଡିଜିପିଙ୍କୁ ବଛାଯିବ, ତାଙ୍କର ଚାକିରି ଅବଧି ଦୁଇବର୍ଷରୁ କମ୍ ବାକି ନ ଥିବ। କାରଣ ତାଙ୍କୁ ଦୁଇବର୍ଷର ନିର୍ଦ୍ଧାରିତ ଅବଧି ପାଇଁ ଡିଜିପି ପଦରେ ରହିବାକୁ ପଡ଼ିବ। ମଝିରେ ସରକାର ବଦଳିଲେ ବି ଯେପରି ଅଫିସରମାନଙ୍କ ଭିତରେ ବିଶେଷ ଅଦଳବଦଳ ନ ହୁଏ, ତାହା ସୁନିଶ୍ଚିତ କରିବା ହେଉଛି ଏହାର ଉଦ୍ଦେଶ୍ୟ। ପଞ୍ଜାବ ସମେତ ଆଉ କେତେକ ରାଜ୍ୟ ସରକାର ଡିଜିପି ନିଯୁକ୍ତି ତାଙ୍କ ନିଜ ରାଜ୍ୟର ନିୟମ ଅନୁସାରେ କରିବାକୁ ଦିଆଯାଉ ବୋଲି ଆବେଦନ କରିଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟ ସେ ଆବେଦନକୁ ନାକଚ କରିଦେଇଥିଲେ। କୌତୂହଳର ବିଷୟ, ସବୁ ଯୋଗ୍ୟତା ଥିବା ସତ୍ତ୍ୱେ ପଞ୍ଜାବ ପୋଲିସ ମୁଖ୍ୟ ନିଯୁକ୍ତିରେ ୧୯୮୫ ବ୍ୟାଚ୍ ଆଇପିଏସ୍ ଅଫିସର ମହମ୍ମଦ ମୁସ୍ତାଫାଙ୍କୁ ଉପେକ୍ଷା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଏହାପରର ପ୍ରତିକ୍ରିୟା କିଛି ଜଣାପଡ଼ି ନାହିଁ।

### ସେନା ମୁହଁରେ ତୁଣ୍ଡି

ବିଦେଶକୁ ସାମରିକ ସହଦୂତ (ମିଲିଟାରୀ ଆଟାଶେ) ପଠାଇବା ନେଇ ବିଳମ୍ବ ଘଟଣାରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ସେନା ମଧ୍ୟରେ ସମ୍ପର୍କରେ ଶିଥିଳତାର ସୂଚନା ମିଳୁଛି। ପ୍ରାପ୍ତ ଖବର ଅନୁସାରେ, ଚୟନ କମିଟିର ଗଠନକୁ ନେଇ ବିବାଦ ଉପୁଜିବାରୁ ୱାଶିଂଟନ ଡିସି ଓ ଓମାନ ସମେତ ଅନେକ ସ୍ଥାନରେ ସାମରିକ ସହଦୂତଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି। ଯାହା ଜଣାଯାଏ, ସରକାର ମନ୍ତ୍ରଣାଳୟର ଅତିରିକ୍ତ ସଚିବଙ୍କୁ ପ୍ୟାନେଲରେ ଅନ୍ତର୍ଭୁକ୍ତ କରି ଏହାକୁ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏପର୍ଯ୍ୟନ୍ତ ପ୍ରତିରକ୍ଷା ସହଦୂତ ଚୟନ ପ୍ରତିରକ୍ଷା ସେବାର ପରିଧି ଭିତରେ ହିଁ ହେଉଥିଲା। ତେଣୁ ସରକାରଙ୍କ ଏପରି ନିଷ୍ପତ୍ତି ଯୋଗୁ ପ୍ରତିରକ୍ଷା ସେବା ବାବୁମାନେ ଭାବୁଛନ୍ତି ଯେ, ଏହା ତାଙ୍କ କ୍ଷେତ୍ର ଉପରେ ସାଧାରଣ ପ୍ରଶାସନିକ ସେବା ବାବୁମାନଙ୍କ ଅନଧିକାର ପ୍ରବେଶ। ତେବେ ସରକାରଙ୍କ ଦାବି ଅନୁସାରେ ପୂର୍ବତନ ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଅରବିନ୍ଦ ଗୁପ୍ତାଙ୍କ ସୁପାରିସ ଅନୁସାରେ ଚୟନ କମିଟିରେ ଉକ୍ତ ପରିବର୍ତ୍ତନ କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ତିନି ସେବା ମୁଖ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ସାକ୍ଷାତ୍ କରି ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଯୋଜନା କରୁଛନ୍ତି।

Email: dilipcherian@gmail.com

# ବୃଦ୍ଧକାଳେ ଅପତ୍ୟଦୁଃଖ



ରଞ୍ଜନ କୁମାର ଦାସ

ଜଣେ ବୟସ୍କ ବ୍ୟକ୍ତି ମୋର ଖବରକାଗଜରେ ପ୍ରକାଶିତ ଲେଖାସବୁ ପଢ଼ି ନିୟମିତ ଭାବେ ଫୋନ୍ କରନ୍ତି। ପ୍ରତ୍ୟେକ ଥର ସେ କହନ୍ତି ଯେ, ମୁଁ କେବେ ଥରେ ଯିବି ଆପଣଙ୍କ ସହ ଦେଖା କରିବି। ଏମିତି କହନ୍ତି ସିନା ସେ କେବେ ଆସନ୍ତି ନାହିଁ। ମୁଁ ମନେମନେ ଭାବେ ସେ ଆସୁ ତ ନାହାନ୍ତି ପୁଣି ଏ କଥା ବାରମ୍ବାର କହୁଛନ୍ତି କାହିଁକି? ଦିନେ ସେ ଫୋନ୍ କରି କହିଲେ, ଶୁଣିଲି ଆପଣ ଆସୁଛନ୍ତି ଆମ ପଞ୍ଚାୟତକୁ? ପଞ୍ଚାୟତ ଘର ପାଖରେ ହିଁ ଆମ ଘର। ମୁଁ ଆପଣଙ୍କୁ ଆମ ଘରକୁ ନିମନ୍ତ୍ରଣ କରିବି। ମନା କରିବେ ନାହିଁ, ନିଶ୍ଚୟ ଆସିବେ। ସରକାରୀ କାର୍ଯ୍ୟରୁ ସମୟ ମିଳିବ କି ନାହିଁ ବୋଲି ମୁଁ ସଂଶୟ ପ୍ରକଟ କରନ୍ତେ ସେ କହିଲେ, ବେଶି ସମୟ ନ ରହିଲେ ନାହିଁ ପଛେ ଖାଲି ଗୋଟିଏ ମିନିଟ୍ ପାଇଁ ଆମଘର ଆଗରେ ଓହ୍ଲାଇବେ। ଚିନ୍ତାକଲି ତାଙ୍କର ଆଗ୍ରହ ଭାଙ୍ଗିବା ଠିକ୍ ହେବନାହିଁ। ଯାହା ହେଲେ ବି ଯିବି।

ସେଦିନ ତାଙ୍କ ପଞ୍ଚାୟତକୁ ଅଭିଯୋଗ ଶୁଣାଣି ଶିବିର ପାଇଁ ଯାଇଥିଲି। ଶିବିର ସରିଲା ପରେ ସେ ଆସି ମତେ ଡାକିନେଲେ ତାଙ୍କ ଘରକୁ। ପଞ୍ଚାୟତର ଅଳ୍ପ ଦୂରରେ ତାଙ୍କ ଘର। ଆଜ୍‌ବେଷ୍ଟସ ଘର ତିନି ଚାରି ବଖରା। ସାମ୍ନାରେ ଛୋଟ ଗୋବରଲିପା ଅଗଣା, ବଗିଚାରେ ନାନାପ୍ରକାର ପରିବା। ପରିବାର କହିଲେ ତାଙ୍କର ବୃଦ୍ଧା ସ୍ତ୍ରୀ, ଶିକ୍ଷକ ଚାକିରି କରିଥିବା ଏକମାତ୍ର ପୁଅ, ଅବିବାହିତ ଝିଅଟିଏ, ବୋହୂ ଓ ନାତିନାତୁଣୀ। ବୃଦ୍ଧ ଜଣକ ଶିକ୍ଷକ ଚାକିରି କରିଥିଲେ। ବୟସ ହୋଇଯିବାରୁ ଇଚ୍ଛାକୃତ ଅବସର ନେଇ ପୁଅକୁ ତାଙ୍କ ଜାଗାରେ ରଖେଇ ଦେଇଛନ୍ତି। ଆପାତତଃ ସୁଖୀ ପରିବାର ହେବାକଥା। ମାତ୍ର ମୁଁ ତାଙ୍କ ଘରକୁ ଯେବେ ଗଲି ଦେଖିଲି କିଛି ଗୋଟେ ଶୂନ୍ୟତା ସବୁଠି ଉଙ୍କିମାରି ଚାହୁଁଚି। କାହା ମନରେ ସରାଗ ନାହିଁ। ବୁଢ଼ୀ ପିଣ୍ଡାରୁ ଓହ୍ଲେଇ ପାରୁ ନ ଥାନ୍ତି। ଝିଅଟି ପାଣି ଓ ଚା' କରି ଆଣି ଦେଲା। ବୋହୂ ତା' ପୁଅସହ ଆସି ମୁଣ୍ଡିଆ ମାରିଲା। ଚାରି ପାଞ୍ଚ ମାସର ଝିଅଟି ତା'ର ଅଳ୍ପ ଖରାରେ ଜେଜେମା ପାଖରେ ଶେଯରେ ଶୋଇଥାଏ।

ବୃଦ୍ଧ କହିଲେ କାନ୍ଦ କାନ୍ଦ ହୋଇ ଆପଣ ଏଠିକି ଆସିଛନ୍ତି ଜାଣିଲେ ଆମ ସମସ୍ତଙ୍କ ଅବସ୍ଥା ଆଜି କ'ଣ ହବ ମୁଁ କଳନା କରିପାରୁନି। ହେଲେ ଆପଣଙ୍କୁ ଦେଖିଲା ଦିନରୁ ଆପଣ ମୋର ବଡ଼ପୁଅ, ଯିଏ ଏ ଦୁନିଆରେ ଆଉ ନାହିଁ, ତାରି ଭଳି ଲାଗନ୍ତି। ସେଥିପାଇଁ ଶ୍ରଦ୍ଧାରେ ଡାକିଦେଲି। ଦୋଷ ଥିଲେ କ୍ଷମା କରିଦେବେ। ବୃଦ୍ଧ ତା'ପରେ ତାଙ୍କ ଝିଅ ଆଡକୁ ଚାହିଁ ପଚାରିଲେ ତୋ ଭାଇନାଙ୍କ ଚେହେରା ସହ ମିଶୁନି ସାର୍‌ଙ୍କ ଚେହେରା? ଝିଅଟି କାନ୍ଦକାନ୍ଦ ହୋଇଗଲା। ବୃଦ୍ଧା ବି କାନିରେ ଲୁହ ପୋଛିଲେ। ମୁଁ ତାଙ୍କୁ ପଚାରିଲି ଆପଣଙ୍କ ଅବସ୍ଥା କ'ଣ ହେବ ବୋଲି କାହିଁକି କହୁଥିଲେ?

ବୃଦ୍ଧ କହିଲେ, ମୋ ବଡ଼ ପୁଅ ଥିଲା ସୁନାମୁଣ୍ଡା। ସେ ମଲା ପରେ ଆମେ ସମସ୍ତେ ଭାଙ୍ଗିପଡ଼ିଲୁ। ସ୍ତ୍ରୀ ଶଯ୍ୟାଶାୟୀ ହୋଇଗଲେ। ମୁଁ ବି ଘରଦ୍ୱାର ସମ୍ଭାଳିବାକୁ ଚାକିରିରୁ ଅବସର ନେଲି। ସାନପୁଅକୁ ଚାକିରିଖଣ୍ଡକ ଦେଇ ବାହା କରେଇଦେଲି। ବୋହୂ ବି ଭଲ। ମାତ୍ର ସେ କୁଳାଙ୍ଗାର ଖରାପ ସାଙ୍ଗରେ ପଡ଼ି ମଦପାଣି କଲା। ଘରକୁ ପଇସାପତ୍ର ଦଉନି, ଆସୁନି ବି। ଯେତେବେଳେ ବି ଆସୁଚି ବୋହୂକୁ, ଆମକୁ ମାର୍‌ପିଟ୍ କରୁଛି। ବେଳେବେଳେ ଇଚ୍ଛାହଉଚି ଘରଦ୍ୱାର ଛାଡ଼ି ଜରାନିବାସକୁ ଚାଲିଯିବାକୁ। ହେଲେ ଏ ବୋହୂ, ନାତିନାତୁଣୀଙ୍କୁ ଛାଡି କୁଆଡେ ଯିବୁ? ଆପଣ ଏଠିକି ଆସିଥିଲେ ଜାଣିଲେ ସେ ଭାବିବ ଆମେ ବୋଧେ ତା' ନାଁରେ ନାଲିସ୍ କରିବାକୁ ଆପଣଙ୍କ ପାଖକୁ ଯାଇଥିବୁ, ନ ହେଲେ ଆପଣ କାହିଁକି ଏଠିକି ଆସିଥାନ୍ତେ? ତେଣୁ ନିଶ୍ଚୟ ଆସି ଘରେ ହଙ୍ଗାମା କରିବ। ତାକୁ କିଏ ବା ବୁଝେଇବ? ଏ କଥା ଶୁଣୁଶୁଣୁ ଆଉ ଜଣେ ବୃଦ୍ଧ ଥିଲେ କହିଲେ, ଯାଙ୍କ ବୋହୂଟା ତ ହେଲେ କ'ଣ ଗଣ୍ଡାଏ ଫୁଟେଇ ଖାଇବାକୁ ଦଉଛି। ଆମର ପୁଅବୋହୂ ମିଶି ଆମକୁ ଯାହା କରୁଛନ୍ତି ନ କହିଲେ ଭଲ। ଦିନଟିଏ ବି ଭଲରେ କଟୁନି। ବେଳେବେଳେ ଭାବୁଚୁ ଆତ୍ମହତ୍ୟା କରିଦିଅନ୍ତୁ। ହେଲେ ମାୟା କୋଉ ତୁଟୁଛି? ବୁଢ଼ା ବୟସରେ ଏ କଷ୍ଟ ଆଉ ସହି ହଉନି।

ସେଦିନ ସେଇଠୁ ବୃଦ୍ଧଙ୍କ ଶିକ୍ଷକ ପୁତ୍ରଙ୍କୁ ଜିଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଡକେଇଲି। ସେ ବାବୁ ବୁଝିବା ସ୍ତରରେ ନ ଥିଲେ। ସିଧାସଳଖ ତାଙ୍କୁ ଧମକେଇବାକୁ ପଡ଼ିଲା। କହିଲି, ଯଦି ବାପମା, ସ୍ତ୍ରୀ ପିଲାଙ୍କ ଦାୟିତ୍ୱ ନ ନବ, ସିଧା ସସ୍‌ପେଣ୍ଡ ହବ, ଜେଲ୍‌କୁ ଯିବ। ତମ ମଦପିଆ, ସାଙ୍ଗସାଥୀ ମସ୍ତି ସବୁ ଛାଡ଼ିଯିବ। ଥାନାବାବୁ ଆସିଲା ପରେ ପୋଲିସ ଦେଖି ତାଙ୍କର ନିଶା ଛାଡ଼ିଗଲା ଏବଂ ସେ ତାଙ୍କ ବାପାଙ୍କ ପାଦଛୁଇଁ ପ୍ରତିଜ୍ଞା କଲେ ଯେ ଆଉ ସେଭଳି କରିବେ ନାହିଁ। ମୋ ସାମ୍ନାରେ ତାଙ୍କ ବ୍ୟାଙ୍କ୍‌ର ଏଟିଏମ୍ କାର୍ଡ ସ୍ତ୍ରୀଙ୍କୁ ହସ୍ତାନ୍ତର କଲେ। ସର୍ତ୍ତ ରହିଲା ଯେ, ସେ ଆଉ ମଦ ପିଇବେ ନାହିଁ କି ଘରେ ଗଣ୍ଡଗୋଳ କରିବେ ନାହିଁ। ବୃଦ୍ଧ କୃତଜ୍ଞତା ଜଣାଇ ଘରକୁ ଗଲେ। ମାତ୍ର ଘଟଣାଟି ଗୋଟେ ଇଙ୍ଗିତ କଲା ଯେ ଏଇଭଳି ଘଟଣା ଅନେକ ଘରେ ଘଟୁଛି। ଅନେକ ଘରେ ବୃଦ୍ଧ ପିତାମାତା ଅବହେଳିତ, ସେମାନଙ୍କ ପାଇଁ ଘରେ ସ୍ଥାନ ନାହିଁ। ବନ୍ଧୁବାନ୍ଧବଙ୍କ ପାଖକୁ ଯାଇପାରିବେନି। ଅନେକ ଜାଗାରେ ଜରାନିବାସ ମଧ୍ୟ ନାହିଁ, ଯୋଉଠି କି ଯାଇ ସେମାନେ ଆଶ୍ରୟ ନେଇପାରିବେ।

ଏ କଥାଟି ମନରେ କୁହୁଳୁଥାଏ। ତେଣୁ ଆମେ ଜିଲାସ୍ତରରେ ନିଷ୍ପତ୍ତି ନେଲୁ ଅନ୍ତତଃ ଜିଲାର ଦୁଇ ମୁଣ୍ଡରେ ବଡ଼ ବଡ଼ ଅନାଥାଶ୍ରମ ଓ ଜରାନିବାସ କରିବୁ। ଉଭୟ ଅନାଥ ଶିଶୁ ଏବଂ ବୟସ୍କ ଲୋକମାନେ ଆଶ୍ରୟ ତ ନେବେ, ପୁଣି ପରିପୂରକ ଭାବେ ପରସ୍ପରର ଅଭାବ ପୂରଣ କରିପାରିବେ। ଅନାଥ ପିଲାମାନେ ଅଜାଆଈଙ୍କ ସ୍ନେହ ପାଇବେ ଓ ବୁଢ଼ାବୁଢ଼ୀମାନେ ପରିବାରର କୋଳାହଳମୟ ସାହଚର୍ଯ୍ୟ ବି ପାଇବେ। ନିଷ୍ପତ୍ତିଟି ଖବରକାଗଜରେ ବାହାରିବା ପରେ ଅନେକ ବ୍ୟକ୍ତି ସାଧୁବାଦ ବି ଜଣାଇଲେ। ଏଇ ସମୟରେ ଦିନେ ସେଇ ବୃଦ୍ଧ ଦୁଇଜଣଙ୍କର ଆବିର୍ଭାବ ହେଲା ମୋ କାର୍ଯ୍ୟାଳୟରେ। ଅବସରପ୍ରାପ୍ତ ସେଇ ଶିକ୍ଷକ ଯିଏ ନିଜ ପୁତ୍ର ଦ୍ୱାରା ନିର୍ଯାତିତ ହୋଇଥିଲେ ସେ କହିଲେ, ଆମେ ଆସିଥିଲୁ ଆପଣଙ୍କ ସହ କିଛି ଆଲୋଚନା କରିବା ପାଇଁ। କହିବା ପାଇଁ ମୁଁ ତାଙ୍କୁ ଇଙ୍ଗିତ କରିବା ପରେ ଅନ୍ୟ ବୃଦ୍ଧ ଜଣକ ଆରମ୍ଭ କଲେ, ଶୁଣୁଚୁ ଆପଣ କୁଆଡେ ବୁଢ଼ାବୁଢ଼ୀଙ୍କ ପାଇଁ ଗୋଟେ ଜରାଶ୍ରମ ଖୋଲୁଛନ୍ତି। ମୁଁ ତାଙ୍କୁ ହଁ କଲି। ହଠାତ୍ ସେ ଛଳଛଳ ହୋଇ ଉଠି କହିଲେ, ଦୟାକରି ଆପଣ ସେ ଜରାଶ୍ରମ ନିର୍ମାଣ କରନ୍ତୁ ନାହିଁ। ମୁଁ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରିଲି। ସେ କ୍ଷଣକ ପାଇଁ ନିଜକୁ ସମ୍ଭାଳି ନେଇ କହିଲେ, ଆମର ତ ଦିନକାଳ ସରିଆସିଲାଣି। ଯାହା କଷ୍ଟ ଭୋଗିବା କଥା ଆମେ ଭୋଗି ସାରିଲୁଣି। ଆମ ପରେ ଏ ଅପତ୍ୟ ଦୁଃଖ କେହି ନ ଭୋଗନ୍ତୁ। ବାହାର ଶତ୍ରୁ ସାଙ୍ଗେ ସିନା ଲଢ଼ିହେବ, ନିଜ ପୁଅବୋହୂଙ୍କ ସଙ୍ଗେ କି ଯୁଦ୍ଧ ଲଢ଼ିହେବ? ଲଢ଼ିଲେ ବି ସେ ଯୁଦ୍ଧରେ ହାରିବ କିଏ, ଜିତିବ କିଏ? ଯିଏ ହାରିଲେ ବି କଷ୍ଟ ଆମକୁ ହିଁ ହବ। ତେଣୁ ଯିଏ ଯେତେ କହିଲେ ବି ଆମେ ଥାନା କଚେରି ଯାଇପାରୁନୁ। ଜାକିମାଡି ହୋଇ ଘରେ ପଡିରହିଛୁ କୁକୁର ଭଳି। କେବେ ଗଣ୍ଡାଏ ଦେଲେ ଖାଉଛୁ, ନ ହେଲେ ନାଇଁ। ଡରିଡରି ପଡିରହୁଛୁ, କାରଣ ପାଟି ଖୋଲିଲେ କେବେ ଘରୁ ତଣ୍ଟିଆ ଦେଇ ପୁଅବୋହୂ କାଢ଼ିଦେବେ। ଏବେ ସେମାନେ ଆମକୁ ଘରୁ ତଡିଦେଲେ ଆମେ କୁଆଡେ ଯିବୁ ଜାଣିପାରୁନୁ। ହୁଏତ ଲୋକଲଜ୍ଜା ପାଇଁ ସେମାନେ ଆମକୁ ଘରୁ କାଢ଼ିଦେଇ ପାରୁନାହାନ୍ତି। ମାତ୍ର ଯେଉଁ ଜରାଶ୍ରମ ଖୋଲିଯିବ ସେମାନେ ସେଦିନ ଆଉ ଡକେଇବେ ନାହିଁ। ମୁହେଁ ମୁହେଁ କହିଦେବେ, ସରକାର ତମ ପାଇଁ ଘର ତୋଳିଦେଲେଣି, ଏଠି ଯଦି ଆଡଜଷ୍ଟ କରି ଚଳି ନ ପାରୁଛ ସେଠିକି ପଳା। ଏବେ ହେଲେ ଆମେ କହିପାରୁଛୁ ଏ ବୁଢ଼ା ବୟସରେ କୁଆଡେ ଯିବୁ, ସେତେବେଳେ ଆଉ କ'ଣ କହିବୁ? ଏତେ ଦୁଃଖ ଭିତରେ ବି ନାତିନାତୁଣୀଙ୍କୁ ଦେଖି ଯେଉଁଟିକକ ସୁଖ ମିଳୁଛି ସେତକରୁ ବି ବଞ୍ଚିତ ହୋଇଯିବୁ। ଦୟାକରି ଏ ଜରାନିବାସ କରନ୍ତୁନି କି ଆମକୁ ଘରୁ ବିତାଡିତ କରିବା ପାଇଁ ଆମ କୁଳାଙ୍ଗାର କୁଳଚନ୍ଦ୍ରମାମାନଙ୍କୁ ବାଟ ଦେଖାନ୍ତୁନି।

ବୃଦ୍ଧ ଦି'ଜଣ ବିଦାୟ ନେଇ ଚାଲିଗଲେ। ଅଥଚ ଛାଡିଗଲେ ଅନେକ ପ୍ରଶ୍ନ। ସେ ପ୍ରଶ୍ନ ଜାଲରେ ମୁଁ ଆଜିଯାଏ ଘାଣ୍ଟିହଉଛି। ଏ ଯାଏ ନିଷ୍ପତ୍ତି ନେଇପାରୁନି, ଜରାଶ୍ରମ ଖୋଲିବା ଉଚିତ ହେବ କି ଅନୁଚିତ।

ମୋ– ୯୪୩୭୨୮୬୫୧୨

# ସାବତ ମାଆର ପୁଅ



ମନ–ମାନଚିତ୍ର

ଡ. ନରହରି ବେହେରା

ସଂସାରରେ ଭାଗ୍ୟବାନ ସନ୍ତାନଟିଏ ହିଁ ମାଆର ସ୍ନେହ ଲାଭ କରିଥାଏ। ତାହାଠାରୁ ସେ ସନ୍ତାନ ଆହୁରି ଅଧିକ ଭାଗ୍ୟବାନ, ଯିଏ ସାବତ ମାଆଠାରୁ ମାଆର ସ୍ନେହ ପାଇଥାଏ। ଯେଉଁ ସାବତ ମାଆ ନିଜ ସନ୍ତାନ ପରି ଅନ୍ୟ ସନ୍ତାନକୁ ମାଆର ସ୍ନେହ ଦେଇପାରନ୍ତି, ସେ ସର୍ବଦା ନମସ୍ୟା। ମାତ୍ର ଅଧିକାଂଶ କ୍ଷେତ୍ରରେ ସାବତ ମାଆଠାରୁ ଏ ସ୍ନେହ ମିଳେନାହିଁ।

ଦିନେ ସମ୍ରାଟ୍ ସୁଲେମାନଙ୍କ ନିକଟରେ ଗୋଟିଏ ଶିଶୁପୁତ୍ରକୁ ଧରି ଦୁଇଜଣ ମହିଳା ଆସି ପହଞ୍ଚିଲେ। ଏ ଦୁଇ ମହିଳା ସେହି ଶିଶୁପୁତ୍ରକୁ ନିଜର ସନ୍ତାନ ବୋଲି ଦାବି କଲେ। ସମ୍ରାଟ୍ ଥିଲେ ବିଚାର–ବିଚକ୍ଷଣ। ସେ କିଛି ମୁହୂର୍ତ୍ତ ଚିନ୍ତାକରି ଶିଶୁ ପୁତ୍ରଟିକୁ ଦୁଇଖଣ୍ଡ କରି ଦୁଇ ମହିଳାଙ୍କ ମଧ୍ୟରେ ବାଣ୍ଟିଦେବା ପାଇଁ ଦୂତକୁ ଆଦେଶ ଦେଲେ। ଏଥିରେ ନକଲି ମାଆଟି ଖୁସିହୋଇ ସମ୍ରାଟ୍‌ଙ୍କ ଆଦେଶକୁ ସ୍ୱୀକୃତି ଜଣାଇଲା। ମାତ୍ର ପ୍ରକୃତ ମାଆଟି କାନ୍ଦି କାନ୍ଦି ସମ୍ରାଟ୍‌ଙ୍କ ନିକଟରେ ଅଳିକରି କହିଲା– ମୋ ପୁଅକୁ ଦୁଇଖଣ୍ଡ କରି କାଟିବାର ଆବଶ୍ୟକତା ନାହିଁ ସମ୍ରାଟ୍, ବରଂ ସେ ଏ ଶିଶୁପୁତ୍ରଟିକୁ ଏକାକୀ ନେଇଯାଉ, ମୋ ପୁଅ ବଞ୍ଚି ରହିଥାଉ। ଏହା ହିଁ ପ୍ରକୃତ ମାଆ ଓ ସାବତ ମାଆ ମଧ୍ୟରେ ପ୍ରଭେଦ।

ଆଜି ଆମେ ଯେଉଁ ସାବତ ମାଆର କଥା କହିବାକୁ ଚାହୁଁଛୁ, ସେ ସେହି ସାମାଜିକ ସ୍ୱୀକୃତି ଲାଭ କରିଥିବା ସାବତ ମାଆ ନୁହେଁ। ସେ ହେଉଛନ୍ତି ଏହି ବିଷମ ଭାବ ରଖିଥିବା ପ୍ରଶାସନ। ଆମେ ଜାଣୁ ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚିତ ପ୍ରତିନିଧିମାନେ ହିଁ ବିଧିବିଧାନ ଏବଂ ସମ୍ବିଧାନକୁ ପ୍ରଚଳନ କରିଥାନ୍ତି। ଦୁଃଖୀ, ଦରିଦ୍ର ଓ ସାଧାରଣ ଜନତାର ସେମାନେ ହିଁ ମାଆବାପା। ସେମାନଙ୍କ ପାଖରେ ସମଭାବ ରହିବା ଉଚିତ। ସେମାନେ ଯଦି ସମାଜରେ ଥିବା ବିଭିନ୍ନ ବର୍ଗର ମଣିଷଙ୍କ ପ୍ରତି ଭିନ୍ନ ଭିନ୍ନ ଦୃଷ୍ଟି ଦିଅନ୍ତି, ତେବେ ସେମାନଙ୍କଠାରେ ଏହି ସାବତ ମାଆପଣିଆ ରହିଛି ବୋଲି କହିବାକୁ ହେବ।

ଆମେ ଜାଣୁ ଯେତେ ଛାଟିପିଟି ହେଲେ ବି ଭାରତ ଆଗାମୀ ପଚାଶ ବର୍ଷ ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟାଧିରୁ ମୁକୁଳିବାର ସମ୍ଭାବନା ନାହିଁ। ସଂରକ୍ଷଣର ଆବଶ୍ୟକତା ଅଛି କି ନାହିଁ ତାହା ଏକ ଭିନ୍ନ ପ୍ରସଙ୍ଗ ଏବଂ ସେ ସଂକ୍ରାନ୍ତରେ କିଛି ଅଭିବ୍ୟକ୍ତି ରଖିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ। ମାତ୍ର ଦିନକୁ ଦିନ ଆମ ଶାସନର ଡୋରି ଧରିଥିବା ଶାସକ ବା ସରକାର ପଦବାଚ୍ୟ ବାବୁମାନେ କାହିଁକି ସାଧାରଣବର୍ଗଙ୍କ ପାଇଁ କଠୋର ହୋଇପଡୁଛନ୍ତି ସେ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିବା ଏହାର ଲକ୍ଷ୍ୟ।

ପ୍ରଥମେ ଓଡ଼ିଶା କଥା ବିଚାର କରାଯାଉ। ସାଧାରଣ ବର୍ଗର ପିଲାମାନେ ସଂରକ୍ଷଣ ବ୍ୟାଧିରେ ଶଢୁଥିବାବେଳେ ଏବେ ତାଙ୍କ ଉପରେ ସରକାର ଆଉ ଗୋଟିଏ ଦଣ୍ଡବିଧାନ କରିଛନ୍ତି। ରାଜ୍ୟ ସରକାରଙ୍କ ଓଡ଼ିଶା ପ୍ରଶାସନିକ ସେବା, ଓଡ଼ିଶା ଅର୍ଥ ସେବା ପ୍ରଭୃତି ଗୋଟିଏ ଗୋଟିଏ ସମ୍ମାନଜନକ ବୃତ୍ତି ଭାବରେ ଗଣାହୋଇଥାଏ। ଏଥିପାଇଁ ପ୍ରାୟ ସବୁ ବିଦ୍ୟାର୍ଥୀ ଆଶାୟୀ ଥା'ନ୍ତି। ନିଜକୁ ପ୍ରସ୍ତୁତ ମଧ୍ୟ କରିଥା'ନ୍ତି। ମାତ୍ର ଦୁଃଖର ବିଷୟ, ସାଧାରଣ ବର୍ଗର ଗରିବ ପିଲାଟିଏ କୌଣସି ସଂରକ୍ଷଣ ସୁବିଧା ପାଉ ନ ଥିବାବେଳେ ଓପିଏସ୍‌ସି କର୍ତ୍ତୃପକ୍ଷ ଏବେ ସେମାନଙ୍କୁ ପରୀକ୍ଷା ଦେବା ପାଇଁ ମାତ୍ର ଚାରୋଟି ସୁଯୋଗ ପ୍ରଦାନ କରିଛନ୍ତି। ୨୦୧୫ ପର୍ଯ୍ୟନ୍ତ ସାଧାରଣ ବର୍ଗର ପରୀକ୍ଷାର୍ଥୀମାନେ ଓଡ଼ିଶା ସିଭିଲ୍ ସର୍ଭିସ୍ ପାଇଁ ଛ'ଥର ପରୀକ୍ଷା ଦେଇପାରୁଥିଲେ। ମାତ୍ର କର୍ତ୍ତୃପକ୍ଷ କାହିଁକି ଏହି ସୁଯୋଗ ଚାରିଥରକୁ ହ୍ରାସ କରିଦେଲେ ଏବଂ ଏହା ମୂଳରେ କି ଯୁକ୍ତି ଅଛି, ତାହା ଜଣାପଡୁ ନାହିଁ। ସାଧାରଣ ବର୍ଗର ପରୀକ୍ଷାର୍ଥୀମାନେ ସଂରକ୍ଷଣର ସୁବିଧା ପାଉ ନ ଥିବାରୁ ଏହି ଛଅଥର ସୁଯୋଗ ତାଙ୍କ ପାଇଁ ଏକମାତ୍ର ସାନ୍ତ୍ୱନା ଥିଲା। ମାତ୍ର ଏତିକି ବି ଆମ ବଡ଼ବଡ଼ିଆଙ୍କ ଆଖିରେ ଗଲାନାହିଁ। ପରୀକ୍ଷା ଦେବାର ସୁଯୋଗକୁ ଛ'ଥରରୁ ଚାରିଥରକୁ ଖସାଇଦେଲେ। ସାମାଜିକ ଓ ଆର୍ଥିକ ପଛୁଆ ବର୍ଗର ପରୀକ୍ଷାର୍ଥୀମାନେ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷା ପାଇଁ ସାତଥର ସୁଯୋଗ ପାଇଥାନ୍ତି। ଅନ୍ୟପକ୍ଷରେ ଏସ୍‌ସି ଏବଂ ଏସ୍‌ଟି ପରୀକ୍ଷାର୍ଥୀମାନଙ୍କ ପାଇଁ ଅନିର୍ଦ୍ଦିଷ୍ଟ ଥର ପରୀକ୍ଷା ଦେବାର ସୁଯୋଗ ଅଛି।

ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖ କରାଯାଇପାରେ ଯେ, ଜଣେ ପରୀକ୍ଷାର୍ଥୀ ଯଦି ପ୍ରିଲିମିନାରି ପରୀକ୍ଷାରେ ଗୋଟିଏ ବିଷୟରେ ପରୀକ୍ଷା ଦେଇ କୌଣସି କାରଣବଶତଃ ଆଉ ପରୀକ୍ଷା ଦେଇପାରିଲା ନାହିଁ, ତେବେ ତାକୁ ଗୋଟିଏ ସୁଯୋଗ ହରାଇବାକୁ ପଡ଼ିବ। ଜଣେ ପରୀକ୍ଷାର୍ଥୀ କେତେ ପ୍ରତିକୂଳ ପରିସ୍ଥିତିରେ ପରୀକ୍ଷା ଦେଇଥାଏ, ସେକଥା ଆମେ ସବୁ ପ୍ରାୟ ଊଣାଅଧିକେ ଜାଣୁ। ତା'ସତ୍ତ୍ୱେ ସଂରକ୍ଷଣ ବା ପରୀକ୍ଷା ଦେୟ ପ୍ରଭୃତିରେ କୌଣସି ସୁବିଧା ପାଉ ନ ଥିବା ସାଧାରଣ ବର୍ଗଙ୍କୁ ମାତ୍ର ଚାରିଥର ପରୀକ୍ଷା ଦେବାର ସୁଯୋଗ ଦେବା ଏକ ବୈମାତୃକ ବିଚାର ନୁହେଁ କି? ଏପରି ନିୟମ ସୂଚାଇ ଦେଉନାହିଁ କି, ଯିଏ ପାଉଛି ସବୁ ପାଉ, ଯିଏ ନ ପାଉଛି ସେ ଚୁଲିକୁ ଯାଉ। ଏଠାରେ ମନେପଡୁଛି ଗୋଟିଏ ଢଗ– ବଡ଼ ପୁଅ ବାପର, ସାନ ପୁଅ ମାଆର, ମଝିଆ କାହାର? ସେହିପରି ଏ ସାଧାରଣ ବର୍ଗ ଖଣ୍ଡେ ଚାକିରି ପାଇଁ କାହାର ଆଶ୍ରୟ ନେବେ– ତାହା ହିଁ ପ୍ରଶ୍ନ।

ଏ କ୍ଷେତ୍ରରେ କେନ୍ଦ୍ରୀୟ ଲୋକ ସେବା ଆୟୋଗ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଏବେ ଭାରତୀୟ ସିଭିଲ ସର୍ଭିସେସ୍ ପରୀକ୍ଷା ଜଣେ ସାଧାରଣ ବର୍ଗର ପରୀକ୍ଷାର୍ଥୀ ତିରିଶ ବର୍ଷ ପର୍ଯ୍ୟନ୍ତ ଏବଂ ସର୍ବାଧିକ ଛଅଥର ଦେଇପାରୁଛନ୍ତି। ମାତ୍ର ନୀତି ଆୟୋଗ ଏବେ ସେମାନଙ୍କ ସର୍ବାଧିକ ବୟସ ସୀମା ତିରିଶରୁ ସତେଇଶ ବର୍ଷକୁ ଖସାଇ ଦେବା ପାଇଁ ସ୍ଥିର କରିଛନ୍ତି। ଅବଶ୍ୟ ସେ ସହସା ଏ ପଦକ୍ଷେପ ନେବେନାହିଁ ବୋଲି ଜଣାଯାଇଛି। ୨୦୨୨–୨୩ ମସିହାଠାରୁ ପର୍ଯ୍ୟାୟକ୍ରମେ ସେ ଏହି ବ୍ୟବସ୍ଥା ଗ୍ରହଣ କରିବେ ବୋଲି ପ୍ରକାଶ ପାଇଛି। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି, ଏପରି ସଣ୍ଢୁଆସି ଆକ୍ରମଣ ଏହି ସାଧାରଣ ବର୍ଗର ପିଲାମାନଙ୍କ ପାଇଁ କାହିଁକି? କେତେବେଳେ ବୟସକୁ କାଟ୍‌ଛାଣ୍ଟ କରାଯାଉଛି ତ ପୁଣି କେତେବେଳେ ତାଙ୍କୁ ପରୀକ୍ଷା ସୁଯୋଗରୁ ବଞ୍ଚିତ କରାଯାଉଛି। ସାଧାରଣ ବର୍ଗ ସତରେ କ'ଣ ସାବତ ମାଆର ପୁଅ?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ୍, ଭଦ୍ରକ,
narahari1965@gmail.com

### ଏଇ ଭାରତରେ

ଭାରତରେ ଏପରି ଏକ ନଦୀଘାଟ ଅଛି, ଯେଉଁଠି ଗାଧୋଇଲେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥାଏ। କାଶୀରେ ଗଙ୍ଗାକୂଳରେ ରହିଛି ୮୪ଟି ଘାଟ। ସବୁଘାଟରେ ସ୍ନାନକଲେ ପୁଣ୍ୟ ମିଳିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ତେବେ ସେଠାରେ ଥିବା କୁବାଇ ଘାଟରେ ସ୍ନାନ କଲେ ଦମ୍ପତିଙ୍କ ପାରିବାରିକ ଜୀବନରେ ଝଡ଼ ଉଠିବା ସହିତ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ଦମ୍ପତିଙ୍କ ଚିନ୍ତାଧାରାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଥାଏ। ପରବର୍ତ୍ତୀ ସମୟରେ ଏହା ଛାଡ଼ପତ୍ରରେ ପରିଣତ ହୋଇଥାଏ ବୋଲି ସ୍ଥାନୀୟ ଲୋକେ କହିଥାଆନ୍ତି। ତେଣୁ ଏହି ଘାଟରେ ସ୍ନାନକରିବା ଲାଗି ଦମ୍ପତିଙ୍କୁ ବାରଣ କରାଯାଇଥାଏ। ଏ ସମ୍ପର୍କିତ ଏକ ବୋର୍ଡ ମଧ୍ୟ ସେଠାରେ ଟଙ୍ଗାଯାଇଛି। କୁହାଯାଏ ଏହି ଘାଟକୁ ଦେବର୍ଷି ନାରଦ ନିର୍ମାଣ କରିଥିଲେ। ସେ ବ୍ରହ୍ମଚାରୀ ଥିବାରୁ ଦାମ୍ପତ୍ୟ ଜୀବନରେ ବିଚ୍ଛେଦ ସୃଷ୍ଟି ହୋଇଥାଏ। ଏହାକୁ ନାରଦ ଘାଟ ଏବଂ ପତ୍ନୀମୁକ୍ତି ଘାଟ ମଧ୍ୟ କୁହାଯାଇଥାଏ। ବିଭିନ୍ନ ପାରିବାରିକ କାରଣରୁ ପତ୍ନୀଙ୍କଠାରୁ ମୁକ୍ତି ପାଇବାକୁ ଚାହୁଁଥିବା ପୁରୁଷ ଏଠାରେ ସ୍ନାନ କଲେ ସେମାନଙ୍କ ପତ୍ନୀ ଦୂରେଇ ଯାଇଥାଆନ୍ତି ବୋଲି ଲୋକଙ୍କର ବିଶ୍ୱାସ ରହିଛି।

### ଚିରନ୍ତନୀ

ତୈଳହୀନ ପ୍ରଦୀପର କ୍ଷୀଣ ରଶ୍ମିରେଖା
ନିମିଷେକ ଲାଗି ଦିଏ ଦେଖା
ନିମିଷେକ ପରେ ପୁଣି ନିବିଡ଼ ତମସା ଅନ୍ତରାଳେ
କାହିଁ ଯେ ଉଭେଇ ଯାଏ ଦେଖିଅଛି କିଏ କେଉଁ କାଳେ ?
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୩ ଫେବୃୟାରୀ ୧୯୯୪

- ଅର୍ଥନୈତିକ, ବାଣିଜ୍ୟ, ବିଜ୍ଞାନ ଓ କାରିଗରି କ୍ଷେତ୍ରରେ ଅଧିକ ସହଯୋଗ ରକ୍ଷା ଲାଗି ଭାରତ ଓ ମଙ୍ଗୋଲିଆ ମଧ୍ୟରେ ୪ଟି ରାଜିନାମା ସ୍ୱାକ୍ଷରିତ।
- ରାମ ଜନ୍ମଭୂମି–ବାବ୍ରୀ ମସ୍‌ଜିଦ ବିବାଦ ସମ୍ପର୍କିତ ସମସ୍ତ ବିଷୟ ଉପରେ ସୁପ୍ରିମକୋର୍ଟଙ୍କ ଶୁଣାଣି ଆରମ୍ଭ।
- ରୁଆଣ୍ଡାର ଶକ୍ତିମନ୍ତ୍ରୀ ଫେଲିସିନଙ୍କୁ କେତେକ ଅଜଣା ସଶସ୍ତ୍ର ବ୍ୟକ୍ତି ଗୁଳିକରି ହତ୍ୟା କରିଛନ୍ତି।

### su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 5 | | 1 | | | | | D | | 9 | B |
| | | 2 | E | | | D | 7 | 6 | | 3 | 1 | A | | |
| | | | | 8 | | C | 3 | | A | 6 | | | 1 | |
| | | | | | | | | | 9 | | 2 | 3 | | |
| E | | | | | | | | 0 | | 4 | 5 | D | 6 | 7 |
| | | | | 6 | E | | D | 7 | | B | | | 8 | |
| | | 7 | 5 | 9 | | | C | | | 1 | | | | 4 |
| | 8 | | | A | 4 | | 2 | | | | | | D | |
| | | 9 | | D | C | 3 | | 8 | | | | 1 | E | |
| | | | | | | | | B | 3 | | 6 | 5 | 2 | 9 |
| | | B | | 4 | | | | | 5 | | 7 | 8 | | |
| | | | | B | | E | | | | 9 | 8 | | | |
| | | | 1 | C | 9 | | 4 | | | | 0 | | B | 2 |
| | | 5 | | | 6 | | | D | E | | | | | |
| | 4 | 6 | 0 | | 5 | | | | | 2 | 3 | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାଙ୍କଡ ହାତରେ ଶାଳଗ୍ରାମ

ମହାଶୟ,

ଧରିତ୍ରୀ (୧୨।୨)ର ପ୍ରଥମ ପୃଷ୍ଠାରେ ଲଜ୍ଜାକର ଖବର ପାଠକରି ମୁଁ ଭାବୁଛି ଇଂରେଜ ଶାସନ ଖୁବ୍ ଭଲ ଥିଲା। ମାଙ୍କଡ ହାତରେ ଶାଳଗ୍ରାମ ପରି ଆମ ଗଣତନ୍ତ୍ର ଶାସନ। ଥାନାରେ ପଡିଛି ୧୧ ହଜାର ମାମଲା। ୧୧ ବର୍ଷରେ ୯୩ ହତ୍ୟା, ୧୪୩ ବଳାତ୍କାର, ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା। ଅଭିଯୋଗ ପରେ ପୋଲିସ ଠିକ୍ ପଦକ୍ଷେପ ନେଉନାହାନ୍ତି। ରାଜନୈତିକ ଚାପ ଓ ଅର୍ଥ ବଳରେ ଅନ୍ୟାୟ ଅନୀତି ବଢିଚାଲିଛି। ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ସେ ଏସବୁକୁ କଠୋର ହସ୍ତରେ ଦମନ କରନ୍ତୁ। ପିଠା, କାଳିଆ ସହିତ କଠୋର ଆଇନ ପ୍ରଣୟନ କରନ୍ତୁ। ଲୋକେ ଶାନ୍ତିରେ ରହିବାକୁ ଚାହୁଁଛନ୍ତି। ନିଶା ସେବନ ଯୋଗୁ ମଣିଷ ଅମଣିଷ ପାଲଟିଯାଉଛି। ନିଶା ନିବାରଣ ହେଉ, ଉପଯୁକ୍ତ ଶିକ୍ଷାର ପ୍ରସାର ହେଉ।

ବାବାଜୀ ଚରଣ ସେଠୀ, ଶ୍ରୀରାମନଗର, ଭୁବନେଶ୍ୱର

### ବାପପୁଅ ରାତି ଅନିଦ୍ରା

ମୋଦିଙ୍କ ନେତୃତ୍ୱରେ ଗଠିତ ଏନ୍‌ଡିଏ ସରକାର ୧୩୦ରୁ ଅଧିକ ଯୋଜନା କାର୍ଯ୍ୟକାରୀ କରିବା ସହ ବହୁ ସଂସ୍କାରଧର୍ମୀ ନିଷ୍ପତ୍ତି ନେଇଛନ୍ତି। ଉଜ୍ଜ୍ୱଳା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୌଭାଗ୍ୟ, ସ୍ୱଚ୍ଛ ଭାରତ, ବେଟି ବଚାଓ ବେଟି ପଢାଓ, ମୁଦ୍ରା ଓ ଆୟୁଷ୍ମାନ ଭାରତ ଯୋଜନାରେ ଆଶାତୀତ ସଫଳତା ମିଳିଛି ବୋଲି କୁହାଯାଉଛି। ଏସବୁ ସତ୍ତ୍ୱେ ଦେଶରେ ଦାରିଦ୍ର୍ୟ, ବେକାରି, କ୍ଷୁଧା ଓ ଅପପୁଷ୍ଟି ବୃଦ୍ଧିପାଇଛି। ବେକାରି ଗତ ୪୫ ବର୍ଷରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ବ୍ୟାଙ୍କ ଠକେଇ ଓ ସାଇବର ଅପରାଧ ବଢ଼ିଛି। ଅସହିଷ୍ଣୁତା ଓ ମାନବିକ ଅଧିକାର ଉଲ୍ଲଂଘନ ବଢ଼ିଛି। ଦଳିତ, ସଂଖ୍ୟାଲଘୁ ମହିଳା ଓ ଗଣମାଧ୍ୟମ ଉପରେ ଅତ୍ୟାଚାର ବଢ଼ିଛି। ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅନୁଷ୍ଠାନର ସ୍ୱାୟତ୍ତତା କ୍ଷୁଣ୍ଣ ହୋଇଛି। ସଂକ୍ଷେପରେ କହିବାକୁ ଗଲେ ଦେଶକୁ ସୁଶାସନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ସକଳ ଉଦ୍ୟମ ସତ୍ତ୍ୱେ ବିକାଶର ସୁଫଳ ତୃଣମୂଳ ସ୍ତରରେ ଗରିବ ଓ ବେକାରିଙ୍କ ପାଖରେ ପହଞ୍ଚିନାହିଁ ଓ ବିଭିନ୍ନ ମାନବ ବିକାଶ ସୂଚକାଙ୍କରେ ଭାରତ ବିଶ୍ୱରେ ନିମ୍ନଗାମୀ ହୋଇଛି। ଏହା ଠିକ୍ 'ବାପପୁଅ ରାତି ଅନିଦ୍ରା ମୁଗୁରା ମୁହଁ ମେଲା' ପରି।

ଅକ୍ଷୟ କୁମାର ମହାନ୍ତି, ଭାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ



**ଛତ୍ରପୁର,୨୨।୨(ଡି.ଏନ.ଏ.):** ଗଞ୍ଜାମ ଜିଲାରେ ନୂତନ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭାବେ ଲକ୍ଷ୍ମୀକାନ୍ତ ସେଠୀ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ଗଜପତି ଜିଲାର ଅତିରିକ୍ତ ଜିଲାପାଳ ରହିଥିଲେ। ଏହାପୂର୍ବରୁ ଭଞ୍ଜନଗର ଓ ବ୍ରହ୍ମପୁରର ଉପଜିଲାପାଳ ଭାବେ ମଧ ଦାୟିତ୍ୱ ସମ୍ପାଦନ କରିଥିଲେ । କାର୍ଯ୍ୟରେ ଯୋଗ ଦେବା ପରେ ସେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ସାକ୍ଷାତ କରିଥିଲେ। ନୂତନ ଅତିରିକ୍ତ ଜିଲାପାଳଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଚଳିତ ବର୍ଷ ହେବାକୁ ଥିବା ନିର୍ବାଚନ ଅବାଧ ଓ ନିରପେକ୍ଷ ଭାବେ ଯେଭଳି ସମ୍ପାଦନ ହେବ ତା' ଉପରେ ଧାନ ଦେବି ବୋଲି ନୂତନ ଅତିରିକ୍ତ ଜିଲାପାଳ କହିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

**ଫୁଲବାଣୀ ଅଫିସ, ୨୨।୨:** ଫୁଲବାଣୀ ବ୍ଲକ କେରେଡିଠାରେ ଶୁକ୍ରବାର ୨ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଫିରିଙ୍ଗିଆ ଥାନା କାମ୍ବାପଡାର ନବଘନ କହଁରା। ଗୁରୁତର ଦ୍ୱୟ ହେଲେ ଫିରିଙ୍ଗିଆ କାଳିପଙ୍ଗାର ବିବସ୍ତ ସାହୁ ଓ କେରେଡି ପଞ୍ଚାୟତ ଥାନାକାଟୁ ଗ୍ରାମର ଜଗନ୍ନାଥ ପ୍ରଧାନ। କେରେଡିରୁ ମାଘମାସ ଯାତ୍ରା ଦେଖି ଫେରୁଥିବା ବେଳେ ୨ ବାଇକ ମଧରେ ଦୁର୍ଘଟଣା ଘଟି ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ବିବସ୍ତଙ୍କ ଉପରେ ଗୋଟିଏ ବାଇକ ପିଟି ହୋଇଯାଇଥିଲା। ଦମକଳ ବାହିନୀ ୩ଜଣଙ୍କୁ ଉଦ୍ଧାର କରି ଫୁଲବାଣୀ ମେଡିକାଲକୁ ଆଣିଥିଲା।

### ୧୬ନଂ. ୱାର୍ଡ ସମସ୍ୟା ଦୂର ପାଇଁ ନିର୍ଦ୍ଦେଶ

**ହିଞ୍ଜିଳିକାଟୁ,୨୨।୨(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ସହରାଞ୍ଚଳର ୧୬ନଂ. ୱାର୍ଡ ଗାୟତ୍ରୀନଗର ୩ୟ ଲାଇନ୍ ବାସିନ୍ଦା ପାଣି, ରାସ୍ତା ଓ ଡ୍ରେନ ଦାବି କରି ପୌର କର୍ତ୍ତୃପକ୍ଷଙ୍କୁ ଗତ ୧୫ରେ ଦାବିପତ୍ର ଦେଇଥିଲେ। ଏସ୍‌ୟୁସିଆଇ କର୍ମକର୍ତ୍ତାଙ୍କ ନେତୃତ୍ୱରେ ବହୁ ସାହି ବାସିନ୍ଦା ପୌର କର୍ତ୍ତୃପକ୍ଷଙ୍କ ସହ ଅନ୍ୟ ସରକାରୀ ଅଧିକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ରାଜନୈତିକ ଅଭିସନ୍ଧି ରଖି ପୌର କର୍ତ୍ତୃପକ୍ଷଙ୍କ ଏପରି କରୁଥିବା ଲୋକେ ଅଭିଯୋଗ କରିଥିଲେ। ଏନେଇ ଧରିତ୍ରୀରେ ଗତ ୧୬ରେ ଖବର ପ୍ରକାଶ ପାଇଥିଲା। ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜିଲା ନଗର ଉନ୍ନୟନ ଏଜେନ୍ସି(ଡୁଡ଼ା) ଓ ହିଞ୍ଜିଳିକାଟୁ ପୌର କର୍ତ୍ତୃପକ୍ଷଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଥିଲା। ଗାୟତ୍ରୀ ନଗର ୩ୟ ଲାଇନରେ ପିଇବା ପାଣି ସମସ୍ୟା ସମାଧାନ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଛତ୍ରପୁରଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଛି। ଡିମାର୍କେସନ ପରେ ଉକ୍ତ ସାହିରେ ଚଉଡ଼ା ରାସ୍ତା ନିର୍ମାଣ କରାଯିବ। ୧୬ନଂ. ୱାର୍ଡ ଅଙ୍ଗନୱାଡି କେନ୍ଦ୍ର ସାମ୍ନାରେ ଡ୍ରେନେଜ ନିର୍ମାଣ ପାଇଁ ଅଟକଳ ପ୍ରସ୍ତୁତି କରାଯାଇଛି ଏବଂ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ପୌର କର୍ତ୍ତୃପକ୍ଷ କହିଛନ୍ତି।

## ■ ବିଏମସି ଅବସରପ୍ରାପ୍ତ କର୍ମଚାରୀ ସଂଘର ଚେତାବନୀ

# ସପ୍ତମ ବେତନ କମିଶନ ଲାଗୁ ନ ହେଲେ ଭୋଟ ବର୍ଜନ

**ବ୍ରହ୍ମପୁର ଅଫିସ,୨୨।୨**

ସପ୍ତମ ବେତନ କମିଶନ ସୁପାରିଶ ପୁରୁଣା ହୋଇଗଲାଣି। କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ ବର୍ଦ୍ଧିତ ଦରମା ଓ ଭତ୍ତା ପାଇସାରିଲେଣି। ତେବେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) କର୍ମଚାରୀ ଏବଂ ପେନସନଧାରୀମାନେ ଏଯାବତ ପାଇନାହାନ୍ତି। ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ରାଜ୍ୟ ସରକାର ଶୁଣୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ତେଣୁ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ପୁନର୍ବାର ଦାବି ହୋଇଛି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ କାର୍ଯ୍ୟକାରୀ ଏବଂ ସମସ୍ତ ବକେୟା ପ୍ରାପ୍ୟ ପୈଠ କରା ନ ଗଲେ ଭୋଟ ବର୍ଜନ କରାଯିବ ବୋଲି ବିଏମସି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ମନୋହର ପାତ୍ର ଶୁକ୍ରବାର ଚେତାବନୀ ଦେଇଛନ୍ତି। ସେ ଆହୁରି କହିଛନ୍ତି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର କର୍ମଚାରୀଙ୍କୁ ୭ମ ବେତନ କମିଶନ ସୁପାରିସ ଲାଗୁ କରାଯାଇଥିବା ବେଳେ କେବଳ ନିଗମ କର୍ମଚାରୀ ଓ ପେନସନ ଭୋଗୀଙ୍କୁ ଉପେକ୍ଷା କରାଯାଇଛି।

ସୂଚନାଯୋଗ୍ୟ ନିଗମରେ ସମସ୍ତ ଶ୍ରେଣୀର ୫୫୦ ନିୟମିତ କର୍ମଚାରୀ ଅଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କ ସଂଖ୍ୟା ୫୭୦। ସରକାରଙ୍କ ସବୁ ବିଭାଗରେ ସପ୍ତମ ବେତନ କମିଶନ ଲାଗୁ ହୋଇଥିବା ବେଳେ କେବଳ ନଗର ଉନ୍ନୟନ ବିଭାଗ ସଂଲଗ୍ନ ଲୋକାଲ ଅର୍ବାନ ବଡ଼ି ଯଥା ମହାନଗର ନିଗମ, ପୌରସଂସ୍ଥା ଓ ଏନଏସି କର୍ମଚାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଅନୁଧ୍ୟାନରୁ ଜଣାପଡ଼ିଛି ୨୦୧୮ ସେପ୍ଟେମ୍ବର ୧୧ରେ ବିଏମସି କର୍ପୋରେଟର ବୈଠକର ୦୭ନଂ ନିର୍ଦ୍ଧାରଣରେ ସମସ୍ତ କର୍ମଚାରୀ ଓ ପେନସନଧାରୀଙ୍କୁ ୭ମ ବେତନ କମିଶନ ସୁପାରିଶ ଅନୁସାରେ ଦରମା ଓ ଭତ୍ତା ପ୍ରଦାନ ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଅନୁମୋଦନ ପାଇଁ ସରକାରଙ୍କୁ ପଠାଯାଇଥିଲା। ଅର୍ଥ ବିଭାଗ ପକ୍ଷରୁ ମୋହର ଲଗାଯାଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପଠାଯିବା ପରେ ଆବଶ୍ୟକ ପଡୁଥିବା ଅର୍ଥ କେଉଁଠୁ ଭରଣା କରାଯିବାର ପ୍ରଶ୍ନ ବିଏମସିକୁ ମଗାଯାଇଥିଲା। ବିଭିନ୍ନ ଟିକସ ବାବଦରେ ରାଜସ୍ୱ ବୃଦ୍ଧି ଘଟିବାରେ ଲାଗିଥିବାରୁ ବର୍ଦ୍ଧିତ ଦରମା ଦେବାରେ ଅସୁବିଧା ନ ଥିବା ବିଏମସି ପକ୍ଷରୁ ଉତ୍ତର ଦିଆଯାଇଥିଲା। ତାହା ଦୀର୍ଘମାସରୁ ନଗର ଉନ୍ନୟନ ବିଭାଗରେ ପଡ଼ି ରହିଛି। ରେଗୁଲାର କର୍ମଚାରୀମାନେ ଏହାର ପ୍ରତିବାଦ ଖୋଲାଖୋଲି କରୁ ନଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀ ସଂଘ ଭୋଟ ବର୍ଜନ ଚେତାବନୀ ଦେଇଛି।

# ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଛାତ୍ରମାନେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଯାଉଛନ୍ତି।

**ବ୍ରହ୍ମପୁର ଅଫିସ, ୨୨।୨**

ପୁଲୱାମାଠାରେ ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ବିସ୍ଫୋରଣରେ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରା ଶିଶୁ ମନ୍ଦିରରୁ ବାହାରି ଗାନ୍ଧୀନଗରସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଛାତ୍ରମାନେ ସେଠାରେ ଜାତୀୟ ସଙ୍ଗୀତ ଗାନ ପୂର୍ବକ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳିଜଣାଇଥିଲେ। ସ୍ନାତକ ବିଭାଗର ଡିନ୍ ଡ. ବିବେକାନନ୍ଦ ପଣ୍ଡା, ବିଦ୍ୟାଳୟର ଅଧକ୍ଷ ଶ୍ରୀ ଏସ୍‌ମୋହନ ରାଓଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାମନ୍ଦିରର ଏନ୍‌.ସି.ସି, ସ୍କାଉଟ୍, ପ୍ଲସ୍ ୨ ଓ ପ୍ଲସ୍ ୩ର ପ୍ରାୟ ୧୦୦୦ ଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ■ଓଡ଼ିଆ ବିଭାଗର ଆଲୋଚନାଚକ୍ର

# ଆଦିବାସୀ ସଂସ୍କୃତିର ପୁନରୁଦ୍ଧାର ଜରୁରୀ



ଅତିଥିମାନେ 'ସତ୍ୟବାଦୀର ସାକ୍ଷୀଗୋପାଳ' ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୨୨।୨**

ଦକ୍ଷିଣ ଓଡିଶାର ସଂସ୍କୃତି ଓ ପରମ୍ପରା ନିଆରା। ଏହି ସଂସ୍କୃତି ମାଟି ଓ ମଣିଷ ମଧରେ ନିବିଡତାକୁ ପ୍ରତିପାଦିତ କରିଆସୁଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ବିଭାଗ ପକ୍ଷରୁ ଆୟୋଜିତ ଦକ୍ଷିଣ ଓଡିଶାର 'ଲୋକ ପରମ୍ପରା ଓ ଆଦିବାସୀ ସଂସ୍କୃତି' ଶୀର୍ଷକ ଦୁଇଦିନିଆ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନୃତତ୍ତ୍ୱବିତ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଏହା କହିଛନ୍ତି। ଦକ୍ଷିଣ ଓଡିଶାର ପ୍ରାଚୀନ ଆଦିବାସୀ ସଂସ୍କୃତି ର ପୁନରୁଦ୍ଧାର ଓ ସୁରକ୍ଷାକୁ ଗୁରୁତ୍ୱ ଦେବା ଜରୁରୀ ବୋଲି ମୁଖ୍ୟଅତିଥି କହିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡିଆ ବିଭାଗ ପକ୍ଷରୁ ୟୁଜିସିର ସ୍ୱତନ୍ତ୍ର ଅନୁଦାନ ପ୍ରକଳ୍ପ ସହାୟତାରେ ଆୟୋଜିତ ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାଶ ଉଦଘାଟନ କରିଥିଲେ । ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଅଧକ୍ଷତା କରିଥିଲେ। ଲୋକତତ୍ତ୍ୱବିତ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗର ପ୍ରାକ୍ତନ ପ୍ରଫେସର ଅଶ୍ୱିନୀ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଶ୍ୱବିଦ୍ୟାଳୟ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ଅତିଥି ଭାବେ ମଞ୍ଚାସୀନ ଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ଅଧିବେଶନରେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଡ. ସଦାନନ୍ଦ ନାୟକ, ଡ. ସନ୍ତୋଷ କୁମାର ରଥ, ପ୍ରଫେସର ନରାୟଣ ସାହୁ ଅଧକ୍ଷତା କରିଥିଲେ । ୫୦ରୁ ଉର୍ଦ୍ଧ୍ୱ ଆଲୋଚକ ଓ ପ୍ରାବନ୍ଧିକ ଆଲୋଚନାରେ ଭାଗ ନେଇଥିଲେ। ଗବେଷକ ବସନ୍ତ କୁମାର ସେଠୀଙ୍କର ରଚିତ 'ସତ୍ୟବାଦୀର ସାକ୍ଷୀଗୋପାଳ' ଶୀର୍ଷକ ପୁସ୍ତକ ଲୋକାର୍ପିତ ହୋଇଥିଲା ।

# ତିତ୍‌ଲି ସହାୟତାରେ ପାତର ଅନ୍ତର ଅଭିଯୋଗ

**ପାତ୍ରପୁର,୨୨।୨(ଡି.ଏନ୍.ଏ.)**

ତିତ୍‌ଲିରେ ପାତ୍ରପୁର ବ୍ଲକରେ ସର୍ବାଧିକ କ୍ଷତି ଘଟିଥିବା ବେଳେ ଆଦିବାସୀ ଅଧୁଷିତ ଦୁର୍ଗମ ଆଙ୍କୁଲି ଏବଂ ତୁମ୍ବା ପଞ୍ଚାୟତର ଆଦିବାସୀ ମାନେ ବାସହରା ହୋଇଥିଲେ। ସରକାରଙ୍କ ପକ୍ଷରୁ ଘରଭଙ୍ଗା ସହାୟତାରେ ବହୁ ଅନିୟମିତତା ହେବା ସହ ପାତର ଅନ୍ତର ହୋଇଥିବା ଅଭିଯୋଗ କରିଛନ୍ତି। ବାତ୍ୟାର ୪ମାସ ପରେ ମଧ ବୁରାତାଲ ପଞ୍ଚାୟତର ବହୁ ଆଦିବାସୀ ଘରଭଙ୍ଗା ଟଙ୍କା ପାଇ ନାହାନ୍ତି। ଏ ନେଇ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ କିଛି ସୁଫଳ ମିଳୁନଥିବା ସେମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଉକ୍ତ ପଞ୍ଚାୟତର ଆଦିବାସୀମାନେ ବିଡିଓ, ଅତିରିକ୍ତ ତହସିଲଦାରଙ୍କୁ ମିଶି ଅଭିଯୋଗ ପ୍ରଦାନ ସହ ତଦନ୍ତ କରି ଶୀଘ୍ର ସହାୟତା ପ୍ରଦାନ ନ କଲେ ବ୍ଲକ ଅଫିସ ସାମ୍ନାରେ ଧାରଣା ଦେବୁ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଅତିରିକ୍ତ ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର ତଦନ୍ତ ହେବ ବୋଲି କହିଥିଲେ। ଏଥିରେ ଭାଜପା ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସହ ବୁରାତାଲ ପଞ୍ଚାୟତର ବହୁ ଆଦିବାସୀ ସାମିଲ ଥିଲେ।

# ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୨୨।୨(ଡି.ଏନ.ଏ)**

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ପୋଲିସ ପକ୍ଷରୁ ଶୁକ୍ରବାର ଜାତୀୟ ସଡକ ସୁରକ୍ଷା ସପ୍ତାହ ଥାନା ଅଧିକାରୀ ଜୟଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାଧାନରେ ପାଳିତ ହୋଇଯାଇଛି। ବହୁ ସ୍ଥାନୀୟ ଲୋକଙ୍କ ସହ ରୁଷିମାଳ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ଏବଂ ଡିଗ୍ରୀ କଲେଜର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଥାନା ପରିସରରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଲୋକଙ୍କୁ ସଡକ ସୁରକ୍ଷା ନେଇ ସଚେତନ କରାଇଥିଲେ। ହେଲ୍‌ମେଟ ବ୍ୟବହାର କରିବା ଓ ଗାଡିରେ ଅଧିକ ଯାତ୍ରୀ ନ ନେବାକୁ ସଚେତନ କରାଯାଇଥିଲା। ବ୍ରାହ୍ମଣୀଗାଁ ବଜାର ଉପରେ ଅଞ୍ଚଳର କାଟିଙ୍ଗିଆ ପଞ୍ଚାୟତ ଠାରୁ କୁମ୍ଭାରିଗାଁ, ଖିଞ୍ଜିରିଗୁଡା, ଗଦାପୁର, ତାଳୁଙ୍ଗିଆ, ହାତିମୁଣ୍ଡା, ସରାମୁଳି ଆଦି ପଞ୍ଚାୟତର ହଜାର ସଂଖ୍ୟାରେ ଲୋକ ଦୈନିକ ଆସୁଥବା ବେଳେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ମଧ ବୃଦ୍ଧି ପାଉଛି। ଏନେଇ ସଚେତନ ହେବାକୁ କୁହାଯାଇଥିଲା। ସବଇନ୍‌ସପେକ୍ଟର ସଂଗ୍ରାମ କେଶରୀ ଜେନା, ଏସଆଇ ପ୍ରମୋଦ କୁମାର ଦିପ୍, ମହାବିଦ୍ୟାଳୟ ପ୍ରଧାପକମାନେ ଉପସ୍ଥିତ ଥିଲେ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଡକାୟତି ଯୋଜନା ପଣ୍ଡ: ୮ ଗିରଫ

**ଶେରଗଡ,୨୨।୨(ଡି.ଏନ୍.ଏ.)**

**୫ ବୋମା, କାତି, ଅଟୋ ଜବତ**



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ଶେରଗଡ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଏକ ଡକାୟତି ଯୋଜନା ପଣ୍ଡ କରିବା ସହ ୮ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୫ଟି ବୋମା, କାତି, ଟର୍ଚ୍ଚ ଆଦି ଜବତ କରିବା ସହ ସେମାନେ ଆସିଥିବା ଏକ ଅଟୋକୁ ମଧ ପୋଲିସ ଜବତ କରିଛି। ଏନେଇ ନଂ.୧୦/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟରେ ହାଜର ପରେ ଜେଲ ହାଜତକୁ ପଠାଇଦିଆଯାଇଛି।

ପ୍ରକାଶ ଯେ, ଆମ୍ବୁଆବାଡି ଗ୍ରାମ ଛକରେ ଥିବା ବିଶ୍ରାମାଗାରରେ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ବସି ଡକାୟତି ଯୋଜନା କରୁଥିବା ଶେରଗଡ ପୋଲିସ ଖବର ପାଇଥିଲା। ଏଏସଆଇ ବିଷ୍ଣୁପ୍ରସାଦ ଦାଶ ସଦଳବଳ ସେଠାରେ ଚଡାଉ କରି ୮ଜଣଙ୍କୁ କାବୁ କରିଥିଲେ। ଘଟଣାସ୍ଥଳରୁ ଅନ୍ୟ ୩ଜଣ ଫେରାର ହୋଇଯାଇଥିଲେ। ଗିରଫମାନେ ହେଲେ ସାତପେଣ୍ଠଗୋପାଳପୁରର ଅଶ୍ୱିନୀ ଗୌଡ, ଗୋସାଣିନୂଆଗାଁର ଶଙ୍କର କୁମାର ମହାନ୍ତି, ପ୍ରତାପପୁରର ମହେନ୍ଦ୍ର ପ୍ରଧାନ, ବେଣାକୁଣ୍ଡାର ରାଜୀବ କୁମାର ପ୍ରଧାନ, ତନରଡାର କୃଷ୍ଣଚନ୍ଦ୍ର ବରାଡ, ଭଞ୍ଜନଗର ସାନଧୋବାସାହିର ରାକେଶ କୁମାର ବେହେରା, ଛଟା ମୁଣ୍ଡଳିର ଅମିତ କୁମାର ରାଉଳ, ଖୋର୍ଦ୍ଧା ଜିଲା ଟାଙ୍ଗି ଅଞ୍ଚଳର ଆଶିଶ କୁମାର ରାଜ। ସେମାନଙ୍କ ଠାରୁ ୫ଟି ବୋମା, ୩ଟି କାତି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଉକ୍ତ ଡକାୟତ ଦଳ ଆସିଥିବା ଏକ ଅଟୋ (ନଂ.ଓଆର୦୫ଏକ୍ସ-୮୭୬୩)କୁ ମଧ ପୋଲିସ ଜବତ କରିଛି। ଏକ ବଡଧରଣର ଡକାୟତି ପାଇଁ ଏମାନେ ଯୋଜନା କରୁଥିବା ପୋଲିସ ଜାଣିବାକୁ ପାଇଛି। ଗିରଫ ୮ ଜଣଙ୍କୁ ଶେରଗଡ କୋର୍ଟରେ ହାଜର ପରେ ଆସିକା ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅନିଲଙ୍କ ନାମରେ ଶେରଗଡ ଓ ହିଞ୍ଜିଳି ଥାନାରେ ଏକାଧିକ ମାମଲା ଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି। ଫେରାର ୩ଜଣଙ୍କୁ ଧରିବାକୁ ଚଡାଉ ଜାରି ରହିଛି।

## ମୀମାଂସା ଯୋଜନା ଆମନ୍ତ୍ରଣ

ଇନ୍‌ସଲଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ (''ଆଇବିସି'') ଅଧୀନରେ ନିମ୍ନଦର୍ଶିତ କର୍ପୋରେଟ ଋଣୀଙ୍କ କର୍ପୋରେଟ ଇନ୍‌ସଲଭେନ୍ସି ସମାଧାନ ପ୍ରକ୍ରିୟା ପାଇଁ ମୀମାଂସା ଯୋଜନା ଆମନ୍ତ୍ରଣ କରାଯାଉଛି।

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧. | କର୍ପୋରେଟ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ୍ ପାୱାର କମ୍ପାନୀ ଲିମିଟେଡ୍ (''କର୍ପୋରେଟ ଋଣୀ'') |
| ୨. | କର୍ପୋରେଟ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩. | କର୍ପୋରେଟ ଋଣୀ କେଉଁ କର୍ତ୍ତୃପକ୍ଷଙ୍କ ଅଧୀନରେ ନିଗମୀକୃତ/ପଞ୍ଜୀକୃତ | ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍ - କଟକ |
| ୪. | କର୍ପୋରେଟ ଋଣୀଙ୍କ କର୍ପୋରେଟ ପରିଚୟ ସଂଖ୍ୟା/ ଲିମିଟେଡ୍ ଲାୟାବିଲିଟି ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ପଞ୍ଜୀକୃତ କାର୍ଯ୍ୟାଳୟ: ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା-୭୫୩୦୧୦ |
| ୬. | ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା, ଇମେଲ୍ ଠିକଣା ଏବଂ ପଞ୍ଜୀକରଣ ସଂଖ୍ୟା | ପଙ୍କଜ ଧାନୁକା<br>ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧<br>ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା।<br>ପଶ୍ଚିମବଙ୍ଗ, ୭୦୦୧୦୬<br>ପଞ୍ଜୀକୃତ ଇମେଲ: pankajdhanuka@gmail.com<br>ଯୋଗାଯୋଗ ଠିକଣା:<br>ଡେଲୋଇଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍ଏଲ୍‌ପି,<br>୧୩ ମହଲା, ବିଲ୍ଡିଂ - ଓମେଗା,<br>ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍-ଇପି ଓ ଜିପି<br>ସେକ୍ଟର-ଭି, ସଲ୍ଟ ଲେକ ସିଟି, ପଶ୍ଚିମବଙ୍ଗ ୭୦୦୦୯୧<br>ଯୋଗାଯୋଗ ଇମେଲ: inmtpclip@deloitte.com |
| ୭. | କର୍ପୋରେଟ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ | ଜୁନ୍ ୮, ୨୦୧୮ |
| ୮. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | ଏପ୍ରିଲ ୭, ୨୦୧୯ |

କର୍ପୋରେଟ ଋଣୀଙ୍କ ମୀମାଂସା ବୃତ୍ତିଧାରୀ ଶ୍ରୀ ପଙ୍କଜ ଧନୁକା (''ଆରପି'')ଙ୍କ ଉପରେ ଆଇବିସିର ଧାରା ୨୫(୨)(ଏଚ୍)ର ନିୟମ ଅଧୀନରେ ନ୍ୟସ୍ତ କର୍ତ୍ତବ୍ୟ କ୍ରମେ, ଆରପି ଅକ୍ଟୋବର ୨୯, ୨୦୧୮ ଦିନ ଆଗ୍ରହର ପରିପ୍ରକାଶ ଦାଖଲ ପାଇଁ ଆମନ୍ତ୍ରଣ ମାଧ୍ୟମରେ କର୍ପୋରେଟ ଋଣୀଙ୍କ ସଂକ୍ରାନ୍ତରେ ମୀମାଂସା ଯୋଜନା ଉପସ୍ଥାପନ କରିବା ପାଇଁ ସମ୍ଭାବ୍ୟ ଯୋଗ୍ୟ ମୀମାଂସା ଆବେଦନକାରୀଙ୍କୁ ଆମନ୍ତ୍ରଣ ଜଣାଇଥିଲେ (ଯାହା ସଂଶୋଧିତ ହୋଇ ନଭେମ୍ବର ୧୯, ୨୦୧୮ ଦିନ ପୁନଃ ପ୍ରକାଶିତ ହୋଇଥିଲା)।

ସିପି (ଆଇବି) ନଂ.୧୨୯/କେବି/୨୦୧୮ରେ ସଂଖ୍ୟା ସିଏ(ଆଇବି) ନଂ. ୯୪୮/କେପି/୨୦୧୯ଧାରୀ ଆବେଦନରେ ମାନ୍ୟବର ଏନ୍‌ସିଏଲ୍‌ଟି, କୋଲକାତା ଖଣ୍ଡପୀଠଙ୍କ ଦ୍ୱାରା ମଞ୍ଜୁର ସମୟକୁ ଛାଡ଼ି ଏବଂ ଫେବୃୟାରୀ ୧୫ ୨୦୧୯ରେ ଋଣଦାତା କମିଟି (''ସିଓସି'')ର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଅକ୍ଟୋବର ୨୯, ୨୦୧୮ରେ ପ୍ରକାଶିତ (ଯାହା ସଂଶୋଧିତ ହୋଇ ନଭେମ୍ବର ୧୯, ୨୦୧୮ ଦିନ ପୁନଃ ପ୍ରକାଶିତ ହୋଇଥିଲା) ଆଗ୍ରହର ପରିପ୍ରକାଶ ଦାଖଲ ପାଇଁ ଆମନ୍ତ୍ରଣ କରୁଥିବା ମୀମାଂସା ଯୋଜନାର ବିଦ୍ୟମାନ ଆମନ୍ତ୍ରଣରୁ ରଦ୍ଦ ଓ ବାତିଲ କରାଯାଉଛି ଏବଂ ଆଇବିର ଧାରା ୨୯ଏ ଅଧୀନରେ ଅଯୋଗ୍ୟ ନ ଥିବା ସମସ୍ତ ସମ୍ଭାବ୍ୟ ମୀମାଂସା ଆବେଦନକାରୀ (''ସମ୍ଭାବ୍ୟ ମୀମାଂସା ଆବେଦନକାରୀ'')ଙ୍କ ପାଇଁ ଏତଦ୍ଦ୍ୱାରା ଏକ ନୂଆ ଆମନ୍ତ୍ରଣ ଜାରି କରାଯାଉଛି, ଯେ

ଉପରଦର୍ଶିତ ସମୟରେଖା ଅନୁଯାୟୀ କର୍ପୋରେଟ ଋଣୀଙ୍କ ପାଇଁ ମୀମାଂସା ଯୋଜନା ଦାଖଲ କରନ୍ତୁ। ଆଇବିସିର ଧାରା ୨୯ଏ ଅଧୀନରେ ସମ୍ଭାବ୍ୟ ମୀମାଂସା ଆବେଦନକାରୀ ଅଯୋଗ୍ୟ ନୁହନ୍ତି ଏ ସଂକ୍ରାନ୍ତୀୟ ପ୍ରମାଣ ପାଇଁ, ପ୍ରତ୍ୟେକ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ସେମାନଙ୍କ ମୀମାଂସା ଯୋଜନା ସହିତ ଏକ ସତ୍ୟପାଠ (କର୍ପୋରେଟ ଋଣୀଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ଆକାର ଓ ପଦ୍ଧତିରେ) ଦାଖଲ କରିବାକୁ ହେବ।

କର୍ପୋରେଟ ଋଣୀଙ୍କ ପାଇଁ ମୀମାଂସା ଯୋଜନା ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଆରପିଙ୍କ ନିକଟରେ ବିଧିବଦ୍ଧ ଭାବେ ଷ୍ଟାମ୍ପଯୁକ୍ତ ଏବଂ ସ୍ୱାକ୍ଷରିତ ଗୋପନୀୟତା ଘୋଷଣାନାମା (ଯାହାର ଫର୍ମାଟ୍ କର୍ପୋରେଟ ଋଣୀଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ) ସମେତ ଏକ ଆଗ୍ରହର ପରିପ୍ରକାଶ ଦାଖଲ କରିବାକୁ ହେବ, ଯାହା ପରେ ଆରପି ସେମାନଙ୍କୁ କର୍ପୋରେଟ ଋଣୀଙ୍କ ସଂକ୍ରାନ୍ତୀୟ ସୂଚନା ସ୍ମାରକ ଏବଂ ଅନ୍ୟାନ୍ୟ ସମ୍ପର୍କିତ ସୂଚନା ଉପଲବ୍ଧ କରାଇବେ।

ଅଧିକନ୍ତୁ, ମୀମାଂସା ଯୋଜନା ଏବଂ ଅନ୍ୟ କୌଣସି ମାନଦଣ୍ଡର ମୂଲ୍ୟାୟନ ପାଇଁ ସିଓସି ମୀମାଂସା ଆବେଦନକାରୀଙ୍କ ନିମନ୍ତେ ପୃଥକ୍ ଭାବେ ମୂଲ୍ୟାୟନ ମାନଦଣ୍ଡ ନିର୍ଦ୍ଧାରିତ କରିପାରନ୍ତି। ଆରପି, ସିଓସିଙ୍କ ତରଫରୁ ଓ ତାଙ୍କ ନିର୍ଦ୍ଦେଶକ୍ରମେ, ଏଠାରେ ବର୍ଣ୍ଣିତ ମୀମାଂସା ଯୋଜନା ଦାଖଲର ଶେଷ ତାରିଖ ପୂର୍ବରୁ, ଆରପିଙ୍କ ସନ୍ତୁଷ୍ଟି ଅନୁଯାୟୀ ଆକାର ଓ ପଦ୍ଧତିରେ ଆଗ୍ରହର ପରିପ୍ରକାଶ ଓ ଗୋପନୀୟତା ଘୋଷଣାନାମା ଦାଖଲ କରିଥିବା ସମସ୍ତ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଏକ ପ୍ରକ୍ରିୟା ଦଲିଲ ଜାରି କରିବେ, ଯେଉଁଥିରେ ମୀମାଂସା ଯୋଜନା ଦାଖଲ ପାଇଁ ସବିସ୍ତୃତ ନିୟମ ଏବଂ ମୂଲ୍ୟାୟନ ମାନଦଣ୍ଡ ରହିବ।

ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଉପରଦର୍ଶିତ ସମୟରେଖା ଏବଂ କର୍ପୋରେଟ ଋଣୀଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ କିମ୍ବା ଆରପିଙ୍କ ଦ୍ୱାରା ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ସୂଚିତ କରାଯାଇଥିବା ଏପରି ଅନ୍ୟାନ୍ୟ ସମୟରେଖା ମଧ୍ୟରେ କର୍ପୋରେଟ ଋଣୀଙ୍କ ସଂକ୍ରାନ୍ତରେ ନିଜର ମୀମାଂସା ଯୋଜନା ଉପସ୍ଥାପନ କରିବାକୁ ହେବ।

ଦୟାକରି ଧାନରେ ରଖନ୍ତୁ ଯେ, ଆଇବିସିର ଧାରା ୩୦(୨)ର ଆବଶ୍ୟକତା ଏବଂ ସିଆଇଆରପି ନିୟମାବଳୀର ବ୍ୟବସ୍ଥାପନକୁ ପୂରଣ କରୁଥିବା ଏପରି ମୀମାଂସା ଯୋଜନାଗୁଡ଼ିକୁ ଆରପି ଆଇବିସି ଅଧୀନରେ ସେଗୁଡ଼ିକର ଅନୁମୋଦନ ପାଇଁ ସିଓସି ନିକଟରେ ଉପସ୍ଥାପନ କରିବେ। ସମସ୍ତ ସମ୍ଭାବ୍ୟ ମୀମାଂସା ଆବେଦନକାରୀମାନେ ଏହି ଆମନ୍ତ୍ରଣ ସଂକ୍ରାନ୍ତରେ ମୀମାଂସା ଯୋଜନା ଏବଂ ତାହା ଅଧୀନ ସମସ୍ତ ମାମଲା ପାଇଁ ବର୍ତ୍ତମାନ ପ୍ରଚଳିତ କିମ୍ବା ଭବିଷ୍ୟତରେ ପ୍ରଚଳିତ ହେବାକୁ ଥିବା ଆଇବିସିର ସମସ୍ତ ଆବଶ୍ୟକତା ଏବଂ ଆଇବିସି ଅଧୀନରେ ପ୍ରଯୁଜ୍ୟ ସମସ୍ତ ନିୟମାବଳୀକୁ ପଢ଼ିବା, ବୁଝିବା ଏବଂ ତାହାର ଅନୁପାଳନ କରିବା ଜରୁରୀ।

ଆରପିଙ୍କ ଦ୍ୱାରା ସିଓସିକୁ ଦାଖଲ କରାଯାଇଥିବା ମୀମାଂସା ଯୋଜନାଗୁଡ଼ିକର ବିଚାର, ମୂଲ୍ୟାୟନ ଏବଂ ଅନୁମୋଦନ ଆଇବିସିର ବ୍ୟବସ୍ଥାପନ ଅଧୀନରେ ସିଓସିଙ୍କ କ୍ଷମତା ମଧ୍ୟରେ ରହିବ। ସମ୍ଭାବ୍ୟ ମୀମାଂସା ଆବେଦନକାରୀ କିମ୍ବା ଆରପିଙ୍କୁ କୌଣସି କାରଣ ନ ଦର୍ଶାଇ ଆରପିଙ୍କ ଦ୍ୱାରା ଅଭିପ୍ରେରିତ ଯେକୌଣସି ମୀମାଂସା ଯୋଜନାକୁ ଅନୁମୋଦନ କିମ୍ବା ରଦ୍ଦ କରିବାର ଅଧିକାର ସିଓସିଙ୍କ ନିକଟରେ ରହିବ।

କୌଣସି କାରଣ ନ ଦର୍ଶାଇ ଏବଂ କୌଣସି ପ୍ରକୃତିର ଉତ୍ତରଦାୟିତା ବିନା ଆମନ୍ତ୍ରଣକୁ ସଂଶୋଧନ କିମ୍ବା ପରିବର୍ତ୍ତନ କରିବାର ଅଧିକାର ଆରପିଙ୍କ ନିକଟରେ ସଂରକ୍ଷିତ। କୌଣସି ସଂଶୋଧନ କିମ୍ବା ପରିବର୍ତ୍ତନ କର୍ପୋରେଟ ଋଣୀଙ୍କ ୱେବ୍‌ସାଇଟ୍ - www.mtpcl.inରେ ସ୍ଥାନିତ କରାଯିବ। ସଦ୍ୟତମ ସୂଚନା ପାଇଁ ନିୟମିତ ଭାବେ ୱେବ୍‌ସାଇଟ୍ ଦେଖିବା ପାଇଁ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ କରାଯାଉଛି।

କୌଣସି ସ୍ପଷ୍ଟୀକରଣ ପାଇଁ, ଦୟାକରି ନିଃସଙ୍କୋଚରେ ଯୋଗାଯୋଗ କରନ୍ତୁ: inmtpclip@deloitte.com

ଫେବୃୟାରୀ ୨୩, ୨୦୧୯ ସ୍ୱା./-
କୋଲକାତା ପଙ୍କଜ ଧାନୁକା
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା:
ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା,
ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
ଯୋଗାଯୋଗ ଇମେଲ୍: inmtpclip@deloitte.com
ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ

# ବ୍ରହ୍ମପୁରରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ବ୍ରହ୍ମପୁର ଅଫିସ,୨୨।୨**

ବ୍ରହ୍ମପୁରରେ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଗୋସାଣି ନୂଆଗାଁ ଅଞ୍ଚଳରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫ ଶହରୁ ଊର୍ଦ୍ଧ୍ୱ ଏଲପିଜି ବ୍ୟବହାରକାରୀ ମହିଳା ହିତାଧିକାରୀ ସାମିଲ ହୋଇଥିଲେ। ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଉଜ୍ଜ୍ୱଳା ଏବଂ ସୁରକ୍ଷିତ ଏଲପିଜି ବ୍ୟବହାର ସମ୍ପର୍କରେ ସେମାନଙ୍କୁ ସଚେତନ କରାଯାଇଥିଲା। ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଗୋଷାଣି ନୂଆଗାଁ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଉପସଭାପତି ସୁନୀଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ଶରତ କୁମାର ସାହୁ, ମଦନ ମୋହନ ପାତ୍ର, ସୁନୀଲ ପାତ୍ର, ସଂଯୁକ୍ତା ପାଣିଗ୍ରାହୀ, ସୁପ୍ରଭା ପଣ୍ଡା, ସୁଶିଳା ସିଂ, ସବିତା ନାୟକ ଓ ପ୍ରଭାତୀ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ବିଏମସିର ପ୍ରାକ୍ତନ ମେୟର ଶିବ ଶଙ୍କର ଦାସଙ୍କ ସ୍ତ୍ରୀ ଆଶା କୁମାରୀ ଦାସ ଅନ୍ୟତମ ଅତିଥି ଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ, ପୂର୍ବତନ କର୍ପୋରେଟର ତଥା ମହିଳା ମୋର୍ଚ୍ଚା ନେତ୍ରୀ ନମିତାରାଣୀ ପଣ୍ଡା ମଞ୍ଚାସୀନ ଥିଲେ। ଉଜ୍ଜ୍ୱଳା ଯୋଜନା ଦାୟିତ୍ୱରେ ଥିବା ପଦାଧିକାରୀ ଦେବୀ ପ୍ରସାଦ ପୁହାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ। ଜାତୀୟ ସ୍ତରରେ ୨୦୧୪ରୁ ୨୦୧୮ ମଧ୍ୟରେ ଏଲପିଜି ହିତାଧିକାରୀଙ୍କ ସଂଖ୍ୟା ୨୦.୨୨ ଲକ୍ଷରୁ ୩ ଗୁଣ ବୃଦ୍ଧି ପାଇ ୭୫ ଲକ୍ଷରେ ପହଞ୍ଚିଛି। ସେହିପରି ଓଡ଼ିଶାରେ ମଧ ଏଲପିଜି ସଂଯୋଗୀକରଣ ୨୦% ରୁ ୭୦%କୁ ବୃଦ୍ଧି ପାଇଥିବା ସୂଚନା ଦିଆଯାଇଥିଲା। ଶେଷରେ ପ୍ରସନ୍ନ ପାଢ଼ୀ ଧନ୍ୟବାଦ ଦେଇଥିଲେ ।



## ସଂକ୍ଷେପରେ

**ଢେଙ୍କାନାଳ ଶେଲ୍ଟର ହୋମ ଯୌନ ନିର୍ଯାତନା ମାମଲା**

### ମୁଖ୍ୟ ଅଭିଯୁକ୍ତ, ସହଯୋଗୀଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ,୨୨।୨:** ଢେଙ୍କାନାଳର ଗୁଡ୍ ନ୍ୟୁଜ ଇଣ୍ଡିଆ ଶେଲ୍ଟର ହୋମ ଯୌନ ନିର୍ଯାତନା ମାମଲାର ମୁଖ୍ୟ ଅଭିଯୁକ୍ତ ଫଂୟାଜ ରହମନ ଓ ତାଙ୍କ ସହଯୋଗୀ ଉଦିତ କୁମାର ଲିମାଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ଉଭୟଙ୍କ ଜାମିନ ଆବେଦନର ଶୁଣାଣି ଗତ ୨୦ ତାରିଖରେ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ଇଜିଲାସରେ ହୋଇଥିଲା। ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି କରି ବିଚାରପତି ନିଜ ରାୟକୁ ସଂରକ୍ଷିତ ରଖିଥିଲେ। ତେବେ ଶୁକ୍ରବାର ଏହି ରାୟ ପ୍ରକାଶ ପାଇଛି। ଯେଉଁଥିରେ ଉଭୟଙ୍କ ଜାମିନ ଆବେଦନକୁ ଖାରଜ କରାଯାଇଛି। ସୂଚନାଥାଉ କି, ଉକ୍ତ ଶେଲ୍ଟର ହୋମରେ ରହୁଥିବା ଅନ୍ତେବାସୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ସେଲ୍ଟର ହୋମର ମୁଖ୍ୟ ଫଂୟାଜ ରହମନ ଓ ତାଙ୍କର ସହଯୋଗୀମାନଙ୍କୁ ଗିରଫ କରିଥିଲା। ତଳ କୋର୍ଟରେ ଏମାନଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କ ମଧ୍ୟରୁ ଫଂୟାଜ ଓ ଲିମା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଖୁସି ଯୋଜନାକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୨୨।୨(ବ୍ୟୁରୋ)

- ୧୭.୨୫ ଲକ୍ଷ ଛାତ୍ରୀଙ୍କୁ ମିଳିବ ମାଗଣା ସାନିଟାରୀ ନାପକିନ
- ୫ ବର୍ଷରେ ଖର୍ଚ୍ଚ ହେବ ୪୬୬ କୋଟି
- ସବୁ ସହରରେ ଆହାର
- ଦୈନିକ ୧ ଲକ୍ଷ ଲୋକଙ୍କୁ ୫ଟଙ୍କିଆ ଡାଲମା ଭାତ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ୮ଟି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ କରିଛି। ସରକାରୀ ସ୍କୁଲ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟରେ ପାଠ ପଢୁଥିବା ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ ରାଜ୍ୟ ସରକାର ଖୁସି ଯୋଜନାରେ ମାଗଣା ସାନିଟାରୀ ନାପକିନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ଯୋଜନାରେ ପ୍ରତ୍ୟେକ ଛାତ୍ରୀଙ୍କୁ ମାସକୁ ୧୮ଟି ଲେଖାଏ ସାନିଟାରୀ ନାପକିନ ଯୋଗାଇ ଦିଆଯିବ। ଏଥିରେ ୧୭ ଲକ୍ଷ ୨୫ ହଜାର ଛାତ୍ରୀ ଉପକୃତ ହେବେ। ଏହି ଯୋଜନାରେ ୫ ବର୍ଷ ପାଇଁ ୪୬୬ କୋଟି ଟଙ୍କା ଖର୍ଚ୍ଚ ହେବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ଘୋଷଣା କରିଥିଲେ। ହୋମିଓପାଥିକ ନିଯୁକ୍ତି ନିୟମରେ ସଂଶୋଧନ କରାଯାଇଛି। ନିଯୁକ୍ତି ପାଇଁ ଆବେଦନ କରିବାକୁ ଥିବା ବୟସ ସୀମାରେ କୋହଳ କରାଯାଇଛି। ଏଣିକି ହୋମିଓପାଥିକ ନିଯୁକ୍ତି ପାଇଁ ବୟସ ସୀମା ୪୦ ବର୍ଷ ରହିବ। ପୂର୍ବରୁ ୩୨ ବର୍ଷ ଥିଲା। ଗତ କିଛିବର୍ଷ ହେବ ହୋମିଓପାଥିକରେ କୌଣସି ନିଯୁକ୍ତି ଦିଆଯାଇନଥିବାରୁ ପୂର୍ବତନ ଛାତ୍ରୀଛାତ୍ରମାନଙ୍କୁ ସୁଯୋଗ ଦେବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି। ସବୁ ସହରରେ ଆହାର କେନ୍ଦ୍ର ଖୋଲିବ। ରାଜ୍ୟରେ ଥିବା ୧୧୪ଟି ପୌରାଞ୍ଚଳରେ ୧୫୭ଟି ଆହାର କେନ୍ଦ୍ର ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଦୈନିକ ୧ ଲକ୍ଷ ଲୋକଙ୍କୁ ୫ ଟଙ୍କିଆ ଡାଲମା ଭାତ ଯୋଗାଇ ଦିଆଯିବ। କେତେକ ସ୍ଥାନରେ ରାତ୍ରିରେ ମଧ୍ୟ ଖାଇବାକୁ ମିଳିବ। ଏଥିପାଇଁ ବାର୍ଷିକ ୬୦ କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଡିସେମ୍ବର ୩୧ ତାରିଖରେ ସମସ୍ତ ସହରରେ ଆହାର କେନ୍ଦ୍ର ଖୋଲିବାକୁ ଘୋଷଣା କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।



ଭୁବନେଶ୍ୱର ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲରେ ଛାତ୍ରୀଛାତ୍ରମାନେ ଶୁକ୍ରବାର ଆରମ୍ଭ ହୋଇଥିବା ଆଇସିଏସ୍‌ଇ ଦଶମ ପରୀକ୍ଷା ଦେଉଛନ୍ତି।

## ଚିଲିକା ବ୍ଲକ ଉପାଧ୍ୟକ୍ଷ ଭାଜପାରୁ ନିଲମ୍ବିତ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ):** ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଉପାଧ୍ୟକ୍ଷ ଉତ୍ପଳ ପାଇକରାୟ ଓ ସରପଞ୍ଚ ମମତା ପାଇକରାୟଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ଏନେଇ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳର ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

## ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହାନ୍ତି ଦୀପିକା



**ମୁମ୍ବାଇ:** କେବେ ରାଜନୀତିରେ ଯୋଗଦେଲେ ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହିଁବେ ବୋଲି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସମୟର ସର୍ବାଧିକ ସଫଳ ଅଭିନେତ୍ରୀଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଦୀପିକା। ସେ ପ୍ରାୟତଃ ପ୍ରତ୍ୟେକ ଦିନ ବିଶେଷ କାର୍ଯ୍ୟକ୍ରମ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି। ନିକଟରେ ହୋଇଥିବା ଏକ କାର୍ଯ୍ୟକ୍ରମରେ ତାଙ୍କୁ ରାଜନୀତିରେ ଯୋଗଦେବା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ସେ କହିଥିଲେ, ରାଜନୀତିରେ ତାଙ୍କର ବିଶେଷ କିଛି ଅଭିଜ୍ଞତା ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, ତାଙ୍କର ଭବିଷ୍ୟତରେ ସେପରି କିଛି ଯୋଜନା ଅଛି। କେବେ ରାଜନୀତିରେ ମିଶିବାର ସୁଯୋଗ ମିଳିଲେ ସେ ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଅଧିକ ପସନ୍ଦ କରିବେ। କାରଣ ସେ ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ଦୀପିକାଙ୍କୁ ମେଘ୍‌ନା ଗୁଲ୍‌ଜାରଙ୍କ 'ଛପକ'ରେ ଦେଖିବାକୁ ମିଳିବ। ଏସିଡ୍ ଆକ୍ରମଣର ଶିକାର ହୋଇ ବଞ୍ଚିଯାଇଥିବା ଜଣେ ମହିଳା (ଲକ୍ଷ୍ମୀ)ଙ୍କ ଭୂମିକାରେ ସେ ଅଭିନୟ କରିଛନ୍ତି। ଉକ୍ତ ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନୟ କରିଛନ୍ତି ବିକ୍ରାନ୍ତ ମାସି। ଫିଲ୍ମର ଶୁଟିଂ କାର୍ଯ୍ୟ ଚାଲୁରହିଥିବା ବେଳେ ଏହା ଖୁବ୍ ଶୀଘ୍ର ମୁକ୍ତିଲାଭ କରିବ।

## ବାଘ ନୁହେଁ ବୋଲି ପଗ୍‌ମାର୍କରୁ ସ୍ପଷ୍ଟ

**ପୁଣି ରାଜଧାନୀରେ ବାଘ ଆତଙ୍କ**

**ଭୁବନେଶ୍ୱର,୨୨।୨(ବ୍ୟୁରୋ):** ରାଜଧାନୀରେ ପୁଣି ବାଘ ଆତଙ୍କ। ରଙ୍ଗମାଟିଆ ତଳସାହି ଅଞ୍ଚଳରେ ବାଘ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗୁରୁବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ କେଶବ ମନ୍ତ୍ରୀ ନାମକ ବ୍ୟକ୍ତି ଏହି ଅଞ୍ଚଳରେ ବାଘ ବୁଲୁଥିବାର ଦେଖିଥିବା କହିଥିଲେ। ଖବର ପାଇ ଶୁକ୍ରବାର ସକାଳୁ ବନ ବିଭାଗ ଉକ୍ତ ଅଞ୍ଚଳକୁ ଯାଇ ତନାଘନା କରିଥିଲା। ନଗର ବନଖଣ୍ଡ ପକ୍ଷରୁ ଏସିଏଫ୍ ଗୋବିନ୍ଦ ବିଶ୍ୱାଳ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକଙ୍କ ସମେତ ୧୦ଜଣିଆ ଟିମ୍ ଘଟଣାସ୍ଥଳକୁ ଯାଇ ପଚରାଉଚରା କରିଥିଲେ। ସେଠାରେ ପାଦଚିହ୍ନ ଦେଖି ତା'ର ପଗ୍‌ମାର୍କ ସଂଗ୍ରହ କରିଥିଲେ। ପରେ ତାକୁ ନନ୍ଦନକାନନରେ ପରୀକ୍ଷା କରିବା ପରେ ତାହା ବାଘର ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ସିଟି ଡିଏଫ୍‌ଓ ଅଶୋକ ମିଶ୍ର କହିଛନ୍ତି। ତଥାପି ରାତିସାରା ପାଟ୍ରୋଲିଂ କରାଯିବ ବୋଲି ଗୋବିନ୍ଦ ବିଶ୍ୱାଳ କହିଛନ୍ତି। ଯେହେତୁ ପାଦଚିହ୍ନରୁ ବାଘ ନୁହେଁ ବୋଲି ପ୍ରମାଣିତ ହୋଇସାରିଛି, ତେଣୁ ଲୋକେ ଭୟ ନ କରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। କାରଣ କିଛିଦିନ ତଳେ ବିମାନବନ୍ଦର ପରିସରରୁ ଏକ କଲରାପତରିଆ ବାଘକୁ ଉଦ୍ଧାର କରାଯାଇଥିଲା। ଜନବସତିରେ ବାଘ ପଶିବାର ଭୟ ଥମି ନ ଥିବାବେଳେ ପୁଣି ଏଭଳି ଘଟଣା ରାଜଧାନୀବାସୀଙ୍କୁ ଆହୁରି ଭୟଭୀତ କରାଇଦେଇଛି।

## ସଦାଶିବ ପ୍ରଧାନୀ, ବହୁ ଅବସରପ୍ରାପ୍ତ କର୍ମଚାରୀ ବିଜେଡିରେ ସାମିଲ

**ଭୁବନେଶ୍ୱର,୨୨।୨(ବ୍ୟୁରୋ):** ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଅନ୍ୟ ଦଳର ନେତାଙ୍କୁ ନିଜଆଡ଼କୁ ଟାଣିବା ପାଇଁ ସମସ୍ତେ ପ୍ରୟାସ କରୁଛନ୍ତି। ଶାସକ ବିଜେଡି ମଧ୍ୟ ଏହି ପ୍ରକ୍ରିୟାରେ ଅନ୍ୟ ଦଳଗୁଡ଼ିକଠାରୁ ସାମାନ୍ୟ ଆଗରେ ଥିବା ମନେହେଉଛି। ଅନ୍ୟ ଦଳର ବିଧାୟକ ହୁଅନ୍ତୁ ବା ତୃଣମୂଳସ୍ତରୀୟ ନେତା ସମସ୍ତଙ୍କୁ ନିଜ ଆଡ଼କୁ ଆଣୁଛି। ଏହି କ୍ରମରେ ଶୁକ୍ରବାର ନବରଙ୍ଗପୁରର ସଦାଶିବ ପ୍ରଧାନୀ ବିଜେଡିରେ ସାମିଲ ହୋଇଛନ୍ତି। ସଦାଶିବ ଜଣେ ବର୍ଷୀୟାନ୍ କଂଗ୍ରେସ ନେତା ତଥା ନବରଙ୍ଗପୁର ଏମ୍‌ପି ଖଗପତି ପ୍ରଧାନୀଙ୍କ ପୁତୁରା ଏବଂ ନବରଙ୍ଗପୁର ଜିଲାର ପ୍ରଥମ ଜିଲା ପରିଷଦ ଅଧ୍ୟକ୍ଷ ଗୋପୀନାଥ ପ୍ରଧାନୀଙ୍କ ପୁତ୍ର । ନାଲ୍‌କୋର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପଦବୀରୁ ଇସ୍ତଫା ଦେଇ ନବୀନ ନିବାସରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।

ସଦାଶିବ କହିଛନ୍ତି ଯେ, ବିଜୁବାବୁଙ୍କ ଆଦର୍ଶ ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଛି। ସେ ସାଧାରଣ ଜୀବନରୁ ଆସିଛନ୍ତି। ତେଣୁ ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲାର ବିକାଶ ପାଇଁ କାମ କରିବେ ବୋଲି ପ୍ରଧାନୀ କହିଛନ୍ତି। ସଦାଶିବଙ୍କ ଯୋଗଦାନ ସମୟରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଏମ୍‌ପି ବଳଭଦ୍ର ମାଝି, ପ୍ରତାପ ଦେବ, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ଜିଲା ବିଜେଡି ସଭାପତି ପ୍ରହଲ୍ଲାଦ ତ୍ରିପାଠୀ ଓ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଦାଶିବଙ୍କୁ ବାଦ୍ ଦେଇ ଏକାଧିକ ଅବସରପ୍ରାପ୍ତ ଅଧ୍ୟାପକ, ପ୍ରଶାସନିକ ଅଧିକାରୀ ଓ କଳାକାରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ହେଉଛନ୍ତି– ସାଲେପୁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବ୍ରହ୍ମାନନ୍ଦ ଶତପଥୀଙ୍କ ପୁତ୍ର ତଥା ସ୍ତମ୍ଭକାର ଗିରିଶ୍ ଚନ୍ଦ୍ର ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. ସୁଲୋଚନା ଦାସ, ପ୍ରଫେସର ଡ. କପିଳେଶ୍ୱର ମିଶ୍ର, ଓଡ଼ିଶା ହାଇକୋର୍ଟ ଆଇନଜୀବୀ ଜୟନ୍ତ କୁମାର ବିଶ୍ୱାଳ ଓ କିରଣ ରାଉତ, ପ୍ରଫେସର ଜୟକୃଷ୍ଣ ମହାନ୍ତ, ପ୍ରଫେସର ବିଜୟ କୁମାର ଟପ୍ପୋ, ଅବସରପ୍ରାପ୍ତ ଅତିରିକ୍ତ ଡିଜି ପୋଲିସ ଗୋପବନ୍ଧୁ ମଲ୍ଲିକ, ଭୁବନେଶ୍ୱର ଜିଲା ଲାୟନ ଗଭର୍ନର ବିଶ୍ୱନାଥ ମହାନ୍ତି, ଅବସରପ୍ରାପ୍ତ ସିଡିପିଓ ଛବି ମହାନ୍ତି, ଅବସରପ୍ରାପ୍ତ ସିଆର୍‌ଆର୍‌ଆଇ ଅଧିକାରୀ ସୁରେନ୍ଦ୍ର ନାଥ ରାଉତ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସୁଜାତା ମିଶ୍ର ଏବଂ ଅର୍ଥନୀତିଜ୍ଞ ପ୍ରଫେସର ଡ. ହରିଶ୍ ଚନ୍ଦ୍ର ନାୟକ।

## ମହିଳାଙ୍କୁ ସଶକ୍ତ କରିଛି ଉଜ୍ଜ୍ୱଳା: ସୁଷମା ସ୍ୱରାଜ

ଭୁବନେଶ୍ୱର,୨୨।୨(ବ୍ୟୁରୋ)




ଉଜ୍ଜ୍ୱଳା ଯୋଜନା ପରିବାରଗୁଡ଼ିକୁ କେବଳ ଗ୍ୟାସ ସିଲିଣ୍ଡର ପ୍ରଦାନ କରି ନାହିଁ। ଏହା ମହିଳାଙ୍କୁ ଶସକ୍ତ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ କହିଛନ୍ତି। ଶୁକ୍ରବାର ସାରା ରାଜ୍ୟର ଜିଲାସ୍ତରରେ ଅନୁଷ୍ଠିତ ଉଜ୍ଜ୍ୱଳା ଦିବସ କାର୍ଯ୍ୟକ୍ରମରେ ସ୍ୱରାଜ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡ଼ିଓକନଫରେନ୍ସ ଯୋଗେ ସାମିଲ ହୋଇଥିଲେ। ଏହି ଅବସରରେ ସୁଷମା ସ୍ୱରାଜ କହିଛନ୍ତି ଯେ, କାଠ ଦ୍ୱାରା ରୋଷେଇ ଯୋଗୁ ମହିଳାଙ୍କ ଅନେକ ସମୟ ଅପଚୟ ହେଉଥିଲା। ଏହା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବା ସହ ପରିବେଶକୁ ମଧ୍ୟ ପ୍ରଦୂଷଣ କରୁଥିଲା। ମାତ୍ର ଉଜ୍ଜ୍ୱଳା ଆସିବା ପରେ ମହିଳାମାନେ ଏସବୁ ସମସ୍ୟାରୁ ମୁକ୍ତି ପାଇଛନ୍ତି। ଉଜ୍ଜ୍ୱଳା ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱରାଜ ଧନ୍ୟବାଦ ଦେଇଛନ୍ତି।

ଉଜ୍ଜ୍ୱଳା ହିତାଧିକାରୀଙ୍କ ସହ ଆଲୋଚନା କରି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଉଜ୍ଜ୍ୱଳା ଦ୍ୱାରା ଦେଶରେ ଏକ ନୂଆ କ୍ରାନ୍ତି ଆସିଛି। ପୂର୍ବରୁ ଏଲ୍‌ପିଜି ବିତରକ ସଂଖ୍ୟା ୧୩ ହଜାର ଥିବା ବେଳେ ଏହା ବର୍ତ୍ତମାନ ୨୩ ହଜାର ଟପିଛି। ବିତରଣ କେନ୍ଦ୍ର ବୃଦ୍ଧି ସହ କମନ ସର୍ଭିସ ସେଣ୍ଟର ମଧ୍ୟ ଯୋଡାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

## ଉଜ୍ଜ୍ୱଳା ଦିଦି ସମାବେଶ ଆଜି

**ଭୁବନେଶ୍ୱର,୨୨।୨(ବ୍ୟୁରୋ):** ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମ୍‌ସି) ପକ୍ଷରୁ ସାରା ରାଜ୍ୟର ଉଜ୍ଜ୍ୱଳା ଦିଦିଙ୍କୁ ନେଇ ଏଠାକାର ମଞ୍ଚେଶ୍ୱର ସ୍ପୋର୍ଟସ କମ୍ପ୍ଲେକ୍ସ ଗ୍ରାଉଣ୍ଡଠାରେ ଏକ ସମାବେଶ ଶନିବାର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପ୍ରାୟ ୧୦,୦୦୦ ଉଜ୍ଜ୍ୱଳା ଦିଦି ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି ଓଏମ୍‌ସିଗୁଡ଼ିକ ପକ୍ଷରୁ ଏକ ମିଳିତ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ଉଜ୍ଜ୍ୱଳା ଉପଭୋକ୍ତା ଏବଂ ବିତରକଙ୍କ ମଧ୍ୟରେ ଏକ ସେତୁ ଭାବେ ଉଜ୍ଜ୍ୱଳା ଦିଦି କାର୍ଯ୍ୟ କରିବେ। ଗ୍ରାମାଞ୍ଚଳର ଘରୋଇ ଉର୍ଜା କ୍ଷେତ୍ର ଏବଂ ବିତରଣ ନେଟ୍‌ୱର୍କରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ। କାର୍ଯ୍ୟକ୍ରମ ଅବସରରେ ତେଲ କମ୍ପାନୀର ଏସ୍‌ଏଲସି ତଥା ସିଜିଏମ୍ ଆଇଓସିଏଲ୍ ଶୁଭଜିତ ଘୋଷ, ଏଚ୍‌ପିସିଏଲ୍ ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ଆଇଓସିଏଲ୍ ଜିଏମ୍ ଏସ୍.କେ.ଝା, ରାଜ୍ୟସ୍ତରୀୟ ସଂଚାଳକ ଅନମୋଲ ବାରା ଏବଂ ସିନିୟର ମ୍ୟାନେଜର କର୍ପୋରେଟ କମ୍ୟୁନିକେଶନ ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି। **ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୧୯.୪ |
| ଚାନ୍ଦବାଲି | ୩୫.୭ | ୨୨.୫ |
| କଟକ | ୩୭.୨ | ୧୮.୮ |
| ପାରାଦ୍ୱୀପ | ୨୯.୬ | ୨୩.୨ |
| ଭୁବନେଶ୍ୱର | ୩୯.୨ | ୧୯.୭ |
| ଗୋପାଳପୁର | ୩୦.୮ | ୨୧.୪ |
| ପୁରୀ | ୩୦.୮ | ୨୩.୬ |
| ଅନୁଗୋଳ | ୩୬.୧ | ୧୫.୬ |
| ବାରିପଦା | ୩୬.୨ | ୨୦.୬ |
| ଝାରସୁଗୁଡ଼ା | ୩୫.୭ | ୧୯.୦ |
| କେନ୍ଦୁଝର | ୩୪.୬ | ୧୮.୦ |
| ସମ୍ବଲପୁର | ୩୫.୫ | ୧୮.୫ |
| ସୁନ୍ଦରଗଡ଼ | ୩୪.୦ | ୧୫.୫ |
| ହୀରାକୁଦ | ୩୫.୧ | ୧୮.୯ |
| ତାଳଚେର | ୩୬.୫ | ୧୮.୩ |
| ଭବାନୀପାଟଣା | ୩୭.୦ | ୧୯.୫ |
| ବଲାଙ୍ଗୀର | ୩୬.୫ | ୧୮.୦ |
| କୋରାପୁଟ | ୩୩.୦ | ୧୫.୦ |
| ଫୁଲବାଣୀ | --- | ୧୪.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୯.୨ | ୧୭.୨ |
| ସୋନପୁର | ୩୬.୪ | ୧୭.୨ |
| ଦାରିଙ୍ଗିବାଡ଼ି | ୩୨.୩ | ୧୭.୫ |

ଡିଗ୍ରୀ ସେଲ୍‌ସିୟସ୍




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ବର୍ଷେ**

# କ୍ଷତ ଭରିନି, ଲୁହ ଶୁଖିନି

- ଜିଅନ୍ତା ଶବ ଭଳି ବଞ୍ଚିଛୁ:ରବୀନ୍ଦ୍ର
- ପୁଞ୍ଜିଲାଲଙ୍କୁ ଫାଶୀଦଣ୍ଡ ବି କମ୍ ହେବ:ସଂଯୁକ୍ତା
- ସୌମ୍ୟଙ୍କ ସ୍ମୃତିରେ ହସ୍‌ପିଟାଲ, ଅନାଥାଶ୍ରମ କରିବି:ରିମା

ବଲାଙ୍ଗୀର ଅଫିସ, ୨୨।୨

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ଶନିବାର ବର୍ଷେ ପୂରିଛି। ୨୦୧୮ ଫେବୃୟାରୀ ୨୩ ତାରିଖ। ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ରହ୍ମପୁରା ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ଘଟିଥିଲା ଭୟଙ୍କର ବିସ୍ଫୋରଣ । ଏଥିରେ ଅଧ୍ୟାପକ ସାହୁଙ୍କ ନବବିବାହିତ ଏକମାତ୍ର ପୁଅ ସୌମ୍ୟଶେଖର ଓ ପିଉସୀ ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା । ନବବିବାହିତା ବୋହୂ ରିମା ସାହୁ ଗୁରୁତର ଆହତ ହୋଇଥିଲେ । ବାହାଘରର ମାତ୍ର ୫ ଦିନ ପରେ ରବୀନ୍ଦ୍ର ସାହୁଙ୍କ ଘରକୁ ଏକ ପାର୍ସଲ ଆସିଥିଲା । ସେହି ପାର୍ସଲକୁ ସୌମ୍ୟ ଶେଖର ଖୋଲୁଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା । ସେହି ବିସ୍ଫୋରଣ ଏତେ ଭୟାନକ ଥିଲା ଯେ ଘରର ଛାତ ଉଡ଼ିଯିବା ସହିତ ଆସବାବପତ୍ର ଛିନ୍ନଛତ୍ର ହୋଇଯାଇଥିଲା । ଘଟଣାସ୍ଥଳରେ ହିଁ ସୌମ୍ୟ ଓ ଜେମାମଣିଙ୍କ ମୃତ୍ୟୁ ଘଟିଥିଲା। ନବବଧୂ ରିମା ଗୁରୁତର ହୋଇପଡିଥିଲେ। କେହି କିଛି ଚିନ୍ତା କରିବା ପୂର୍ବରୁ ବାହାଘରର ଖୁସି ଯେମିତି ପାଣିଫୋଟକା ପରି ଅସହ୍ୟ ଦୁଃଖରେ ଲୀନ ହୋଇଯାଇଥିଲା ।

ଏହି ଲୋମଟାଙ୍କୁରା ଜଘନ୍ୟକାଣ୍ଡର ୧ ବର୍ଷ ପରେ ପୁଣିଥରେ ସେହି ଘଟଣା ଆଲୋଚ୍ୟ ବିଷୟ ହୋଇଛି । ସୌମ୍ୟ ଓ ରିମାଙ୍କ ପରିବାର ଲୋକେ, ସମ୍ପର୍କୀୟ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ସୌମ୍ୟଙ୍କ ମା'ବାପା ଓ ସ୍ତ୍ରୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ସେମାନେ ସେଦିନରୁ ଜିଅନ୍ତା ଶବ ପାଲଟି ଯାଇଥିବା କହିଛନ୍ତି । ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଯେତେ ଶୀଘ୍ର ଫାଶୀ ଦିଆଯିବ ତାହା ଠିକ୍ ହେବ ବୋଲି ସେମାନେ କହିଛନ୍ତି । ପାଣି ଭିତରୁ ମାଛକୁ କାଢ଼ି ନେଲେ ଯେଭଳି ସିଏ ଛଟପଟ ହୋଇ ମରିଯାଏ, ସେଭଳି ଅବସ୍ଥା ଆମର । ମାଛ ମରିଯାଏ । ହେଲେ ଏଭଳି ସ୍ଥିତିରେ ଆମେ ମରିପାରୁନାହୁଁ ବୋଲି ଅଧ୍ୟାପକ ସାହୁ କହିଛନ୍ତି । ଆମ ସୁନାର ସଂସାରକୁ ପୁଞ୍ଜିଲାଲ ଧୂଳିସାତ୍ କରିଦେଲା ବୋଲି କହିଛନ୍ତି । ପୁଅକୁ ବିବାହ କରିବା ପରେ ଏକ ସୁଖ ଜୀବନର ପରିକଳ୍ପନା କରିଥିଲୁ । ମାତ୍ର ସେ ସବୁ ଓଲଟପାଲଟ ହୋଇଗଲା । ଏବେ କେବଳ ମୃତ୍ୟୁକୁ ଅପେକ୍ଷା କରିବା ଭଳି ସ୍ଥିତିରେ ଆମେ ରହିଛୁ ବୋଲି ଅଧ୍ୟାପକ ସାହୁ କହିଛନ୍ତି ।



ସୌମ୍ୟଙ୍କ ମା'ବାପାଙ୍କ ସହିତ ବୋହୂ ରିମା ସାହୁ।

ମୃତ ସୌମ୍ୟ ଶେଖରଙ୍କ ମା' ସଂଯୁକ୍ତା ସାହୁ ୨୦୧୪ ମସିହାରେ ବରଗଡ଼ ଜିଲା ଝାରବନ୍ଧ କଲେଜରୁ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜକୁ ବଦଳି ହୋଇ ଆସିଥିଲେ । ସେତେବେଳେ ଇଂଲିଶ ବିଭାଗ ଅଧ୍ୟାପକ ଥିବା ପୁଞ୍ଜିଲାଲ ମେହେର କଲେଜର ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ । ୨୦୧୭ ମସିହାରେ ବରିଷ୍ଠତା ଭିତ୍ତିରେ ସଂଯୁକ୍ତା ସାହୁ ପୁଞ୍ଜିଲାଲଙ୍କଠାରୁ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଘଟଣା ପରେ ପୁଞ୍ଜିଲାଲ ପ୍ରତିଶୋଧପରାୟଣ ହୋଇପଡିଥିଲେ । ସେଦିନଠାରୁ ସେ ଏପରି ଷଡ଼ଯନ୍ତ୍ର କରିଥିବା କ୍ରାଇମବ୍ରାଞ୍ଚ କହିଛି । ଏହି ତଥ୍ୟକୁ ଆଧାର କରି କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲଙ୍କୁ ଗିରଫ କରିଛି । ପୁଞ୍ଜିଲାଲ ଏବେ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ । ଅଧ୍ୟକ୍ଷ ଚୌକି ତାଙ୍କ ପୁଅର ଜୀବନ ନେଇଯିବ ଓ ମୋର ପରିବାରକୁ ଛାରଖାର କରିଦେବ ବୋଲି ସେ କେବେ ବି କଳ୍ପନା ମଧ୍ୟ କରି ନ ଥିଲେ ବୋଲି ସଂଯୁକ୍ତା କହିଛନ୍ତି । ପୁଞ୍ଜିଲାଲ ପାଇଁ ଫାଶୀଦଣ୍ଡ ମଧ୍ୟ କମ୍ ହେବ ବୋଲି ସେ କହିଛନ୍ତି ।

ଗତବର୍ଷ ଫେବୃୟାରୀ ୧୮ ତାରିଖରେ ସୌମ୍ୟ ଓ ରିମାଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହର ମାତ୍ର ୫ଦିନ ପରେ ଅର୍ଥାତ୍ ଫେବୃୟାରୀ ୨୩ ତାରିଖରେ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା । ସୌମ୍ୟଙ୍କ ସହ ୫ ଦିନର ବୈବାହିକ ଜୀବନ କଟାଇଥିବା ରିମା ଏବେ ସମ୍ପୂର୍ଣ୍ଣ ଏକାକୀ ହୋଇପଡିଛନ୍ତି । ତେବେ ସୌମ୍ୟଙ୍କ ସହ ୫ ଦିନର ସମ୍ପର୍କ ଓ ସ୍ମୃତିକୁ ନେଇ ସାରା ଜୀବନ ସେ ବଞ୍ଚିବେ କହିଛନ୍ତି। ଏବେ ଶାଶୁ–ଶ୍ୱଶୁରଙ୍କ ସହ ପାଟଣାଗଡ଼ ବ୍ରହ୍ମପୁରା ଛକସ୍ଥିତ ଘରେ ରହୁଛନ୍ତି ରିମା । ଯେତେଶୀଘ୍ର ପୁଞ୍ଜିଲାଲଙ୍କୁ ଫାଶୀ ଦିଆଯିବ ସେ ଶାନ୍ତି ପାଇବେ ବୋଲି କହିଛନ୍ତି । ତାଙ୍କ କହିବା ଅନୁଯାୟୀ, ସୌମ୍ୟଶେଖର ଅନାଥ ଶିଶୁମାନଙ୍କୁ ଖୁବ୍ ଭଲ ପାଉଥିଲେ । ବିବାହ ପୂର୍ବରୁ ଅନାଥାଶ୍ରମ ଯାଇ ଉଭୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ସୌମ୍ୟ ଓ ରିମା କେକ୍ କାଟିଥିଲେ। ଏବେ ସୌମ୍ୟ ନାହାନ୍ତି। ସୌମ୍ୟଙ୍କ ସ୍ମୃତି ଓ ଭଲପାଇବା ନେଇ ଅନାଥାଶ୍ରମଟିଏ କରିବାର ଇଚ୍ଛା ଅଛି ବୋଲି ରିମା କହିଛନ୍ତି । ଏହା ସହିତ ସୌମ୍ୟଙ୍କ ସ୍ମୃତିରେ ଏକ ଡାକ୍ତରଖାନା କରି ଅବଶିଷ୍ଟ ଜୀବନକୁ ଗରିବ ଲୋକଙ୍କ ସେବାରେ ବିତାଇବାର ଇଚ୍ଛା ଅଛି ବୋଲି ରିମା କହିଛନ୍ତି ।

ଆଉ କାହା ଘରେ ଏଭଳି ଘଟଣା ନ ଘଟୁ। ଆଉ କାହାର ସ୍ୱପ୍ନ ଚୂରମାର ନ ହେଉ। ଜୀବନ ଥିବା ଯାଏ ପୁଞ୍ଜିଲାଲ ଦେଇଥିବା କ୍ଷତ ଭରିବ ନାହିଁ କି ଲୁହ ଶୁଖିବ ନାହିଁ ବୋଲି ସୌମ୍ୟଙ୍କ ମା'ବାପା କହିଛନ୍ତି ।

ରିପୋର୍ଟ–ବୀରେନ୍ଦ୍ର ଝାଙ୍କର

## ସଂକ୍ଷେପରେ

### ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ



ଆସିକା,୨୨।୨(ଡି.ଏନ୍.ଏ.)- ଆସିକା ଏନ୍ଏସିର ଷ୍ଟ୍ରିଟ୍ ଲାଇଟ୍ ନଥିବା ବସ୍ତି ମାନଙ୍କରେ ସ୍ମାର୍ଟ ଏଲ୍ଇଡି ଲାଇଟ୍ ବ୍ୟବସ୍ଥା କରାଯାଇ ଆଲୋକୀକରଣ ନିମନ୍ତେ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ଆସିକା ଏନ୍ଏସିର ଗଣ୍ଡପଲ୍ଲୀ ନିକଟରେ ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କ ଦ୍ୱାରା ଏହି ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନ୍ଏସି ଅଧକ୍ଷା ମଧୁସ୍ମିତା ପୋଲାଇ, ଉପାଧକ୍ଷା ରେଣୁବାଳା ରେଡ୍ଡୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ପୂର୍ବତନ କାଉନସିଲର ରବୀନ୍ଦ୍ର ନାଥ ପୋଲାଇ, ପ୍ରମୋଦ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### କାଳୁ ଚରଣ ଜେନା ସ୍ମାରକୀ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ମ୍ୟାଚରେ ଆସିକା ବିଜୟୀ

ଆସିକା,୨୨।୨(ଡି.ଏନ୍.ଏ.)- ଆସିକା ସହର ଉପକଣ୍ଠ କାଳକଣ୍ଠପୁର ମିନି ଷ୍ଟାଡିୟମଠାରେ ଶୁକ୍ରବାର ୧୪ତମ କାଳୁ ଚରଣ ଜେନା ସ୍ମାରକୀ ଜିଲା ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସିକା ବିଧାୟକ ଦେବରାଜ ମହାନ୍ତି ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ବିଦ୍ୟାନ୍ତ ଚର୍ଚ୍ଚି, ବ୍ଲକ ଯୁବ ବିଜେଡି ସଭାପତି ଅନିଲ କୁମାର ନାୟକ, ଦାମୋଦରପଲ୍ଲୀ ସରପଞ୍ଚ ସୂର୍ଯ୍ୟକାନ୍ତି ରେଡ୍ଡୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଆସିକାସ୍ଥିତ ପାନାସୋନିକ୍ କ୍ରିକେଟ୍ କ୍ଲବ୍ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି । ଶୁକ୍ରବାର ଉଦଘାଟନୀ ମ୍ୟାଚ ନଳବଣ୍ଟା ଓ ଆସିକା ଦଳ ମଧରେ ହୋଇଥିଲା। ଆସିକା ଦଳ ବିଜୟୀ ହୋଇଛି। ଟସ୍ ଜିଣି ନଳବଣ୍ଟା ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ୧୧୭ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଜବାବରେ ଆସିକା ଦଳ ୧୭.୩ ଓଭରରେ ୬ ଉଇକେଟ୍ ହରାଇ ୧୧୮ ରନ୍ କରି ବିଜୟୀ ହୋଇଥିଲେ। ଆସିକା ଦଳର ବୁଲୁ ରେଡ୍ଡୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଚୌସିନ୍ ଅଲି ଓ ସୀମାଞ୍ଚଳ ରେଡ୍ଡୀ।

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ,୨୨।୨(ଡି.ଏନ୍.ଏ.)- ହିଞ୍ଜିଳିକାଟୁ ବ୍ଲକ ଦୁର୍ବନ୍ଧ ଗ୍ରାମରେ ଗୁରୁବାର ରାତିରେ ଜଣେ ଯୁବକଙ୍କ ମୃତଦେହ ଗ୍ରାମର ଏକ ପୋଖରୀରୁ ଉଦ୍ଧାର କରାଯାଇଛି। ମୃତକ ଜଣକ ଉକ୍ତ ଗ୍ରାମର ଜିତୁ ସାହୁ (୨୫)। ହିଞ୍ଜିଳିକାଟୁ ଦମକଳ ବାହିନୀ ମୃତଦେହ ଉଦ୍ଧାର କରି ହିଞ୍ଜିଳିକାଟୁ ଡ଼ାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ହିଞ୍ଜିଳିକାଟୁ ପୋଲିସ ଡାକ୍ତରଖାନାରେ ମୃତଦେହ ଜବତ କରି ନଂ.୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶୁକ୍ରବାର ମୃତଦେହକୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଜିତୁ ଗୁରୁବାର ଅପରାହ୍ନରେ ଗାଧୋଇବାକୁ ଯାଇ ନିଖୋଜ ଥିଲେ।

# ଅଧିକାଂଶ ପାନୀୟ ଜଳ ପ୍ରକଳ୍ପ ଅଚଳ

ଫୁଲବାଣୀ ଅଫିସ, ୨୨।୨

**ଆରମ୍ଭ ହେଲାଣି ଗ୍ରୀଷ୍ମ ପ୍ରବାହ**



ଏକ ଅଚଳ ପ୍ରକଳ୍ପ

କନ୍ଧମାଳରେ ଦୁଇଦିନ ହେଲା ପ୍ରବଳ ଖରା ହେଉଛି। ଏବେଠୁ ଗରମ ଆରମ୍ଭ ହୋଇଗଲାଣି। ଗ୍ରୀଷ୍ମ ଆସିଲେ କନ୍ଧମାଳ ଜିଲାବାସୀଙ୍କ ମଧରେ ପାଣିକୁ ନେଇ ଛନକା ପଶିଯାଏ। ପାହାଡିଆ ଅଞ୍ଚଳ ହୋଇଥିବାରୁ ଖରାଦିନେ ଜିଲାରେ ପାନୀୟ ଜଳର ଘୋର ସଙ୍କଟ ଦେଖା ଦେଇଥାଏ। ଏପରିକି ଫୁଲବାଣୀରେ ମଧ୍ୟ ଟ୍ୟାଙ୍କର ଯୋଗେ ପୌରାଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଣ ହୋଇଥାଏ। ଏଥିରୁ ଗ୍ରାମାଞ୍ଚଳର ସ୍ଥିତି ସହଜେ ଅନୁମେୟ। ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍ଏସ୍) ପକ୍ଷରୁ ବିଗତ ଦିନଗୁଡିକରେ ହୋଇଥିବା ପାନୀୟ ଜଳ ପ୍ରକଳ୍ପ (ଓଭର ହେଡ ଟ୍ୟାଙ୍କ) ପ୍ରାୟ ଅଚଳ। କାଭାଁ କେଉଁଠି ଲୋକେ ପାଣି ପାଉଛନ୍ତି। ଜିଲାର ଅଧିକାଂଶ ସ୍ଥାନରେ ଏପରି ଅବସ୍ଥା।

ଅନୁସନ୍ଧାନରୁ ଜଣାଯାଇଛି, ପାନୀୟ ପ୍ରକଳ୍ପ ଗୁଡିକ ଠିକ୍ ଭାବେ ହୋଇନାହିଁ ଯେତିକି ଗଭୀର ଖୋଳାଯିବା କଥା ତା'ଠାରୁ କମ୍ ଖୋଳାଯାଇଛି। ଫଳରେ ପାଣି ନ ଥିବା ଯୋଗୁ ପ୍ରକଳ୍ପ ଅଚଳ ହୋଇପଡୁଛି। ଲକ୍ଷ ଲକ୍ଷ ଟଙ୍କାରେ ହେଉଥିବା ଏହି ପ୍ରକଳ୍ପ ଯଦି କାମରେ ଲାଗିବ ନାହିଁ, ତାହାଲେ ଏହା କାହିଁକି ହେଉଛି ପ୍ରଶ୍ନ ଉଠିବା ସ୍ୱାଭାବିକ। ସେହିପରି କେତେକ ପ୍ରକଳ୍ପରୁ ଲୋ ଭୋଲଟେଜ୍ ଯୋଗୁ ପାଣି ଉଠିପାରୁନି। ଯେଉଁଠି ସୋଲାର ଲାଗିଛି ସେଠାରେ ବି ଅନୁରୂପ ଅବସ୍ଥା। ମରାମତି ନାମରେ କାମ ନ ହୋଇ ଟଙ୍କା ହଡପ କଥା ନ କହିବା ଭଲ।

ଜିଲାର ଫୁଲବାଣୀ ବ୍ଲକରେ ୨୧, ଖଜୁରିପଡାରେ ୧୪, ଟିକାବାଲିରେ ୨୩, ଚକାପାଦରେ ୧୩, ଜି.ଉଦୟଗିରିରେ ୧୩, ରାଇକିଆରେ ୧୬, ଦାରିଙ୍ଗବାଡିରେ ୨୫, ଫିରିଙ୍ଗିଆରେ ୨୩, କ.ନୂଆଗାଁ ରେ ୧୪, ବାଲିଗୁଡାରେ ୧୮, ତୁମୁଡିବନ୍ଧରେ ୧୪ ଓ କୋଟଗଡ ବ୍ଲକରେ ୧୮ଟି ମିଶାଇ ମୋଟ ୨୧୨ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ କରୁଛି। ସେଥିମଧ୍ୟରୁ ଅଧିକାଂଶ ଠିକ୍ ଭାବେ କାମ କରୁନି। କେଉଁଠି ନିମ୍ନମାନର କାମ ଯୋଗୁ ଅଚଳ ତ କେଉଁଠି ପାଇପ ଲାଇନ ଯାଇନି। ପୁଣି କେତେକ ସ୍ଥାନରେ ଲୋ ଭୋଲଟେଜ୍ ସମସ୍ୟା। ଆଉ କେତେକ ସ୍ଥାନରେ ମୋଟର ଅଚଳ ହୋଇପଡିଛି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି।

ଏ ନେଇ ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ମହାନ୍ତଙ୍କୁ ପଚାରିବାରୁ, ଆଜି ଆମେ ଏ ସଂକ୍ରାନ୍ତରେ ବୈଠକ କରିଥିଲୁ। ଅଚଳ ପ୍ରକଳ୍ପ କେଉଁଠି ରହିଛି ତାହାର ଏଷ୍ଟିମେଟ ଦେବାକୁ ଯନ୍ତ୍ରୀମାନଙ୍କୁ କୁହାଯାଇଛି। ସେମାନେ ରିପୋର୍ଟ ଦେଲାପରେ ଆମେ ତୁରନ୍ତ କାର୍ଯ୍ୟ କରି ପାନୀୟ ଜଳର ସୁବିଧା କରିବୁ ବୋଲି କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲ ପେଟେ, ପିନ୍ଧିଲ ମୋଟେ**
**ଚାଲିଯାଉଅଛ ବାଟେ ବାଟେ ।**

ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚିନ୍ତିତ, ସଦା ଚେଷ୍ଟିତ। ଏପରିସ୍ଥଳେ ତାଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ, ସହାନୁଭୂତିର ଆଶା ରଖିବା ନିରର୍ଥକ। ସାଧାରଣତଃ ସ୍ୱାର୍ଥୀ ପ୍ରକୃତିର ବ୍ୟକ୍ତି ସବୁବେଳେ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାନ୍ତି। ନିଜ ସ୍ୱାର୍ଥପୂରଣ ହୋଇଗଲେ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ଉଚିତ ମଣିଥାନ୍ତି। ପରେ ତାଙ୍କର ଟେର୍ ଆଉ କେହି ପାଇପାରୁ ନ ଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡିଆ ବାଳୀ ଲୋ ଖଣ୍ଡି ପଞ୍ଜରି**
**କିଣି ଆଣିଥିଲି ତୋତେ ।**
**ଯେଉଁଦିନ ତୋର ବାଳ କଅଁଳିବ**
**ଜବାବ ଦେବୁ ତୁ ମୋତେ ।**

ମଣିଷ ବେଳେ ବେଳେ କୃତଘ୍ନତାର ସବୁ ସୀମା ଟପିଯାଏ। ଯାହାଠାରୁ ସାହାଯ୍ୟ ସମର୍ଥନ ମିଳିଥାଏ ତା'ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ କରୁଥିବାର ଲକ୍ଷ୍ୟ କରାଯାଏ। ଓଲଟି କୃତଜ୍ଞ ରହିବା ବଦଳରେ ବେଇମାନି ପ୍ରଦର୍ଶନ କରିବାକୁ ପଛଘୁଞ୍ଚା ଦେଇ ନ ଥାଏ। ଏପରିସ୍ଥଳେ ନିରାଶ୍ରୟା ଅସହାୟା ତରୁଣୀ ପ୍ରତି ସହୃଦୟତାର ହାତ ବଢ଼ାଇଥିବା ବ୍ୟକ୍ତି ତା'ର ପରିବର୍ତ୍ତିତ ବ୍ୟବହାର ନେଇ ସନ୍ଦିହାନ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଛତ୍ରପୁରରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

# ସମସ୍ତଙ୍କୁ ସାମିଲ ଉପରେ ଗୁରୁତ୍ୱାରୋପ

ଛତ୍ରପୁର,୨୨।୨(ଡି.ଏନ.ଏ)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଗଞ୍ଜାମ ଜିଲା ଛତ୍ରପୁର ଷ୍ଟାଡିୟମ ଠାରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବର ଆୟୋଜନ କରାଯାଇଥିଲା। ଛତ୍ରପୁର ଠାରେ ପାଳନ ହେଉଥିବା ଏହି କାର୍ଯ୍ୟକ୍ରମରେ ସାମାଜିକ ଭାବେ ପ୍ରାସଙ୍ଗିକ ବାର୍ତ୍ତା ଏବଂ ଭିଡିଓ ଉଜ୍ଜ୍ୱଳା ସ୍ୱାଭିମାନ ରଥ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା। ଏଥିସହ ଭିଡିଓ କନଫରେନ୍ସିଂ ଜରିଆରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏଲ୍‌ପିଜିର ସୁରକ୍ଷିତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଉଜ୍ଜ୍ୱଳା ହିତାଧିକାରୀମାନେ ସେମାନଙ୍କ ଅନୁଭୂତି ବଖାଣିଥିଲେ। ଓଡିଶାରେ ଏଯାବତ ୭୫ ଲକ୍ଷ ପରିବାର ନିକଟରେ ଏଲ୍‌ପିଜି ପହଞ୍ଚି ପାରିଛି। ୩୧ ମାର୍ଚ୍ଚ ସୁଦ୍ଧା ୧୦ ରୁ ୨୦ ଲକ୍ଷ ହିତାଧିକାରୀଙ୍କୁ ଏଥିରେ ଯୋଡିବା ଲକ୍ଷ୍ୟ ରହିଥିବା ସୂଚନା ଦିଆଯାଇଥିଲା। ଛତ୍ରପୁର ମଣ୍ଡଳ ଭାଜପା ସଭାପତି ପ୍ରଦୀପ ପାଢୀ ଏଥିରେ ଅଧକ୍ଷତା କରିଥିଲେ। ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ ନାୟକ ଯୋଗଦେଇ କେହି ଯେପରି ଏହି ଯୋଜନାରେ ସାମିଲ ହେବାରୁ ବଞ୍ଚିତ ନ ହେବେ ତାହାଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଓସିଏଲର ଚିଫ୍ ମ୍ୟାନେଜର ଦେବଦତ ରାଉତରାୟ, ପଦ୍ମ ଚରଣ ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିରାଣୀ ମହାପାତ୍ର, ଧରଣୀଧର ବେହେରା, ପି. ଧର୍ମା ରେଡ୍ଡୀ, ଛତ୍ରପୁର ନିର୍ବାଚନମଣ୍ଡଳୀ ପ୍ରଭାରୀ ଗୋପୀନାଥ ପଣ୍ଡା, ଭୀମସେନ ବେହେରା, କୀର୍ତ୍ତନ ଦାସ, ପି. ଜ୍ୟୋତି, ନିରଞ୍ଜନ ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପି. ତ୍ରିପତି ରାଓ, ଗାଣ୍ଡୁଧର ଗୌଡ, ପି. ରଘୁନାଥ ରେଡ୍ଡୀ, ଚନ୍ଦ୍ରଶେଖର ରାଓଙ୍କ ସମେତ ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।

## ଦିଗପହଣ୍ଡିରେ ଏନ୍ଏମ୍ଓପିଏସ ପକ୍ଷରୁ ଆଲୋଚନା ସଭା

# ପୁରାତନ ପେନ୍‌ସନ ବ୍ୟବସ୍ଥା ପ୍ରଚଳନ ଦାବି

ଦିଗପହଣ୍ଡି,୨୨।୨(ଡି.ଏନ.ଏ.)

ନ୍ୟାସନାଲ ମୁଭମେଣ୍ଟ ଫର୍ ଓଲ୍ଡ ପେନ୍‌ସନ୍ ସ୍କିମ୍ (ଏନ୍ଏମ୍ଓପିଏସ୍) ଦିଗପହଣ୍ଡି ବ୍ଲକ ଶାଖା ପକ୍ଷରୁ ଗୁରୁବାର ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଶିବରାମ ପ୍ରଧାନ ସଭାରେ ଅଧକ୍ଷତା କରିଥିଲେ। ଦିଗପହଣ୍ଡି ବିଇଓ ବସନ୍ତ କୁମାର ପଣ୍ଡା, ଓଏମ୍ଓପିଏସର ରାଜ୍ୟ କୋଷାଧକ୍ଷ କିଶୋର ଚନ୍ଦ୍ର ପଟ୍ଟନାୟକ, ବ୍ଲକ ଆବାହକ ଦିବାକର ପଣ୍ଡା, ସୁଦର୍ଶନ ଗୌଡ, ସିମାଦ୍ରୀ ପାତ୍ର, କେ. ପ୍ରସନ୍ନ କୁମାର ଆଚାରୀ ପ୍ରମୁଖ କାର୍ଯ୍ୟକର୍ତ୍ତାବୃନ୍ଦ ମଞ୍ଚାସୀନ ଥିଲେ। ନୂତନ ପେନ୍‌ସନଭୁକ୍ତ ଯୋଜନାକୁ ଉଚ୍ଛେଦ କରାଯାଇ ପୁରାତନ ପେନସନ ବ୍ୟବସ୍ଥାକୁ ଅତିଶୀଘ୍ର କାର୍ଯ୍ୟକାରୀ କରାଯିବା ନିମନ୍ତେ ସରକାର ପଦକ୍ଷେପ ନେବା ପାଇଁ ସଭାରେ ସବିଶେଷ ଆଲୋଚନା ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଶିକ୍ଷକ ଓ କର୍ମଚାରୀଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ସହ ଚାକିରି ସର୍ତ୍ତାବଳୀକୁ କାର୍ଯ୍ୟକାରୀ କରାଯିବା, ଅବସର ପରେ ପୁରାତନ ପେନସନ ବ୍ୟବସ୍ଥା ଅନୁସାରେ ଆନୁସଙ୍ଗିକ ଭତ୍ତା ଓ ପେନସନ ଅର୍ଥରାଶି ପ୍ରଦାନ କରିବା ନିମନ୍ତେ ସରକାର ଦୃଷ୍ଟି ନଦେଲେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ସଭାରେ ପ୍ରସ୍ତାବ ଗୃହିତ କରାଯାଇଥିଲା। ବିଜୟ କୁମାର ପ୍ରଧାନ, ସୁଧାଂଶୁ ଶେଖର ପଣ୍ଡା, ଉପେନ୍ଦ୍ର ମିଶ୍ର, ଜଗଦୀଶ ଦୋରାଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ରାଜସ୍ୱ ଓ ବିଭିନ୍ନ ବିଭାଗର ବହୁ କର୍ମଚାରୀ ସଭାରେ ଉପସ୍ଥିତ ଥିଲେ।

# ପ୍ରାଣୀ ବିଜ୍ଞାନ,ଇଂଲିଶ ବିଭାଗର ପାଠଚକ୍ର




ପ୍ରାଣୀ ବିଜ୍ଞାନ ବିଭାଗର ସନ୍ଦର୍ଭଟିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭଞ୍ଜନଗର,୨୨।୨(ଡି.ଏନ.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ଏବଂ ଇଂଲିଶ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ପାଠଚକ୍ରରେ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଡ. ଆର.ଏନ.ପାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ରୋଜାଲିନ ପ୍ରଧାନ, ସୁଶ୍ରୀ ମିରାମ୍ଭିକା ସନ୍ଦର୍ଭକୁ ପଠନ କରିଥିବା ବେଳେ ତାଙ୍କୁ ବିଭାଗୀୟ ଅଧ୍ୟାପକ ଡ଼. ପୀତବାସ ପାଳ ସହଯୋଗ କରିଥିଲେ। ଅଧ୍ୟାପିକା ବିସ୍ମିତା ଲକ୍ଷ୍ମୀ ଛତର ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଇଂରାଜୀ ବିଭାଗ ପାଠଚକ୍ରରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସାତ୍ୟକି ସାହୁ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଏସ୍.କେ. ମିଶ୍ର, ଡ. ବିନୋଦ ଚନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ସୁକାନ୍ତ ଜେନା ସନ୍ଦର୍ଭକୁ ପଠନ କରିଥିବା ବେଳେ ତାଙ୍କୁ ବିଭାଗୀୟ ଅଧ୍ୟାପକ ହରମୋହନ ନାୟକ, ସାତ୍ୱକୀ ସାହୁ ସହଯୋଗ କରିଥିଲେ। ଅଧ୍ୟାପକ ସୁନାମ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସନାତନ ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପକ ଯଶୋବନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ପୋଲିସ ସମିତିର କାର୍ଯ୍ୟକ୍ରମ

ହାତୀଓଟ,୨୨।୨

ପୋଲସରା ବ୍ଲକ ବାଲିଛାଇ ଫାଣ୍ଡି ଅଧୀନରେ ଥିବା ଜମୁନା ଗ୍ରାମରେ ଗୁରୁବାର ଆମ ପୋଲିସ୍ ସମିତିର ସଚେତନତା ସଭା ଫାଣ୍ଡି ଅଧିକାରୀ ଉମାଚରଣ ପ୍ରହରାଜଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫାଣ୍ଡି ଅଧିକାରୀ ତପନ କୁମାର ପତି ଯୋଗଦେଇ ଆମ ପୋଲିସ୍ ମାଧ୍ୟମରେ ଲୋକମାନଙ୍କୁ ଗୁଣିଗାରେଡି, ସୁ ସମ୍ପର୍କ ସ୍ଥାପନ, ଭାଇଚାରା, ଗ୍ରାମ ମଧ୍ୟରେ ଆପୋଷ ବୁଝାମଣା, ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଗାଁକୁ ସଫା ରଖିବା, ବ୍ୟାଙ୍କ ଠକେଇ, ମୋବାଇଲ୍‌ରେ ଆସୁଥିବା ବିଦେଶ ନମ୍ବରରୁ କଲ ଗ୍ରହଣ ନକରିବା, ବୟସ୍କ ବ୍ୟକ୍ତିମାନଙ୍କୁ ସମ୍ମାନ ଦେବା ନେଇ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଜମୁନା ଗ୍ରାମର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବିଷୋୟୀ, ସମିତିସଭ୍ୟା ଆରତୀ ବିଷୋୟୀଙ୍କ ସହ ଗ୍ରାମବାସୀ ସାମିଲ ହୋଇଥିଲେ। ଫାଣ୍ଡିର ରବୀନ୍ଦ୍ର ପାତ୍ର, ଅଶୋକ ବେହେରା, ଏଏସ୍ଆଇ ରବୀନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡିର କ୍ୟାଣ୍ଡେଲ ଶୋଭାଯାତ୍ରା

ହାତୀଓଟ,୨୨।୨

ଆତଙ୍କବାଦି ଆକ୍ରମଣରେ ଶହୀଦ ଜବାନଙ୍କ ଉଦ୍ଦେଶ୍ୟରେ ପୋଲସରାରେ ବିଜୁ ଜନତା ଦଳ ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାର କରାଯାଇଛି। ସାମାଜିକକର୍ମୀ ତଥା ଯୁବନେତା ପ୍ରଭାକର ପଣ୍ଡା ଓ ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଲଙ୍କେଶ୍ୱର ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ପୋଲସରା ବିଜେଡି କାର୍ଯ୍ୟାଳୟରେ ପହଞ୍ଚି ୨ ମିନଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଯୁବନେତା ନୀଳାଞ୍ଚଳ ପଣ୍ଡାଙ୍କ ସମେତ ବହୁ ଯୁବକ ଓ ଅଞ୍ଚଳବାସୀ ସାମିଲ୍ ଥିଲେ।

## ଛତ୍ରପୁରର ସମସ୍ତ ଅଞ୍ଚଳକୁ ଆଲୋକ ବ୍ୟବସ୍ଥା

# ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ବିଧାୟକ ଭିତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଛତ୍ରପୁର,୨୨।୨(ଡି.ଏନ.ଏ)

ଛତ୍ରପୁର ଏନ୍ଏସି ପକ୍ଷରୁ ଷ୍ଟ୍ରିଟଲାଇଟ୍ ନଥିବା ଅଞ୍ଚଳ ଗୁଡିକୁ ସ୍ମାର୍ଟ ଏଲ୍ଇଡି ଆଲୋକୀକରଣର ବ୍ୟବସ୍ଥା କରାଯିବ। ଛତ୍ରପୁର ଏନ୍ଏସିର ୧୧ ନଂ. ୱାର୍ଡର ସ୍ଥାନୀୟ ଏସଡିପିଓଙ୍କ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏନ୍ଏସି ଅଧୀନରେ ଷ୍ଟ୍ରିଟ୍ ଲାଇଟ୍ ନଥିବା ଅଞ୍ଚଳରେ ଆଲୋକୀକରଣ ହେବ ଏବଂ ଏହାଦ୍ୱାରା ଜନସାଧାରଣଙ୍କ ସୁବିଧା ମିଳିବ ବୋଲି ବିଧାୟକ କହିଥିଲେ। ୨୦୧୯ ମେ' ଶେଷ ସୁଦ୍ଧା ଛତ୍ରପୁର ଏନ୍ଏସିର ସମସ୍ତ ଅଞ୍ଚଳରେ ଆଲୋକ ବ୍ୟବସ୍ଥା କାମ ସରିବ ବୋଲି ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ଏନ୍ଏସି ନିର୍ବାହି ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ପୂର୍ବତନ କାଉନ୍‌ସିଲର ଟି. ଚନ୍ଦ୍ର ଶେଖର ରାଓ, ସୁଶାନ୍ତ କୁମାର ଷଡଙ୍ଗୀ, ଗୌରହରି ପଣ୍ଡା, ଯୁଗଳ କିଶୋର ଦାସ, କୃଷ୍ଣ ପ୍ରସାଦ ମହାପାତ୍ର, ଜ୍ୟୋସ୍ନାମୟୀ ଜେନା, ସମିଲତା ପ୍ରଧାନ, ଏସ୍. ଡାଲେୟା, ଅଭିମନ୍ୟୁ ଜାଲିଙ୍କ ସମେତ ସାହି ବାସିନ୍ଦା ଓ ମହିଳା ସହାୟିକା ସଂଘର ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ବୀର ଚକରାଙ୍କୁ ମିଳିଲା ସମ୍ମାନ

# ୨୭ରେ ଭଞ୍ଜନଗରରେ ଉନ୍ମୋଚନ ହେବ ପ୍ରତିମୂର୍ତ୍ତି

ଭଞ୍ଜନଗର,୨୨।୨(ଡି.ଏନ.ଏ.)



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉତ୍ସବସ୍ଥଳ ବୁଲି ଦେଖୁଛନ୍ତି।

ଘୁମୁସର ବୀର ଚକରା ବିଷୋୟୀଙ୍କୁ ଶେଷରେ ରାଜ୍ୟ ସରକାର ଉଚିତ୍ ସମ୍ମାନ ଦେଇଛନ୍ତି। ଶୁକ୍ରବାର ସ୍ଥାନୀୟ କଲେଜରୋଡ଼ ଚକରା ବିଷୋୟୀ ଛକରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ସହରରେ ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତିଟିଏ ନଥିବା ବେଳେ ୨୭ ତାରିଖ ଅପରାହ୍ନରେ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ହେବ। ଏନେଇ ଶୁକ୍ରବାର ସ୍ଥାନୀୟ ଜଳସମ୍ପଦ ବିଭାଗ ଡ଼ାକବଙ୍ଗଳାରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅଧକ୍ଷତା କରିଥିଲେ। ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସମେତ ମନ୍ତ୍ରୀ ଆରୁଖ ଉଦ୍‌ଘାଟନି ଉତ୍ସବରେ ଯୋଗ ଦେବେ। ଉକ୍ତଦିନ ପୂର୍ବାହ୍ନରେ ତାରସିଂ ରଣଘଣ୍ଟା ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରିବ। ଶୋଭାଯାତ୍ରାରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଏନ୍‌ସିସି ଛାତ୍ରୀଛାତ୍ର, ବାହାଡ଼ାପଦର ଗାୟତ୍ରୀ ପରିବାରର ସଦସ୍ୟ ପ୍ରମୁଖ ସାମିଲ ହେବେ। ଭଞ୍ଜନଗର ଷ୍ଟେଟବ୍ୟାଙ୍କ ଛକରେ ଶୋଭାଯାତ୍ରା ପହଞ୍ଚିବାପରେ ସେଠାରେ ଭଞ୍ଜନଗରବାସୀ ଶୋଭାଯାତ୍ରାକୁ ସ୍ୱାଗତ କରିବେ। ସେଠାରୁ ଚୂଡାନ୍ତ ଶୋଭାଯାତ୍ରା ବାହାରି ଚକରା ବିଷୋୟୀ ଛକ ତଥା ବର୍ତ୍ତମାନର ବାଇପାସ୍ ଛକରେ ପହଞ୍ଚିବ। ଅତିଥିମାନେ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ପରେ ଜଳସମ୍ପଦ ବିଭାଗ ଡାକବଙ୍ଗଳା ପରିସରରେ ଏକ ସାଧାରଣ ସଭା ହେବ। ଏହାପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।

**ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ**

ପ୍ରସ୍ତୁତି ବୈଠକରେ ଓଡ଼ିଶା ସଙ୍ଗୀତ ଏକାଡ଼େମୀର ପୂର୍ବତନ ସଚିବ ମନ୍ମଥ କୁମାର ଶତପଥୀ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି, ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ, ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁ, ଏନ୍ଏସି ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳ, ଶୁଳପାଣି ଶତପଥୀ, ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

ଲୋକକଥାରୁ ଜଣାଯାଏ ଯେ ୧୮୨୪ରେ ଶାମ୍ବଦଶମୀରେ ଚକରା ବିଷୋୟୀ ଭଞ୍ଜନଗର ବ୍ଲକ ବିଞ୍ଜିଗିରି ଠାରେ ଜନ୍ମଗ୍ରହଣ କରିଥିଲେ। ଭଞ୍ଜ ରାଜବଂଶ ସେନାର ଦାୟିତ୍ୱ ଚକରାଙ୍କ ଦାଦା ଦୋହରା ବିଷୋୟୀ ନେଉଥିଲେ। ବ୍ରିଟିଶ ଶାସକଙ୍କ ବିରୋଧରେ ଦୋହରା ବିଷୋୟୀ ଆନ୍ଦୋଳନ କରିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଜେଲରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଚକରା ୧୮୪୨ରୁ ୧୮୫୬ ମସିହା ମଧ୍ୟରେ ବ୍ରିଟିଶ ଶାସକଙ୍କ ବିରୋଧରେ ଲଢ଼େଇ କରିଥିଲେ। ଏହାପରେ ତାଙ୍କର କୈଣସି ପତ୍ତା ମିଳି ନ ଥିଲା। ଐତିହାସିକ ମାନେ ଆଜି ସୁଧା ଚକରାଙ୍କ ଶେଷ ଜିବନୀ ଉପରେ କୈଣସି ଶେଷ ସିଧାନ୍ତରେ ପହଚିଂ ପାରିନାହାନ୍ତି। ଫଳରେ ଭଞ୍ଜନଗର ଚକରାଙ୍କ ଜନ୍ମ ମାଟି ହୋଇଥିଲେ ମଧ୍ୟ ପ୍ରତିମୂର୍ତ୍ତିଟିଏ ଆଜି ପର୍ଯ୍ୟନ୍ତ ସ୍ଥାପନ ହୋଇପାରିନଥିଲା। ୧୯୯୨ ମସିହାରେ ତତ୍କାଳନୀ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଚକରାଙ୍କ ଜୟନ୍ତୀ ପାଳନ କରିବା ପାଇଁ ନିଷ୍ପତି ନେଇ ରବୀନ୍ଦ୍ର ମଣ୍ଡପରେ ସରକାରଙ୍କ ପକ୍ଷରୁ ରାଜ୍ୟସ୍ତରୀୟ ଚକରା ବିଷୋୟୀ ଜୟନ୍ତୀ ପାଳନ ହୋଇଥିଲା। ଏହାପରେ ସରକାରଙ୍କ ପକ୍ଷରୁ ବିଭିନ୍ନ କାରଣ ଯୋଗୁ ଆଉ ଜୟନ୍ତୀ ଉତ୍ସବ ପାଳନ ହୋଇ ନ ଥିଲା। ମନ୍ତ୍ରୀ ଆରୁଖ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଦାୟିତ୍ୱ ନେବାପରେ ବିଗତ ୨ ବର୍ଷ ହେବ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଉତ୍ସବ ସରକାରୀସ୍ତରରେ ପାଳନ ହେଉଛି। ଭଞ୍ଜନଗରରେ ଚକରାଙ୍କ ପ୍ରତିମୂର୍ତ୍ତିଟିଏ ନ ଥିବା ଯୋଗୁ ପ୍ରାୟ ୧୦ଲକ୍ଷ ଟଙ୍କା ବ୍ୟୟରେ ସଂସ୍କୃତି ବିଭାଗ ପକ୍ଷରୁ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି।

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଜବତ

ଦିଗପହଣ୍ଡି/ପାଟପୁର,୨୨।୨(ଡି.ଏନ.ଏ.)- ପାଟପୁର ପୋଲିସ ଶୁକ୍ରବାର ସକାଳେ ଜଣେ ମହିଳାଙ୍କ ମୃତଦେହକୁ ଜବତ କରିଛି। ସେ ହେଲେ ଏସ.ଗୋପାଳପୁର ପଞ୍ଚାୟତ ଉତ୍ତମା ଗ୍ରାମର ସୁଶାନ୍ତ ନାୟକଙ୍କ ସ୍ତ୍ରୀ ସୁନୀତା ନାୟକ। ପ୍ରାୟ ୧୦ ମାସ ପୂର୍ବେ ଟି.ଗୋବିନ୍ଦପୁର ପଞ୍ଚାୟତ ନୂଆଗାଁ ଗ୍ରାମର ବଳରାମ ନାୟକଙ୍କ କନ୍ୟା ସୁନୀତା ସୁଶାନ୍ତଙ୍କୁ ବିବାହ କରିଥିଲେ। ଗୁରୁବାର ରାତି ପ୍ରାୟ ସାଢ଼େ ୮ଟାରେ ସୁନୀତା ଘରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପାଟପୁର ଆଇଆଇସି ରମେଶ କୁମାର ପ୍ରଧାନ ରାତି ୯ଟାରେ ପହଞ୍ଚି ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟାରେ ଦିଗପହଣ୍ଡି ଅତିରିକ୍ତ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ମନୋଜ ପ୍ରଭାକର କୁଜୁରଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ ସହ ନଂ.୦୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି ।

### ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

କୋଦଳା,୨୨।୨(ଡି.ଏନ୍.ଏ.)- କୋଦଳା ଶ୍ମଶାନ ନିକଟରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଖଲାଡ଼ି ସାହି ଛକ ସୁର ପ୍ରଧାନଙ୍କ ପୁଅ କାହ୍ନୁ ସବ୍‌ଜେଲ ନିକଟରେ ଥିବା ଶ୍ମଶାନର ନବ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ତଳେ ବିଛେଇ ହୋଇ ବିଦ୍ୟୁତ୍ ତାର ପଡ଼ିଥିଲା। କାହ୍ନୁ କୌଣସି କାମରେ ସେଠାକୁ ଯାଇ ବିଦ୍ୟୁତ୍ ତାର ସମ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ବରିଷ୍ଠ ନାଗରିକ ପରିଷଦ ନୂତନ ଗୃହ ଉଦ୍‌ଘାଟିତ

ଗଞ୍ଜାମ,୨୨।୨(ଡି.ଏନ.ଏ.)-ଗଞ୍ଜାମ ଏନ୍‌ଏସି ୱାର୍ଡ ନଂ. ୩ ଦୁର୍ଗାଦେବୀ ସାହିରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ନୂତନ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ଡ. ପ୍ରିୟାଂଶୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନୂତନ କୋଠାର ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଗଞ୍ଜାମ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ମହେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ପରିଷଦ ପାଇଁ ଏକ କୋଠାର ଆବଶ୍ୟକ ଦୃଷ୍ଟିରୁ ପୂର୍ବରୁ ବିଧାୟକ ପ୍ରଧାନ ଏହା ଘୋଷଣା କରିଥିଲେ। ଏହି ଗୃହରେ ବରିଷ୍ଠ ନାଗରିକ ସଦସ୍ୟମାନେ ଅବସର ସମୟ ବିତେଇବାରେ ସହାୟକ ହେବ ବୋଲି ବିଧାୟକ ପ୍ରଧାନ କହିଛନ୍ତି। ଏହି ଅବସରରେ ସମସ୍ତ ସଦସ୍ୟ ବିଧାୟକଙ୍କ କାର୍ଯ୍ୟଶୈଳୀକୁ ଉଚ୍ଚ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି।

### ଗୁଡ଼ି ସାହି ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡ଼ା,୨୨।୨(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ଗୁଡ଼ିସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏବିଇଓ ପିତାମ୍ବର ବିଷୋୟୀ ଓ ସମ୍ମାନିତ ଅତିଥି ଭାବେ ସିଆରସିସି ନିରଞ୍ଜନ ଗୌଡ଼, ପରିଚାଳନା କମିଟିର ଉପସଭାପତି ଶାନ୍ତିଲତା ସାହୁ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ଗଣେଶ ବେହେରା ଧନ୍ୟବାଦ ଦେଇଥିଲେ ।

# ରାସ୍ତା ନିର୍ମାଣ ପାଇଁ ଦାବିପତ୍ର

ଦାରିଙ୍ଗବାଡ଼ି,୨୨।୨(ଡି.ଏନ.ଏ)



ଦାବିପତ୍ର ପ୍ରଦାନ କରୁଛନ୍ତି

ଦାରିଙ୍ଗବାଡ଼ି ବ୍ଲକ ପର୍ଶମାହା ପଞ୍ଚାୟତ ବାସାବାଡ଼ି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଛି। ବାସାବାଡ଼ି ଗ୍ରାମର ୱାର୍ଡ ସଭ୍ୟା ମମତା ପ୍ରଧାନଙ୍କ ନେତୃତ୍ୱରେ ଶୁକ୍ରବାର ଦାରିଙ୍ଗବାଡ଼ି ବିଡିଓ, ସ୍ଥାନୀୟ ବିଧାୟକ ଯାକବ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁବେନ୍ଦ୍ରୀ ପ୍ରଧାନ, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଶୁଣା ନ ଗଲେ ଆଗାମୀ ସାଧାରଣ ନିର୍ବାଚନ ବେଳେ ଭୋଟ ଗ୍ରହଣ କେନ୍ଦ୍ରକୁ ତାଲା ପକାଇବା ସହ ଭୋଟ ବର୍ଜନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ବିଡିଓ ତ୍ରିଲୋଚନ ପାତ୍ର କୌଣସି କାର୍ଯ୍ୟରେ ଅନ୍ୟତ୍ର ଯାଇଥିବାରୁ ବ୍ଲକ ଆକାଉଣ୍ଟସ ଅଫିସର କ୍ଷେତ୍ରୀବର ଜାନିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଗ୍ରହଣ ପରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାରୁ ଦାବିପତ୍ରକୁ ଉକ୍ତ ବିଭାଗକୁ ପଠାଇ ଦିଆଯିବ। ବାସାବାଡି ଗ୍ରାମରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଶମାହା ଯିବାକୁ ସବୁଦିନିଆ ରାସ୍ତାନାହିଁ। ସେଠାରୁ ସାଧାରଣ ବଣ୍ଟନ ସାମଗ୍ରୀ ଆଣିବା ପାଇଁ ହେଲେ ଜଙ୍ଗଲ, ପାହାଡ଼ ରାସ୍ତା ଦେଇ ଯିବାକୁ ପଡୁଛି । ଗର୍ଭବତୀଙ୍କ ଠାରୁ ଆରମ୍ଭ କରି ଗାଁରେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ଖଟିଆରେ ବୋହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡୁଛି । ତେଣୁ ପର୍ଶମାହା ଠାରୁ ଭାୟା ବାସାବାଡ଼ି ଗ୍ରାମ ଦେଇ ସିମନବାଡ଼ି ପର୍ଯ୍ୟନ୍ତ ପ୍ରାୟ ୧୫ କିମି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଗଲେ ସୁବିଧା ହେବ। ସେହିପରି ସିମନବାଡ଼ି ପର୍ଯ୍ୟନ୍ତ ଏହି ରାସ୍ତା ସଂପ୍ରସାରଣ ହେଲେ ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆସିବାକୁ ସୁବିଧା ହେବ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ବାସାବାଡ଼ି ଓ ଏହାର ଆଖପାଖ ଗ୍ରାମ ଡଲାବାଡ଼ି, କ୍ଲାଉପାଙ୍ଗା, ପିସାମାଲା, ମୁଣ୍ଡୁଲାବାଲି, ଡଡଡ଼ମାହାରେ ଜନଜାତି ସଂପ୍ରଦାୟର ପ୍ରାୟ ୩ ହଜାର ଲୋକ ବସବାସ କରୁଛନ୍ତି। ଦୀର୍ଘବର୍ଷ ହେଲା ପକ୍କା ରାସ୍ତା ଓ ପାଣି ସମସ୍ୟା ଅଞ୍ଚଳର ମୁଖ୍ୟ ସମସ୍ୟା। ତେଣୁ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

## ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର
# ପାଚେରି ନିର୍ମାଣ ଦାବି, ଶୁଣୁନି ପ୍ରଶାସନ



ରାସ୍ତା ପାର୍ଶ୍ୱରେ ମୁକୁଳା ହୋଇ ରହିଥିବା ଟ୍ରାନ୍ସଫର୍ମର।

ପୋଲସରା,୨୨।୨(ଡି.ଏନ.ଏ.)

ପୋଲସରା ବ୍ଲକର ବେଲଗାଁ ପଞ୍ଚାୟତସ୍ଥିତ ବେଲଗାଁ ଗ୍ରାମ ମୁଖ୍ୟ ସଡ଼କ ପାର୍ଶ୍ୱରେ ଏକ ବଡ଼ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତାହା ପୁଣି ଗ୍ରାମର ପ୍ରବେଶ ପଥରେ। ଉକ୍ତ ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଯାତାୟତ କରିଥିବା ବେଳେ ଶିଶୁ, ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯାଇଥାନ୍ତି। ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି ଟ୍ରାନ୍ସଫର୍ମର। ଏ ନେଇ ଉକ୍ତ ଗ୍ରାମର ସନାତନ ପ୍ରଧାନ, ସୁରେଶ ମହାରଣାଙ୍କ ସମେତ ଗ୍ରାମ୍ୟ ପରିଚାଳନା ଦାୟିତ୍ୱରେ ଥିବା ଯୁବଗୋଷ୍ଠୀ ବିଭାଗୀୟ ଅଧିକାରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଲାଇନମ୍ୟାନ ଆଦିଙ୍କୁ ବହୁବାର ମୌଖିକ ଓ ଲିଖିତ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳୁନାହିଁ । ଆଗାମୀ ଏକ ସପ୍ତାହ ମଧରେ ବିଦ୍ୟୁତ୍ ବିଭାଗ ଅଧିକାରୀ ଏହାର ସମାଧାନ ନ କଲେ ବେଲଗାଁବାସୀ ରାଜରାସ୍ତାକୁ ଓହ୍ଲାଇ ଗଣ ଆନ୍ଦୋଳନ କରିବେ ଏବଂ ଏଥିପ୍ରତି ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଦାୟୀ ରହିବେ ବୋଲି ଗ୍ରାମର ବହୁ ଛାତ୍ରୀଛାତ୍ର, ଯୁବକମାନେ କହି ଥିଲେ। ଏ ନେଇ ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ପୃଥ୍ୱୀରାଜ ଦାସ କୁହନ୍ତି ଆମକୁ କେହି ଜଣାଇନାହାନ୍ତି। ଜଣାଇଲେ କେଉଁ ଯୋଜନାରେ କିଏ କରିଛି ବୁଝିଲେ ତାକୁ କହି କରିବା ବୋଲି କହିଥିଲେ ।

## ଜାତୀୟ ସ୍ତରୀୟ ରାଜନୀତି ବିଜ୍ଞାନ ସେମିନାର
# ଗଣତନ୍ତ୍ରକୁ ସୁରକ୍ଷା ଦେବାର ସମୟ ଆସିଛି:ବିଧାୟକ

ଗଞ୍ଜାମ,୨୨।୨(ଡି.ଏନ.ଏ.)




ମଞ୍ଚାସୀନ ଅତିଥିବୃନ୍ଦ।

ଗଞ୍ଜାମ ସହରରେ ଥିବା ବହୁ ପୁରାତନ ଗଞ୍ଜାମ କଲେଜରେ ଜାତୀୟ ସ୍ତରୀୟ ରାଜନୀତି ବିଜ୍ଞାନ ସେମିନାର ଶୁକ୍ରବାର ଅଧକ୍ଷ ଡ. ରଙ୍ଗନାଥ କାନୁନଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ ଡ. ପ୍ରିୟାଂଶୁ ପ୍ରଧାନ ଏହାର ଉଦ୍‌ଘାଟନ କରି ଭାରତରେ ଗଣତନ୍ତ୍ରକୁ ବର୍ତ୍ତମାନ ସୁରକ୍ଷା ଦେବାର ସମୟ ଆସିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ଯିଏ ଯେଉଁ ବିଭାଗରେ ଅଧ୍ୟୟନ କଲେ ମଧ ରାଜନୀତି ବିଜ୍ଞାନ ଗଣତନ୍ତ୍ର ରାଷ୍ଟ୍ରରେ ଆବଶ୍ୟକତା ରହିଛି ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଧାୟକ ପ୍ରଧାନ କହିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଜୟନ୍ତ କୁମାର ମହାପାତ୍ର, ମୁଖ୍ୟବକ୍ତା ପୂର୍ବତନ କଲେଜ ଉନ୍ନୟନ ନିର୍ଦ୍ଦେଶକ ବି.ସି. ଚୌଧୁରି, ସହକାରୀ ପ୍ରଫେସର ବନ୍ଦୋପାଧାୟ, ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ନୃସିଂହ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧାପକ ଅମର ବିଶୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ପ୍ରଫେସର ଦୁର୍ଯ୍ୟୋଧନ ଜେନା ଏବଂ ଇଂଲିଶ ଅଧାପକ ଡ. ଦୁର୍ଗା ପ୍ରସାଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

କନିଷି,୨୨।୨(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ରଙ୍ଗେଇଲୁଣ୍ଡା ବ୍ଲକ ବିଭିନ୍ନ ପଞ୍ଚାୟତରେ ଶୁକ୍ରବାର ବିଭିନ୍ନ ପ୍ରକଳ୍ପର ଗୋପାଳପୁର ବିଧାୟକ ତଥା ଜିଲା ବିଜେଡି ସଭାପତି ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରଙ୍ଗିପୁର ପଞ୍ଚାୟତ ନାମ ମଣ୍ଡପ, ନୂଆସାହି କୋଠଗୃହ, ରଘୁନାଥ କଲ୍ୟାଣ ମଣ୍ଡପ, ରଙ୍ଗିପୁର ପ୍ରାଥମିକ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀଗୃହକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ପରେ ରଙ୍ଗିପୁର ପଞ୍ଚାୟତ ବି.ନୂଆଗାଁ ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବଂ ୧୦ ଲକ୍ଷ ବ୍ୟୟରେ କନିଷି ହାଟଠାରେ ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିବା ସହ ସୁନାଦେଇ ଗ୍ରାମରେ ରଘୁନାଥ ମନ୍ଦିର କଲ୍ୟାଣ ମଣ୍ଡପ, ଗୋଳନ୍ଥରା ବାଣୀଶ୍ରୀ ବିଦ୍ୟା ମନ୍ଦିରର ଅତିରିକ୍ତ ଶ୍ରେଣୀଗୃହ, ଭାଲିଆଗଡ଼ ଗ୍ରାମସ୍ଥିତ ବଡ଼ ସାହି କଲ୍ୟାଣ ମଣ୍ଡପ ଆଦି ଉଦ୍‌ଘାଟନ କରିଥିଲେ। ଗୋବିନ୍ଦ ନଗରଠାରୁ ସୁବାଷ ନଗର ନୂତନ ରାସ୍ତା, ଚାନ୍ଦପୁର ପଞ୍ଚାୟତରେ କଲ୍ୟାଣ ମଣ୍ଡପ, ଗୋଳନ୍ଥରା ପଞ୍ଚାୟତରେ ନୂଆ ସାହି ବ୍ରିଜ ନିର୍ମାଣ ପାଇଁ ବିଧାୟକ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାଶ, କନିଷି ସରପଞ୍ଚ ଜୟଦେବ ଦାସ, କନୀଷ୍ଠ ଯନ୍ତ୍ରୀ ଏ. ସନ୍ତୋଷ କୁମାର ପାତ୍ର,ମ କାର୍ଯ୍ୟନିର୍ବାହୀ ଅଧିକାରୀ ପି. ତାରିଣୀ ରାଜୁ ଆଚାରୀ, ବ୍ଲକ ସଭାପତି ସିଏଚ୍ ଭରତ, ସହକାରୀ ଯନ୍ତ୍ରୀ ଗିରିଧାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଭୀମ ଭୋଇ ସାମର୍ଥ୍ୟ ଶିବିର



ଆବେଦନକାରୀ ମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି ।

ରାଇକିଆ,୨୨।୨(ଡି.ଏନ.ଏ)

ରାଇକିଆ ବ୍ଲକ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦିବ୍ୟାଙ୍ଗଙ୍କୁ ଚିହ୍ନଟ ପାଇଁ ଶିବିରରେ ସମୁଦାୟ ୨୮୬ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା। ଅସ୍ଥି ଦିବ୍ୟାଙ୍ଗ ମଧ୍ୟରୁ ୮୩ଜଣ, ଦୃଷ୍ଟି ବାଧିତଙ୍କ ମଧ୍ୟରୁ ୪୬ ଜଣ, ଶ୍ରବଣ ବାଧିତଙ୍କ ମଧ୍ୟରୁ ୧୩ ଜଣ, ମାନସିକ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୫୫ ଜଣଙ୍କୁ ଚିହ୍ନଟ କରାଯାଇଛି। ୨୩ ଜଣ ସିକଲିନ ରୋଗୀଙ୍କୁ ମଧ ପଞ୍ଜୀକରଣ କରାଯିବା ସହ ଚିହ୍ନଟ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଏସ୍‌ଏସ୍‌ଓ ସଙ୍ଗିତା ବେହେରା ପରିଚାଳନା କରିଥିଲେ। ଡିଏସ୍‌ଏସ୍‌ଓ ଶୁଭ୍ରାଂଶୁ ମହାରଣା, ବିଡିଓ ରଶ୍ମିରଞ୍ଜନ ମହନ୍ତ, ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ମାନେ ମଧ ଉପସ୍ଥିତ ଥିଲେ। ବିଭାଗୀୟ ଡାକ୍ତର ମାନେ ଚିହ୍ନଟ କରିଥିଲେ। ପିଇଓ, କନିଷ୍ଠ ଯନ୍ତ୍ରୀ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ, ଶିଳାନ୍ୟାସ

ବୁଗୁଡ଼ା,୨୨।୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଓ ଏନ୍‌ଏସିର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ ଶୁକ୍ରବାର ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ସମ୍ପାଦିତ ହୋଇଯାଇଛି। ବୁଗୁଡ଼ା ବ୍ଲକ କାଦପଡ଼ା, ଘୋଡ଼ାପଡ଼ା, ଡେହୁକାରେ ପାନୀୟ ଜଳ ପ୍ରକଳ୍ପ ସହ ଡେଙ୍ଗାପଦର ଗ୍ରାମରେ ଏକ ଗ୍ରାମ୍ୟ କୋଠଘରକୁ ମଧ ବିଧାୟକ ଉଦ୍‌ଘାଟନ କରିଥିଲେ। ସେହିପରି ବ୍ଲକର ମାଣିକପୁର, ଡାକରାବାଡ଼ି, ରାମଣ୍ଡା ଓ ଉଦୟପୁର ଗ୍ରାମରେ ବିଧାୟକଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବ୍ଲକ ଅଧକ୍ଷା ପ୍ରତିନିଧି ବରୁଣ ସେନାପତି, ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ବ୍ଲକ ବିଜେଡି ସଭାପତି ଇ. ମଦନ ଗୋପାଳ ଦୋରା ସମେତ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ବୁଗୁଡ଼ା ଏନଏସିରେ ଷ୍ଟ୍ରିଟ ଲାଇଟ ନଥିବା ଅଞ୍ଚଳରେ ସ୍ମାର୍ଟ ଏଲଇଡି ଆଲୋକୀକରଣ କାର୍ଯ୍ୟକ୍ରମକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ବିଜୁ କନ୍ୟାରତ୍ନ ସଚେତନତା ଗଣଦୌଡ

ଖଲ୍ଲିକୋଟ,୨୨।୨(ଡି.ଏନ୍.ଏ.)

ଖଲ୍ଲିକୋଟ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ବିଜୁ କନ୍ୟାରତ୍ନ ସଚେତନତା ଗଣଦୌଡ ଅନୁଷ୍ଠିତ ହୋଇଛି। ଖଲ୍ଲିକୋଟ ସିଡିପିଓ ମମତାରାଣୀ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଡଇଓ ନବକୃଷ୍ଣ ଜେନା, ଏବିଡିଓ ଗଗନ ବିହାରୀ ପଟ୍ଟନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ହରପ୍ରସାଦ ମହାପାତ୍ର, ଏବିଇଓ ଶ୍ୟାମ ସୁନ୍ଦର ଗୋଛି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗଣଦୌଡ ସିଡିପିଓଙ୍କ କାର୍ଯ୍ୟାଳୟରୁ ବାହାରି ଖଲ୍ଲିକୋଟ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ପରେ ବ୍ଲକ ପରିସରରେ ଆୟୋଜିତ ସଭାରେ ଅତିଥିମାନେ କନ୍ୟା ଭ୍ରୁଣ ହତ୍ୟା ବନ୍ଦ, ଶିଶୁକନ୍ୟା ସନ୍ତାନର ପ୍ରାଧାନ୍ୟ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅରବିନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରୀଛାତ୍ର,ବ ହୁ ଅଙ୍ଗନୱାଡ଼ି କର୍ମୀ, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

# ଆମ କନ୍ୟା ଆମ ରତ୍ନ ସଚେତନତା ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟ ଅଧିକାରୀବୃନ୍ଦ

ଗୋପାଳପୁର,୨୨।୨

ରଙ୍ଗେଇଲୁଣ୍ଡା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଶୁକ୍ରବାର ବିଜୁ କନ୍ୟାରତ୍ନ ଯୋଜନା ଆନୁକୂଲ୍ୟରେ ଆମ କନ୍ୟା ଆମ ରତ୍ନ ସଚେତନତା ଶିବିର ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବ୍ଲକ ସଦ୍‌ଭାବନା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ ଯୋଗ ଦେଇଥିଲେ। କନ୍ୟାଙ୍କ ଅଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟ ଉନ୍ନତିରେ ଯୁବଗୋଷ୍ଠୀର ଅବଦାନ ରହିଛି। କନ୍ୟାଭ୍ରୂଣ ହତ୍ୟା ରୋକିବା, କନ୍ୟା ଜନ୍ମ ଉତ୍ସବ ପାଳନ, ସାବାଳକ ବୟସରେ ବିବାହ କରିବା ଆଦି ନେଇ ସଚେତନତା କରାଯାଇଥିଲା। ବ୍ଲକରେ ଗୋଟିଏ କିମ୍ବା ଦୁଇଟି ଶିଶୁକନ୍ୟା ଜନ୍ମ ପରେ ଅସ୍ତ୍ରୋପଚାର କରିଥିବା ମା'ମାନଙ୍କୁ ପ୍ରଶଂସା କରାଯିବା ସହ ଜିଲା ପ୍ରଶାସନ ପକ୍ଷରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ବହୁ ଛାତ୍ରୀ ଏବଂ ଅଙ୍ଗନୱାଡ଼ି କର୍ମୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସୁପରଭାଇଜର ସଞ୍ଜୁଲତା ପାଣିଗ୍ରାହୀ, ଶାନ୍ତିଲତା ଶତପଥୀ, କେ. ଅନୀତା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମାଙ୍କ ଜୟନ୍ତୀ ପାଳିତ



ଶ୍ରୀମାଙ୍କ ଜୟନ୍ତୀରେ ଉପସ୍ଥିତ ଛାତ୍ରୀଛାତ୍ର।

ବୁଗୁଡା,୨୨।୨(ଡି.ଏନ.ଏ.)

ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ବିଦ୍ୟାଳୟ ପରିସରରେ ଶ୍ରୀମାଙ୍କ ୧୪୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ବିଦ୍ୟାଳୟର ସଭାପତି ଯୁ. ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ମାତୃପତାକା ଉତ୍ତୋଳନ କରାଯାଇ ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ମାତୃପ୍ରେମୀ ସୁବାସ ସାହୁ, ଶିକ୍ଷାବିତ୍ ରଘୁନାଥ ସାହୁ, ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ସଭାସ୍ଥଳରେ ଶ୍ରୀମାଙ୍କ ତୈଳଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଚଳା ମଞ୍ଜରୀ ଗୌଡ, ସନ୍ଧ୍ୟାରାଣୀ ସାହୁ, ମୌସୁମୀରାଣୀ ସ୍ୱାଇଁ, ସ୍ୱାଗତିକା ପଣ୍ଡା, ସଞ୍ଜୟ ମହାରଣା ପ୍ରମୁଖ ଅପା ଭାଇମାନେ ପରିଚାଳନା କରିଥିଲେ।

# ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଡିଇଓଙ୍କ ନିର୍ଦ୍ଦେଶ

ପାରଳାଖେମୁଣ୍ଡି, ୨୨।୨(ସ୍ୱ.ପ୍ର.)

**ମଦ୍ୟପାନ ଭିଡିଓ ଭାଇରାଲ ଘଟଣା**

ଗଜପତି ଜିଲା ଗୋଷାଣି ବ୍ଲକ ଅଧୀନ ୪ଟି ବିଦ୍ୟାଳୟର ୪ଜଣ ଶିକ୍ଷକ ଗୁରୁବାର ମଧ୍ୟାହ୍ନରେ ଗାରାବନ୍ଧ ଅଞ୍ଚଳସ୍ଥ ଏକ ଢାବାରେ ମଦ୍ୟପାନ କରୁଥିବାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଶୁକ୍ରବାର ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷକମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜିଲା ଶିକ୍ଷାଧିକାରୀ (ଡିଇଓ) ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ୪ଜଣ ଶିକ୍ଷକ ନିଜ ଡ୍ୟୁଟି ସମୟରେ ବିଦ୍ୟାଳୟରୁ ଆସି ଗାରାବନ୍ଧ ଅଞ୍ଚଳସ୍ଥ ଏକ ଢାବାରେ ମିଳିତ ଭାବେ ମଦ୍ୟପାନ କରୁଥିବା ବେଳର ଭିଡିଓ କେହି ଜଣେ ଶୁଟ୍ କରି ତାହାକୁ ଭାଇରାଲ କରିଥିଲେ। ଫଳରେ ଘଟଣା ଚାରିଆଡେ ପ୍ରଘଟ ହୋଇଥିଲା। ଏ ନେଇ ଚର୍ଚ୍ଚା ଜୋର ଧରିବାରୁ ଗୋଷାଣି ବ୍ଲକ ଶିକ୍ଷାଧିକାରୀ ଠାକୁର ପ୍ରସାଦ ସିଂ ସମ୍ପୃକ୍ତ ୪ ଶିକ୍ଷକ ଗୌଡ ତାଳସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୃଷ୍ଣଚନ୍ଦ୍ର ଦୋରା, କେ.ଉରୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୁରଲି ଚୌଧୁରୀ, ତାଳସିଂ ପ୍ରାଥମିକ ବିଦ୍ୟାଳୟର ତ୍ରିନାଥ ନାୟକ, ମାରିଙ୍ଗି ପ୍ରାଥମିକ ବିଦ୍ୟାଳୟର ଉମାକାନ୍ତ ଚୌଧୁରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ କହିଛନ୍ତି ଯେ, ସମ୍ପୃକ୍ତ ଶିକ୍ଷକମାନଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଛି।

# ସିଡିଏମ୍‌ଓ, ଜିଲାପାଳଙ୍କୁ ଜଣାଇଲେ ଜିଲା ପରିଷଦ

ବେଗୁନିଆପଡା,୨୨।୨(ଡି.ଏନ୍.ଏ.)

**ଉପସ୍ଥାନ ଖାତାରେ ଆଗୁଆ ଦସ୍ତଖତ କରି ମହିଳା ଡାକ୍ତର ଅନୁପସ୍ଥିତ**

ଗାଁ ଗହଳିରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ସରକାର ବହୁ ଯୋଜନା କରୁଛନ୍ତି। ମାତ୍ର ବହୁ କାରଣରୁ ତୃଣମୂଳ ସ୍ତରରେ ଏହାର ବାସ୍ତବ ଚିତ୍ର ଅଲଗା। ବହୁ ସ୍ୱାସ୍ଥ୍ୟକେନ୍ଦ୍ରରେ ନା ରହୁଛନ୍ତି ଡାକ୍ତର, ନା ମିଳୁଛି ରୋଗୀସେବା ।

ଏପରି ଘଟଣା ଦେଖିବାକୁ ମିଳିଛି ବେଗୁନିଆପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ। ଏଠାରେ କାର୍ଯ୍ୟରତ ଡାକ୍ତର ଆଗୁଆ ୭ ଦିନ ପାଇଁ ଉପସ୍ଥାନ ଖାତାରେ ଦସ୍ତଖତ କରି ପଳାଇଛନ୍ତି। ଏନେଇ ସ୍ଥାନୀୟ ଲୋକେ ଗଞ୍ଜାମ ଜିଲାପାଳ ଓ ସିଡିଏମ୍‌ଓଙ୍କୁ ବୁଧବାର ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ବେଗୁନିଆପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡା. ଏନ୍. ସି. ପାଢୀଙ୍କର ୩ମାସ ତଳେ ବଦଳି ହୋଇଯାଇଛି। ତାଙ୍କ ସ୍ଥାନରେ ଡା. ଅରୁନ୍ଧତୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ବହୁଦିନ ହେଲା ଡାକ୍ତର ଅନୁପସ୍ଥିତ ରହୁଥିବା ନେଇ ଅଭିଯୋଗ ହେଉଥିଲା। ଜିଲା ପରିଷଦ ଗୀତାଞ୍ଜଳୀ ଭୂୟାଁ ରୋଗୀ କଲ୍ୟାଣ ସମିତିର ସଭ୍ୟ ଥିବାରୁ ବୁଧବାର ମେଡିକାଲ ଯାଇ ଡାକ୍ତରଙ୍କ ଉପସ୍ଥାନ ଖାତା ଯାଞ୍ଚ କରିଥିଲେ। ଡାକ୍ତର ପାଣିଗ୍ରାହୀ ଉପସ୍ଥାନ ଖାତାରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଆଗୁଆ ଦସ୍ତଖତ କରିଥିବା ଦେଖିବାକୁ ମିଳିଥିଲା। ଏହାପରେ ସ୍ଥାନୀୟ ଜିଲା ପରିଷଦ ଭୂୟାଁ ଅସନ୍ତୋଷ ବ୍ୟକ୍ତ କରି ସିଡିଏମ୍‌ଓଙ୍କୁ ଲିଖିତ ଅଭିଯୋଗ କରିବା ସହ ଗଞ୍ଜାମ ଜିଲାପାଳଙ୍କୁ ମଧ ଅଭିଯୋଗ କରିଛନ୍ତି। ଏନେଇ ଗଞ୍ଜାମ ସିଡିଏମ୍‌ଓ ସଦାନନ୍ଦ ମିଶ୍ରଙ୍କୁ ପଚାରିବାରୁ ଏନେଇ ତୁରନ୍ତ ଅନୁଧାନ କରି ଅନୁପସ୍ଥିତ ଥିବା ଡାକ୍ତରାଣୀଙ୍କୁ କାରଣ ଦର୍ଶାଅ ନୋଟିସ କରାଯିବ ବୋଲି କହିଥିଲେ। ଡା. ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେ ଭୁଲ୍‌ରେ ୨୭ ତାରିଖ ପର୍ଯ୍ୟନ୍ତ ଦସ୍ତଖତ କରିଦେଇଥିବା କହିଛନ୍ତି।

## ସଂକ୍ଷେପରେ

### ୱାନ୍ ବାର୍ ୱାନ୍ ଭୋଟ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ, ୨୨।୨- ଏଣିକି ରାଜ୍ୟରେ ୱାନ୍ ବାର୍ ୱାନ୍ ଭୋଟ। ଓଡ଼ିଶା ଆଇନଜୀବୀ ପରିଷଦକୁ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ୧୬୫ଟି ଓକିଲ ସଂଘର ନିର୍ବାଚନ ମାର୍ଚ୍ଚରେ ଗୋଟିଏ ବାର୍ ଗୋଟିଏ ଭୋଟ ନୀତିରେ ଅନୁଷ୍ଠିତ ହେବ। ପୂର୍ବରୁ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସମେତ ଦେଶରେ ଯେତେଗୁଡ଼ିଏ ଓକିଲ ସଂଘ ଥିଲା ଜଣେ ଓକିଲ ଯେଉଁଠାରେ ଚାହେଁ ଏକାଧିକ ସଂଘର ମନଇଚ୍ଛା ସଦସ୍ୟତା ନେଇ ସବୁଠାରେ ଭୋଟ ଦେଇପାରୁଥିଲେ। ଫଳରେ ଠିକ୍ ପ୍ରତିନିଧିତ୍ୱ ହେବା ତ ଦୂରର କଥା ବିଭିନ୍ନ ଅରାଜକତା ସୃଷ୍ଟି ହେବା ମନେ ହେଉଥିଲା। ଏପରିକି କାର୍ଯ୍ୟ କ୍ଷେତ୍ରରେ କ୍ରିୟାଶୀଳ ନ ଥିବା ଜଣେ ସଦସ୍ୟ ନିର୍ବାଚନ ଲଢୁଥିଲେ, ଜିତୁଥିଲେ କିମ୍ବା ଅନ୍ୟ ଜଣେ ପ୍ରାର୍ଥୀଙ୍କୁ ଜିତାଇବାରେ ସାହାଯ୍ୟ କରୁଥିଲେ। କେହି କେହି ଜିତିବା ପାଇଁ ସୁପ୍ତ ଭୋଟରମାନଙ୍କ ନାମରେ ବାର୍ଷିକ ଦେୟ ଦେଉଥିବା ଜଣାପଡୁଥିଲା। ଫଳରେ ଯୋଗ୍ୟ ପ୍ରାର୍ଥୀ ମଧ ହାରିଯିବା ଭୟ ରହୁଥିଲା। ଏନେଇ ଆଡଭୋକେଟ ଶିବନାରାୟଣ ବିଶ୍ୱାଳ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାମଲାରେ ରାଜ୍ୟ ଆଇନଜୀବୀ ପରିଷଦକୁ ଜବାବ ରଖିବା ପାଇଁ ହାଇକୋର୍ଟ ଆଦେଶ ଦେଇଥିଲେ। ଆଇନଜୀବୀ ପରିଷଦ ପକ୍ଷରୁ ଜବାବ ଦାଖଲ ପରେ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ୱାନ ବାର୍ ୱାନ ଭୋଟ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

### ବିଷ ପିଇ ଜଣେ ମୃତ

**ବ୍ରହ୍ମପୁର ଅଫିସ୍,୨୨।୨:** ବିଷ ପିଇ ଗୁରୁତର ହୋଇଥିବା ଜଣେ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳି ଥାନା ରାଳବ ଗ୍ରାମର ସନ୍ନ୍ୟାସୀ ଦଳାଇ। ଏ ନେଇ ବୈଦ୍ୟନାଥପୁର ଥାନା ବଡମେଡିକାଲ ଫାଣ୍ଡି ପୋଲିସ ନଂ.୯୭/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଜନ୍ମେଞ୍ଜୟ ମଲ୍ଲିକ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ୧୯ ତାରିଖ ସନ୍ଧ୍ୟାରେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ସନ୍ନ୍ୟାସୀ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହିଞ୍ଜିଳି ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା।

### ୬୧ ବ୍ୟବସାୟିକ ଅନୁଷ୍ଠାନକୁ ନୋଟିସ

ବ୍ରହ୍ମପୁର ଅଫିସ,୨୨।୨: ବ୍ରହ୍ମପୁର ସହରରେ କଲ୍ୟାଣ ମଣ୍ଡପ , ସପିଂମଲ, ହୋଟେଲ ତଥା ବ୍ୟବସାୟୀ ଅନୁଷ୍ଠାନ ଦିନକୁ ଦିନ ବୃଦ୍ଧି ପାଉଛି । ସେଥିମଧ୍ୟରୁ ବହୁ ଅନୁଷ୍ଠାନର ନିଜସ୍ୱ ପାର୍କିଂ ସ୍ଥାନ ନାହିଁ । ନିଜସ୍ୱ ପାର୍କିଂ ସ୍ଥାନ କରିବାକୁ ପୂର୍ବରୁ ବହୁ ସଂସ୍ଥା ତଥା ବ୍ୟବସାୟିକ ଅନୁଷ୍ଠାନକୁ ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପକ୍ଷରୁ ତାଗିଦ୍ କରାଯାଇଥିଲା । ତଥାପି ଏଥିପ୍ରତି ଗୁରୁତ୍ୱ ନ ଦିଆଯିବାରୁ ଶୁକ୍ରବାର ବିଏମସି ପକ୍ଷରୁ ଜରିମାନା ପାଇଁ ନୋଟିସ ଜାରି କରାଯାଇଛି। ଓଡିଶା ମ୍ୟୁନସିପାଲ କର୍ପୋରେସନ ଆକ୍ଟର ୧୯୩ ଧାରା ଅନୁଯାୟୀ ୬୧ଟି ବ୍ୟବସାୟିକ ଅନୁଷ୍ଠାନକୁ ଜରିମାନା ଦେବାକୁ ନୋଟିସ ହୋଇଥିବା ବିଏମସି ପକ୍ଷରୁ ସୂଚନା ମିଳିଛି । ଏହି ଅନୁଷ୍ଠାନଗୁଡିକରୁ ମୋଟ ୧.୪୧ କୋଟି ଟଙ୍କା ଆଦାୟ କରାଯିବ । ୭ ଦିନ ମଧରେ ଅନ୍ୟ ୮୭ ବ୍ୟବସାୟିକ ସଂସ୍ଥାକୁ ନୋଟିସ ଜାରି କରାଯିବ ବୋଲି ନିଗମ କମିଶନର ଚକ୍ରୱାର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି ।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବ୍ରହ୍ମପୁର ଅଫିସ,୨୨।୨:** ଗଅଞ୍ଜୁ ପଞ୍ଚାୟତ ତେର ଗଅଞ୍ଜୁସ୍ଥିତ କୋଠଘରଠାରେ ବ୍ରହ୍ମପୁର ବିଜୁ ପଟ୍ଟନାୟକ ହୋମଓପାଥି ମେଡିକାଲ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିବିରାର୍ଥୀଙ୍କୁ ହୋମିଓପାଥିର ଉପଯୋଗିତା ବୁଝାଯାଇଥିଲା। ୧୭୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ହୋମିଓପାଥି ଔଷଧ ପ୍ରଦାନ କରାଯାଇଥିଲା। ଶିବରକୁ ଡା. ଶ୍ୟାମସୁନ୍ଦର ମହାରଣା, ଡା. କୃଷ୍ଣ ଚରଣ ପାଲ ପରିଚାଳନା କରିଥିବା ବେଳେ ଗଅଞ୍ଜୁ ସରପଞ୍ଚ ବାସନ୍ତୀ ମହାରଣା ଉପସ୍ଥିତ ଥିଲେ। ହୋମିଓପାଥି କଲେଜର ଛାତ୍ରୀଛାତ୍ର ଓ ସ୍ଥାନୀୟ ଆଶା, ଅଙ୍ଗନୱାଡି କର୍ମୀ ସହଯୋଗ କରଥିଲେ।

## ■ ସଚେତନତା ଅଭାବରୁ ଉଦ୍ଦେଶ୍ୟ ପୂରଣ ହେଉନି

# ଦୁଇମାସରେ ଆଶ୍ରୟକୁ ଆସିଛନ୍ତି ୨୦୦

**ବ୍ରହ୍ମପୁର ଅଫିସ,୨୨।୨**

■ନିୟମିତ ରହୁଛନ୍ତି ମାତ୍ର ୫
■ରାତି, ଦିନରେ ମିଳିବ ଆହାର

ବ୍ୟବସାୟ ତଥା ରୋଜଗାର କରିବା ଉଦ୍ଦେଶ୍ୟରେ ଅନେକ ମହିଳା ଓ ପୁରୁଷ ବ୍ରହ୍ମପୁରକୁ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସହରର ବିଭିନ୍ନ ସ୍ଥାନରେ ଭିକ୍ଷାବୃତ୍ତି, ରିକ୍ସାଟାଣି, ମୂଲ ମଜୁରୀ ଲାଗି ପେଟ ପୋଷୁଛନ୍ତି। କାମ ସାରି ଏମାନେ ରାଜରାସ୍ତା, ବସଷ୍ଟାଣ୍ଡ, ରେଳଷ୍ଟେଶନ ଏପରିକି ରିକ୍ସା ଉପରେ ରାତିରେ ଆଶ୍ରୟ ନେଉଛନ୍ତି। ଏଭଳି ଅସହାୟ ତଥା ବାସହୀନଙ୍କୁ ଆଶ୍ରୟ ଦେବାକୁ ପାୟଲ ହଲ ସମ୍ମୁଖରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ୨୦୧୮ ଡିସେମ୍ବର ୧ରେ ଖୋଲିଛି ଆଶ୍ରୟସ୍ଥଳୀ। ଜାତୀୟ ସହରାଞ୍ଚଳ ଜୀବିକା ମିଶନ(ଏନୟୁଏଲଏମ) ଅଧୀନରେ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଭି.ଜେଏସଏସ ଦ୍ୱାରା ଏହା ପରିଚାଳିତ ହେଉଛି। ଏଥିରେ ୬୦ ମହିଳା ଓ ପୁରୁଷଙ୍କ ରହିବା ପାଇଁ ବ୍ୟବସ୍ଥା ହୋଇଥିଲେ ମଧ ଆଶ୍ରୟସ୍ଥଳୀ ଖୋଲିବାର ଦୁଇ ମାସରୁ ଉର୍ଦ୍ଧ୍ୱ ହୋଇଥିଲେ ବି ମୂଳ ଉଦ୍ଦେଶ୍ୟ ପୂରଣ ହୋଇପାରି ନାହିଁ। ୨ ମାସରେ ୨୦୦ ଲୋକ ଆଶ୍ରୟ ନେବାକୁ ଆସିଥିବା ବେଳେ ଏବେ ମାତ୍ର ୫ ବାସହୀନ ଭିକ୍ଷୁକ



ବିଏମସି ପକ୍ଷରୁ ନିର୍ମିତ ଆଶ୍ରୟସ୍ଥଳୀ।

ଓ ରିକ୍ସା ଚାଳକ ରହିଛନ୍ତି। ଆଶ୍ରୟସ୍ଥଳୀର ମୂଳ ଉଦ୍ଦେଶ୍ୟ ପୂରଣ ପାଇଁ ଜନ ସଚେତନତା ଅଭାବ ଥିବା ଚର୍ଚ୍ଚା ହୋଇଛି।

ଦକ୍ଷିଣ ଓଡିଶାରେ ବାଣିଜ୍ୟର କେନ୍ଦ୍ରସ୍ଥଳୀ ଗଞ୍ଜାମ ଜିଲା ବ୍ରହ୍ମପୁରକୁ ପ୍ରତ୍ୟେକ ଦିନ ଜିଲା ତଥା ରାଜ୍ୟର କୋଣ ଅନୁକୋଣରୁ ଶହ ଶହ ଲୋକ ବିଭିନ୍ନ କାର୍ଯ୍ୟ, ବ୍ୟବସାୟ ତଥା ରୋଜଗାର ଆଶାରେ ଆସିଥାନ୍ତି। ରାତିରେ ସେମାନେ ରେଳଷ୍ଟେଶନ, ବସଷ୍ଟାଣ୍ଡ, ରାସ୍ତାପାର୍ଶ୍ୱ, ମନ୍ଦିର ନଚେତ ଖୋଲା ଆକାଶ ତଳେ ଶୋଇଥାନ୍ତି। ବହୁ ଦାବି ପରେ ବିଏମସି ପକ୍ଷରୁ ୪୦ ଲକ୍ଷ ଟଙ୍କା ବ୍ୟୟରେ ରାତି ଆଶ୍ରୟସ୍ଥଳୀ ନିର୍ମିତ ହୋଇଥିଲା। ଏଥିରେ ୬୦ ମହିଳା ଓ ପୁରୁଷ ରହିବା ପାଇଁ ଶଯ୍ୟା, ବେଡସିଟ, ଶୌଚାଳୟର ସୁବିଧା କରାଯାଇଛି। ହେଲେ ଆଶ୍ରୟସ୍ଥଳୀ ଖୋଲିବାର ଦୁଇମାସ ପରେ ବି ଅନେକ ଏ ସମ୍ପର୍କରେ ଅବଗତ ହୋଇପାରି ନ ଥିବାରୁ ବାହାରେ ରାତି କାଟୁଛନ୍ତି। ଆଶ୍ରୟରେ ଏବେ ମାତ୍ର ୫ ଜଣ ନିୟମିତ ରହୁଛନ୍ତି। ସେମାନଙ୍କ ମଧରେ ୨ ରିକ୍ସାଚାଳକ ଓ ୩ ଭିକ୍ଷୁକ ରହିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ପାଖରେ ଆଧାର କାର୍ଡ, ଭୋଟ ପରିଚୟ ପତ୍ର, ରାଶନ କାର୍ଡ କିମ୍ବା ଭଡ଼ା କାର୍ଡ ଭଳି କୌଣସି ଏକ ପରିଚୟପତ୍ର ନ ଥିଲେ ଆଶ୍ରୟରେ ରହିପାରିବେ ନାହିଁ ବୋଲି ଏହାର ଗାଇଡ ଲାଇନରେ ରହିଛି। ତେଣୁ ଖୋଲା ଆକାଶତଳେ ରହୁଥିବା ଅସହାୟମାନେ ଆଶ୍ରୟକୁ ଆସିପାରୁ ନ ଥିବା ମଧ ଚର୍ଚ୍ଚା ହେଉଛି।

ଏ ନେଇ ଆଶ୍ରୟସ୍ଥଳୀର ମ୍ୟାନେଜର ବିରେନ ମିତ୍ର ନାୟକ କହିଛନ୍ତି, ଏଠାରେ ରହିବାକୁ ଥିବା ବାସହୀନଙ୍କ ବୟସ ସୀମା ୪୫ରୁ ୬୦ ବର୍ଷ ମଧ୍ୟରେ ରହିଛି। ସେମାନଙ୍କୁ ଯେ କୌଣସି ଏକ ପରିଚୟ ପତ୍ର ଦେବାକୁ ପଡିବ। ଯେଉଁମାନଙ୍କ କୌଣସି ପ୍ରକାର ପରିଚୟପତ୍ର ନାହିଁ ସେମାନଙ୍କୁ ନୂତନ ଏକ କାର୍ଡ ପ୍ରଦାନ କରିବା ବ୍ୟବସ୍ଥା ମଧ ରହିଛି।

ବିଏମସି କମିଶନର ଚକ୍ରୱର୍ତ୍ତୀ ସିଂ ରାଠୋର କହିଛନ୍ତି, ଅଧିକରୁ ଅଧିକ ବାସହୀନଙ୍କୁ ଏହି ଆଶ୍ରୟସ୍ଥଳୀକୁ ଆଣିବା ପାଇଁ ପ୍ରୟାସ ଜାରି ରହିଛି। ଦିଲ୍ଲୀର ଏକ ସଂସ୍ଥା ସହରରେ ଥିବା ବାସହୀନଙ୍କ ସର୍ଭେ କରିଛି। ରିପୋର୍ଟ ଆସିବା ପରେ ସମସ୍ତ ବାସହୀନଙ୍କୁ ଆଶ୍ରୟସ୍ଥଳୀ ଅଣାଯିବା ଦିଗରେ ପଦକ୍ଷେପ ନିଆଯିବ। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ପ୍ରଚାରପତ୍ର ମାଧମରେ ସହରବାସୀଙ୍କୁ ସଚେତନ କରାଯାଉଛି। ଆଶ୍ରୟସ୍ଥଳୀ ଦୂର ହେଉଥିବାରୁ ଷ୍ଟେଶନ, ବଡବଜାର, ସାନବଜାର ଅଞ୍ଚଳରେ ଖୋଲାଆକାଶ ତଳେ ରହୁଥିବା ବାସହୀନମାନେ ଆସିବାକୁ ରାଜି ହେଉନାହାନ୍ତି।

ଆଶ୍ରୟରେ ରହୁଥିବା ରିକ୍ସାଚାଳକ ସାନଖେମୁଣ୍ଡି ବ୍ଲକ ଲକ୍ଷ୍ମୀନାରାୟଣପୁରର ଦୟାନିଧି ନାୟକ କହିଛନ୍ତି ଯେ, ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅଙ୍କୁ ନେଇ ମୋର ପରିବାର। ୩୨ ବର୍ଷ ହେଲା ବ୍ରହ୍ମପୁରରେ ରିକ୍ସା ଚଳାଇ ପରିବାର ପୋଷୁଛି। ଦିନସାରା ପରିଶ୍ରମ କଲେ ମାତ୍ର ୧୦୦ କିମ୍ବା ୨୦୦ ଟଙ୍କା ମିଳୁଛି। ଭଡା ଘର ନେବା ମୋ ପାଇଁ ଅସମ୍ଭବ। ତେଣୁ ରିକ୍ସାରେ ରାତି କଟୁଥିଲା। ଶୀତ, ବର୍ଷାରେ ରାସ୍ତା ପାର୍ଶ୍ୱରେ ରିକ୍ସାରେ ଶୋଇବା ବେଳେ ପୋଲିସ ଓ ବିଭିନ୍ନ ଅସାମାଜିକ ଲୋକଙ୍କ ଦ୍ୱାରା ବହୁତ ହଇରାଣ ହୋଇଛି। ଏବେ ୧୫ ଦିନ ହେଲା ଆଶ୍ରୟସ୍ଥଳୀ କଥା କହି କେହି ଜଣେ ମୋତେ ଏଠାକୁ ଆଣିଛନ୍ତି। ଏବେ ଶାନ୍ତିରେ ରାତିରେ ଶୋଇ ସକାଳୁ ରୋଜଗାର କରିବାକୁ ଯାଉଛି।

ସୂଚନାଯୋଗ୍ୟ, ନୂଆବସଷ୍ଟାଣ୍ଡ ରୋଡ ପାୟଲ ହଲ ସମ୍ମୁଖରେ ଖୋଲାଯାଇଥିବା ଏହି ଆଶ୍ରୟସ୍ଥଳୀର ପରିଚାଳନା ପାଇଁ ୮ କର୍ମଚାରୀ ରହିଛନ୍ତି। ଏନୟୁଏଲଏମର ଗାଇଡଲାଇନ ଅନୁଯାୟୀ ଉକ୍ତ କର୍ମଚାରୀଙ୍କ ମଧ୍ୟରେ ଜଣେ ମ୍ୟାନେଜର, ଦୁଇଜଣ କମ୍ୟୁନିଟି ମୋବିଲାଇଜର, ୩ କେୟାର ଟେକର, ଜଣେ ଝାଡୁଦାର, ଜଣେ ସାନିଟେସନ ୱାର୍କର ରହିଛନ୍ତି। କମ୍ୟୁନିଟି ମୋବିଲାଇଜରମାନେ ବିଏମସି ତଥା ଏନୟୁଏଲଏମର ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଚାରପତ୍ର ମାଧମରେ ଆଶ୍ରୟସ୍ଥଳୀ ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛନ୍ତି। ଆଶ୍ରୟରେ ଆଗାମୀ ଦିନରେ ରାତ୍ରି ଓ ଦିନରେ ଖାଦ୍ୟ ବ୍ୟବସ୍ଥା କରାଯିବାକୁ ଯୋଜନା ଥିବା ଏନୟୁଏଲଏମ ପକ୍ଷରୁ ସୂଚନା ମିଳିଛି।

# ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

**ବ୍ରହ୍ମପୁର ଅଫିସ୍,୨୨।୨**

ଶୁକ୍ରବାରଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି। ଗଞ୍ଜାମ ଜିଲାରେ ୨୨୯ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି। ପ୍ରଶ୍ନପତ୍ରଗୁଡ଼ିକୁ ଜିଲାରେ ହୋଇଥିବା ୧୬ ନୋଡାଲ୍ ସେଣ୍ଟର୍‌ରୁ ଶୁକ୍ରବାର ସକାଳେ ପରୀକ୍ଷା କେନ୍ଦ୍ରକୁ ନିଆଯାଇଥିଲା। ସକାଳ ସାଢ଼େ ୮ଟା ସୁଦ୍ଧା ତାହା କେନ୍ଦ୍ରରେ ପହଞ୍ଚି ଯାଇଥିଲା। ସକାଳ ୯ଟାରେ ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିଥିଲେ।ଫାଟକ ପାଖରେ ସେମାନଙ୍କୁ ଯାଞ୍ଚ କରାଯାଇଥିଲା।ସାଢ଼େ ୯ଟାରେ ଓଏମ୍ଆର୍ ଏବଂ ୯ଟା ୪୫ମିନିଟ୍‌ରେ ପ୍ରଶ୍ନପତ୍ର ବଣ୍ଟା ଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢ଼େ ୧୨ଟା ଯାଏ ପରୀକ୍ଷା ଚାଲିଥିଲା। ଶୁକ୍ରବାର ଛାତ୍ରୀଛାତ୍ରମାନେ ପ୍ରଥମ ଭାଷା ପରୀକ୍ଷା ଦେଇଛନ୍ତି। ତେବେ ଜିଲାର କୌଣସି କେନ୍ଦ୍ରରେ କପି ହୋଇ ନଥିବା ଜଣାପଡିଛି।

ଜିଲାରେ ପରୀକ୍ଷା ସୁପରିଚାଳନା ଦିଗରେ ଗୁରୁତ୍ୱ ଦିଆଯାଉଛି।ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ବ୍ରହ୍ମପୁର ସ୍ଥିତ ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ


ବ୍ରହ୍ମପୁର ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି।

ଉପସ୍ଥିତ ରହି ପରୀକ୍ଷା ପରିଚାଳନାର ତଦାରଖ କରିଥିଲେ।ପରୀକ୍ଷା କେନ୍ଦ୍ରରେ ନିୟୋଜିତ ଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଯାଞ୍ଚ କରିବା ସହ ମୋବାଇଲ୍‌ଫୋନ ରଖିଥିଲେ।ସେହିପରି ସମସ୍ତ ୨୨ ବ୍ଲକରେ ଅବଜର୍ଭର୍‌ଙ୍କୁ ନିଯୁକ୍ତି ଦିଆଯାଇଛି।ମୁଖ୍ୟତଃ ଏଥିରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଅତିରିକ୍ତ ତହସିଲଦାର୍, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଉପ କୋଷାଗାରମାନେ ଦାୟିତ୍ୱରେ ରହିଛନ୍ତି।ପରୀକ୍ଷା କେନ୍ଦ୍ରର ଆଖାପାଖ ୨ଶହ ମିଟର ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ଅଂକୁଶ ଲଗାଯାଇଛି।କପି ଏବଂ ଅସାଧୁ ଉପାୟକୁ ଯାଞ୍ଚ କରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଗଠନ ହୋଇଛି।ଜିଲା ଶିକ୍ଷା ଅଧିକାରୀଙ୍କ ତରଫରୁ ୪ ସ୍କ୍ୱାର୍ଡ଼ ଗଠନ ହୋଇଛି।ଏଥି ସହ ବୋର୍ଡ଼ ତରଫରୁ ମଧ୍ୟ ଦୁଇଟି ସ୍କ୍ୱାର୍ଡ଼ ଗଠନ ହୋଇଛି।ପ୍ରତ୍ୟେକ କେନ୍ଦ୍ରରେ ମଧ୍ୟ ସ୍କ୍ୱାର୍ଡ଼ ରହି ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରୁଛନ୍ତି।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲାରେ ମୋଟ ୫୨,୪୩୩ ଛାତ୍ରୀଛାତ୍ର ପରୀକ୍ଷା ଦେବା ନିମନ୍ତେ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରେ ୪୮,୭୭୬ ରେଗୁଲାର୍, ୨,୬୨୪ ଏକ୍ସ ରେଗୁଲାର୍, ପତ୍ରବିନିମୟ କୋର୍ସ ରେଗୁଲାର୍ ୩୩୭ ଏବଂ ଏକ୍ସରେଗୁଲାର୍ ୩୯, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ୨୬୪ ଏବଂ ଏକ୍ସ ରେଗୁଲାର୍ ୨୬୫, ମଧ୍ୟମା ରେଗୁଲାର୍ ୧୨୧ ଏବଂ ୭ ଜଣ ଏକ୍ସ ରେଗୁଲାର୍ ପରୀକ୍ଷାର୍ଥୀ।

## ସାଇବର ଆଇନ ସଚେତନତା ଶିବିର

**ବ୍ରହ୍ମପୁର ଅଫିସ୍,୨୨।୨**

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ କମିଟି (ଡିଏଲଏସଏ) ଦ୍ୱାରା ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟଠାରେ ଶୁକ୍ରବାର ସାଇବର୍ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ବିଜୟ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସିଭିଲ୍ ଜଜ୍ ଜନ୍ମେଞ୍ଜୟ ଦାସ, ଜେଏମଏଫସି ଏସ.କେ.ଏସ ଆଚାର୍ଯ୍ୟ, ସୁଶ୍ରୀ ସଙ୍ଗୀତା ଦାସ, ପ୍ରଜ୍ଞା ପଣ୍ଡା ଏବଂ ମୋନିତା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବ୍ରହ୍ମପୁର ସାଇବର୍ ପୋଲିସ ଥାନାର ଇନ୍ସପେକ୍ଟର ଅକ୍ଷୟ କୁମାର ନାୟକ ପ୍ରଶିକ୍ଷକ ଭାବେ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କୁ ସାଇବର୍ ଆଇନ, ସାଇବର୍ ଅପରାଧ, ସାଇବର ପୋଲିସ ଥାନା ସମ୍ପର୍କରେ ସୂଚନା ଦେଇଥିଲେ।ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଅଧକ୍ଷ ଡ.ଦେବଦତ୍ତ ମିଶ୍ର, ଡ.ଚିତ୍ତରଞ୍ଜନ ମହାନ୍ତି, ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଶିବିରରେ ମଞ୍ଚାସୀନ ଥିଲେ।

## ■ ନବବଧୂ ହତ୍ୟା ମାମଲା

# ସ୍ୱାମୀଙ୍କୁ ୧୦, ଶାଶୁଙ୍କୁ ୭ ବର୍ଷ କାରାଦଣ୍ଡାଦେଶ

**ବ୍ରହ୍ମପୁର ଅଫିସ,୨୨।୨**

ଏକ ନବବଧୂ ହତ୍ୟା ମାମଲାର ବିଚାର କରି ବ୍ରହ୍ମପୁରସ୍ଥିତ ଏଡିଜେ-୨ କୋର୍ଟ ବିଚାରପତି ଦୀପକ କୁମାର ଶୁକ୍ରବାର ଅଭିଯୁକ୍ତ ସ୍ୱାମୀ ଏବଂ ଶାଶୁଙ୍କୁ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ସ୍ୱାମୀ ପ୍ରତାପ ଆଚାର୍ଯ୍ୟ ୧୦ ବର୍ଷ ସଶ୍ରମ ଜେଲ ଭୋଗିବା ସହ ତାଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ରାୟରେ ଉଲ୍ଲେଖ ରହିଛି। ଜରିମାନା ଅନାଦେୟ ଅଧିକା ୧ ବର୍ଷ ଜେଲ୍ ଭୋଗିବାକୁ ନିର୍ଦ୍ଦେଶ ହୋଇଛି। ସେହିପରି ଶାଶୁ ଶଶିକଳା ଆଚାର୍ଯ୍ୟ ୭ ବର୍ଷ ଜେଲ୍ ଭୋଗିବେ ବୋଲି ଶୁଣାଣି ହୋଇଛି।

୨୦୧୨ ମେ ୧୬ରେ ପାଟପୁର ଥାନା ଶ୍ରୀଚନ୍ଦନପୁର ଗ୍ରାମର ଶ୍ରୀହର୍ଷ ତ୍ରିପାଠୀଙ୍କ ଝିଅ ସୁଲୋଚନାଙ୍କ ସହିତ ନିତ୍ରିପୁର ଗ୍ରାମର ପ୍ରତାପଙ୍କର ବିବାହ ହୋଇଥିଲା। ବିବାହ ବେଳେ ଯୌତୁକ ବାବଦକୁ ୫୧ ହଜାର ଟଙ୍କା ଓ ସୁନାମୁଦି ଦିଆଯାଇଥିଲା। ପରେ ବାପଘରୁ ଏକ ସୁନା ଚେନ୍ ଆଣିବାକୁ ସୁଲୋଚନାଙ୍କୁ ପ୍ରତାପ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ୨୦୧୨ ଜୁଲାଇ ୨୬ରେ ଅର୍ଥାତ୍ ବିବାହର ୭୦ ଦିନ ପରେ ସ୍ୱାମୀ ଓ ଶାଶୁ କିରୋସିନ ଢାଳି ନିଆଁ


ଅଭିଯୁକ୍ତ ସ୍ୱାମୀ ଓ ଶାଶୁ।

ଲଗାଇ ସୁଲୋଚନାଙ୍କୁ ହତ୍ୟା କରିଥିଲେ ବୋଲି ତାଙ୍କ ବାପା ଶ୍ରୀହର୍ଷ ପାଟପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ନଂ.୯୨/୧୨ରେ ରୁଜୁ କରି ସ୍ୱାମୀ ପ୍ରତାପ ଓ ଶାଶୁ ଶଶିକଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ସେଠୀ ଏବଂ ଜ୍ଞାନରଞ୍ଜନ ମିଶ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ମୋଟ ୧୯ ଜଣଙ୍କର ସାକ୍ଷ୍ୟ ବୟାନ ଓ ପ୍ରମାଣକୁ ଆଧାର କରି ଅଦାଲତ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି କୁରେଶୁ ଚନ୍ଦ୍ର ଗୌଡ ମୋକଦ୍ଦମା ପରିଚାଳନା କରୁଥିଲେ।

## ■ ରକ୍ତ ପ୍ୟାକେଟ୍ ଏକ୍ସପାଏରୀ ଡେଟ୍‌ରେ ତ୍ରୁଟି

# ତଦନ୍ତ କଲେ ସହକାରୀ ଉପଜିଲାପାଳ

**ବ୍ରହ୍ମପୁର ଅଫିସ୍,୨୨।୨**

**ରକ୍ତଭଣ୍ଡାର କର୍ମଚାରୀଙ୍କ ତ୍ରୁଟି ଦର୍ଶାଇଲେ**

ବ୍ରହ୍ମପୁର ରକ୍ତ ଭଣ୍ଡାରରେ ରକ୍ତ ପ୍ୟାକେଟ୍‌ରେ ବିଭ୍ରାନ୍ତିକର ତଥ୍ୟ ଦିଆଯିବା ଘଟଣାକୁ ନେଇ ଶୁକ୍ରବାର କିଛି ସମୟ ପାଇଁ ଅଶାନ୍ତି ସୃଷ୍ଟି ହୋଇଥିଲା। ବ୍ରହ୍ମପୁର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଉପଜିଲାପାଳ ରକ୍ତ ଭଣ୍ଡାରରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ରକ୍ତଭଣ୍ଡାରର କୌଣସି କର୍ମଚାରୀ ଏକ୍ସପାଏରୀ ଡେଟ୍‌କୁ ଭୁଲବଶତଃ କମ୍ ଦିନ ଉଲ୍ଲେଖ କରାଇ ରକ୍ତ ପ୍ୟାକେଟ୍ ଦେଇଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ପ୍ରକାଶ ଯେ, ଗତ ୧୪ ତାରିଖରେ ଜରଡା ଥାନା ଅଞ୍ଚଳର ପଦ୍ମାବତୀ ପ୍ରଧାନ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ ମେଡିକାଲକୁ ଆସି ଚିକିତ୍ସିତ ହେଉଥିଲେ। ତେବେ ତାଙ୍କର ଅସ୍ତ୍ରୋପଚାର ପାଇଁ ରକ୍ତ ଆବଶ୍ୟକ ଥିବା ଡାକ୍ତର ପରାମର୍ଶ ଦେଇଥିଲେ। ୨୦ ତାରିଖରେ ଜଣେ ସମ୍ପର୍କୀୟ ରକ୍ତ ଆଣିବା ପାଇଁ ରକ୍ତଭଣ୍ଡାରରେ ସମସ୍ତ କାଗଜପତ୍ର ଓ ଧାର୍ଯ୍ୟ ଅର୍ଥ ଦାଖଲ କରିଥିଲେ। ଶୁକ୍ରବାର କାଉଣ୍ଟରରୁ ଗୋଟିଏ ରକ୍ତ ପ୍ୟାକେଟ୍ ନେଇ ପଦ୍ମାବତୀଙ୍କ ଅସ୍ତ୍ରୋପଚାର ପାଇଁ ସମ୍ପର୍କୀୟ ଜଣକ ଡାକ୍ତରଙ୍କୁ ସାକ୍ଷାତ କରିଥିଲେ। ଉକ୍ତ ପ୍ୟାକେଟ୍‌ରେ ୨୦୧୯ ଜାନୁୟାରୀ ୩୧ରେ ରକ୍ତ ସଂଗ୍ରହ ହୋଇଥିବା ଉଲ୍ଲେଖ ରହିଥିବା ବେଳେ ଫେବୃୟାରୀ ୭ରେ ଏକ୍ସପାଏରୀ ଡେଟ ଉଲ୍ଲେଖ ଥିଲା। ଡାକ୍ତର ଉକ୍ତ ରକ୍ତ ପ୍ୟାକେଟ୍‌କୁ ଫେରାଇବା ପାଇଁ କହିଥିଲେ। ଜରୁରୀ ସମୟରେ ଏକ୍ସପାଏରୀ ଡେଟ୍‌ର ରକ୍ତ ଦେଇ ରୋଗୀଙ୍କୁ ହଟହଟା କରାଯାଉଥିବା ପଦ୍ମାବତୀଙ୍କ ସମ୍ପର୍କୀୟ ବିଭିନ୍ନ ଗଣମାଧ୍ୟମକୁ ଜଣାଇଥିଲେ। ସୋସିଆଲ ମିଡିଆରେ ଏହା ପ୍ରଘଟ ହେବା ପରେ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଉପଜିଲାପାଳ ବିନୋଦ ବେହେରା ବ୍ରହ୍ମପୁର ରକ୍ତଭଣ୍ଡାରକୁ ଯାଇ ତଦନ୍ତ କରିଥିଲେ। ପରେ ରୋଗୀଙ୍କୁ ଭେଟି ସମସ୍ତ ବିଷୟ ପଚାରି ବୁଝିଥିଲେ। ପ୍ୟାକେଟ୍ ରକ୍ତ ୩୫ ଦିନ ଯାଏ ରହୁଥିବା ବେଳେ ରକ୍ତଭଣ୍ଡାର କର୍ମଚାରୀଙ୍କ ତ୍ରୁଟିରୁ ଏକ୍ସପାଏରୀ ଡେଟ୍ ଭୁଲବଶତଃ ଫେବୃୟାରୀ ୭ ତାରିଖ ଲେଖାଯାଇଥିବା ଓ ଏହା ଏକ ସାମାନ୍ୟ ଘଟଣା ବୋଲି ଉପଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ପଠାଇଥିବା ସହକାରୀ ଉପଜିଲାପାଳ ଜଣାଇଛନ୍ତି। ପଦ୍ମାବତୀଙ୍କୁ ଅନ୍ୟ ଏକ ପ୍ୟାକେଟ୍ ରକ୍ତ ଯୋଗାଇ ଦିଆଯାଇଥିଲା। ରକ୍ତଭଣ୍ଡାର କର୍ମଚାରୀଙ୍କ ଖାମଖିଆଲି ଯୋଗୁ ସ୍ୱେଚ୍ଛାକୃତ ରକ୍ତଦାତା ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ମାନବ ଅଧିକାର ସୁରକ୍ଷା ମଞ୍ଚ ସଂଯୋଜକ ଅବନୀ ଗୟା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

**ବିଶ୍ୱବିଦ୍ୟାଳୟ-ଆଇସିଏସଇ ମଧରେ ଚୁକ୍ତି ସ୍ୱାକ୍ଷରିତ**

# ବାଣିଜ୍ୟ ସ୍ନାତକ ଟପ୍ପରଙ୍କୁ ମିଳିବ ସ୍ୱର୍ଣ୍ଣ ପଦକ

**ବ୍ରହ୍ମପୁର ଅଫିସ,୨୨।୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ବାଣିଜ୍ୟ ସ୍ନାତକରେ ଶ୍ରେଷ୍ଠ ସ୍ଥାନରେ ଥିବା ଛାତ୍ରୀଛାତ୍ର (ଟପ୍ପର)ଙ୍କୁ ଏଣିକି ସ୍ୱର୍ଣ୍ଣ ପଦକ ମିଳିବ। ଏ ନେଇ ଶୁକ୍ରବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଇନଷ୍ଟିଚ୍ୟୁଟ ଅଫ କମ୍ପାନୀ ସେକ୍ରେଟେରୀ ଅଫ ଇଣ୍ଡିଆ(ଆଇସିଏସଇ) ମଧରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ୧୦ ଗ୍ରାମ ଓଜନର ଏହି ପଦକ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ତଥା ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ।



ଚୁକ୍ତି ସ୍ୱାକ୍ଷର ବେଳେ ଉପସ୍ଥିତ କୁଳପତି, ଆଇସିଏସଇ ଅନୁଷ୍ଠାନର ଚେୟାରମ୍ୟାନ ଓ ଅନ୍ୟମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାଶ ଏହି ସୂଚନା ଦେଇଛନ୍ତି। ଚୁକ୍ତି ସ୍ୱାକ୍ଷର ବେଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ମେରାଇନ ସାଇନ୍ସ ବିଭାଗର ମୁଖ୍ୟ ପ୍ରଫେସର ପ୍ରତାପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଇସିଏସଇ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ସୌମ୍ୟ ସୁଜିତ ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ମିଶ୍ର, ସମ୍ପାଦକ ଜ୍ୟୋତିର୍ମୟୀ ମିଶ୍ର, ସଦସ୍ୟ ପ୍ରଣବ କୁମାର ମିଶ୍ର, ଯୁସି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। କମ୍ପାନୀ ସେକ୍ରେଟେରୀ ପାଠ୍ୟକ୍ରମର ଚାହିଦା ସାରା ଦେଶରେ ରହିଥିବା ବେଳେ ଆଗାମୀ ଦିନରେ ଏହି ପାଠ୍ୟକ୍ରମ ପ୍ରତି ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କ ଆକର୍ଷିତ କରିବାକୁ ପଦକ୍ଷେପ ନିଆଯିବ ବୋଲି ଆଇସିଏସଇ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ସୌମ୍ୟ ସୁଜିତ ମିଶ୍ର ସୂଚନା ଦେଇଛନ୍ତି।

# ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ଡିଏସ୍ଓର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୨୨।୨**

ମାଟ୍ରିକ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନ ଓଡ଼ିଆ ବିଷୟରେ ପରୀକ୍ଷା ଚାଲିଥିବା ବେଳେ ପ୍ରଶ୍ନପତ୍ର ଲିକ୍ ହୋଇ ସୋସିଆଲ୍ ମିଡ଼ିଆରେ ଘୁରି ବୁଲିଥିଲା। ପ୍ରଶ୍ନପତ୍ର ପ୍ରଘଟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ଅଲ୍ ଇଣ୍ଡିଆ ଡିଏସ୍ଓ। ସଂଗଠନର ଗଞ୍ଜାମ ଜିଲା କମିଟି ତରଫରୁ କମାପଲ୍ଲୀ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଭାଗୀୟ ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ମାଟ୍ରିକ୍ ପରୀକ୍ଷା ଲକ୍ଷାଧିକ ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ। ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ପରିଚାଳନା ଏବଂ ଫଳ ପ୍ରକାଶନରେ ତ୍ରୁଟି ଆଦି ଘଟଣା



ଅଲ୍ ଇଣ୍ଡିଆ ଡିଏସ୍ଓ ତରଫରୁ ବିଭାଗୀୟ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।

ଅତୀତରେ ବାରମ୍ବାର ଘଟିଛି । ଏହାକୁ ରୋକିବା ଦିଗରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନି। ବର୍ତ୍ତମାନ ମଧ ଏହି ଘଟଣାକୁ ଗୁରୁତର ସହ ନେବା ପରିବର୍ତ୍ତେ ସରକାର ଏହାକୁ ଅସ୍ୱୀକାର କରି ଆଡ଼େଇ ଯିବାକୁ ଚାହୁଁଛନ୍ତି। ସରକାରଙ୍କ ଛାତ୍ର ଏବଂ ଶିକ୍ଷା ବିରୋଧୀ ମାନସିକତା ତଥା ପରୋକ୍ଷରେ ପରୀକ୍ଷା ବ୍ୟବସ୍ଥାକୁ ଘରୋଇକରଣ କରିବା ପାଇଁ ଏହା ଏକ ଷଡଯନ୍ତ୍ର ବୋଲି ଡିଏସ୍ଓ ଅଭିଯୋଗ କରିଛି। ପ୍ରଶ୍ନପତ୍ର ଲିକ୍ ଘଟଣାରେ ଦୋଷୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଗଠନ ଦାବି କରିଛି । ସଂଗଠନର ରାଜ୍ୟ ଉପସଭାପତି ସୋମନାଥ ବେହେରା, ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର, ଉପସଭାପତି ଉଦ୍ଧବ ମହାକୁଡ଼, ଜିଲା କମିଟି ସଭ୍ୟ ନାରାୟଣ ସାହୁ, ତିରୁପତି ଦୋରା, ପପୁନ୍ ସାହୁ, ରଞ୍ଜନ ସେଠୀ, ସୌମ୍ୟରଞ୍ଜନ ଗୌଡ଼, କିଶାନ୍ ସାହୁ, କାମରାଜ ସାହୁ, ବିଭୂତି ଭୂଷଣ ସାହୁ ଏବଂ ଶୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ସଂକ୍ଷେପରେ

### ଆନ୍ଧ୍ରରେ ଓଡ଼ିଆ ଶ୍ରମିକ ମୃତ

**ଚିକିଟି/ଗୋପାଳପୁର,୨୨।୨(ଡି.ଏନ.ଏ.)**- ତାମିଲନାଡୁର କୋୟମ୍ବାଟୁରରେ କାମ କରୁଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଗୋଳନ୍ଥରା ଥାନା ଆର. ସୁମାଣ୍ଡିର ହରି ସେଠୀ (୧୯)। ତାମିଲନାଡୁର କୋୟମ୍ବାଟୁରରେ ଏକ ପାଇପ କମ୍ପାନୀରେ ପ୍ରାୟ ୩ବର୍ଷ ହେଲା ଶ୍ରମିକ ଭାବେ ହରି କାର୍ଯ୍ୟ କରୁଥିଲେ। ଗତ ୧୯ ତାରିଖରେ ସେ କମ୍ପାନୀରେ କାମ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ମୃତ୍ୟୁବରଣ କରିଥିଲେ। କୋୟମ୍ବାଟୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ସ୍ଥାନୀୟ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ନଂ. ୧୩୨/୧୯ରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ହରିଙ୍କ ମୃତଦେହ ଗ୍ରାମକୁ ପହଞ୍ଚିଛି। ହରିଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ଯୋଗୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

### ଉଦ୍ଧାର ନାବାଳିକା ପରିବାରବର୍ଗଙ୍କୁ ହସ୍ତାନ୍ତର

**ପାରଳାଖେମୁଣ୍ଡି,୨୨।୨(ସ୍ୱ.ପ୍ର.)**-ଗଜପତି ଜିଲା ଶିଶୁ କଲ୍ୟାଣ ସମିତି ପକ୍ଷରୁ ଗାରବନ୍ଧ ଥାନା ଅଧୀନ ସୋବରା ଅଞ୍ଚଳର ଜଣେ ନାବାଳିକା (୧୫)ଙ୍କୁ ଉଦ୍ଧାର କରାଯିବା ପରେ ଶୁକ୍ରବାର ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ୪ମାସ ତଳେ ଏହି ନାବାଳିକା ଜଣକ ଘରେ କାହାକୁ କିଛି ନ ଜଣାଇ ଛତିଶଗଡର ଭିଲାଇ ସହରସ୍ଥିତ ନିଜ ମାମୁଁ ଘରକୁ ଚାଲିଯାଇଥିଲେ। ଘର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ଗାରାବନ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ କୌଣସି ସୂତ୍ରରୁ ଉକ୍ତ ନାବାଳିକାଙ୍କ ମା' ତାଙ୍କ ଝିଅ ଭିଲାଇରେ ଥିବା ଜାଣିପାରି ତାଙ୍କୁ ଫେରାଇ ଆଣିଥିଲେ। ତେବେ ନିୟମ ମୁତାବକ ତାଙ୍କୁ ଗାରବନ୍ଧ ଥାନାରେ ଉପସ୍ଥାପନ କରାଯାଇଥିଲା। ପରେ ପୋଲିସ ତାଙ୍କୁ ଜିଲା ଶିଶୁ କଲ୍ୟାଣ ସମିତିରେ ଉପସ୍ଥାପନ କରିଥିଲା। ସମିତି ପକ୍ଷରୁ ତାଙ୍କୁ ନିଜ ପରିବାର ବର୍ଗଙ୍କ ଜିମା ଦିଆଯାଇଥିବା ଅଧକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି।

### ଗ୍ରୀନ୍ ଫିଲ୍ଡ ଏଲ୍ଇଡି ପାଇଁ ଶୁଭ ଦିଆଗଲା

**କାଶୀନଗର,୨୨।୨(ଡି.ଏନ.ଏ.)**- କାଶୀନଗର ଏନ୍ଏସିରେ ଶୁକ୍ରବାର ଜିଲା ପ୍ରକଳ୍ପ ସଂଯୋଜକ ଚଞ୍ଚଳ ରଣାଙ୍କ ଦ୍ୱାରା ଗ୍ରୀନ୍ ଫିଲ୍ଡ ଏଲ୍ଇଡି ବଲ୍ବ ଆଲୋକୀକରଣ ନିମନ୍ତେ ଶୁଭ ଦିଆଯାଇଛି। ଏନ୍ଏସିରେ ୩୦ଟି ଲାଇଟ ଲଗାଯିବ। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମାସନ୍ତ, ରାଧା ମୋହନ ରାଏ, ପି. ମନୋହର, ରକମ ସୁଧାକର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀରାମ କଲେଜରେ ସଚେତନତା କାର୍ଯ୍ୟକ୍ରମ

**କାଶୀନଗର,୨୨।୨(ଡି.ଏନ.ଏ.)**-ଗଜପତି ଜିଲା କାଶୀନଗରସ୍ଥ ଶ୍ରୀରାମ କଲେଜରେ ଶୁକ୍ରବାର ସିଷ୍ଟମେଟିକ ଭୋଟର୍ସ ଏଜୁକେଶନ ଆଣ୍ଡ ଇଲେକ୍ଟ୍ରାଲ ପାର୍ଟିସିପେଶନ (ଏସ୍ଭିଇପି) ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଚିତ୍ରାଙ୍କନ, କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଅଧକ୍ଷ ପ୍ରଶାନ୍ତ ବାନାପଲି, ଯୁକ୍ତଦୁଇ କଲେଜ ଅଧକ୍ଷ ନବକୃଷ୍ଣ ସାହୁକାର ଯୋଗଦେଇଥିଲେ। ଜିଲା ସଂଯୋଜକ ହିମାଂଶୁ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପିକା ଅଧାପକମାନେ ସହଯୋଗ କରିଥିଲେ।

# ବିପର୍ଯ୍ୟସ୍ତ ବେଙ୍ଗେଇ ବନ୍ଧର ପୁନରୁଦ୍ଧାର ଦାବି

**ବୁଗୁଡ଼ା,୨୨।୨(ଡି.ଏନ.ଏ.)**

ବୁଗୁଡ଼ା ଏନ୍ଏସି ୧୦, ୧୧ ଓ ୧୨ନଂ. ୱାର୍ଡର ଲୋକେ ଦୀର୍ଘଦିନ ହେଲା ଦୂଷିତ ଓ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଙ୍ଗେଇ ବନ୍ଧର ପୁନରୁଦ୍ଧାର ପାଇଁ ଦାବି କରି ଶୁକ୍ରବାର ଏନ୍ଏସି କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏଥିସହ ଗଞ୍ଜାମ ଜିଲାପାଳ, ଭଞ୍ଜନଗର ଉପଜିଲାପାଳ, ବୁଗୁଡ଼ା ଥାନାଧିକାରୀଙ୍କୁ ମଧ୍ୟ ଏହାର ଶୀଘ୍ର ସମାଧାନ ପାଇଁ ଆବେଦନ କରିଛନ୍ତି। ଉକ୍ତ ଏକମାତ୍ର ବେଙ୍ଗେଇ ବନ୍ଧ ଉପରେ ତଳ ଓଡ଼ିଆ ସାହି, କାର୍ଜି ସାହି, ପଲାଇ ସାହି ଆଦି ସାହିର ଲୋକମାନେ ନିର୍ଭର କରୁଛନ୍ତି। କିନ୍ତୁ ବର୍ତ୍ତମାନ ଏହି ପୋଖରୀରେ ସ୍ନାନ କରିବା କିମ୍ବା ଏହାକୁ ବ୍ୟବହାର କରିବା ଉପଯୋଗୀ ନ ହୋଇ ସମ୍ପୂର୍ଣ୍ଣ ଦୂଷିତ ହୋଇଯାଇଛି। ଏ ନେଇ ଏନ୍ଏସି ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅନ୍ୟପଟେ ଏନ୍ଏସି ପ୍ରଶାସନ ଦ୍ୱାରା ବନ୍ଧର ପୂର୍ବ ପାର୍ଶ୍ୱ ତଥା ଜନବସତି ସାହି ନିକଟରେ ହିଟାଚି ଲଗାଯାଇ ପାଇଖାନା ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି। ଉକ୍ତ କାର୍ଯ୍ୟକୁ ଲୋକେ ତୀବ୍ର ବିରୋଧ କରିବା ସହ ବନ୍ଧର ଦକ୍ଷିଣ ପାର୍ଶ୍ୱରେ ପାଇଖାନା ନିର୍ମାଣ ପାଇଁ ସେମାନେ ଦାବି କରୁଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥକୁ ହିତରେ ରଖି ଯଦି କାର୍ଯ୍ୟ କରାନଯାଏ ତେବେ ଆନ୍ଦୋଳନ କରିବେ ବୋଲି ସେମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ତେବେ ବର୍ତ୍ତମାନ ବନ୍ଧର ଦଳ ଓ ଅନାବନା ଘାସ ବାହାର କରିବାକୁ ଏନ୍ଏସି ନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ ସୂଚନା ଦେଇଛନ୍ତି।



ବେଙ୍ଗେଇ ବନ୍ଧର ପୁନରୁଦ୍ଧାର ପାଇଁ ଏନ୍ଏସିରେ ଉପସ୍ଥିତ ୱାର୍ଡବାସିନ୍ଦା

## ରଷିକୁଲ୍ୟା ସ୍ନାତକ କଲେଜରେ ଜାତୀୟ ସ୍ତରୀୟ ଆଲୋଚନାଚକ୍ର

**ସୋରଡା, ୨୨।୨(ଡି.ଏନ୍.ଏ.)**

ରଷିକୂଲ୍ୟା ସ୍ନାତକ ମହାବିଦ୍ୟାଳୟ ୧୯୯୫ ମସିହାରେ ପ୍ରତିଷ୍ଠା ହେବା ପରେ ଶୁକ୍ରବାର ଦୀର୍ଘ ୨୪ବର୍ଷ ପରେ ଏଠାରେ ଜାତୀୟ ସ୍ତର ଆଲୋଚନାଚକ୍ର ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟନ ହୋଇଛି। ଏଥିରେ ପରିଚାଳନା ସଭାପତି ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ''ଚିଲ୍‌ଡ୍ରେନ୍ସ ଲିଟରେଚର'' ବିଷୟବସ୍ତୁ ତଥା ସନ୍ଦର୍ଭକୁ ନେଇ ଆୟୋଜିତ ଆଲୋଚନାଚକ୍ରରେ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ସିଦ୍ଧବ୍ରତ ମିଶ୍ର, ପାରଳାଖେମୁଣ୍ଡି, ପ୍ରଫେସର ରଣଜିତ୍ କୁମାର ପତି, ଭଗବାନ ତ୍ରିପାଠୀ ପ୍ରମୁଖ ପ୍ରଫେସର, ଅଧାପକ, ଅଧାପିକାମାନେ ଯୋଗଦେଇଥିଲେ। ଅଧ୍ୟକ୍ଷ ରମେଶଚନ୍ଦ୍ର ପାଢ଼ୀ, ଅଧାପକ ପ୍ରଦିପ କୁମାର ସ୍ୱାଇଁ, ସୁଧାଂଶୁ ଶେଖର ଦାଶ ପ୍ରମୁଖ ସଂଯୋଜନା କରିଥିବାବେଳେ ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରଥମ ଦିନରେ ସନ୍ଦର୍ଭ ପାଠ ସହ ଆଲୋଚନାରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ପ୍ରଥମ କରି ଏଠାରେ ଜାତୀୟସ୍ତର ଆଲୋଚନାଚକ୍ର ଆୟୋଜିତ ତଥା ୨ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ଅଞ୍ଚଳରେ ଶିକ୍ଷିତ ମାହୋଲରେ ଆନନ୍ଦ ଖେଳିଯାଇଛି।


ଆଲୋଚନା ଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧାପକ।

## ରାଜ୍ୟ ଓ ଜାତୀୟ କ୍ରୀଡ଼ାରେ କିଶୋରଙ୍କ କୃତିତ୍ୱ

**ପାରଳାଖେମୁଣ୍ଡି,୨୨।୨(ସ୍ୱ.ପ୍ର.)**

ରାଜ୍ୟ ଓ ଜାତୀୟ ସ୍ତରରେ କ୍ରୀଡ଼ାରେ ଗଜପତି ଜିଲା ଅବକାରୀ ବିଭାଗର ଏଏସ୍ଆଇ କିଶୋର ଚନ୍ଦ୍ର ରଥଙ୍କୁ ସଫଳତା ମିଳିଛି। ଛତିଶଗଡର ରାୟପୁରରେ ଅନୁଷ୍ଠିତ ଦୌଡକୁଦ ପ୍ରତିଯୋଗିତାରେ ୫୦ରୁ ଊର୍ଦ୍ଧ୍ୱ ବୟସର ୧୦୦ ମିଟର ଦୌଡରେ ରଥ ଭାଗନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ଓଡିଶା ମାଷ୍ଟର ଆଥଲେଟ୍ ପକ୍ଷରୁ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରେ ଟ୍ରିପଲ ଜମ୍ପ ପ୍ରତିଯୋଗିତାରେ ସେ ରୌପ୍ୟ ଓ ଲମ୍ବଡିଆଁରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିସହ ସେ ଜାତୀୟ ମାଷ୍ଟର ଆଥଲେଟ୍ ଫେଡେରେଶନ୍ ପକ୍ଷରୁ ମାଲେସିଆ ଯିବା ପାଇଁ ଚୟନ ହୋଇଛନ୍ତି।

## ଦେଓଗାଁରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**କବିସୂର୍ଯ୍ୟନଗର,୨୨।୨**

କବିସୂର୍ଯ୍ୟନଗର ବ୍ଲକ ଦେଓଗାଁସ୍ଥିତ ହାଇସ୍କୁଲ ନିକଟ ପଡ଼ିଆରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଭାଜପା ନେତା ରଞ୍ଜନ କୁମାର ପୋଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ରାଜେନ୍ଦ୍ର ନାୟକ, ମୋହନ ସୁନ୍ଦର ସ୍ୱାଇଁ, ଗୁରୁନାଥ ଗୌଡ଼, ସନ୍ତୋଷ ଡ଼ାକୁଆ, ଅଶୋକ ପ୍ରଧାନ, ଗୋପାଳ କୃଷ୍ଣ ଗୌଡ଼, ଶ୍ରୀକାନ୍ତ ନାହାକ ପ୍ରମୁଖ ବହୁ ଭାଜପା ନେତା ମଞ୍ଚାସୀନ ରହି କେନ୍ଦ୍ର ସରକାରଙ୍କ ସଫଳ ଯୋଜନା ସମ୍ପର୍କରେ କହିଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହିଳାଙ୍କ ସହ ଉଜ୍ଜ୍ୱଳା ସମ୍ବନ୍ଧରେ ପଚାରି ବୁଝିଥିଲେ। ଅତିଥିମାନେ ରାଜ୍ୟ ସରକାର ଆୟୁଷ୍ମାନ ଭଳି ଜନହିତକର ଯୋଜନା ପ୍ରଚଳନ ନ କରିବା ଏବଂ କେନ୍ଦ୍ର ସହାୟତାକୁ ବାଟମାରଣା କରି ନିଜ ରାଜ୍ୟ ଯୋଜନା ବୋଲି ମିଥ୍ୟା ପ୍ରଚାର ପ୍ରଚାର କରିବା ଅଭିଯୋଗ ଆଣିଥିଲେ। ଏଥିରେ ହଜାର ହଜାର ମହିଳା ଯୋଗ ଦେଇଥିଲେ।

## ପରୀକ୍ଷା ଦେଲେ ୨୩୨୩ ଛାତ୍ରୀଛାତ୍ର, ୨୩ ଅନୁପସ୍ଥିତ

**ବୁଗୁଡ଼ା,୨୨।୨(ଡି.ଏନ.ଏ.)**– ବୁଗୁଡ଼ା ବ୍ଲକର ୧୧ଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ପରୀକ୍ଷା ଆରମ୍ଭ ହୋଇଯାଇଛି। ଏହି କେନ୍ଦ୍ରରେ ମୋଟ ୨୩୪୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମୋଟ ୨୩ ଜଣ ଅନୁପସ୍ଥିତ ଥିବା ବେଳେ ୨୩୨୩ ଜଣ ପରୀକ୍ଷା ଦେଇଛନ୍ତି। ଶୁକ୍ରବାର ବୁଗୁଡ଼ା ପିପୁଲ୍ସ ହାଇସ୍କୁଲରେ ନୋଡାଲ କେନ୍ଦ୍ରର ଷ୍ଟ୍ରଙ୍ଗରୁମରୁ ସକାଳ ୬ଟାରେ କେନ୍ଦ୍ର ଅଧୀକ୍ଷକ ସରୋଜ କୁମାର ନନ୍ଦ, ଉପ ଅଧିକ୍ଷକ ମନୋଜ କୁମାର ନନ୍ଦ, ବିଇଓ ରସାନନ୍ଦ କର ଓ ପୋଲିସ ଉପସ୍ଥିତିରେ ଖୋଲାଯାଇ ପ୍ରଶ୍ନପତ୍ର ଗୁଡ଼ିକୁ ୩ଟି ଦଳ ମାଧ୍ୟମରେ ୧୧ଟି କେନ୍ଦ୍ରକୁ ପଠାଯାଇଥିଲା।

## ୫୭୭ ପରିକ୍ଷାର୍ଥୀ ଦେଲେ ପରୀକ୍ଷା

**କ.ନୂଆଗାଁ,୨୨।୨(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ୫୭୭ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୮ଜଣ ଅନୁପସ୍ଥିତ ଥିଲେ। କ.ନୂଆଗାଁ ସରକାରୀ ଉଚ୍ଚବିଦ୍ୟାଳୟରେ ୨୩୦ଜଣଙ୍କ ମଧ୍ୟରୁ ୨ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୬୨ଜଣଙ୍କ ମଧ୍ୟରୁ ୩ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ ସାରଙ୍ଗଗଡ଼ରେ ୧୮୨ଜଣ ପରୀକ୍ଷାର୍ଥୀରୁ ୩ଜଣ ଅନୁପସ୍ଥିତ ଥିଲେ। ଜିଲାରେ ଏକମାତ୍ର ମଧ୍ୟମା ପରୀକ୍ଷାର୍ଥୀ ପାଇଁ ପରୀକ୍ଷା କେନ୍ଦ୍ର ହୋଇଥିବା ସରକାରୀ ଉଚ୍ଚ ବିଦ୍ୟାଳୟ କ.ନୂଆଗାଁରେ ଜାଲେସପଟା ସଂସ୍କୃତ ବିଦ୍ୟାଳୟ, ଚକାପଦା ସଂସ୍କୃତ ବିଦ୍ୟାଳୟ ଓ ଫୁଲବାଣୀରେ ଥିବା ବିଦ୍ୟାଳୟରୁ ୧୪୪ଜଣ ପରିକ୍ଷାର୍ଥୀରୁ ୧୪୩ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ମୁକ୍ତ ବିଦ୍ୟାଳୟର ବାଲିଗୁଡ଼ା, ଦାରିଙ୍ଗିବାଡ଼ି, କୋଟଗଡ଼, ତୁମୁଡ଼ିବନ୍ଧ, କନୂଆଗାଁ ବ୍ଲକର ପରିକ୍ଷାର୍ଥୀମାନଙ୍କ ପାଇଁ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ କୁତୁତୁଲିଠାରେ ପରୀକ୍ଷାକେନ୍ଦ୍ର ହୋଇଥିଲା। ଏଥିରେ ଶୁକ୍ରବାର ୧୫୬ଜଣ ପରିକ୍ଷାର୍ଥୀ ମଧ୍ୟରୁ ୧୪୮ଜଣ ପରୀକ୍ଷା ଦେଇଥିଲେ। ବିଡିଓ ଅତିରିକ୍ତ ତହସିଲଦାର, ଥାନା ଅଧିକାରୀ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପରିଦର୍ଶନ କରିଥିଲେ।

## ୧୩ ପରୀକ୍ଷାର୍ଥୀ ଅନୁପସ୍ଥିତ

**ହିଞ୍ଜିଳିକାଟୁ,୨୨।୨(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳରେ ୧୧ଟି କେନ୍ଦ୍ରରେ ଶୁକ୍ରବାର ପ୍ରଥମ ଦିବସ ମାଟ୍ରିକ ପରୀକ୍ଷାରେ ୧୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ମୋଟ ୨୪୦୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୯୪ ଜଣ ପରୀକ୍ଷାର୍ଥୀ ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଅଂଶ ଗ୍ରହଣ କରିଥିବା ବେଳେ ୧୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଗୋଷ୍ଠୀ ଶିକ୍ଷାଧିକାରୀ ଉମା ଚରଣ ତ୍ରିପାଠୀଙ୍କ ସୂତ୍ରରୁ ପ୍ରକାଶ। ପରୀକ୍ଷାକେନ୍ଦ୍ର ଗୁଡ଼ିକରେ କପି ରୋକିବା ଓ ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଛି। ବୋଲି ବିଇଓ କହିଛନ୍ତି।

## ୨ ନୋଡାଲ ସେଣ୍ଟରରେ ୧୨୧୧ ପରୀକ୍ଷା ଦେଲେ, ୨୬ ଅନୁପସ୍ଥିତ

**ତୁମୁଡିବନ୍ଧ,୨୨।୨(ଡି.ଏନ୍.ଏ.)**

ତୁମୁଡିବନ୍ଧ ଓ ବେଲଘର ୨ଟି ନୋଡାଲ ସେଣ୍ଟର ଅଧିନରେ ଥିବା ୬ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନର ପରୀକ୍ଷା ଶାନ୍ତିଶୃଙ୍ଖଳାର ଶେଷ ହୋଇଛି। ତୁମୁଡିବନ୍ଧ ନୋଡାଲ ସେଣ୍ଟର ଅଧିନରେ ୫ ଓ ବେଲଘର ନୋଡାଲ ସେଣ୍ଟର ଅଧିନରେ ଗୋଟିଏ କେନ୍ଦ୍ରରେ ମୋଟ ୧୨୧୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୬ ଜଣ ଅନୁପସ୍ଥିତ ଥିବା ଜଣାପଡିଛି। ତୁମୁଡିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ୬ଜଣ, ସରକାରୀ ବାଳୀକା ଉଚ୍ଚ ବିଦ୍ୟାଳୟରେ ଜଣେ, କୁର୍ତମଗଡ ରାମଚନ୍ଦ୍ରଦେଓ ଉଚ୍ଚ ବିଦ୍ୟାଳୟ ଜଣେ, ପରମପାଙ୍ଗା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ୭ଜଣ, ବାଟାଗୁଡା ଉନ୍ନିତ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୬ ପରିକ୍ଷାର୍ଥୀ ଅନୁପସ୍ଥିତଥିବାବେଳେ ବେଲଘର ନୋଡାଲ ସେଣ୍ଟରରେ ଏକ ମାତ୍ର ପରୀକ୍ଷା କେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ବେଲଘରରେ ୫ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ଶାନ୍ତି ଶୃଙ୍ଖଳାର ସହ ପ୍ରଥମ ଦିନ ପରୀକ୍ଷା ସମାପ୍ତ ହୋଇଛି ବୋଲି ତୁମୁଡିବନ୍ଧ ନୋଡାଲ ଅଫିସର ପବିତ୍ର ମୋହନ ମହାନ୍ତି ସୂଚନା ଦେଇଛନ୍ତି।

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା, ପ୍ରଥମ ଦିନରେ ୨୮ ଅନୁପସ୍ଥିତ

**ଦାରିଙ୍ଗବାଡି,୨୨।୨(ଡି.ଏନ.ଏ)**

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଶୁକ୍ରବାରେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ମୋଟ ୨୮ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡିଛି। ୭ ପରୀକ୍ଷାକେନ୍ଦ୍ରରେ ମୋଟ ୧ ହଜାର ୭୪୭ ଜଣ ପରୀକ୍ଷା ଦେବାକୁ ରହିଥିଲା। ସେମାନଙ୍କ ମଧ୍ୟରେ ୧ ହଜାର ୬୯୨ ରେଗୁଲାର ଏବଂ ୫୫ଜଣ ଏକ୍ସରେଗୁଲାର ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ତେବେ କାଟିଙ୍ଗିଆ ମହର୍ଷି ଉଚ୍ଚ ବିଦ୍ୟାଳୟରେ ଜଣେ, ବ୍ରାହ୍ମଣୀଗାଁ ପ୍ରଭାତିତାରା ବାଳିକା ଉଚ୍ଚ ବିଦ୍ୟାଳୟରେ ସର୍ବାଧିକ ୧୧ ଜଣ, ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ରେଗୁଲାର ୩ ଏବଂ ଏକ୍ସରେଗୁଲାର ୨ ଜଣ, ସିମନବାଡି ଜଣେ, ଦାରିଙ୍ଗବାଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨ଜଣ, ଦାରିଙ୍ଗବାଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ ଜଣ, ବୁଡାଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୩ଜଣ ଅନୁପସ୍ଥିତ ଥିବା ସମ୍ପୃକ୍ତ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ କହିଛନ୍ତି। କନ୍ଧମାଳ ଜିଲାରେ ମଧ୍ୟ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଖବର ପ୍ରଘଟ ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକ ଆଶଙ୍କା ମଧ୍ୟରେ ରହିଛନ୍ତି।

**ପ୍ରଶ୍ନପତ୍ର ଭାଇରାଲ ଆଶଙ୍କାକୁ ନେଇ ଚିନ୍ତାରେ ଅଭିଭାବକ, ଛାତ୍ରୀଛାତ୍ର**

## ୨୧ ଜଣ ଦେଲେନି ମାଟ୍ରିକ ପରୀକ୍ଷା

**ଛତ୍ରପୁର,୨୨।୨(ଡି.ଏନ୍.ଏ.)**

ମାଟ୍ରିକ ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଛତ୍ରପୁରରେ ପ୍ରଥମ ଦିନର ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଛତ୍ରପୁର ବ୍ଲକ ଅଧୀନରେ ୧୦ଟି କେନ୍ଦ୍ରରେ ୨୪୦୮ ଜଣ ରେଗୁରାଲ ଓ ଏକ୍ସରେଗୁରାଲ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ୨୩୮୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୨୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ନଥିବା ବିଇଓଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସେହିପରି ଛତ୍ରପୁର ସ୍ଥିତ ସରକାରୀ ବାଳିକା ସରକାରୀ ହାଇସ୍କୁଲରେ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସ୍ଆଇଓଏସ) ପିଲାମାନେ ପରୀକ୍ଷା ଦେଇଛନ୍ତି। ସେଠାରେ ୧୩୦ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୧୦୮ ଜଣ ପରୀକ୍ଷା ଦେଇଛନ୍ତି। କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲରେ ପରୀକ୍ଷା ଚାଲିଥିବା ସମୟରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯାଇ ବୁଲି ଦେଖିଥିଲେ। ଏବିଇଓ ଶିବରାମ ପାତ୍ର ନୋଡାଲ ଅଫିସର ଥିବା ବେଳେ ସହକାରୀ ଶିକ୍ଷକ ଶ୍ରୀକାନ୍ତ ନନ୍ଦ ଓ ପୂର୍ଣ୍ଣଚନ୍ଦ୍ର ବେହେରା କଂଟ୍ରୋଲ ରୁମ୍ ଦାୟିତ୍ୱରେ ରହିଥିବା ଛତ୍ରପୁର ବିଇଓ ଅବିନାଶ ଶତପଥୀ ସୂଚନା ଦେଇଛନ୍ତି।


ଛାତ୍ରୀଛାତ୍ର ପରୀକ୍ଷା ଦେଇ ଫେରୁଛନ୍ତି।

## ସେଲ୍ଫି କର୍ଣ୍ଣର


ମନୋଜ


ରୋହିତ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ୯ ପରୀକ୍ଷା କେନ୍ଦ୍ରରେ ୨୧୧୧ ପରୀକ୍ଷାର୍ଥୀ, ୧୮ ଅନୁପସ୍ଥିତ

**ଶେରଗଡ,୨୨।୨(ଡି.ଏନ୍.ଏ.)**

ଶେରଗଡ ବ୍ଲକର ୯ ପରୀକ୍ଷା କେନ୍ଦ୍ରରେ ୨୧୧୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ୧୮ ଅନୁପସ୍ଥିତ ଥିବା ଜଣାପଡିଛି। ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ସର୍ବାଧିକ ୭ଜଣ ଅନୁପସ୍ଥିତ ଥିବାବେଳେ ବାଳିକା ଉଚ୍ଚବିଦ୍ୟାଳୟରେ ଜଣେ, କରଡାକଣା ଉଚ୍ଚ ବିଦ୍ୟାଳୟରେ ୫, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ ୨, କୁରୁଳା ଉଚ୍ଚ ବିଦ୍ୟାଳୟରେ ୨, ପିତଳ ଉଚ୍ଚବିଦ୍ୟାଳୟରେ ଜଣେ ପରୀକ୍ଷାରେ ଅନୁପସ୍ଥିତ ଥିବାବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ହିଞ୍ଜିଳି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଶେରଗଡ ଥାନା ଅଧିକାରୀ ବିଶ୍ୱରଂଜନ ନାୟକ, ବିଇଓ ଭାସ୍କର ଲେଙ୍କା ପ୍ରମୁଖ ବିଭିନ୍ନ ସେଣ୍ଟର ପରିଦର୍ଶନ କରି ପରୀକ୍ଷା ତଦାରଖ କରିଥିଲେ।

## ପରୀକ୍ଷାଦେଲେ ୨୦୭୭, ୧୦ ଅନୁପସ୍ଥିତ

**ବେଗୁନିଆପଡା:**

ବେଗୁନିଆପଡା ବ୍ଲକରେ ୧୦ଗୋଟି ପରୀକ୍ଷା କେନ୍ଦ୍ରରେ ୨୦୮୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୭୭ ଜଣ ପରୀକ୍ଷା ଦେଇଥିବା ବେଳେ ୧୦ ଜଣ ଅନୁପସ୍ଥିତ ଥିବା ଜଣାପଡିଛି। ଜନତା ହାଇସ୍କୁଲ ବେଗୁନିଆପଡା, ସ୍ୱର୍ଣ୍ଣମୟୀ ହାଇସ୍କୁଲ ଓ ଗାର୍ଲସ ହାଇସ୍କୁଲ କୋଦଳା, ମାଣିକେଶ୍ୱର ବିଦ୍ୟାପୀଠ, ତାଳସର ହାଇସ୍କୁଲ, ଆର୍‌କେ ହାଇସ୍କୁଲ ସୌରା ଛଟିନା, ହରିହର ମର୍ଦ୍ଦରାଜ ହାଇସ୍କୁଲ ମର୍ଦ୍ଦକୋଟ, ରବିଘୋଷ ବିଦ୍ୟାପୀଠ ସୁମଣ୍ଡଳ, ଧବଳେଶ୍ୱର ହାଇସ୍କୁଲ ସାଙ୍କୁଡା, ଡିଏସ୍ ହାଇସ୍କୁଲ ଅଙ୍ଗାରଗାଁ ଆଦି କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି।

## ଆସିକା ବ୍ଲକ: ୧୧ କେନ୍ଦ୍ରରେ ୧୮ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଆସିକା,୨୨।୨(ଡି.ଏନ୍.ଏ.)**

ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଆସିକା ବ୍ଲକର ୧୧ ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନରେ ୨୫୪୪ ପରୀକ୍ଷାର୍ଥୀ ପରୀକ୍ଷା ଦେବା ଲାଗି ବ୍ୟବସ୍ଥା ହୋଇଥିବାବେଳେ ୨୫୨୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବିଭିନ୍ନ କେନ୍ଦ୍ରରେ ୧୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ହରିହର ହାଇସ୍କୁଲ ଓ କେନ୍ଦୁପଦର ହାଇସ୍କୁଲ କେନ୍ଦ୍ରରେ ୩ଜଣ ଲେଖାଏଁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଭେଟନଇ ହାଇସ୍କୁଲ କେନ୍ଦ୍ରରେ ୨ଜଣ ଲେଖାଏଁ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଟେକନିକାଲ ହାଇସ୍କୁଲ କେନ୍ଦ୍ରରେ ଜଣେ ଲେଖାଏଁ ଏବଂ ଗୁଣ୍ଠପଡା ହାଇସ୍କୁଲ କେନ୍ଦ୍ରରେ ସର୍ବାଧିକ ୬ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଖବର ମିଳିଛି। ଗୋଷ୍ଠି ଶିକ୍ଷାଧିକାରୀ କୃତିବାସ ବାରିକଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

## ପରୀକ୍ଷା ଦେଲେ ୧୫୪୦ ବିଦ୍ୟାର୍ଥୀ

**ପାତ୍ରପୁର,୨୨।୨(ଡି.ଏନ୍.ଏ.)**–ସାରା ରାଜ୍ୟରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ପାତ୍ରପୁର ବ୍ଲକରେ ମଧ୍ୟ ମାଟ୍ରିକ ପରୀକ୍ଷା ପ୍ରଥମ ଦିନରେ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ବ୍ଲକରେ ୬ ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫୪୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପୂର୍ବରୁ ୧୫୭୧ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଆବେଦନ କରିଥିବାବେଳେ ୩୧ ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ବିଭିନ୍ନ ସେଣ୍ଟରରେ ପୋଲିସ ମୁତୟନ ଥିଲେ।

## ସଂକ୍ଷେପରେ

### ଶ୍ରୀମା'ଙ୍କ ଦର୍ଶନ ଦିବସ ପାଳିତ

କୋଲାବନଗର,୨୨।୨(ଡି.ଏନ୍.ଏ.): କୋଲାବନଗର ସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ୪୧ତମ ଦର୍ଶନ ଦିବସ ପାଳିତ ହୋଇଛି। ଗୁରୁବାର ସକାଳ ୭ଟାରେ ମା'ଙ୍କ ପୂଜାର୍ଚ୍ଚନା ଓ ମାଲ୍ୟାର୍ପଣ ଓ ସକାଳ ୮ଟା୩୦ରେ ଆଧାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ବରିଷ୍ଠ ନାଗରିକ ଜିତେନ୍ଦ୍ର ଜେନା ଆଧାତ୍ମିକ ପତାକା ଉତ୍ତୋଳନ କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦିବସ ତାତ୍ପର୍ଯ୍ୟ ବ୍ୟାଖ୍ୟା କରିଥିଲେ। ଏହାପରେ ସାମୂହିକ ପ୍ରାର୍ଥନା ଓ ଅପରାହ୍ନ ୪ଟାରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଗୁରୁଜୀ ଦିବାକର ଲେଙ୍କା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏଲ୍‌ଇଡି ଲାଇଟ୍ ବ୍ୟବସ୍ଥା ପାଇଁ ଭିତ୍ତିପ୍ରସ୍ତର



ସେମିଳିଗୁଡ଼ା,୨୨।୨(ସ୍ୱ.ପ୍ର.): ସୁନାବେଡ଼ା ପୌର ପରିଷଦର ୨୫ଟି ୱାର୍ଡ଼ରେ ଯେଉଁଠି ଅନ୍ଧାର ରହିଛି, ସେଠାରେ ଏଲ୍‌ଇଡି ଲାଇଟ୍ ଲଗାଇ ଆଲୋକୀକରଣ କରାଯିବ। ଅତିଥି ଭାବେ କୋରାପୁଟ ଏମ୍‌ପି ଝିନ୍ନ ହିକ୍କା, ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଏବଂ ପୌର ପରିଷଦ ଚେୟାରମ୍ୟାନ ଶୁଭଶ୍ରୀ ମଲ୍ଲିକ ଯୋଗଦେଇ ଷ୍ଟ୍ରିଟ୍‌ଲାଇଟ୍ ପାଇଁ ଭିତ୍ତିପ୍ରସ୍ତର ପକାଇଛନ୍ତି। କାର୍ଯ୍ୟକ୍ରମରେ ୨୫ଟି ୱାର୍ଡ଼ର କାଉନସିଲର ଓ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଯୋଗ ଦେଇଥିଲେ। ନିର୍ବାଚନ ପୂର୍ବରୁ ଆଲୋକୀକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ ବୋଲି ଏଥିରେ କୁହାଯାଇଛି।

### କଂଗ୍ରେସ ସମ୍ମିଳନୀରେ କର୍ମୀଙ୍କୁ ଆହ୍ୱାନ
### ବିଜୟ ପାଇଁ ଏକ ହୁଅ



ଦଶମନ୍ତପୁର,୨୨।୨(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ବାରିଗୁଡ଼ାରେ ଗୁରୁବାର କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ କଂଗ୍ରେସ ବ୍ଲକ ଆବାହକ ଦିଲ୍ଲୀପ ବାଘଙ୍କ ନେତୃତ୍ୱରେ ବ୍ଲକ ଉପସଭାପତି ହେମନ୍ତ ଖରା, ସମ୍ପାଦକ ମୋହନ ପାତ୍ର ହିଆଲ, ଆବାହକ ସୁବାସ ଖୋସ୍‌ଲା, ରାମନାଥ ମୁଦୁଲିଙ୍କ ସମେତ ୧୬ଟି ପଞ୍ଚାୟତର ସଭାପତି ଓ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ। ଆଗକୁ ଥିବା ନିର୍ବାଚନରେ ଦଳୀୟ କର୍ମୀ ମତାନ୍ତର ଭୁଲି ପୁଣି ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ସୁଦୃଢ଼ କରିବା ସହ ବିଜୟ ଦେବା ପାଇଁ ଆହ୍ୱାନ ଦିଆଯାଇଥିଲା। ତେବେ ଏବେକାର ବିଧାୟକଙ୍କ ଅମଳରେ ଦଳୀୟ କର୍ମୀଙ୍କ ପ୍ରତି ଅବହେଳା ଏବଂ ବିଧାୟକ ମନୋମୁଖୀ କାର୍ଯ୍ୟକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା। ନିର୍ବାଚନମଣ୍ଡଳୀରେ ବିଜୟ ପାଇଁ ପଞ୍ଚାୟତ ଓ ବ୍ଲକସ୍ତରର ନେତାଙ୍କୁ ଏକାଠି ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ସମ୍ମିଳନୀରେ ତପନ କୁମାର ମହାନନ୍ଦିଆଙ୍କ ସହ ଦଳୀୟ କର୍ମୀମାନେ ସହଯୋଗ କରିଥିଲେ।

### ମାଓବାଦୀ ଗିରଫ

ରାୟଗଡା ଅଫିସ୍, ୨୨।୨: ରାୟଗଡା ଜିଲା କଲ୍ୟାଣସିଂହପୁର ପୋଲିସ ଜଣେ ମାଓବାଦୀକୁ ଗିରଫ କରିଛି । ସେ ହେଲେ ନିଶିଖାଲ ଗ୍ରାମର ଶ୍ରୀରାମ ସୁନା । ୨୦୧୭ରେ ଏକ ଠିକା କ୍ୟାମ୍ପ ଉପରେ ମାଓବାଦୀମାନେ ଆକ୍ରମଣ କରି ପୋଡାଜଳା କରିଥିଲେ । ପାର୍ସାଲିଠାରୁ ଗୁମ୍ମା ପର୍ଯ୍ୟନ୍ତ ନିର୍ମାଣଧୀନ ରାସ୍ତାକୁ ବିରୋଧ କରି ସିପିଆଇ(ମାଓବାଦୀ) ସଙ୍ଗଠନ ପକ୍ଷରୁ ଟ୍ରାକ୍ଟର, ଜେସିବି ଓ ଅନ୍ୟାନ୍ୟ ସାମଗ୍ରୀ ପୋଡାଜଳା କରାଯାଇଥିଲା । ଏନେଇ ଠିକାଦାର ଦିନବନ୍ଧୁ ଚୌଧୁରୀ କଲ୍ୟାଣସିଂହପୁର ଥାନାରେ ମାମଲା ରୁଜୁ କରିଥିଲେ । ପୋଲିସ ଏକ ମାମଲା ୧୧/୧୭ ରୁଜୁ କରି ତଦନ୍ତ ଚଳାଇଥିଲା । ଏହି ଘଟଣାରେ ଶ୍ରୀରାମ ସାମିଲ ରହିଥିବା ନେଇ ପୋଲିସ ତଦନ୍ତରୁ ଜଣାପଡିଥିଲା ।

■ ନିର୍ବାଚନ ପୂର୍ବରୁ ଗଞ୍ଜେଇ କାରବାରରେ ଚଢ଼ାଉ

# ୩ ଜିଲାରୁ ୧.୭ ଟନ୍ ଗଞ୍ଜେଇ ଜବତ

କୋରାପୁଟ/ଦାମନଯୋଡ଼ି, ୨୨।୨(ସ୍ୱ.ପ୍ର.)

ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ନିଶାଦ୍ରବ୍ୟ କାରବାର ରୋକିବା ପାଇଁ ପୋଲିସ ତତ୍ପର ହୋଇପଡ଼ିଛି। ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲାରୁ ଗତ ଗୋଟିଏ ଦିନରେ ୧୭୦୯ କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ବ୍ୟବହାର ହୋଇଥିବା ୫ଟି ଗାଡ଼ି ଜବତ କରାଯାଇଥିବା ବେଳେ ୧୦ ଜଣଙ୍କୁ ଗିରଫ କରିଛି ପୋଲିସ। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୯୫ ଲକ୍ଷ ୮୦ ହଜାର ଟଙ୍କା ହେବ। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଭାବେ ହିମାଂଶୁ ଲାଲ ଦାୟିତ୍ୱ ନେବା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ତୁରନ୍ତ ପଦକ୍ଷେପ ନେଇ ଏହି ସଫଳତା ପାଇଛି।

ସୂଚନା ଅନୁଯାୟୀ, କୋରାପୁଟ ଜିଲା ଦାମନଯୋଡ଼ି ଥାନା ଅଞ୍ଚଳରୁ ହାଇୱା (ଓଆର ୦୫ ଏଏନ୍ ୨୬୭୫) ଯୋଗେ ୧୦୦୦ କେଜି ଗଞ୍ଜେଇ ଚାଲାଣ ହେଉଥିଲା। ବିଏସ୍ଏଫ୍ ଯବାନଙ୍କ ସହଯୋଗରେ ସ୍ଥାନୀୟ




ଦାମନଯୋଡ଼ିରେ ଜବତ ଗଞ୍ଜେଇ ଓ ଟିପ୍ପର ସହ ଗିରଫ ଅଭିଯୁକ୍ତମାନେ ।

ପୋଲିସ ଏହାକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ନିରଞ୍ଜନ ବେହେରାଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୩୧ ଲକ୍ଷ ଟଙ୍କା ହେବ। ସେହିପରି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅଞ୍ଚଳରୁ ଟାଟା ୧୧୦୯ (ଏମ୍‌ପି ୦୯ ଜି ଏଫ୍ ୨୯୨୭)ରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଗାଡ଼ି ସହ ୨୦୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଗାଡ଼ି ଚାଳକ ତଥା ମଧ୍ୟପ୍ରଦେଶର ସୁଜଲପୁର ଅଞ୍ଚଳର ମହେନ୍ଦ୍ର ସିଂ ରାଜପୁତ (୪୩), ଭୋପାଳର ସନ୍ଦିପ ସୋଡା (୧୯) ଓ ଇନ୍ଦୋର ଜିଲା କୁଶୱାନଗର ଅଞ୍ଚଳର ମହେଶ ପ୍ରଜାପତି (୨୮)ଙ୍କୁ ଚିତ୍ରକୋଣ୍ଡା ପୋଲିସ ଗିରଫ କରିଛି । ଜବତ ଗଞ୍ଜେଇର ମୂଲ୍ୟ ୨୦ ଲକ୍ଷ ୫୦ ହଜାର ଟଙ୍କା ହେବ। ସେହିପରି ରାୟଗଡ଼ା ଜିଲା ପଦ୍ମପୁର ଥାନା ଅଞ୍ଚଳରେ ଟ୍ୟାଙ୍କର ଲାଗିଥିବା ଏକ ଟ୍ରାକ୍ଟର (ଟିଏନ୍ ୯୩ ୯୫୨୬)ର ଚାଲାଣ କରାଯାଉଥିବା ୨୨ଟି ବ୍ୟାଗ୍ ଭର୍ତ୍ତି ୪୩୩.୪ କେଜି ଗଞ୍ଜେଇ ଜବତ ହୋଇଛି। ଟ୍ରାକ୍ଟର ଓ ୨ଟି ବାଇକ୍ ଜବତ କରାଯିବା ସହ ପୁଡୁଚେରିର କାଶୀ ମୁରଗାନ (୩୨), ପଦ୍ମପୁର ଅଞ୍ଚଳର ଜାଙ୍ଗରାଲୁ ପାଙ୍ଗିଜୀ (୩୭), ରାୟଗଡ଼ାର ଆନଜିପେଟାର ପି. ପେରୁମାଲ (୫୭), ପଦ୍ମପୁରର ଲେଙ୍ଗି ମାଝି (୩୧)ଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୪୩ ଲକ୍ଷ ୩୦ ହଜାର ଟଙ୍କା ହେବ। ଅନ୍ୟ ଏକ ଘଟଣାରେ ଚାନ୍ଦିଲି ଥାନା ଚଢ଼ାଉ କରି ୭୧ କେଜି ୨୫ ଗ୍ରାମ ଗଞ୍ଜେଇ ଜବତ କରିବା ସହ ବିଷମକଟକର ସୀମାଞ୍ଚଳ କୁତୁକା (୩୨) ଓ ଗୁଡାରୀ ଅଞ୍ଚଳର ଶ୍ରୀରାମ ରବୀନ୍ଦ୍ରଙ୍କୁ ପୋଲିସ ଗିରଫ କରିଛି।

■ ଜବତ ଗଞ୍ଜେଇର ମୂଲ୍ୟ କୋଟିଏ ଟଙ୍କା ହେବ

■ ୧୦ ଗିରଫ, ୫ ଗାଡ଼ି ଜବତ

# ଧରାପଡ଼ିଲେ ନକଲି ପରୀକ୍ଷାର୍ଥୀ, ପୋଲିସକୁ ହସ୍ତାନ୍ତର

ଜୟପୁର,୨୨।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁରସ୍ଥିତ ଜେସିଏନ୍ ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେଉଥିବା ଜଣେ ନକଲି ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। କେନ୍ଦ୍ର କର୍ତ୍ତୃପକ୍ଷ ଧରିବା ପରେ ତାଙ୍କୁ ଟାଉନଥାନା ପୋଲିସକୁ ହସ୍ତାନ୍ତର କରିଛନ୍ତି। ନକଲି ପରୀକ୍ଷାର୍ଥୀ ଜଣକ ହେଲେ ପୀତବାସ ମୁଦୁଲି। ଟାଉନଥାନା ପୋଲିସ ଥାନାକୁ ଆଣି ତାଙ୍କୁ ପଚରାଉଚରା କରୁଛି। ଅଭିଯୁକ୍ତ ଜଣକ ଦାସୀ କ୍ରିଷାନୀଙ୍କ ନାମରେ ପରୀକ୍ଷା ଦେଉଥିଲେ । ତାଙ୍କର ଆଡମିଟ୍ କାର୍ଡରେ ଥିବା ଫଟୋ ସହ ବୋର୍ଡ ପକ୍ଷରୁ ପ୍ରସ୍ତୁତ ଉପସ୍ଥାନ ଖାତାର ଫଟୋ ଭିତରେ ଫରକ ଥିବା ଦେଖି ପରୀକ୍ଷା ହଲର ଶିକ୍ଷକ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇଥିଲେ। ଅସଲ ପରୀକ୍ଷାର୍ଥୀ ଜଣକ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଏଓଏସ୍ କେନ୍ଦ୍ରର ଛାତ୍ର ବୋଲି ଜଣାପଡ଼ିବା ପରେ ଉକ୍ତ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲା। ଏହାପରେ ପରୀକ୍ଷା ଦେଉଥିବା ଯୁବକ ନକଲି ବୋଲି ଜଣାପଡ଼ିଥିଲା। ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳଙ୍କ ଉପସ୍ଥିତିରେ ନକଲି ପରୀକ୍ଷାର୍ଥୀଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ସେହିପରି ଏହି କେନ୍ଦ୍ରରେ ପରୀକ୍ଷା ପାଇଁ ୯୫ ଜଣଙ୍କ ମଧ୍ୟରୁ ୮୬, ରେଗୁଲାର ଓ ଏକ୍ସରେଗୁଲାର ପରୀକ୍ଷାର୍ଥୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫୦୨ ଜଣରୁ ୪୮୮, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୩୦୮ରୁ ୩୦୦ ଏବଂ ସିଟି ବାଳିକ ବିଦ୍ୟାଳୟରେ ୨୪୪ରୁ ୨୪୩ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ।

# ୨୭୦ ଅନୁପସ୍ଥିତ, କପିକରି ୩ ଧରାପଡ଼ିଲେ



ସେମିଳିଗୁଡ଼ାର ଏକ କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି ଛାତ୍ରୀଛାତ୍ରମାନେ ।

କୋରାପୁଟ/ସେମିଳିଗୁଡ଼ା, ୨୨।୨(ସ୍ୱ.ପ୍ର.)

କୋରାପୁଟ ଜିଲାରେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ଶୁକ୍ରବାର ୨୭୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସୁବାଇ ମଙ୍ଗଳ ବିଭାଗ ଉଚ୍ଚ ବାଳିକା ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ୩ ଜଣ ପରୀକ୍ଷାର୍ଥୀ କପି କରିବା ବେଳେ ଧରାପଡ଼ିଛନ୍ତି। ସେହିପରି ଏସ୍ଓଏସ୍‌ସିରେ ୪୮୧ ଜଣ ପରୀକ୍ଷା ଦେଇଥିବା ବେଳେ ୧୭୮ ଜଣ ଅନୁପସ୍ଥିତ ରହିଥିଲେ । ମଧ୍ୟମା ପରୀକ୍ଷାରେ ୭ ଜଣ ପରୀକ୍ଷା ଦେଇଥିବା ବେଳେ ୫ ଜଣ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ ପଣ୍ଡା ପ୍ରକାଶ କରିଛନ୍ତି।

ସେମିଳିଗୁଡ଼ା ବ୍ଲକର ୫ଟି କେନ୍ଦ୍ରରେ ୧୩୩୧ ଛାତ୍ରୀଛାତ୍ରୀ ଶୁକ୍ରବାର ପରୀକ୍ଷା ଦେଇଛନ୍ତି। ଏସ୍ଏସ୍‌ଡି ସୁନାବେଡ଼ା-୧, ଜଗନ୍ନାଥ ବିଦ୍ୟାପୀଠ, ଏଡିଭି ସୁନାବେଡ଼ା, ଏସ୍ଏସ୍‌ଡି ସୁବାଇ ଓ ସେମିଳିଗୁଡ଼ା ବିଲେଇଗୁଡ଼ା କେନ୍ଦ୍ରରେ ପରୀକ୍ଷା ହୋଇଛି। ୫ ଜଣିଆ ସ୍କାଡ୍, ସେମିଳିଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ଚମେଲି ମଜୁମଦାର, ଏନ୍. ବିଜୟା କୁମାରୀ (ଏବିଓ), ଜାସନେ ବେନିଆ (ଏବିଓ), ବଜ୍ର ପ୍ରସାଦ ପରୀକ୍ଷାକେନ୍ଦ୍ର ବୁଲି ସୁବିଧା ସମୀକ୍ଷା କରୁଛନ୍ତି।

### ସିପିସିବି କର୍ତ୍ତୃପକ୍ଷଙ୍କ ଅଜବ ନୀତି

# ତଦନ୍ତର ୨ ମାସ ପରେ ବନ୍ଦ ନିର୍ଦ୍ଦେଶ

ଯାଜପୁର ଅଫିସ,୨୨।୨

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଷ୍ଟିଲ ଉପରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) କର୍ତ୍ତୃପକ୍ଷଙ୍କ ଆଶୀର୍ବାଦ ରହିଛି। ଗତ ଡିସେମ୍ବର ୧୩ ଓ ୧୪ର ଅନୁଧ୍ୟାନ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ବିଡମ୍ବନା ଯେ, ଅନୁଧ୍ୟାନ ତାରିଖର ୨ମାସ ଅତିକ୍ରାନ୍ତ ପରେ ମେସ୍କୋ ଷ୍ଟିଲ କମ୍ପାନୀର ଭାଇସ ପ୍ରେସିଡେଣ୍ଟଙ୍କୁ କାରଖାନା ପରିଚାଳନା ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଛି। ଆଶ୍ଚର୍ଯ୍ୟର କଥା ଯେ, ସିପିସିବି କର୍ତ୍ତୃପକ୍ଷଙ୍କ ତଦନ୍ତ ପରେ ଇତିମଧ୍ୟରେ ମେସ୍କୋ କର୍ତ୍ତୃପକ୍ଷ ସୁଯୋଗ ପାଇ ବାୟୁ ପ୍ରଦୂଷଣର ଗୁରୁତ୍ୱପୂର୍ଣ୍ଣ ମେଶିନ କଣ୍ଟିନ୍ୟୁଇଂ ଏମିସନ ମନିଟରିଂ ସିଷ୍ଟମ (ସିଏଏମଏସ) କାର୍ଯ୍ୟକାରୀ ହୋଇସାରିଛି। ଏଥିରେ ମେସ୍କୋ ଓ ସିପିସିବି ମଧ୍ୟରେ ଲକ୍ଷାଧିକ ଟଙ୍କାର କାରବାର ହୋଇଥିବା ଅନୁମାନ କରାଯାଉଛି।



EPBX : 2561909/2562847
Email : paribesh1@ospcboard.org
Website : www.ospcboard.org

STATE POLLUTION CONTROL BOARD, ODISHA
[DEPARTMENT OF FOREST & ENVIRONMENT, GOVERNMENT OF ODISHA]
Paribesh Bhawan, A/118, Nilakanthanagar, Unit-VIII,
Bhubaneswar 751012

No. 1958 / IND-I-CON-4989 Dt. 22.02.2019 /
By Speed Post / By Email-info@mescosteel.com

From
Dr. A.K. Swar,
Chief Env. Engineer

To
The Vice President (Works),
M/s. Mideast Integrated Steels Ltd.,
(Works at Kalinganagar Industrial Complex)
At- Khurunti, PO- Dangadi,
Dist - Jajpur -755026

Sub : Direction U/s. 5 of the E(P) Act, 1986 by CPCB-Reg.

Ref : CPCB letter No. 15336, dtd. 14.02.2019.

Sir,

With reference to above, it is to intimate that Central Pollution Control Board has issued a direction U/s. 5 of the E(P) Act, 1986 to stop operation of your unit with immediate effect and not to resume operation based on non-compliances observed by officials of CPCB – Regional Directorate (Kolkata) during inspection conducted on 13.12.2014 to 14.12.2018.

In view of above, you are directed to furnish compliance to direction of CPCB to this office within 7 days for onward action at this end.

Yours faithfully,
Chief Env. Engineer

Memo No. 1959 / dtd. 22.02.2019 By E-mail
Copy forwarded to the Regional Officer, SPC Board, Kalinganagar for information. He is requested to inspect the unit and verify physical compliance made by the unit and submit report to this office at the earliest.

Chief Env. Engineer

ଉକ୍ତ ପ୍ରଦୂଷଣରୁ ମୁକ୍ତ ରଖିବାକୁ କେନ୍ଦ୍ରସ୍ତରରେ ସିପିସିବି ଓ ରାଜ୍ୟସ୍ତରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) କାର୍ଯ୍ୟ କରୁଛି। ମାତ୍ର ସିପିସିବି ସମେତ ଏସ୍‌ପିସିବି ନିଜ ଦାୟିତ୍ୱକୁ ଭୁଲି ଯାଇଛି। ବାୟୁ ଓ ଜଳ ପ୍ରଦୂଷଣ ସୃଷ୍ଟି କରୁଥିବା ବିଭିନ୍ନ କାରଖାନା ମାଲିକଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ପ୍ରଭାବିତ ଲୋକଙ୍କ ଜୀବନକୁ ବିପଦରେ ପକାଉଥିବା ସିପିସିବିର ଏକ ନିର୍ଦ୍ଦେଶକୁ ଅବଲୋକନ କଲେ ସ୍ପଷ୍ଟ ବାରି ହୋଇ ପଡୁଛି। ସୂଚନା ଯେ, ଡିସେମ୍ବର ୧୩ ଓ ୧୪ରେ ସିପିସିବିର କୋଲକୋତା ଆଞ୍ଚଳିକ ନିର୍ଦ୍ଦେଶାଳୟର ଅଧିକାରୀମାନେ ମେସ୍କୋ ଷ୍ଟିଲ ପରିଦର୍ଶନରେ ଆସିଥିଲେ। ସିପିସିବିର ଇ(ପି) ଆକ୍ଟ-୧୯୮୬ର ଧାରା-୫କୁ ମେସ୍କୋ କର୍ତ୍ତୃପକ୍ଷ ପାଳନ କରି ନ ଥିବା ଅଧିକାରୀମାନେ ତଦନ୍ତରୁ ଜାଣି ପାରିଥିଲେ। ସିଏଏମ୍ଏସ୍ ପ୍ରତିଷ୍ଠା ହୋଇ ନ ଥିବାରୁ ମେସ୍କୋ କାରଖାନାର ଚିମିନିରୁ ନିର୍ଗତ ଧୂଆଁରେ କେତେ ପରିମାଣରେ ପ୍ରଦୂଷଣ ରହିଛି ତାହା ଅନଲାଇନ ଡାଟାରେ ଜଣା ପଡୁ ନ ଥିଲା। ଏହି ମେଶିନ ସହଯୋଗରେ ଦିଲ୍ଲୀରେ ରହି ଅନଲାଇନରେ ବାୟୁ ପ୍ରଦୂଷଣର ମାତ୍ରା ଆକଳନ କରାଯାଇଥାଏ । ଯାହାକି ମେସ୍କୋ କର୍ତ୍ତୃପକ୍ଷ ନ ମାନି ଦୀର୍ଘ ସମୟ ଧରି କାରଖାନା ଚଳାଇ ଆସୁଥିଲେ। ତଦନ୍ତ ପରେ ସିପିସିବି ପକ୍ଷରୁ ପତ୍ରସଂଖ୍ୟା ୧୫୩୩୬/୧୪।୨।୨୦୧୯ରେ ମେସ୍କୋ କାରଖାନାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଭିତ୍ତିକରି ଏସପିସିବିର ମୁଖ୍ୟ ପରିବେଶ ଯନ୍ତ୍ରୀ ଏ.କେ. ସ୍ୱାଇଁ ତାଙ୍କ ପତ୍ରସଂଖ୍ୟା ୧୯୫୮/୨୨।୨।୨୦୧୯ରେ ମେସ୍କୋର ଭାଇସ ପ୍ରେସିଡେଣ୍ଟଙ୍କୁ କାରଖାନା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ପ୍ରଦୂଷଣଜନିତ ରୋଗରେ କଳିଙ୍ଗନଗର ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ ପଞ୍ଚାୟତ ମାନପୁର ଗ୍ରାମରେ ୮୭ ଜଣଙ୍କ ମୃତ୍ୟୁ ହୋଇସାରିଛି। ସେହିପରି ରାବଣା ଓ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ, ଗତ ୧୦ବର୍ଷ ମଧ୍ୟରେ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବାୟୁ, ଧୂଳିଧୂଆଁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। କିଡିନୀ ରୋଗର ଭୟାବହତା ସାରା କଳିଙ୍ଗନଗର ଅଞ୍ଚଳରେ ବ୍ୟାପିବାରେ ଲାଗିଛି । ସିପିସିବି ଓ ଏସପିସିବି ଅଧିକାରୀଙ୍କ ଏଭଳି ଦାୟିତ୍ୱହୀନତା କାର୍ଯ୍ୟ ଯୋଗୁ ଲୋକଙ୍କ ଜୀବନ ବିପଦରେ ପଡିଥିବା କୁହାଯାଉଛି । ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ, ସିପିସିବିର ତଦନ୍ତ ପରେ ମେସ୍କୋ କାରଖାନାରେ ଇତିମଧ୍ୟରେ ସିଏଏମଏସ କାର୍ଯ୍ୟକାରୀ ହୋଇସାରିଛି। ଏନେଇ ରିପୋର୍ଟ ମଧ୍ୟ ଦାଖଲ ହୋଇସାରିଛି। ତଦନୁସାରେ ଏସ୍‌ପିସିବିର ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### କୃଷକ ସଂଘ ଦାବିକୁ ସମର୍ଥନ ଦେଲେ କଂଗ୍ରେସ, ଭାଜପା

ଲମତାପୁଟ,୨୨।୨(ଡି.ଏନ୍.ଏ.)

ଲମତାପୁଟ ବ୍ଲକରେ ଗୁରୁବାର ବନ୍ଦ ପାଳିତ ହୋଇଛି। କୃଷକ ମହାସଂଘର ଓଡ଼ିଶା ବନ୍ଦ ଡାକରାକୁ ସଫଳ କରିବା ପାଇଁ ଲମତାପୁଟ ବ୍ଲକ କଂଗ୍ରେସ ଓ ଭାଜପା ଦଳ ଏଥିରେ ସହଯୋଗ ଓ ସମର୍ଥନ ଦେଇଛନ୍ତି। ସକାଳ ୬ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲମତାପୁଟରେ ଦୋକାନ ବଜାର ବନ୍ଦ ରହିବା ସହ ସ୍ଥାନୀୟ ସ୍କୁଲ, କଲେଜ ବନ୍ଦ ଥିଲା। ଟାୟାର ଜାଳି ରାସ୍ତାରୋକୋ କରାଯିବା ଯୋଗୁ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ଅସୁବିଧା ଭୋଗିଥିଲେ। ବନ୍ଦ ପାଳନ ବେଳେ ଲମତାପୁଟ ବ୍ଲକ ଯୁବ କଂଗ୍ରେସ ସଭାପତି ଲବ ଖେମୁଣ୍ଡୁ, ଭାଜପା ବ୍ଲକ ସଭାପତି ସନ୍ନୁ ଅଡାରୀ, ଈଶ୍ୱର ଚନ୍ଦ୍ର ଜାର୍ଲି ସାମିଲ ଥିଲେ।

# ସାଇବର ଅପରାଧ ସଚେତନତା ଶିବିର

ସେମିଳିଗୁଡ଼ା,୨୨।୨(ସ୍ୱ.ପ୍ର.)

ସେମିଳିଗୁଡ଼ା ମହାବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସାଇବର ଅପରାଧ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ସିଭିଲ୍ ଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସ୍ୱତନ୍ତ୍ର ଜୁଡିସିଆଲ ମାଜିଷ୍ଟ୍ରେଟ୍ ଗୟାଧର ପାଣିଗ୍ରାହୀ ମୁଖ୍ୟବକ୍ତା ଏବଂ ଅନ୍ୟ ବକ୍ତାଙ୍କ ମଧ୍ୟରେ ଆଇନଜୀବୀ ନିହାର ରଞ୍ଜନ ପଟ୍ଟନାୟକ ଓ କିଶୋର କୁମାର ପଟ୍ଟନାୟକ ଯୋଗ ଦେଇଥିଲେ।



ସଚେତନତା ଶିବିରରେ ମଞ୍ଚାସୀନ ଅତିଥିମାନେ ।

ସାଇବର ଅପରାଧ ସମ୍ବନ୍ଧୀୟ ଆଇନ ବ୍ୟବସ୍ଥା ଏବଂ ଦଣ୍ଡବିଧାନ ଉପରେ ଆଲୋଚନା କରାଯାଇଥିଲା। କାବେରୀ ବିଶ୍ୱାଳ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ନୀଳାଞ୍ଚଳ ଆଚାର୍ଯ୍ୟ ଅତିଥି ପରିଚୟ ଓ ଶେଷରେ ଡ. ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ। ଝାନ୍‌ସୀ ସିଂହ ସଭା ପରିଚାଳନା କରିଥିଲେ।

### ଗ୍ରୀନ୍‌ଫିଲ୍ଡ ଏଲ୍‌ଇଡି ଲାଇଟ୍ ପାଇଁ ଶିଳାନ୍ୟାସ



କୁମ୍ଭା ଗ୍ରାମରେ ଏଲ୍‌ଇଡି ଲାଇଟ୍ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଅତିଥିମାନେ ।

କୋରାପୁଟ,୨୨।୨(ସ୍ୱ.ପ୍ର)

କୋରାପୁଟ ପୌର ପରିଷଦର କୁମ୍ଭା ଗ୍ରାମରେ ଗ୍ରୀନ ଫିଲ୍ଡ ଏଲଇଡି ଲାଇଟ୍ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କୋରାପୁଟ ଏମ୍‌ପି ଝିନ୍ନ ହିକ୍କା ମୁଖ୍ୟ ଅତିଥି ଭାବେ ଏହାର ଭିତ୍ତି ପକାଇଥିଲେ। ପୌରପରିଷଦର ଷ୍ଟ୍ରିଟ୍ ଲାଇଟ ନଥିବା ଅଞ୍ଚଳରେ ଏହି ଗ୍ରୀନ୍‌ଫିଲ୍ଡ ଏଲ୍‌ଇଡି ଲାଇଟ୍ ଲଗାଯାଇ ଆଲୋକୀକରଣ ଲକ୍ଷ୍ୟ ରଖାଯାଇଛି । ପ୍ରଥମ ପର୍ଯ୍ୟାୟରେ ପୌର ପରିଷଦର ରଙ୍ଗବାଲି କୁମ୍ଭାରୁ ଚମ୍ପାଗୁଡ଼ା ଯାଏଁ ପ୍ରାୟ ୬୦୦ ଏଲଇଡି ଲାଇଟ୍ ଲଗାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ଜିଲା ବିଜେଡି ସଂପାଦକ ଉତ୍କଳ ରଞ୍ଜନ ନାୟକ, ନଗର ବିଜେଡି ସଭାପତି ସୁବାସ ସେନାପତି, ବିଜେଡି ନେତା ଲଲାଟ ରଞ୍ଜନ ସେଠୀ ଉପସ୍ଥିତ ଥିଲେ ।

### ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ନେଇ ବିବାଦ ଥମୁନି

# ଗିରଫ ଦାବିରେ ଭାଜପା, କଂଗ୍ରେସର ଏତଲା

କଟକ ଅଫିସ, ୨୨।୨

ଶହୀଦ ଯବାନଙ୍କ ସମ୍ପର୍କୀୟ ଦାଦାଙ୍କୁ ଠେଲାପେଲା କରି ବିବାଦକୁ ଆସିଥିବା କଟକ-ବାରବାଟୀ ବିଧାୟକ ତଥା ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସେ ଘଟଣା ପାଇଁ କ୍ଷମାପ୍ରାର୍ଥନା କରିସାରିଥିବାବେଳେ ଏହି ପ୍ରସଙ୍ଗକୁ ବିରୋଧୀ ଦଳଗୁଡ଼ିକ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଭାଜପା ପକ୍ଷରୁ ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ଶୁକ୍ରବାର ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ବିଧାୟକଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। ଏତଲାରେ ଦର୍ଶାଯାଇଛି ଯେ, ବିଧାୟକଙ୍କ ଆଚରଣ କେବଳ ରାଜ୍ୟ ନୁହେଁ ସମଗ୍ର ଦେଶକୁ ଲଜ୍ଜିତ କରିଛି। ତେଣୁ ତାଙ୍କୁ ଗିରଫ କରାଯାଉ ବୋଲି ଭାଜପା ଦାବି କରିଛି। ସେହିପରି ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନାଙ୍କ ନେତୃତ୍ୱରେ ବିଧାୟକଙ୍କ ବିରୋଧରେ ବାଦାମବାଡ଼ି ଥାନାରେ ଏତଲା ଦିଆଯାଇଛି। ହେଲେ ବିଧାୟକଙ୍କ ସପକ୍ଷରେ ବାହାରିଛନ୍ତି ଶହୀଦଙ୍କ ଦାଦା, ଯାହା ଘଟଣାକୁ ଭିନ୍ନମୋଡ଼ ଦେଇଛି।

ସୂଚନାଥାଉକି, ଗତ ୧୬ ତାରିଖରେ ନିଆଳି ବ୍ଲକ ଗଜାବର ଗ୍ରାମରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନ ମନୋଜ ବେହେରାଙ୍କ ଶବ ସତ୍କାର ହୋଇଥିଲା। ଶବସତ୍କାର ସ୍ଥଳକୁ ବିଧାୟକ ସାମନ୍ତରାୟ ଯାଇଥିଲେ। ସେଠାରେ ସେ ଜଣେ ବ୍ୟକ୍ତିଙ୍କୁ ଠେଲାପେଲା କରୁଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ସହିତ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ପରେ ଜଣାପଡ଼ିଥିଲା ଯେ, ବିଧାୟକ ଯାହାଙ୍କୁ ଠେଲାପେଲା କରିଥିଲେ ସେ ହେଉଛନ୍ତି ଶହୀଦ ମନୋଜ ବେହେରାଙ୍କ ଜଣେ ସମ୍ପର୍କୀୟ ଦାଦା। ଏନେଇ ବିଧାୟକ କ୍ଷମାପ୍ରାର୍ଥନା କରିବା ସହ ଶହୀଦଙ୍କୁ ତୋପ ସଲାମି ସମୟରେ ବିଶୃଙ୍ଖଳାକୁ ଏଡ଼ାଇବାକୁ ଯାଇ ଜଣେ ବ୍ୟକ୍ତିଙ୍କୁ ବସାଇ ଦେଇଥିଲେ ବୋଲି କହିଥିଲେ। କିନ୍ତୁ ଘଟଣାର ଭିଡିଓ ପାକିସ୍ତାନର ଟିଭି ଚ୍ୟାନେଲ ଆଜାଦ ଟିଭି ପକ୍ଷରୁ ପ୍ରସାରିତ କରାଯାଇଥିଲା। ଫଳରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଧାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା।

#### ବିଧାୟକଙ୍କ ସପକ୍ଷରେ ଶହୀଦଙ୍କ ଦାଦା

ଅନ୍ୟପକ୍ଷରେ ବିଧାୟକ ଠେଲାପେଲା କରିଥିବା ଶହୀଦଙ୍କ ଦାଦା ଚୈତନ୍ୟ ବେହେରାଙ୍କ ଏକ ଭିଡିଓ ଶୁକ୍ରବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଚୈତନ୍ୟ ବିଧାୟକଙ୍କ ସପକ୍ଷରେ ମତ ଦେଇଛନ୍ତି। ବିଧାୟକ ମୋତେ ଠେଲାପେଲା କରି ନ ଥିଲେ ବରଂ ବସିଯିବାକୁ କହିଥିଲେ। କାରଣ ତୋପ ସଲାମି ସମୟରେ ଲୋକେ ଠେଲାପେଲା ହେଉଥିବାରୁ ତା' ଭିତରକୁ ନ ପଶିବାକୁ ସେ ମୋତେ କହିଥିଲେ। ଦେବାଶିଷ ବାବୁ ଜଣେ ବହୁତ ଭଲ ଲୋକ। ସେଦିନ ଶବ ପହଞ୍ଚିବା ପୂର୍ବରୁ ସେ ଆମ ଘରକୁ ଆସି ଆମକୁ ବୁଝାଶୁଝା କରିଥିଲେ। ଶବକୁ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନେଇଥିଲେ। ବିଧାୟକ ମୋତେ କୌଣସି ପ୍ରକାର ଅସମ୍ମାନ କରିନାହାନ୍ତି। ଟିଭିରେ ଏହାକୁ ଦେଖି ମୋତେ ବହୁତ ଖରାପ ଲାଗୁଛି। ଏହାକୁ ନେଇ ରାଜନୀତି ନ କରିବାକୁ ଚୈତନ୍ୟ ଉକ୍ତ ଭିଡିଓ ମାଧ୍ୟମରେ କହିଛନ୍ତି।

ବିଧାୟକ ଦେବାଶିଷ ସାମନ୍ତରାୟ କହିଛନ୍ତି ଯେ, ଭିଡିଓ ପାକିସ୍ତାନକୁ ଲିଙ୍କ୍ କରିବାରେ କେଉଁମାନଙ୍କ ହାତ ଅଛି ତାହାର ତଦନ୍ତ କରାଯାଉ। ବିଧାୟକ ସିଧା ଭାଜପାକୁ ଟାର୍ଗେଟ କରି କହିଛନ୍ତି ଯେ, ଏହି ପ୍ରସଙ୍ଗକୁ ନେଇ ଭାଜପା ନିଜର ରାଜନୈତିକ ଅଭିସନ୍ଧି ହାସଲ କରିବା ଲକ୍ଷ୍ୟରେ ଅଛି। ପାକିସ୍ତାନ ଟିଭିରେ କ'ଣ ଚାଲିଲା ତାକୁ ନେଇ ଏଠାରେ ଚର୍ଚ୍ଚା କରିବା କିଭଳି ଦେଶପ୍ରେମ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି। ଶହୀଦଙ୍କ ଦାଦା ଯେତେବେଳେ ନିଜ ତରଫରୁ ଏହା ଉପରେ ସ୍ପଷ୍ଟୀକରଣ ଦେଇସାରିଲେଣି ପୁନର୍ବାର ତାକୁ ନେଇ ରାଜନୀତି କରିବା ଭାଜପାର ମନ୍ଦ ଉଦ୍ଦେଶ୍ୟ ବୋଲି ସାମନ୍ତରାୟ ପ୍ରତିକ୍ରିୟାରେ କହିଛନ୍ତି।

# ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍




ଦେଶର ଆର୍ଥିକ ଅଭିବୃଦ୍ଧି ଊର୍ଦ୍ଧ୍ୱମୁଖୀ ହେବା ସହିତ ବ୍ୟାଙ୍କିଙ୍ଗ କ୍ଷେତ୍ର ସମାନ ତାଳରେ ଆଗେଇ ଚାଲିଛି। ଯେଉଁ ଦେଶର ବ୍ୟାଙ୍ଗିଙ୍ଗ ଜଗତ ଯେତେ ଶକ୍ତିଶାଳୀ, ସେ ଦେଶର ଅର୍ଥନୀତି ସେତେ ଦୃଢ଼ ଓ ପ୍ରଗତିଶୀଳ ହୁଏ। ଅର୍ଥନୀତିର ପ୍ରଗତି ସହିତ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଦ୍ରୁତଗତିରେ ଆଗେଇ ଚାଲିଛି। ଏହି କ୍ଷେତ୍ରରେ ଦିନକୁ ଆହ୍ୱାନ ବୃଦ୍ଧିପାଉଥିବା ବେଳେ କାର୍ଯ୍ୟ ପରିବେଶ, ଚାପ ଆଦି ବଢ଼ିବାରେ ଲାଗିଛି। ଏ କ୍ଷେତ୍ରରେ ଜଣେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଣେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କ୍ୟାରିୟର କରିବାକୁ ଆଗ୍ରହୀ ବିଦ୍ୟାର୍ଥୀଙ୍କ ଲାଗି ଏହା ହିଁ ପ୍ରକୃଷ୍ଟ ସମୟ।

## ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ କାମ

କୌଣସି ସରକାରୀ ଅଥବା ଘରୋଇ କମ୍ପାନୀରେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତାଙ୍କୁ ପ୍ରତିଷ୍ଠାନର ଆର୍ଥିକ ନେଣଦେଣ ସହ ଜଡ଼ିତ ରେକର୍ଡ ପରିଚାଳନା, ସଂଶୋଧନ, ପରୀକ୍ଷାନିରୀକ୍ଷା, ଉନ୍ନତୀକରଣ, କମ୍ପାନୀର ପୁଞ୍ଜି, ପାଣ୍ଠି, ଋଣ, ଶେୟାର ଆଦି ଉପରେ କାମ କରିବାକୁ ପଡେ। କମ୍ପାନୀର ଗ୍ରାହକଙ୍କୁ ଋଣ ପ୍ରଦାନ କରିବା, ନିବେଶ କରିବା ପ୍ରକ୍ରିୟାରେ ସହଯୋଗ କରିବାକୁ ପଡ଼ିଥାଏ। ଇନଭେଷ୍ଟମେଣ୍ଟ ବ୍ୟାଙ୍କର ନିଜର ବ୍ୟାଙ୍କିଙ୍ଗ ଟିମ୍ ସହିତ ଆର୍ଥିକ ରଣନୀତିର ରୂପରେଖ ମଧ୍ୟ ପ୍ରସ୍ତୁତ କରିଥାନ୍ତି ଏବଂ ଅନ୍ୟ ସମ୍ବନ୍ଧିତ ଟିମ୍ ସହ ମିଶି କାମ କରନ୍ତି।

## ଯୋଗ୍ୟତା

ବିଜ୍‌ନେସ ଆଡମିନିଷ୍ଟ୍ରେଶନ ଏବଂ ଫାଇନାନ୍ସରେ ବ୍ୟାଚେଲର ଡିଗ୍ରୀ ଏହି ପେସାର ପ୍ରାରମ୍ଭିକ ଯୋଗ୍ୟତା ବୋଲି ମନେକରାଯାଏ। ଅଧିକାଂଶ କମ୍ପାନୀ ମାଷ୍ଟର ଡିଗ୍ରୀ ପରେ ଚାକିରି ଲାଗି ଚୟନ କରିଥାନ୍ତି। ତେବେ ଏମ୍‌ବିଏ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାନ୍ସି, କମ୍ପାନୀ ସେକ୍ରେଟାରୀ, ସିଏଫ୍‌ଏ ଆଦି ଡିଗ୍ରୀକୁ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ପଦ ପାଇଁ ଅଧିକ ଗୁରୁତ୍ୱ ଦିଆଯାଏ। ଏଥିସହିତ ମାଷ୍ଟର ଇନ ଇଣ୍ଟରନ୍ୟାଶନାଲ ବିଜ୍‌ନେସ(ଏମ୍‌ଆଇବି) ଏବଂ ଅନେକ ପ୍ରକାର ପିଜି ଡିପ୍ଲୋମା କୋର୍ସ ଏହି ପେସା ପାଇଁ ଉପଯୁକ୍ତ ମନେକରାଯାଏ। ପୋର୍ଟଫୋଲିଓ ମ୍ୟାନେଜମେଣ୍ଟର କେତେକ କୋର୍ସ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ବରଦାନ ହୋଇଥାଏ।

## ଇଣ୍ଡଷ୍ଟ୍ରି ଉପରେ ଏକ ଝଲକ

ଅର୍ଥନୀତି ସୁଦୃଢ଼ ହେବା ସହିତ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ରୋଜଗାର ମଧ୍ୟ ସମାନ ତାଳରେ ବଢ଼ିଚାଲିଛି। ନିବେଶ ପୂର୍ବରୁ କୌଣସି ଏକ୍ସପର୍ଟଙ୍କ ପରାମର୍ଶ ନେବାର ପ୍ରଚଳନ ବଢ଼ିବାରେ ଲାଗିଛି। ୟୁଏସ୍ ବ୍ୟୁରୋ ଅଫ୍ ଲେବର ଷ୍ଟାଟିଷ୍ଟିକ୍ସର ଏକ ରିପୋର୍ଟ ଅନୁଯାୟୀ, ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଆୟ ବାର୍ଷିକ ୧୦% ହାରରେ ବଢ଼ିଚାଲିଛି। ଏହା ୨୦୨୪ ପର୍ଯ୍ୟନ୍ତ ଜାରି ରହିବ। ନ୍ୟାଶନାଲ ସ୍କିଲ ଡେଭଲପ୍‌ମେଣ୍ଟ କର୍ପୋରେଶନର ଏକ ରିପୋର୍ଟ ଅନୁଯାୟୀ ବ୍ୟାଙ୍କିଙ୍ଗ ସେକ୍ଟର ୨୫% ହାରରେ ଅଭିବୃଦ୍ଧି ହାସଲ କରିଚାଲିଛି। ୨୦୨୧-୨୨ ସୁଦ୍ଧା ପ୍ରାୟ ୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଛି।

## କାମରେ ଆସୁଥିବା ଦକ୍ଷତା

ବ୍ୟାଙ୍କିଙ୍ଗ୍ ପ୍ରଫେଶନାଲଙ୍କ ନିକଟରେ ଅତିରିକ୍ତ କେତେକ ଗୁଣ ରହିବା ନିହାତି ଜରୁରୀ। ପରିସଂଖ୍ୟାନ ଏବଂ ଗଣନା କରିବାର ଦକ୍ଷତା ସହ ଏହା ସମ୍ପୃକ୍ତ। ଏଣୁ ପ୍ରତି ମୁହୂର୍ତ୍ତରେ ଗଣିତରେ ଥିବା ଭଲ ଦକ୍ଷତା ଓ ଗଣନା କରିବାର କୌଶଳ ପ୍ରଦର୍ଶନ କରିବାକୁ ପଡେ। ଏହାଛଡ଼ା ଚାପରେ ଥାଇ ଉନ୍ନତ ପ୍ରଦର୍ଶନ କରିବା, କମ୍ୟୁନିକେଶନ୍ସ ସ୍କିଲ୍ସ ପ୍ରଭାବ ପକାଇ ପାରୁଥିବ, ଫାଇନାନ୍ସିଆଲ ସ୍କିଲ୍ସ ଭଲ ରହିବା ଆବଶ୍ୟକ। ସୁଯୋଗକୁ ଦେଖି ନିଜର ଦକ୍ଷତାକୁ ସଫଳ କରାଇବାରେ ପ୍ରୟୋଗ କରିବା କ୍ଷମତା ରହିଥିଲେ ସେଭଳି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଏ।

**ଗ୍ରାଜୁଏଟ ଅଥବା ପୋଷ୍ଟ ଗ୍ରାଜୁଏଟ ହୁଅନ୍ତୁ ପାଠ ପଢ଼ିବା ପୂର୍ବରୁ ବିଦ୍ୟାର୍ଥୀମାନେ ପ୍ରାୟତଃ ନିଜ ରୁଚି ଅନୁଯାୟୀ କୋର୍ସ ବାଛିବା ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି। ବ୍ୟାଙ୍କ ଅଥବା ଇନଭେଷ୍ଟମେଣ୍ଟ ପ୍ରତି ଆଗ୍ରହୀ ବିଦ୍ୟାର୍ଥୀ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କ୍ୟାରିୟର ନିର୍ମାଣ ପାଇଁ ବିଚାର କରିପାରନ୍ତି। ଭଲ ଚାକିରି କ୍ଷେତ୍ର, ଆକର୍ଷଣୀୟ ଦରମା ପ୍ୟାକେଜ ଓ ଉନ୍ନତ କ୍ୟାରିୟର ଅବସର ଖୋଜୁଥିଲେ, ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍ ବିଦ୍ୟାର୍ଥୀଙ୍କ ପାଇଁ ଆଦର୍ଶ ହୋଇପାରେ।**

## ଏହି କ୍ଷେତ୍ରରେ ଆହ୍ୱାନ

ଜଣେ ଗ୍ରାହକଙ୍କୁ ପୁଞ୍ଜିନିବେଶ ଲାଗି ପ୍ରବର୍ତ୍ତାଇବା ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ମୁଖ୍ୟ ଆହ୍ୱାନ ହୋଇଥାଏ। ତାଙ୍କୁ ବିଭିନ୍ନ ପନ୍ଥାପଦ୍ଧତି ଆପଣାଇ ମୂଲ୍ୟାଙ୍କନ ତର୍ଜମା କରିବାକୁ ପଡିଥାଏ। ଯେକୌଣସି ପେସାଦାରଙ୍କ ଲାଗି ଆର୍ଥିକ ମଡେଲ ବିକଶିତ କରିବା, କ୍ଲାଇଣ୍ଟ ମିଟିଂ ଲାଗି ପ୍ରେଜେଣ୍ଟେଶନ ପ୍ରସ୍ତୁତ କରିବା, କ୍ୟାପିଟାଲ ଷ୍ଟ୍ରକ୍‌ଚରକୁ ବୁଝିବା ଆଦି କାମ ସହଜ ନୁହେଁ। କୌଣସି ଡିଲ୍ ଅଧାରୁ ଭାଙ୍ଗିଯିବା ଅଥବା କାମରେ ବିଫଳ ହେବାର ବିପଦ ସର୍ବଦା ମୁଣ୍ଡ ଉପରେ ଝୁଲୁଥାଏ।

## ରୋଜଗାରର ବିପୁଳ ସମ୍ଭାବନା

କମର୍ସିଆଲ ବ୍ୟାଙ୍କ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଲାଗି ସବୁଠାରୁ ବଡ଼ ରୋଜଗାର ପ୍ରଦାନକାରୀ ହୋଇଛନ୍ତି। ଟ୍ରେଡିଂ ଫାର୍ମ, କ୍ୟାପିଟାଲ ମାର୍କେଟ, ଋଣପ୍ରଦାନକାରୀ କମ୍ପାନୀ ଆଦି ବଡ଼ ଆକାରରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କୁ ନିଯୁକ୍ତ କରୁଛନ୍ତି। ଏସବୁରେ ପେସାଦାରମାନେ ପୋର୍ଟଫୋଲିଓ ମ୍ୟାନେଜର ଓ ଫାଇନାନ୍ସିଆଲ ମ୍ୟାନେଜର ଭାବେ ନିଜର କାମ ଦର୍ଶାଇପାରିବେ। କମ୍ପାନୀଗୁଡ଼ିକ ନିଜର ଆର୍ଥିକ ଯୋଜନା, ଖର୍ଚ୍ଚ, ପ୍ରୋଜେକ୍ସନ ପ୍ଲାନିଂ ଏବଂ ଆସେଟ୍ ପ୍ଲାନିଂର ବିଶ୍ଳେଷଣ କରିବା ଲାଗି ପେସାଦାରଙ୍କୁ ନିଯୁକ୍ତ କରିଥାନ୍ତି। ହେଲ୍‌ଥକେୟାର, ଟେକ୍ନୋଲୋଜି ଏବଂ ଏନର୍ଜି ସେକ୍ଟରରେ ଏବେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କ ଚାହିଦା ବଢ଼ିବାରେ ଲାଗିଛି। ଏହାଛଡ଼ା ଜଣେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର କୌଣସି କମ୍ପାନୀ ଅଥବା ଫାର୍ମରେ ଯୋଗ ନ ଦେଇ ସ୍ୱାଧୀନ ଭାବେ ଜଣେ କନସଲଟାଣ୍ଟ ଭାବେ କାର୍ଯ୍ୟ କରିପାରିବେ। ଏବେ କିଛିବର୍ଷ ହେଲା ବିଦେଶ ଯାଇ ସେଠାରେ କାମ କରିବାର ପ୍ରଚଳନ ବଢ଼ିବାରେ ଲାଗିଛି।

## ଆକର୍ଷଣୀୟ ଦରମା ପ୍ୟାକେଜ

ନିଯୁକ୍ତିର ପ୍ରାରମ୍ଭିକ ପର୍ଯ୍ୟାୟରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କରଙ୍କୁ ମାସକୁ ୩୫ରୁ ୪୦ ହଜାର ଟଙ୍କା ଦରମା ମିଳିଥାଏ। ୩/୪ ବର୍ଷର ଅଭିଜ୍ଞତା ପରେ ଏହି ରାଶି ବଢ଼ି ୫୦ରୁ ୬୦ ହଜାର ଟଙ୍କା ହୋଇଯାଏ। ମଲ୍ଟିନ୍ୟାଶନାଲ କମ୍ପାନୀରେ ଏହା ଆହୁରି ଅଧିକ ହୋଇପାରେ। କେତେକ ପେସାଦାର ନିଜର ଦକ୍ଷତା ବଳରେ ମାସକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଦେଖାଯାଇଛି।




## କିଛି ପ୍ରମୁଖ କୋର୍ସ

ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ହେବା ଲାଗି ଏମ୍‌ବିଏ ଇନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ, ବିଏ ଇନ ଫାଇନାନ୍ସ ଆଣ୍ଡ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ, ପିଜି ଡିପ୍ଲୋମା ଇନ ବ୍ୟାଙ୍କିଙ୍ଗ ଆଣ୍ଡ ଫାଇନାନ୍ସ, ପିଜି ଡିପ୍ଲୋମା ଇନ ଗ୍ଲୋବାଲ ଇନଭେଷ୍ଟମେଣ୍ଟ, ଡିପ୍ଲୋମା ଇନ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଆଣ୍ଡ ଇକ୍ୱିଟି ରିସର୍ଚ୍ଚ ଏବଂ ୟୁଜି ପ୍ରୋଗ୍ରାମ ଇନ ପୋର୍ଟଫୋଲିଓ ମ୍ୟାନେଜମେଣ୍ଟ ଆଣ୍ଡ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ ଆଦି କୋର୍ସ ରହିଛି।

ପରିଶେଷରେ କହିବାକୁ ଗଲେ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍‌ରେ ସଫଳ ହେବା ଲାଗି ବ୍ୟକ୍ତିଙ୍କ ନିକଟରେ ଲଜିକାଲ, ଆନାଲିଟିକାଲ, ଆଇଟି ଏବଂ ଗଣିତରେ ଭଲଜ୍ଞାନ ଥିବା ଆବଶ୍ୟକ। ପରିଶ୍ରମ ଉପରେ ସଫଳତା ନିର୍ଭର କରୁଛି। ଟେକ୍ନୋଲୋଜି ଦୃଷ୍ଟିରୁ ଆଜିର ଯୁବପିଢ଼ିର ଦକ୍ଷତା ସ୍ୱୀକାର କରାଯାଇପାରେ। ତେବେ ବଜାର ଏବଂ ଏଥିରେ ଦେଖାଦେଉଥିବା ଅସ୍ଥିରତା ସମ୍ପର୍କରେ ବେଶ ଜ୍ଞାନାର୍ଜନ କରିବାକୁ ହେବ।




# ସିବିଆଇ ଅଫିସର ହେବାକୁ ଚାହୁଁଥିଲେ...

ସିବିଆଇ ଅଧିକାରୀ ହେବାକୁ ଯୁବପିଢ଼ି ସ୍ୱପ୍ନ ଦେଖିଥାନ୍ତି। କାରଣ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋର ଯେକୌଣସି ପ୍ରକାର ଯାଞ୍ଚ କ୍ଷେତ୍ରରେ ପାରଙ୍ଗମତା ବାରି ହୋଇପଡେ। ସବୁ ଦୃଷ୍ଟିରୁ ଦକ୍ଷ ଜଣେ ବ୍ୟକ୍ତି ହିଁ ଏହି କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିରେ ସ୍ଥାନ ପାଇବାକୁ ଯୋଗ୍ୟ ହୋଇଥାଏ। ଏହି କାରଣରୁ ରାଜନେତାଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ଏହାର ଯାଞ୍ଚ ପ୍ରତି ଆସ୍ଥା ପ୍ରକଟ କରିଥାନ୍ତି ଏବଂ ଯାଞ୍ଚ ପାଇଁ ଆଗ୍ରହ ପ୍ରକାଶ କରନ୍ତି। ଯେକୌଣସି ଘଟଣାର ଯାଞ୍ଚ ସିବିଆଇ ଦ୍ୱାରା କରାଯିବାକୁ ଦାବି କରିବା ଆଜିକାଲି ଏକ ଫ୍ୟାଶନ ହୋଇଗଲାଣି।

ତେବେ ସିବିଆଇରେ ପ୍ରବେଶ ଲାଗି ଦୁଇପ୍ରକାର ବ୍ୟବସ୍ଥା ରହିଛି। କେତେକ କ୍ଷେତ୍ରରେ ସିଧାସଳଖ ପ୍ରବେଶ ମିଳେ। ଅନ୍ୟ କ୍ଷେତ୍ରରେ ଡେପୁଟେଶନରେ ଏବଂ ବରିଷ୍ଠତା ଭିତ୍ତିରେ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିରେ ପ୍ରବେଶ କରିଥାନ୍ତି। ସେହିପରି ଆଉ କେତେକ ବିଭାଗୀୟ ପରୀକ୍ଷା ଦେଇ ସିବିଆଇ ଅଫିସର ହୋଇଥାନ୍ତି।

ତେବେ ଷ୍ଟାଫ୍ ସିଲେକ୍‌ସନ କମିଶନ(ଏସ୍‌ଏସ୍‌ସି) ଜରିଆରେ ଉପନିରୀକ୍ଷକ, କନଷ୍ଟେବଳ ଓ ଲୋୟର ଡିଭିଜନ କ୍ଲର୍କ ପଦ ଲାଗି ସିଧାସଳଖ ପରୀକ୍ଷା ନିଆଯାଏ। ତେବେ ଉପନିରୀକ୍ଷକ ପଦ ଲାଗି ଏସ୍‌ଏସ୍‌ସି ଦ୍ୱାରା କମ୍ବାଇଣ୍ଡ ଗ୍ରାଜୁଏଟ ଲେଭେଲ ଲିଖିତ ପରୀକ୍ଷାର ଆୟୋଜନ କରାଯାଇଥାଏ। ପରୀକ୍ଷା ପରେ ପ୍ରାର୍ଥୀଙ୍କ ମେଡିକାଲ ପରୀକ୍ଷଣ କରାଯିବା ପରେ ବ୍ୟକ୍ତିଗତ ସାକ୍ଷାତ୍କାର ନିଆଯାଏ। ପରୀକ୍ଷା ଲାଗି ଯେକୌଣସି ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ପ୍ରାର୍ଥୀଙ୍କର ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ରହିବା ଜରୁରୀ।

ସେହିପରି ଲିଖିତ ପରୀକ୍ଷା ଦୁଇଟି ଚରଣରେ ହୋଇଥାଏ। ପ୍ରଥମ ଚରଣରେ ମଲ୍ଟିପଲ୍ ଚଏସ୍ ଅବଜେକ୍ଟିଭ ପ୍ରଶ୍ନ ପଚରାଯାଇଥାଏ। ମୋଟ ମାର୍କ ୨୦୦ ହୋଇଥାଏ ଏବଂ ଦୁଇ ଘଣ୍ଟା ଧରି ପରୀକ୍ଷା ଚାଲେ। ଏଥିରେ ଜେନେରାଲ ଇଣ୍ଟେଲିଜେନ୍ସ ଓ ରିଜନିଂରେ ୫୦, ଜେନେରାଲ ଆୱାରନେସ୍‌ରେ ୫୦, କ୍ୱାଣ୍ଟିଟେଟିଭ ଆପ୍ଟିଚ୍ୟୁଡ୍‌ରେ ୫୦ ଓ ଇଂଲିଶ କମ୍ପ୍ରିହେନ୍ସନରେ ୫୦ ମାର୍କର ପ୍ରଶ୍ନ ଦିଆଯାଏ। ଦ୍ୱିତୀୟ ଚରଣର ପରୀକ୍ଷାରେ ୪୦୦ ମାର୍କର ୨ ପେପର ହୋଇଥାଏ। ପ୍ରତ୍ୟେକ ପେପର ୨୦୦ ମାର୍କର ହୋଇଥିବା ବେଳେ ପ୍ରତ୍ୟେକ ୨ ଘଣ୍ଟାର ପରୀକ୍ଷା ହୁଏ।




**ଭାରତୀୟ ନାଗରିକ ଆମେରିକା ଯାଇ ସେଠାରେ ଚାକିରି କରିବାକୁ ଚାହୁଁଥିଲେ ପ୍ରଥମେ ୟୁଏସ୍ ସିଟିଜେନଶିପ୍ ଓ ଇମିଗ୍ରେଶନ ସର୍ଭିସେସ୍(ୟୁଏସ୍‌ସିଆଇଏସ୍)ରୁ ଅନୁମତି ମିଳିବା ପରେ ଭିଜା ଲାଗି ଆବେଦନ କରିପାରିବେ। ଅନେକ ଅଣ ଇମିଗ୍ରାଣ୍ଟ ୟୁଏସ ୱର୍କ ଭିଜା ଲାଗି ନିଯୁକ୍ତିକର୍ତ୍ତାଙ୍କୁ ୟୁଏସସିଆଇଏସ୍‌ରେ ପିଟିଶନ ଦାଏର କରିବାକୁ ପଡେ। ଏହା ଅନୁମୋଦନ ହେବା ପରେ ହିଁ ଭିଜା ଲାଗି ଆବେଦନ କରିହୁଏ। ଆମେରିକା ସରକାରଙ୍କ ପକ୍ଷରୁ ବିଭିନ୍ନ ଶ୍ରେଣୀରେ ୱର୍କ ଭିଜା ଜାରି କରାଯାଇଥାଏ। କାମ ଆଧାରରେ ଭିନ୍ନ ଭିନ୍ନ ୱର୍କ ଭିଜା ଦିଆଯାଏ। ସେ ସମ୍ପର୍କରେ...**

**ଏଚ୍୧ବି ୱର୍କ ଭିଜା:** ଏଚ-୧ବି ଭିଜା ଆବେଦନ କରିବା ଲାଗି ଆବେଦନକାରୀ ଅତିକମ୍‌ରେ ମାଷ୍ଟର/ହାୟର ଡିଗ୍ରୀଧାରୀ ହୋଇଥିବେ। ଏହାଛଡ଼ା ଏଚ୍୧ବି ଭିଜା ଆବେଦନକାରୀଙ୍କ ବାର୍ଷିକ ଆୟ ୬୦,୦୦୦ ଡଲାର ହେବା ଆବଶ୍ୟକ।

**ଏଚ୍୨ବି ୱର୍କ ଭିଜା:** ଏଭଳି ଭିଜା ଆବେଦନ କରିବା ଲାଗି ଆବେଦନ ପତ୍ରକୁ ଶ୍ରମ ବିଭାଗରୁ ଅନୁମୋଦନ ନେବାକୁ ପଡେ। ଏହା ସିଜନାଲ ଅଥବା ଅସ୍ଥାୟୀ ନିଯୁକ୍ତି ଲାଗି ଜାରି କରାଯାଏ।

**ଏଚ୍୩ବି ୱର୍କ ଭିଜା:** ଟ୍ରେନି କର୍ମଚାରୀଙ୍କ ଲାଗି ଏଭଳି ଭିଜା ଜାରି କରାଯାଏ। ଯେଉଁ ବ୍ୟକ୍ତି କୌଣସି କାମ ଲାଗି ପ୍ରଶିକ୍ଷଣ ନେବାକୁ ଆମେରିକା ଯିବାକୁ ଚାହେଁ,ତାଙ୍କୁ ଏଭଳି ଭିଜା ଲାଗି ଆବେଦନ କରିବାକୁ ପଡିଥାଏ।

**ଏଚ୍୪ବି ୱର୍କ ଭିଜା:** ଯେକୌଣସି ପ୍ରକାର ଏଚ୍ ଭିଜାଧାରୀଙ୍କ ଉପରେ ନିର୍ଭରଶୀଳ ଲୋକଙ୍କ ଲାଗି ଏଭଳି ଭିଜା ଜାରି କରାଯାଏ। ଏଚ୍ ଭିଜାଧାରୀଙ୍କୁ ଭେଟିବା ଅଥବା ତାଙ୍କୁ ସହାୟତା କରିବା ଲାଗି ଆମେରିକା ଯାଇଥାନ୍ତି, ଏହି ଭିଜା ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନଙ୍କୁ ଆମେରିକାରେ କାମ କରିବାକୁ ଅନୁମତି ମିଳେ ନାହିଁ।

**ଏଲ୍୧ୱର୍କ ଭିଜା:** ଯେକୌଣସି ଇଣ୍ଟରନ୍ୟାଶନାଲ କମ୍ପାନୀରେ ମ୍ୟାନେଜର ଅଥବା ଏକ୍‌ଜିକ୍ୟୁଟିଭସ୍ତରୀୟ ବ୍ୟକ୍ତିବିଶେଷ ଏହି ଭିଜା ଆବେଦନ କରିଥାନ୍ତି। ଅନ୍ତଃରାଷ୍ଟ୍ରୀୟ କମ୍ପାନୀରେ କାମ କରୁଥିବା ଲୋକଙ୍କ ଟ୍ରାନ୍ସଫର ଆମେରିକାରେ ହେଲେ ସେଠାକୁ ଯିବା ପାଇଁ ଏହି ଭିଜା ଆବଶ୍ୟକ ହୋଇଥାଏ।

**ଏଲ୍୨ୱର୍କ ଭିଜା:** ଏଲ୍୧ ଭିଜାଧାରୀଙ୍କ ଉପରେ ନିର୍ଭରଶୀଳ ଲୋକଙ୍କ ଲାଗି ଏଲ୍୨ ଭିଜା ଜାରି କରାଯାଏ। ଏଭଳି ଭିଜାଧାରୀଙ୍କୁ ୱର୍କ ପରମିଟ ଲାଗି ଆବେଦନ କରିବାକୁ ଅନୁମତି ଦିଆଯାଏ।

**'ଓ'ୱର୍କ ଭିଜା(ଏକ୍ସଟ୍ରାଅର୍ଡିନାରି ଆବିଲିଟି):** ବିଜ୍ଞାନ, କଳା, ଶିକ୍ଷା, ବ୍ୟବସାୟ, ଆଥଲେଟିକ୍ସ ଅଥବା ଟିଭି ପ୍ରଡକ୍ସନରେ ଏକ୍ସଟ୍ରାଅର୍ଡିନାରି ଆଚିଭମେଣ୍ଟ ପାଇଥିବା ବ୍ୟକ୍ତିବିଶେଷ'ଓ' ୱର୍କ ଭିଜା ଲାଗି ଆବେଦନ କରିପାରିବେ।

**'ପି' ୱର୍କ ଭିଜା:** ଆଥଲେଟ,ଏଣ୍ଟରଟେନର୍ସ, ଆର୍ଟିଷ୍ଟ ଇତ୍ୟାଦିଙ୍କ ଲାଗି ଆମେରିକାରେ ପ୍ରଦର୍ଶନ କରିବା ଲାଗି 'ପି' ୱର୍କ ଭିଜା ଜାରି କରାଯାଇଥାଏ।

**'କ୍ୟୁ' ୱର୍କ ଭିଜା:** ଇଣ୍ଟରନ୍ୟାଶନାଲ କଲ୍ଚର ଏକ୍ସଚେଞ୍ଜ ପ୍ରୋଗ୍ରାମ ଲାଗି ଆମେରିକା ଯାଉଥିବା ଲୋକଙ୍କୁ 'କ୍ୟୁ' ୱର୍କ ଭିଜା ଜାରି କରାଯାଇଥାଏ।

URGENTLY REQUIRED
Sales Person for MAA SHAKTI TIMBER DEPOT at Khandagiri, BBSR.
Contact: 9338047028/ 7978162470

Receptionist, Gym Trainer, Aerobic & Jumba Trainer, Driver, Beautician, Maid required at Bhubaneswar.
Contact: 9439913527

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

URGENTLY REQUIRED
MARKETING EXECUTIVE: 600 Posts (All over Odisha)
Other vacancies for Local & International (UAE, Kuwait, Ghana, South Africa)
SALES/OFFICE EXECUTIVE (Financial Sector): 500 Posts
Call: 6372177524
Kalinga Services, New Forest Park, Bhubaneswar

STERLING PUBLIC SCHOOL
(Affiliated to CBSE, English Medium,Sr. Secondary - 10+2)
Siswa Bazar / Nichlaul, Maharajganj, UP -273163
Website : www.sterlingeducation.in
Require
PGT: (English, Physics & Physical Education)
TGT: ( English, S.St.) &
Primary Teachers: (All subjects)
Attractive Salary + Free Accommodation
Candidates must be fluent in English. Preference will be given to candidates with relevant experience. Candidates called for interview will be paid to & fro fare. Please send CV at
chandrashekharonline@gmail.com
Call : 09415246461, 07457984810

VACANCY 22 FOR 10TH & +2 CANDIDATES
Direct job / No Charges, ବୟସ ସୀମା ୧୮ରୁ ୨୮ ବର୍ଷ,ମାସିକ ଆୟ Rs.7000 to Rs.10000/- ସହ ରହିବା ସୁବିଧା ଅଛି ।
Contact Immediately For Joining.
MICRO EXPANSION, N/6-315, Jaydev Vihar, Bhubaneswar,
Mob : 9238100178

REQUIRED URGENTLY
Fresh Technical Engineer for Kent Water Purifier Service Centre at Bhubaneswar.
Ph: 9439302480, 9937154331

MNC JOB
VACANCY (35) IN CUTTACK BRANCH
ଶିକ୍ଷାଗତ ଯୋଗ୍ୟତା-10th ରୁ Graduation.
Age- Below 30 yrs. Monthly Salary Rs.7000/- to Rs.15000/- + Free Hostel
Walk-in within 3 Days.
Mob : 9937172198

URGENTLY REQUIRED
For Travel Agency : Experienced OPERATION MANAGER, MARKETING EXECUTIVE, FIELD SUPERVISOR
For New Consultancy : HR MANAGER, OPERATION MANAGER, MARKETING EXECUTIVE
Salary : 7000/- to 15000/-
KGN HOSPITALITY AND SERVICES
Plot No - 191/A , Room No 202, Unit -3, BBSR
9937404616 / 9439264443

CONTACT:- 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/above Candidates (M/F) ଆବଶ୍ୟକ। ବୟସ(17-35) yrs., ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

ଲଣ୍ଡ୍ରି କମ୍ପାନୀ ରେ କାମ କରିବାପାଇଁ ଆବଶ୍ୟକ
ଆଇରନ କାରିଗର (୩ ଜଣ)
ମହିଳା / ପୁରୁଷ (୫ଜଣ)
8018172594, 9078000108

HINDUSTAN JEWELLERS
Bomikhal, Bhubaneswar
Require Salesman, Security Guard, Peon, Housekeeping, Driver.
Come directly to Showroom with biodata within 7 days.

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

WALK-IN-INTERVIEW
Required Sales Executive for Housing Project.
Experience in Housing Marketing is preferred.
Address: BMC, Panchadeep Market Complex, Unit-4, BBSR
Mob: 8249222916 / 9986697605

ଭାରତୀୟ ଖାଦ୍ୟ ନିଗମ
FOOD CORPORATION OF INDIA
16-20, ବାରାଖମ୍ବା ଲେନ୍, ନୂଆଦିଲ୍ଲୀ-110001
ସଂକ୍ଷିପ୍ତ ନିଯୁକ୍ତି ସୂଚନା
ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ), ଦେଶର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏକ ବୃହତ୍ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ ଅଟେ, ଯେଉଁ ପ୍ରାର୍ଥୀ ନିର୍ଦ୍ଧାରିତ ଯୋଗ୍ୟତା, ବୟସ, ଅଭିଜ୍ଞତା ଇତ୍ୟାଦି ପୂରଣ କରୁଥିବେ, ସେମାନଙ୍କଠାରୁ ସାରା ଦେଶରେ ବ୍ୟାପ୍ତ ନିକର ଡିପୋ ତଥା କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ (ଜେଇ) (ସିଭିଲ ଇଞ୍ଜିନିୟରିଂ)/(ଇଲେକ୍ଟ୍ରିକାଲ ମେକାନିକାଲ ଇଞ୍ଜିନିୟରିଂ), ସହାୟକ ଶ୍ରେଣୀ - II (ସ.ଶ୍ରେ.II) (ହିନ୍ଦୀ), ଶର୍ଟହ୍ୟାଣ୍ଡ ଶ୍ରେଣୀ-II, ଟାଇପିଷ୍ଟ (ହିନ୍ଦୀ) ତଥା ସହାୟକ ଶ୍ରେଣୀ - III (ସ.ଶ୍ରେ. III) (ସାଧାରଣ/ଲେଖା/ବୈଷୟିକ/ଡିପୋ) ପଦବୀଗୁଡ଼ିକ ପାଇଁ ଅନ୍‌ଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି।
2. ଅଞ୍ଚଳ-ୱାରି ଆନୁମାନିକ ଖାଲିସ୍ଥାନଗୁଡ଼ିକର ସଂଖ୍ୟା ହେଉଛି 1999 (ଉତ୍ତର ଅଞ୍ଚଳ), 540 (ଦକ୍ଷିଣ ଅଞ୍ଚଳ), 538 (ପୂର୍ବ ଅଞ୍ଚଳ), 735 (ପଶ୍ଚିମ ଅଞ୍ଚଳ) ତଥା 291 (ଉତ୍ତର ପୂର୍ବ ଅଞ୍ଚଳ)।
3. ପ୍ରାର୍ଥୀ କେବଳ ଗୋଟିଏ ଅଞ୍ଚଳରେ ଅର୍ଥାତ୍ ଉତ୍ତର ଅଞ୍ଚଳରେ କିମ୍ବା ଦକ୍ଷିଣ ଅଞ୍ଚଳରେ କିମ୍ବା ପୂର୍ବ ଅଞ୍ଚଳରେ କିମ୍ବା ପଶ୍ଚିମ ଅଞ୍ଚଳରେ କିମ୍ବା ଉତ୍ତର ପୂର୍ବ ଅଞ୍ଚଳରେ ହିଁ ଆବେଦନ କରିପାରିବେ। ପ୍ରାର୍ଥୀ ଗୋଟିଏ ଅଞ୍ଚଳରେ କେବଳ ଗୋଟିଏ ପଦବୀ ପାଇଁ ଆବେଦନ କରିପାରିବେ।
4. ପ୍ରାର୍ଥୀ www.fci.gov.in ମାଧ୍ୟମରେ ଅନ୍‌ଲାଇନ୍ ଆବେଦନ କରିପାରିବେ।
5. ଦୟାକରି ଯୋଗ୍ୟତା ମାନଦଣ୍ଡ, ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଇଡବ୍ଲ୍ୟୁଏସ୍/ପିଡବ୍ଲ୍ୟୁଡି (ପିଏଚ୍)/ ପୂର୍ବତନ ସୈନିକ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷଣ, ବୟସ ଇତ୍ୟାଦି ସମ୍ବନ୍ଧୀୟ ବିବରଣୀ ପାଇଁ 23 ଫେବୃୟାରୀ, 2019 (ଅନ୍‌ଲାଇନ୍ ଆବେଦନ ପତ୍ର ଆରମ୍ଭ ହେବା ତଥା ଜମା କରାଯିବା ଶେଷ ତାରିଖକୁ ନିମ୍ନ ଅନୁଯାୟୀ ପଢ଼ାଯିବ)ର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାରରେ ପ୍ରକାଶିତ ଅଥବା ଭାରତୀୟ ଖାଦ୍ୟ ନିଗମର ୱେବ୍‌ସାଇଟ୍ www.fci.gov.inରେ ପ୍ରଦତ୍ତ ବିସ୍ତୃତ ବିଜ୍ଞାପନ ଦେଖନ୍ତୁ।
6. ଅନ୍‌ଲାଇନ୍ ଆବେଦନ ତାରିଖ 28.02.2019, 10:00 ଘଟିକାରୁ ଜମା କରାଯିବା ଆରମ୍ଭ ହେବ। ଅନ୍‌ଲାଇନ୍ ଆବେଦନ ଜମା କରିବାର ଶେଷ ତାରିଖ ହେଉଛି 30.03.2019, 24:00 ଘଟିକା।

REQUIRED
Accountant, Front Office(F), Supervisor, Civil Engineer, Sales Officer, Office in Charge, Security, Car Driver, Architect, Welder, Plumber, Electrician.
Call: 9238482524

URGENTLY REQUIRED
Required experienced boy for a leading Medical Store.
FIRSTCAREPHARMA
KIIT Road, Patia
Salary negotiable.
D.Pharma candidate can apply also.
Contact: 9437162516, 8327776100

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. ମାସିକ ଦରମା upto Rs.25000/-.
Contact Immediately
Mob: 8763257042

REQUIRED
Engineer: Salary 7K to 10K
Helper: 3K to 5K
CCO: 5K to 7K
Insta Care & Service
#3673/5483/5693, Gouri Vihar, Phase-2, Old town, near Gyanadeep Vidyalaya
Ph: 0674-2540842, 9861099423
visit with your proper CV & resume.

!! JOBS !!
URGENT 700+ VACANCIES
Salary : Rs.(12000-18000)
Quali. Diploma / ITI / +2 / 10th
Mob : 7991041919 / 9438001550
Email : job.planningacademy@gmail.com

WANTED
WAITERS AND ASST. COOKS
For a Restaurant in Bhubaneswar
Contact:-
7873651675

Golden Opportunity in Shipping/Merchant COMPANY
for 10th/ 12th /Graduates Candidates. Age 17 to 28 Yrs.
After Approved Training Get JOBS in SHIPS & COMPANIES
Salary 25000 to 45000+facilities.
E: careerpoint821@gmail.com
08766655532

SAMASTI INFRASTRUCTURES PVT. LTD.
Requires Candidates (experience 1 year minimum, 3 year maximum) as follows.
1. OFFICE EXECUTIVE (M/F): English Medium Student with good communication skill and personality.
2. SITE SUPERVISOR: Graduate with own two wheeler.
Salary negotiable as per eligibility. Walk in interview 24th & 27th February @ Address Below. Can also Mail CV to samastijobs@yahoo.com
85-A, Bapuji Nagar (2nd Floor), BBSR-751009
9040090391, 9040090389

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday



❝ ସ୍ଲୋ-ଓଭର ରେଟ୍ ପାଇଁ ଲୋକେ ମୋଠାରୁ ଅଧିକ ଆଶା କରନ୍ତି ନାହିଁ। ମାତ୍ର ଆସନ୍ତା ଆଇପିଏଲ୍‌ରେ ମୁଁ ଏହାକୁ ଭୁଲ ପ୍ରମାଣିତ କରିବି ।
– ହନୁମା ବିହାରୀ, ଭାରତୀୟ କ୍ରିକେଟର



❝ ଆଇସିସି ବିଶ୍ୱକପ୍‌ରେ ଆମେ ଯଦି ପାକିସ୍ତାନ ବିପକ୍ଷରେ ନ ଖେଳିବା ଲାଗି ସ୍ଥିର କରୁ ତେବେ ଆଗକୁ ବଢ଼ିବାରେ ପ୍ରତିଦ୍ୱନ୍ଦ୍ୱୀ ଦଳ ପାଇଁ ସୁଯୋଗ ସୃଷ୍ଟି ହେବ।
– ସଚିନ ତେନ୍ଦୁଲକର, କ୍ରିକେଟ କିମ୍ବଦନ୍ତୀ

## ସଂକ୍ଷେପରେ

### ଭାରତର ସହଜ ବିଜୟ

ଥିରୁଭାନନ୍ତପୁରମ, ୨୨।୨ (ପି.ଟି.): ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ୟୁଥ୍ କ୍ରିକେଟ ଟେଷ୍ଟରେ ଭାରତର ୧୯ ବର୍ଷରୁ କମ୍ କ୍ରିକେଟ ଦଳ ୯ ଉଇକେଟରେ ବିଜୟ ହାସଲ କରିଛି। ଦ୍ୱିତୀୟ ଟେଷ୍ଟ ଏଠାରେ ଫେବୃୟାରୀ ୨୬ରୁ ଆରମ୍ଭ ହେବ।
**ସଂକ୍ଷିପ୍ତ ସ୍କୋର:** ଦକ୍ଷିଣ ଆଫ୍ରିକା ୧୯ ବର୍ଷରୁ କମ୍ ଦଳ: ୧୯୭ ଓ ୧୬୭ (ବୋଙ୍ଗା ମାଖାଖା-୭୪, ଆଣ୍ଡିଲ ମକ୍‌ଗାକ୍ଲେ-୩୦; ହ୍ରିତିକ୍ ଶୋକିନ୍-୩/୫୨, ମାନଭ ସୁଥାର-୩/୪୪)। ୧୯ ବର୍ଷରୁ କମ୍ ଭାରତୀୟ ଦଳ: ୩୩୦/ଅଲ୍‌ଆଉଟ (ଦିବ୍ୟାଂଶ ସାକ୍‌ସେନା-୧୨୨, ସୁରଜ ଆହୁଜା-୫୭; ବ୍ରାଇସ୍ ପାର୍ସନ୍ସ-୬/୭୭) ଏବଂ ୩୭/୧ (ଭି. ନାୟାନାର୍-୧୯; ଏଲ୍. ଏନ୍‌ଟାନ୍‌ଜୀ-୧/୧୫)।

### ଚେନ୍ନାଇ ସ୍ମାର୍ଟନ୍ସକୁ ଉଦ୍‌ଘାଟନୀ ଟାଇଟଲ

ଚେନ୍ନାଇ, ୨୨।୨ (ପି.ଟି.)- ଚେନ୍ନାଇ ସ୍ମାର୍ଟନ୍ସ ପ୍ରୋ-ଭଲିବଲ୍‌ର ଉଦ୍‌ଘାଟନୀ ସଂସ୍କରଣ ଟାଇଟଲ ବିଜୟୀ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଦଳ ୩-୦ (୧୫-୧୧, ୧୫-୧୨, ୧୬-୧୪) କାଲିକଟ୍ ହିରୋଜକୁ ପରାସ୍ତ କରିଛି। ଲିଗ୍‌ର ଟପ୍ ସ୍କୋରର ଏବଂ ବେଷ୍ଟ ସ୍ପାଇକର ରୁଡି ଭେରହୋଫ୍ ପୁନର୍ବାର ଚମତ୍କାର ପ୍ରଦର୍ଶନ କରିଥିଲେ। ବିଜୟୀ ଦଳ ପାଇଁ ସେ ୧୩ ପଏଣ୍ଟ (୧୧ ସ୍ପାଇକ୍ସ ଓ ୨ ବ୍ଲକ୍ସ) ସ୍କୋର କରିଥିଲେ। କାଲିକଟ୍ ତରଫରୁ ଲିଗ୍‌ର ସବୁଠାରୁ ମୂଲ୍ୟବାନ ଖେଳାଳି ଅଜିଥ୍ ଲାଲ୍ ସର୍ବାଧିକ ୯ ପଏଣ୍ଟ (୯ ସ୍ପାଇକ୍ସ) ସ୍କୋର କରିଥିଲେ।

# ‘ପାକିସ୍ତାନ ବିଶ୍ୱକପ୍ ମ୍ୟାଚ ସମ୍ପର୍କରେ ନିଷ୍ପତ୍ତି ହୋଇନି’

**ନୂଆଦିଲ୍ଲୀ, ୨୨।୨ (ପି.ଟି.)**

ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମୁକାବିଲା ଉପରେ କୌଣସି ନିଷ୍ପତ୍ତି ନ ନେବା ଲାଗି ଭାରତୀୟ କ୍ରିକେଟର ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ) ଶୁକ୍ରବାର ସ୍ଥିର କରିଛି। କିନ୍ତୁ ଯେଉଁ ଆତଙ୍କବାଦୀ ସୃଷ୍ଟିକାରୀ ରାଷ୍ଟ୍ର ସହିତ ସମ୍ପର୍କ ଛିନ୍ନ କରିବା ଲାଗି ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ଓ ଅନ୍ୟଦେଶଗୁଡ଼ିକୁ ଅନୁରୋଧ କରିବା ଲାଗି ସ୍ଥିର କରିଛି। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହେବାପରେ ଏନେଇ ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜୁନ୍ ୧୬ରେ ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯିବାକୁଥିବା ପାକିସ୍ତାନ ବିପକ୍ଷ ବିଶ୍ୱକପ୍ ମ୍ୟାଚକୁ ବର୍ଜନ କରିବା ଲାଗି ଅନେକ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଶାସକ କମିଟି ବୈଠକରେ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏ ବିଷୟରେ କୌଣସି ନିଷ୍ପତ୍ତି ନିଆଯାଇ ପାରିବ ନାହିଁ। ଏନେଇ ସରକାରଙ୍କ ସହିତ ପରାମର୍ଶ କରାଯିବ ବୋଲି ସିଓଏ ମୁଖ୍ୟ ବିନୋଦ ରାୟ ବୈଠକ ପରେ କହିଛନ୍ତି। ଏହି ପ୍ରସଙ୍ଗରେ ଏପର୍ଯ୍ୟନ୍ତ ଖେଳାଳିମାନଙ୍କ ପରାମର୍ଶ ନିଆଯାଇ ନାହିଁ। ଆତଙ୍କବାଦୀ ଆକ୍ରମଣ ଘଟଣାରେ ଉଦ୍‌ବେଗ ପ୍ରକାଶ କରି ଆଇସିସି ନିକଟକୁ ଆମେ ଇତିମଧ୍ୟରେ ଏକ ଇ-ମେଲ କରିଛୁ। ବିଶ୍ୱକପ୍ ବେଳେ ଆମ ଖେଳାଳି ଓ ଅଫିସିଆଲଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବା ଲାଗି ଏଥିରେ ଅନୁରୋଧ କରିଛୁ। ଆତଙ୍କବାଦୀ ସୃଷ୍ଟିକାରୀ ଦେଶ ସହିତ ସମ୍ପର୍କ ଛିନ୍ନ କରିବା ଉଚିତ। ଆଗକୁ ଦୁବାଇରେ ହେବାକୁଥିବା ଆଇସିସି ବୋର୍ଡ ବୈଠକରେ ଆମେ ଏହି ପ୍ରସଙ୍ଗ ଉଠାଇବୁ। ଏହି ବୈଠକ ଫେବୃୟାରୀ ୨୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ହେବ। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ମନ୍ତବ୍ୟ ଉପରେ କୌଣସି ଟିପ୍ପଣୀ ଦେବାଲାଗି ରାୟ ମନା କରି ଦେଇଥିଲେ। ପାକିସ୍ତାନ ବିପକ୍ଷ ମ୍ୟାଚ ଭାରତ ବର୍ଜନ କରିବା ଉଚିତ୍ ବୋଲି ରାଜନାଥ କହିଥିଲେ। ସିଓଏ ମୁଖ୍ୟ କହିଛନ୍ତି, ମ୍ୟାଚ ପାଇଁ ଆହୁରି ୩ ମାସ ସମୟ ରହିଛି। ବିଭିନ୍ନ ଦିଗରୁ ବିଚାର କରି ଯାହା ନିଷ୍ପତ୍ତି ନିଆଯିବ। ସରକାରଙ୍କ ନିର୍ଦ୍ଦେଶ ଆମେ ମାନିବାକୁ ବାଧ୍ୟ। ଏହି ପ୍ରସଙ୍ଗରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ସିନିୟର ଅଫିସିଆଲ କହିଛନ୍ତି, ଆଇସିସିରେ ବର୍ତ୍ତମାନ ଆମ ପ୍ରସ୍ତାବ ସପକ୍ଷରେ ସଂଖ୍ୟାଗରିଷ୍ଠ ସମର୍ଥନ ମିଳିବନାହିଁ। ଆଇସିସି ଚେୟାରମ୍ୟାନ ହିସାବରେ ଶଶାଙ୍କ ମନୋହରଙ୍କ ଭୋଟ ରହିଥିଲେ ମଧ୍ୟ ଆମେ କାର୍ଯ୍ୟ ହାସଲ କରିପାରିବା ନାହିଁ। ପୁଲ୍‌ୱାମା ଆକ୍ରମଣ ଘଟଣାରେ ପାକିସ୍ତାନକୁ ବାସନ୍ଦ କରାଯିବା ଲାଗି କୌଣସି ନିୟମ ନାହିଁ। ପୁନଶ୍ଚ ଯଦି ଆମେ ପାକିସ୍ତାନ ବିପକ୍ଷ ମ୍ୟାଚ ବର୍ଜନ ଲାଗି ନିଷ୍ପତ୍ତି ନେଉ ତେବେ ଆମେ ୨୦୨୧ରେ ଚାମ୍ପିୟନ୍ସ ଟ୍ରଫି ଏବଂ ୨୦୨୩ରେ ବିଶ୍ୱକପ୍ ଆୟୋଜନ ଅଧିକାର ହରାଇପାରୁ।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**କଟକ ଅଫିସ, ୨୨।୨**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ କଟକରେ ଚାଲିଥିବା ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟ ଗ୍ରୁପ-ଡିର ଲିଗ ପର୍ଯ୍ୟାୟ ମ୍ୟାଚରେ ଓଡ଼ିଶା ଲଗାତାର ଦ୍ୱିତୀୟ ପରାଜୟ ବରଣ କରିଛି । ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ହରିୟାଣାଠାରୁ ଘରୋଇ ଓଡ଼ିଶା ୧୦ରନରେ ହାରିଥିଲା । ପ୍ରତିଯୋଗିତାର ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜୟ ଯୋଗୁଁ ଓଡ଼ିଶା ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନକୁ ଖସିଛି । ରବିବାର ଡ୍ରିମସ ଗ୍ରାଉଣ୍ଡରେ ଓଡ଼ିଶା ମିଜୋରାମକୁ ଭେଟିବ । ଓଡ଼ିଶା ଟସ୍ ଜିତି ଭ୍ରମଣକାରୀ ହରିୟାଣା ଦଳକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ରନ ସଂଗ୍ରହ ଯୋଗୁ ହରିୟାଣା ସମସ୍ତ ଉଇକେଟ ହରାଇ ୧୪୧ରନ କରିଥିଲା । ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ଓ ସ୍ପିନର ପପୁ ରାୟ ୩ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ୧୪୧ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ୧୦ରନ ପଛରେ ପଡ଼ି ଯାଇଥିଲା । ବିପ୍ଳବ ସାମନ୍ତରାୟ ସର୍ବାଧିକ ୪୮ରନ କରିଥିଲେ । ଅଧିନାୟକ ତଥା ଅନ୍ତର୍ଜାତୀୟ ଖେଳାଳି ଅମିତ ମିଶ୍ରଙ୍କ ୪ ଓଭର ବ୍ୟୟବହୁଳ(୪୦ରନ) ରହିଥିଲା ।



ଓଡ଼ିଶା ଓ ହରିୟାଣା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ସୟଦ ମୁସ୍ତାକ ଅଲ୍ଲୀ ଟି୨୦**

ବାରବାଟୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଆସାମ ୧୩୧ରନରେ ମିଜୋରାମକୁ, ଡ୍ରିମ୍ସ ଗ୍ରାଉଣ୍ଡରେ କର୍ନାଟକ ୯ ଉଇକେଟରେ ବେଙ୍ଗଲକୁ , ଛତିଶଗଡ଼ ୯୭ରନରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି ।

### ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି ବାଦ୍

ମିଜୋରାମ, ଅରୁଣାଚଳ ପ୍ରଦେଶ ଓ ଆସାମ ବିପକ୍ଷ ମ୍ୟାଚ ପାଇଁ ଓଡ଼ିଶା ଦଳରେ ୨ଟି ପରିବର୍ତ୍ତନ କରାଯାଇଛି । ପୂର୍ବତନ ଅଧିନାୟକ ତଥା ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର ଏବଂ ନବାଗତ ସର୍ବେଶ୍ୱର ମହାନ୍ତିଙ୍କୁ ବାଦ ଦିଆଯାଇଛି । ଶାନ୍ତନୁ ମିଶ୍ର ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ନବାଗତ ଭାବେ ପ୍ରୟାସ କୁମାର ସିଂ ଦଳରେ ସାମିଲ ହୋଇଛନ୍ତି ।


## TENDER CALL NOTICE
ODISHA STATE CIVIL SUPPLIES CORPORATION LTD., BHADRAK
Email Id: csobdk@gmail.com/ cso_bha@nic.in, Phone/Fax: 06784240424

No. 1035 Date: 21.02.19

CSO-cum-District Manager, OSCSC Ltd. Bhadrak invites sealed tenders from reputed firms/companies/ persons for appointment as Level-1 Transport Contractor for Transportation of food grains from FSD, FCI & Base RRC to Rice Receiving Centre-cum-Departmental Storage Centre (RRC-cum-DSC).

The Level-1 Transport Contractor shall perform all operation of Transportation of food grains from FSD, FCI & Base RRC to RRC-cum-DSC and unloading & delivering the food grains at RRC-cum-DSC.

Interested Firms/Companies/Persons may obtain tender document from the Office of the CSO-cum-District Manager, OSCSC Ltd, Bhadrak from dt. 23.02.2019 to dt. 15.03.2019 upto 5.00 PM. The interested Firms/ Companies persons may also download the tender documents from the District Website- www.bhadrak.nic.in.

Interested Firms/Companies/Persons will have to submit the tender documents through Registered Post/ Speed Posts/Courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. The corporation shall not be responsible for any postal/ courier delay. Tender paper received after the schedule date & time shall not be considered.

**Address for submission of Tender documents-**
District Manager, OSCSC Ltd, Bhadrak,
At: Bankasahi, Near Zilla High School,
PO: Bhadrak, Dist: Bhadrak, Pin: 756100

| | |
|---|---|
| Period of sale of Tender document | 23.02.2019 to 15.03.2019 upto 5.00 PM |
| Last date of receipt of Tender document | 15.03.2019 upto 5.00 PM |
| Date of opening of Technical Bid | 25.03.2019 at 11.00 AM |
| Opening of price Bid | 26.03.2019 at 11.00 AM |

Sd./- CSO-cum-DM,
OSCSC Ltd., Bhadrak

## THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar-751001

Ref. No. OSCB/8143/2018-19 Date : 18.02.2019

**QUOTATION CALL NOTICE**

**No. 37-LL:-**

Name of the work : Supply and installation of 16 nos. 12V-18AH SMF batteries to be installed at Sambalpur branch of OSCB.

Last date and time of Submission: 28.02.2019 upto 2.00PM

The quotation details can be downloaded from the official website www.odishascb.com from 18.02.2019 to 28.02.2019.

*Sd./- Managing Director*
*Bhubaneswar* *Odisha State Cooperative Bank Ltd.*

39012/11/0020/1819

## OFFICE OF THE DISTRICT MAGISTRATE AND COLLECTOR, BARGARH
(ST & SC Development Section)
Ph. No.: 06646-230956
e-mail: dwobargarh@gmail.com

No.: 440/SSD Date: 21.02.2019

**NOTIFICATION**

No.: 103-V: In pursuance of this office Advertisement No. 1991/SSD dated 14.08.2018, Notification No. 188/SSD, Dated 31.01.2019 and Notification No. 346/SSD, dated 11.02.2019 the Final Selection List of candidates for the Post of Sikshya Sahayak is hereby published in the website **www.bargarh.nic.in**. The same is also available in the notice board of District Welfare Office, Bargarh. The selected candidates are hereby informed to remain present personally at District Welfare Office on 27.02.2019 at 11.00 A.M. along with an agreement paper duly typed & filled in on Rs.11/- (Non Judicial Stamp Paper) for execution of agreement. The candidates those who fail to turnout for the above purpose on date specified shall not be considered for engagement.

24042/11/0012/1819 Sd./- Collector, Bargarh

## GOVT. OF ODISHA
OFFICE OF THE SUPERINTENDING ENGINEER
K.B.K.MINOR IRRIGATION CIRCLE-I, BHAWANIPATNA

**‘e’ Procurement Notice**

Bid Identification No. SEKBKMIC-I / 07 / 2018-19
sekbkmi@yahoo.co.in
No. 384 // KBKMIC-I // date – 19.02.2019

**No. 1309-A:-** Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

1. Name of the work :- Construction work
2. No of Works :- 02 (Two) Nos.
3. Estimated cost :- Approximately from Rs.126.81 lakh to Rs. 200.81 lakh
4. Period of completion :- 04 (Four) Calendar months
5. Date and Time of availability of bid documents in the portal :- From 25.02.2019 (10.00 AM) to 13.03.2019 upto (5.00 PM)
6. Last date / time of receipt of bids in the portal :- 13.03.2019 (5.00 PM)
7. Date of opening of Bid :- 14.03.2019 at 11.00 AM onwards
8. Date of receipt of bid cost and bid security on online payment mode :- From dt.25.02.2019 to 13.03.2019 up to (5.00 PM)
9. Date of Transparent Lottery (if cases arise) :- 28.03.2019 at 11.00 AM onwards
10. Name and address of the OIT :- Superintending Engineer, K.B.K.M.I. Circle-I, Bhawanipatna

** Further details can be seen from the e-Procurement market place http://tendersodisha.gov.in

*Sd./- Superintending Engineer*
32116/11/0002/1819 *K.B.K.M.I. Circle-I, Bhawanipatna*

## OFFICE OF THE NOTIFIED AREA COUNCIL,KASHINAGAR, GAJAPATI
Ph & Fax No: 06815-284215, e-Mail : kasinagarn.hud@nic.in

Letter No.454 /NAC **e-procurement Notice** Dated: 22.02.2019

**BID REFERENCE NO: KSN/NAC/06/2018-19**

Bid documents consists of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in.**
**1-** Nature of work-Civil, **2-** No. of works-05 Nos, **3-** Bid Value-Rs.1,19,588/- to 5,58,060/- **4-** Period of completion-As per DTCN, **5-** Date and time of availability of the documents in portal-23.02.2019 from 10.00 AM. to 02.03.2019 up to 5.00 PM. **6-** Last date / time for receipt of bids in the portal-02.03.2019 up to 5.00 PM. **7-** Time & Period documents required to be submitted-As per DTC **8-** Bids received online shall be opened on-07.03.2019 at 4.30 PM. **9-** Name & address of the officer inviting tender-Executive Officer Kashinagar NAC, Gajapati

Sd./- Executive Officer Kashinagar NAC, Gajapati

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଟକ ସଦର
ପତ୍ର ସଂଖ୍ୟା: ୯୭୩ ତା୨୨।୦୨।୨୦୧୯ରିଖ

**ଜନ ଶୁଣାଣି ବିଜ୍ଞାପନ**

ଏତଦ୍ୱାରା କଟକ ସଦର ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ୨୩ଗୋଟି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୭।୩।୨୦୧୯ରିଖ ଦିବା ଘ.୧୧.୩୦ମି. ସମୟରେ କଟକ ସଦର ପଞ୍ଚାୟତସମିତିଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ମହାତ୍ମା ଗାନ୍ଧୀ ନରେଗା) ସମ୍ବନ୍ଧୀୟ ଜନଶୁଣାଣି କରାଯିବ।
ଉକ୍ତ ବୈଠକରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ଜନସାଧାରଣ, ନିର୍ବାଚିତ ପ୍ରତିନିଧି/ସମ୍ପୃକ୍ତ ବିଭାଗୀୟ ଅଧିକାରୀ/ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ/ସ୍ୱୟଂସହାୟକ ଗୋଷ୍ଠୀ/ଜବକାର୍ଡ଼ଧାରୀ ଶ୍ରମିକ (ଜବକାର୍ଡ଼) ସହିତ ଉପସ୍ଥିତ ରହିବାକୁ ଅନୁରୋଧ।
ଯେଉଁ ବ୍ୟକ୍ତି ବିଶେଷ ଅଥବା ଶ୍ରମିକଙ୍କର କୌଣସି ଆପତ୍ତି ଅଭିଯୋଗ କରିବାର ଥାଏ ସେମାନେ ଲିଖିତ କିମ୍ବା ମୌଖିକଭାବେ କମିଟିକୁ ଅଭିଯୋଗ କରିପାରିବେ।

ସ୍ୱା./– ମଣ୍ଡଳ ଉନ୍ନୟନ ଅଧିକାରୀ, କଟକ ସଦର

## PANCHAYAT SAMITI, BOIPARIGUDA
Letter No. 463/19 Dt. 22.02.2019

**CORRIGENDUM -2**

**Sub : Corrigendum to Tender Call Notice No. 318, dt. 11.02.2019 & 1st. Corrigendum No. 421 Dt. 18.02.2019 of Panchayat Samiti, Boipariguda**

Due to unavoidable circumstances, the time for sale, receipt and opening of tender papers for the Tender Calls Notice published earlier in “The Samaja”, “The Dharitri” & Daily English News Paper “Orissa Post” on dt. 18.02.2019 is extended as detailed below in respect of all works.

1. Sale of Tender Paper : The bid documents will be sold during office hours i.e. from 10.00 AM to 5.00 PM (on working days only in the Block Office) upto dt. 26.02.2019.
2. Date of Receipt of tender paper : Sealed tender in complete shape will be received during office hour upto 2.00 PM on dt. 27.02.2019 in the Block Office, Boipariguda through registered post/ speed post only.
3. Date of opening of the Tender Paper : The Bid documents shall be opened at 4.00 PM on dt. 27.02.2019 in the office chamber of the Block Development Officer, Boipariguda in presence of the bidders or their authorized representative having written authorization for the purpose.
4. The name of works mentioned at Sl. No. 01, 02, 06 & 08 in above tender call notice are cancelled.
5. The works mentioned at Sl. No. 7 - No change.
6. The works mentioned at 03, 04, 05 & 09 may be read as follows.

| Sl. No. | Name of work with location | Name of the Scheme | Estimated cost put to tender (in Rs.) | EMD to be deposited 1% of the tender cost (in Rs.) | Cost of Tender Documents (Non refundable) (in Rs.) | Period of comp-letion | Class of Contra-ctors |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 3 | Construction of WBM Road from Kantabaunsaguda to Nirgal Jodi nalla alongwith 1 culvert and 1 bridge on Nirgaljodi | SCA for LEW Effected District 2018-19 | Rs. 26,33,254.00 | Rs, 27,000.00 | Rs. 6,000/- | 6(Six) Calendar Months | “C” & “B” |
| 4 | Construction of WBM road from Nirgaljodi to Artamjodi alongwith 1 No. of culvert and 1 bridge on Artamjodi Nalla. | SCA for LEW Effected District 2018-19 | Rs. 26,33,573.00 | Rs, 27,000.00 | Rs. 6,000/- | 6(Six) Calendar Months | “C” & “B” |
| 5 | Construction of WBM road from Aramjodi to Matiguda chowk alongwith 1 culvert | SCA for LEW Effected District 2018-19 | Rs. 26,33,859.00 | Rs.27,000.00 | Rs. 6,000/- | 6(Six) Calendar Months | “C” & “B” |
| 9 | Construction of Bridge on the river Gaurkund in village Gadulpadar in Haladikund GP | BKBK (State Sector) 2018-19 | Rs. 43,95,086.00 | Rs. 44,000.00 | Rs, 6,000/- | 6(Six) Calendar Months | “B” & “A” |

The other terms and conditions in the Tender Call Notice No. 318, Dt. 11.02.2019 shall remain unchanged.

Sd./- Block Development Officer, Boipariguda

## GOVERNMENT OF ODISHA
## PANCHAYATIRAJ & DRINKING WATER DEPARTMENT
## OFFICE OF THE PANCHAYAT SAMITI, KANIHA
e-mail Address: ori-kanhia@nic.in

**INVITATION FOR BIDS (IFB)**
Identification No. Kaniha - 1

**TENDER CALL NOTICE NO. - 5 OF 2018-19**

1. **Block Development Officer, Kaniha** on behalf of Governor of Odisha invites **Percentage Bids** for the works 4 Nos. details in the table from class of contractors mentioned in Col. 4 below registered with the State Government and contractors of equivalent grade/class registered with Central Government/MES/Railways to be eventually drawn up in PWD (P-1) form for execution of civil works, on production of definite proof from the appropriate authority. The bidder may submit bid of the following works.

| Sl. No. | Name of the Work | Amount put to Tender Including 12% GST (In Rs.) | Class of Contractor | EMD to be deposited 1% (In Rs.) | Cost of tender document (non-refundable (In Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of AWC Building at Takua in Kaniha G.P. | 15,26,384/- | D & C | 15,270/- | 6000/- | Six Calendar Months |
| 2 | Construction of AWC Building at Bijigol-3 in Bijigol G.P. | 15,26,384/- | D & C | 15,270/- | 6000/- | Six Calendar Months |
| 3 | Construction of AWC Building at Sadasibapur in Hariharpur G.P. | 15,26,384/- | D & C | 15,270/- | 6000/- | Six Calendar Months |
| 4 | Construction of AWC Building at Durgapur in Talapada G.P. | 15,26,384/- | D & C | 15,270/- | 6000/- | Six Calendar Months |

Sd./- Block Development Officer, Kaniha

**Terms & Conditions**

1. The Sale of Bid documents shall start from **Dt.23.02.2019** and close on **Dt.28.02.2019**, during office hours i.e. (10 A.M. to 5 P.M.) in the office of the Block Development Officer, Kaniha. The bid document may also be downloaded from website: **www.angul.nic.in** during this period. The indending tenderers downloading the tender document has to pay the cost of tender paper as mentioned in shape of Bank Draft payable at SBI, Telesingha Branch in favour of B.D.O., Kaniha.
2. Bids shall be received by the Block Development Officer, Kaniha till Dt.28.02.2019 through Registered Post/ Speed Post only. The authority will not be held responsible for postal delay in the delivering of the documents or non-receipt of the same.
3. The tender will be opened in the Office of the Block Development Officer, Kaniha at 11.00 A.M. on Dt.01.03.2019 in presence of the bidders or their authorised representatives who wish to attend. In the office happended to be closed on the date of receipt/opening of the bids as specified the bids will be received/opened on the next working day at the same time and venue. Bid documents can be purchased from this office against a non-refundable fee towards the cost of documents as indicated in the form of **Cash or Demand Draft** issued from Scheduled Bank payable at **SBI, Telesingha Branch** as per DTCN in favour of the Block Development Officer, Kaniha may be deposited in shape of Bank Draft prepared on or before the last date of receipt along with the Bid.
4. For other details of term & condition please visit the website: **www.angul.nic.in**.
5. The Block Development Officer, Kaniha reserves the right to reject any or all the tender without assigning any reason.

Sd./- Block Development Officer, Kaniha



❝ ପୁଲ୍‌ୱାମା ଆକ୍ରମଣ ଘଟଣା ପରେ କ୍ରିକେଟ ଟାର୍ଗେଟର ଶିକାର ହୋଇଛି। ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମୁକାବିଲା ଏବେ ଅନିଶ୍ଚିତତାରେ ।

– ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ

❝ ଇଂଲଣ୍ଡରେ ଖେଳାଯିବାକୁଥିବା ଆଇସିସି ବିଶ୍ୱକପ୍‌ରେ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।

– ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ



# ଭାରତ ଉପରେ ଆଇଓସି କ୍ଷୁବ୍ଧ

**ଲାଉସାନେ/ ନୂଆଦିଲ୍ଲୀ,୨୨।୨(ପି.ଟି.)**

ନୂଆଦିଲ୍ଲୀ ଶୁଟିଂ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ପାଇଁ ପାକିସ୍ତାନ ଶୁଟରମାନଙ୍କୁ ଭିଜା ଦେବାକୁ ଭାରତ ମନା କରିଦେବା ପରେ ଆନ୍ତର୍ଜାତିକ ଅଲିମ୍ପିକ କମିଟି (ଆଇଓସି) କ୍ଷୁବ୍ଧ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଫଳରେ ଭାରତରେ ଅଲିମ୍ପିକ୍ ତଥା ଅନ୍ୟ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଆଇଓସି ଏ ନେଇ ଭାରତ ସହ ସବୁ ପ୍ରକାର ଆଲୋଚନା ବାତିଲ କରିବାକୁ ନିଷ୍ପତ୍ତି ନେଇଛି। କେବଳ ସେତିକି ନୁହଁ ଭାରତକୁ କୌଣସି ବଡ଼ ଟୁର୍ନାମେଣ୍ଟ ଆୟୋଜନ ଅଧିକାର ନ ଦେବା ପାଇଁ ସୁପାରିଶ କରିଛି। ଏଥି ସହିତ ଶୁଟିଂ ବିଶ୍ୱକପ୍‌ର ଦୁଇଟି ଅଲିମ୍ପିକ କୋଟାକୁ ରଦ୍ଦ କରିଛି।

ଗତ ଶନିବାର ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଭାରତର ୪୦ ସିଆରିପିଏଫ୍ ଯବାନ ଶହୀଦ ହେବା ପରେ ଭାରତ ପାକ୍ ଶୁଟରଙ୍କୁ ଭିଜା ଦେବାକୁ ମନା କରିଦେଇଛି। ଏଥିରେ ଅସନ୍ତୋଷ ଜାହିର କରି ଆଇଓସି ୨୫ ମିଟର ରାପିଡ ଫାୟାର ପିସ୍ତଲ ପ୍ରତିଯୋଗିତାର ଦୁଇଟି ଅଲିମ୍ପିକ୍ କୋଟାକୁ ରଦ୍ଦ କରିଦେଇଛି। ଭବିଷ୍ୟତରେ ବଡ଼ ଇଭେଣ୍ଟ ଆୟୋଜନ ନେଇ ଭାରତ ସହ କୌଣସି ଆଲୋଚନା କରାଯିବ ନାହିଁ ବୋଲି କହିଛି। ଆଗକୁ ଭାରତ ୨୦୨୬ ଯୁବ ଅଲିମ୍ପିକ୍ସ, ୨୦୩୨ ସମର ଅଲିମ୍ପିକ୍ସ ଓ ୨୦୩୦ ଏସିଆନ ଗେମ୍ସ ଆୟୋଜନ କରିବାକୁ ଇଚ୍ଛା ପ୍ରକାଶ କରିଥିଲା। ପୂର୍ବରୁ ଭାରତ ୨୦୩୨ ଅଲିମ୍ପିକ୍ସ ଗେମ୍ସ ଆୟୋଜନ କରିବା ନେଇ ଆଇଓସିକୁ ତା'ର ଅଭିମୁଖ୍ୟ ସ୍ପଷ୍ଟ କରିଥିଲା। ୨୦୨୬ ଯୁବ ଅଲିମ୍ପିକ୍ସର ବିଡିଂ ପ୍ରକ୍ରିୟା ଆସନ୍ତା ବର୍ଷ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଯେପର୍ଯ୍ୟନ୍ତ ଭାରତ ସରକାର ବିଭିନ୍ନ ଇଭେଣ୍ଟ ଆୟୋଜନରେ ଅଲିମ୍ପିକ୍ସ ନିୟମ ଅନୁସାରେ ସବୁ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବା ନିମନ୍ତେ ଅନୁମତି ତଥା ଭିଜା ଦେବା ନେଇ ଲିଖିତ ଭାବେ ଗ୍ୟାରେଣ୍ଟି ନ ଦେଇଛି ସେପର୍ଯ୍ୟନ୍ତ ଆଇଓସି ତା'ର ଆଭିମୁଖ୍ୟ ବଜାୟ ରଖିବ ବୋଲି ସ୍ପଷ୍ଟ କରିଛି।

ପାକ୍ ଶୁଟରଙ୍କୁ ଭିଜା ନ ଦେବା ଘଟଣା ଅଲିମ୍ପିକ୍ସର ମୌଳିକ ନିୟମର ଉଲ୍ଲଂଘନ କରୁଛି ବୋଲି ଲାଉସାନେରେ ଆୟୋଜିତ କାର୍ଯ୍ୟକାରୀ କମିଟି ବୈଠକରେ କୁହାଯାଇଛି। ଏଥି ସହିତ ଭବିଷ୍ୟତରେ ବିଭିନ୍ନ ଇଭେଣ୍ଟ ଆୟୋଜନ ନେଇ ଆଇଓଏ ତଥା ଭାରତ ସରକାରଙ୍କ ସହ କୌଣସି ଆଲୋଚନ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

ଅପରପକ୍ଷରେ ଆଇଓଏ ଏ ନେଇ ତା'ର ଅସହାୟତା ପ୍ରକାଶ କରିଛି। ବର୍ତ୍ତମାନର ପରିସ୍ଥିତିରେ ଦେଶର କ୍ରୀଡ଼ା ଭବିଷ୍ୟତ ଭଲ ମନେ ହେଉ ନାହିଁ ବୋଲି ଆଇଓଏ କହିଛି। ଆମେ ସବୁ ମତେ ଚେଷ୍ଟା କରିଛୁ। ତେବେ ଖେଳାଳିଙ୍କୁ ଭିଜା ଦେବା ଦାୟିତ୍ୱ ସରକାରଙ୍କର। ଦେଶର ସବୁ କ୍ରୀଡ଼ା ପାଇଁ ଏବେ ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା କହିଛନ୍ତି। ଏହା ଦ୍ୱାରା ଆମ ଖେଳାଳିମାନେ କ୍ଷତିଗ୍ରସ୍ତ ହେବେ। ପୁଣି ଥରେ ପରିସ୍ଥିତି ସମାଧାନ ପାଇଁ ଆମେ ସରକାରଙ୍କୁ ଅନୁରୋଧ କରିବୁ। ଯଦି ଆଗାମୀ ୧୫-୨୦ ଦିନ ମଧ୍ୟରେ ଭାରତ ସରକାର କୌଣସି ପ୍ରତିଶୃତି ନ ଦିଅନ୍ତି ତେବେ ଆଇଓସି ନିକଟରୁ ଆଉ ଏକ ଚିଠି ଆସିବ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ଆୟୋଜନ କରିବା ଇଚ୍ଛା ଜାହିର କରିଥିବା ଭାରତ ମଧ୍ୟ ୨୦୨୧ ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଆୟୋଜନ ଅଧିକାର ପାଇଛି। ତେଣୁ ଭାରତ ଏବେ ଆନ୍ତର୍ଜାତିକ ସ୍ତରରେ ନିନ୍ଦିତ ହେଉଛି। ଗତବର୍ଷ ମଧ୍ୟ ମହିଳା ବିଶ୍ୱ ଚାମ୍ପିୟନଶିପ୍‌ରେ କୋସୋଭର ଜଣେ ବକ୍ସରଙ୍କୁ ଭିଜା ନ ଦେଇ ଭାରତ ବିବାଦ ସୃଷ୍ଟି କରିଥିଲା ଓ ଏନେଇ ଆଇଓସି ଭାରତକୁ ଚିଠି ଲେଖିଥିଲା। ନୂଆଦିଲ୍ଲୀରେ ଶନିବାରଠାରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍‌ରେ ୨୦୨୦ ଅଲିମ୍ପିକ୍ସ ପାଇଁ ସବୁ ୧୬ ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ଆନ୍ତର୍ଜାତିକ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଅଧ୍ୟକ୍ଷ ଭ୍ଲାଡିମୀର ଲିସିନ ଘୋଷଣା କରିଥିଲେ। ତେବେ ପରେ ଆଇଓସି ୧୬ ବଦଳରେ ୨ଟି ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ନୂଆଦିଲ୍ଲୀରେ ଆୟୋଜନ ହେବାକୁ ଥିବା ଏହି ଇଭେଣ୍ଟରେ ୬୧ଟି ଦେଶରୁ ଅନ୍ୟ ୫୦୦ ଆଥଲେଟ୍ ଅଂଶଗ୍ରହଣ କରିବେ। ଏମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଆଇଓସି ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ତା'ର ଦୁଇଜଣ ଶୁଟର ଜି.ଏମ୍. ବଶିର ଓ ଖଲିଲ ଅହମ୍ମଦଙ୍କ ପାଇଁ ଭିଜା ଆବେଦନ କରିଥିଲା। ଏହି ଦୁଇ ଶୁଟର ରାପିଡ ଫାୟାର ବର୍ଗରେ ଅଂଶଗ୍ରହ କରିବାର କାର୍ଯକ୍ରମ ଥିଲା। ଏହି ଇଭେଣ୍ଟ ଟୋକିଓ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟର ମାନ୍ୟତା ପାଇଛି।

## ପାକିସ୍ତାନର ସ୍ୱାଗତ

କରାଚୀ,୨୨।୨(ପି.ଟି.)- ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି (ଆଇଓସି) ନିଷ୍ପତ୍ତିକୁ ନ୍ୟାଶନାଲ ଅଲିମ୍ପିକ ଆସୋସିଏଶନ ଅଫ୍ ପାକିସ୍ତାନ (ପିଓଏ) ସ୍ୱାଗତ କରିଛି। ୨୫ ମିଟର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରେ ଅଲିମ୍ପିକ କୋଟା ରଦ୍ଦ କରିବାକୁ ଆଇଓସି ନିଷ୍ପତ୍ତି ନେଇଥିଲା। ଏହା ସ୍ୱାଗତ ଯୋଗ୍ୟ ବୋଲି ପିଓଏ ଅଧ୍ୟକ୍ଷ ଆରିଫ ହାସନ କହିଛନ୍ତି। ଆମର ଦୁଇ ଶୁଟର ଏହି ଇଭେଣ୍ଟ ପାଇଁ ଦୀର୍ଘ ଦିନ ହେବ ପ୍ରସ୍ତୁତି କରୁଆସୁଛନ୍ତି। ଏପରି ସ୍ଥଳେ ଆମ ଶୁଟରଙ୍କୁ ଭିଜା ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଏଭଳି ପରିସ୍ଥିତିରେ ଆଇଓସିକୁ ଏସଂକ୍ରାନ୍ତରେ ଅବଗତ କରାଇବା ଅପେକ୍ଷା ଆମ ପାଖରେ କୌଣସି ବିକଳ୍ପ ମଧ୍ୟ ନହିଁ ବୋଲି ସେ କହିଛନ୍ତି।

## ୧୬ରୁ ୨ ଅଲିମ୍ପିକ୍ କୋଟା ରଦ୍ଦ

ନୂଆଦିଲ୍ଲୀ, ୨୨।୨(ପି.ଟି.)- ଆନ୍ତର୍ଜାତିକ ଶୁଟିଂ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ୧୬ ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ଘୋଷଣା କରିବା ପରେ ଆର୍ନ୍ତାଜାତିକ ଅଲିମ୍ପିକ୍ କମିଟି (ଆଇଓସି) ଏହାକୁ ୨କୁ କମାଇଛି। ନୂଆଦିଲ୍ଲରେ ଆୟୋଜନ ହେବାକୁ ଥିବା ଶୁଟିଂ ବିଶ୍ୱକପ୍‌ରୁ କେବଳ ପୁରୁଷ ୨୫ ମିଟର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରୁ ଅଲିମ୍ପିକ କ୍ୱାଲିଫିକେଶନ ଷ୍ଟାଟସ୍‌କୁ କାଢ଼ି ନିଆଯାଇଛି ବୋଲ ଆଇଓସି ସ୍ପଷ୍ଟ କରିଛି। ଏହା ଦ୍ୱାରା ଏହି ମେଗା ଇଭେଣ୍ଟରେ ଚମକ ତଥା ଲୋକପ୍ରିୟତା ପୂର୍ବ ପରି ବଜାୟ ରହିବ। ଫଳରେ ନ୍ୟାଶନାଲ ରାଇଫଲ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ଆସ୍ୱସ୍ଥି ଲାଭ କରିଛି। ଏଥିପାଇଁ ଶୁଟିଂ ବିଶ୍ୱକପ୍ ଆୟୋଜକ କିମିଟି ଓ ଏନ୍‌ଆରଏଆଇ ଆଇଓସିକୁ ଧନ୍ୟବାଦ୍ ଜଣାଇଛି। ଆଇଏସ୍‌ଏସ୍‌ଏଫ୍ ଅଧ୍ୟକ୍ଷ ଭ୍ଲାଡିମୀର ଲିସିନ, ସାଧାରଣ ସମ୍ପାଦକ ଆଲେକ୍‌ଜାଣ୍ଡାର ରାଟନର, ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରାଙ୍କୁ ଏନ୍‌ଆରଏଆଇ ଧନ୍ୟବାଦ ଜଣାଇଛି।

## ଏଏଚ୍‌ଏଫ୍ ଉପ ସଭାପତି ମୁସ୍ତାକ ଅହମ୍ମଦ


ମୁସ୍ତାକ ଅହମ୍ମଦ


ଅସିମା ଅଲି

**ନୂଆଦିଲ୍ଲୀ,୨୨।୨(ପିଟି)**

ଭାରତର ମହମ୍ମଦ ମୁସ୍ତାକ ଅହମ୍ମଦ ଓ ଅସିମା ଅଲି ଶୁକ୍ରବାର ଯଥାକ୍ରମେ ଏସିଆନ୍ ହକି ଫେଡେରେଶନ (ଏଏଚ୍‌ଏଫ୍) ଉପ ସଭାପତି ଓ କାର୍ଯ୍ୟକାରୀ କମିଟି ସଦସ୍ୟ ପଦରେ ନିର୍ବାଚିତ ହୋଇଛନ୍ତି। ଉଭୟ ଆଗାମୀ ୪ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ। ମୁସ୍ତାକ ଅହମ୍ମଦ ଏବେ ହକି ଇଣ୍ଡିଆ ସଭାପତି ପଦରେ ଥିବାବେଳେ ଅଲି ଉପ ସଭାପତି ଦାୟିତ୍ୱରେ ଅଛନ୍ତି। ଅଲିଙ୍କ ଭଳି ମୁସ୍ତାକ ମଧ୍ୟ ଏଏଚ୍‌ଏଫ୍ କାର୍ଯ୍ୟକାରୀ କମିଟି ସଦସ୍ୟ ହୋଇପାରିଛନ୍ତି। ମହାଦେଶ ଫେଡେରେଶନ ଦ୍ୱାରା ନିଆଯାଇଥିବା ନୂଆ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଏବଂ ଏଏଚ୍‌ଏଫ୍ ସିଇଓଙ୍କୁ ଉପଦେଶ ଦେବା ହେଉଛି ଏଏଚ୍‌ଏଫ୍ କାର୍ଯ୍ୟକାରୀ କମିଟିର ମୁଖ୍ୟ କାର୍ଯ୍ୟ। ଏହି ଅବସରରେ ହକି ଇଣ୍ଡିଆ(ଏଚ୍‌ଆଇ) ପକ୍ଷରୁ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ ଉଭୟଙ୍କୁ ଶୁଭେଚ୍ଛା ଦେଇଛନ୍ତି।

## ସଂକ୍ଷେପରେ

### ଆଇପିଏଲ-୧୨ ଉଦ୍‌ଘାଟନୀ ଉତ୍ସବ ହେବନି

ନୂଆଦିଲ୍ଲୀ,୨୨।୨(ପିଟି): ଆଇପିଏଲର ୧୨ତମ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରାଯିବ ନାହିଁ। ଏ ନେଇ ବିସିସିଆଇ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି ସିଓଏ ଶୁକ୍ରବାର ନିଷ୍ପତ୍ତି ନେଇଛି। ଉତ୍ସବ ଲାଗି ଖର୍ଚ୍ଚ ହେବାକୁ ଥିବା ଅର୍ଥରାଶି ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କ ପରିବାରକୁ ଦିଆଯିବ। ବିଶ୍ୱର ବିତ୍ତଶାଳୀ କ୍ରିକେଟ ଲିଗ୍‌ର ଉଦ୍‌ଘାଟନୀ ଉତ୍ସବ ସର୍ବଦା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଏ। ଯେଉଁଥିରେ ବଲିଉଡ୍ ଷ୍ଟାରଙ୍କୁ ପରଫର୍ମ କରୁଥିବାର ଦେଖିବାକୁ ମିଳେ। କିନ୍ତୁ ସିଆରପିଏଫ୍ ଯବାନଙ୍କ ଶ୍ରଦ୍ଧାଞ୍ଜଳି ଲାଗି ଆଇପିଏଲର ଦ୍ୱାଦଶ ସିଜନର ପ୍ରଥମ ଦିନ ତଥା ମାର୍ଚ୍ଚ ୨୩ ତାରିଖରେ କୌଣସି ଉଦ୍‌ଘାଟନୀ ଆୟୋଜିତ କରାଯିବ ନାହିଁ। ଏହି ଇଭେଣ୍ଟ ଲାଗି ବଜେଟ ହୋଇଥିବା ଅର୍ଥରାଶି ଯବାନଙ୍କ ପରିବାରକୁ ଦିଆଯିବ ବୋଲି ସିଓଏ ଅଧ୍ୟକ୍ଷ ବିନୋଦ ରାଇ କହିଛନ୍ତି। ଉଲ୍ଲେଖଥାଉ କି, ଗତ ସପ୍ତାହରେ ଜମ୍ମୁ କଶ୍ମୀର ପୁଲ୍‌ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ୪୯ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଶହୀଦଙ୍କ ପରିବାର ସହାୟତା ଲାଗି ଦେଶର ବହୁ କ୍ରୀଡ଼ାବିତ ଆଗେଇ ଆସିଥିଲେ।

### ଜୟଦୀପଙ୍କ ପରଲୋକ



କଟକ ଅଫିସ, ୨୨।୨: ଓଡ଼ିଶାର ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଜୟଦୀପ ବୋଷଙ୍କର ଶୁକ୍ରବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ବର୍ଷ ବୟସ ହୋଇଥିଲା । କିଛି ଦିନ ହେବ ତାଙ୍କ ଦେହ ଅସୁସ୍ଥ ଥିବା ବେଳେ ଶୁକ୍ରବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜୟଦୀପ ଓଡ଼ିଶା ପକ୍ଷରୁ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଘର କଟକର ଚୌଧୁରୀବଜାର ଅଞ୍ଚଳରେ । ଜୟଦୀପଙ୍କ ମୃତ୍ୟୁ ଖବର ପାଇ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମସ୍ତ ସଦସ୍ୟ, ଫୁଟବଲ ଖେଳାଳି, କ୍ଲବ ମାଲିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ଜଣାଇଥିଲେ । ଫାଓ ସମ୍ପାଦକ ସଞ୍ଜୟ ବେହେରା ଶୋକ ପ୍ରକାଶ କରିଛନ୍ତି ।

### ୯ ରନ୍‌ରେ ଅଲଆଉଟ୍

ନୂଆଦିଲ୍ଲୀ,୨୨।୨- ନିକଟରେ ୟୁଏଇ ବିପକ୍ଷ ଏକ ଟି୨୦ ମ୍ୟାଚ୍‌ରେ ଚାଇନା ୧୪ ରନ୍‌ରେ ଅଲଆଉଟ୍ ହୋଇ କ୍ରିକେଟର ଛୋଟିଆ ଫର୍ମାଟ ଇତିହାସର ସବୁଠୁ କମ୍ ଦଳଗତ ସ୍କୋର କରିଥିଲା। ହେଲେ ଏହି ଅଲୋଡ଼ା ରେକର୍ଡକୁ ପଛରେ ପକାଇ ଦେଇଛି ମିଜୋରାମ ମହିଳା ଦଳ। ଚଳିତ ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟରେ ମଧ୍ୟପ୍ରଦେଶ ମ୍ୟାଚ୍‌ରେ ମିଜୋରାମ ମାତ୍ର ୯ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଦଳର ୯ ଜଣ ବ୍ୟାଟ୍ସ୍‌ୱମ୍ୟାନ ଖାତା ଖୋଲିପାରି ନ ଥିଲେ। ଏହି ମ୍ୟାଚ୍‌ର ଫଳାଫଳ ମାତ୍ର ୧୪.୫ ଓଭରରେ ବହାରିଥିଲା। ବିଜୟୀ ଦଳ ପାଇଁ ତରଙ୍ଗ ଝା ଚମତ୍କାର ବୋଲିଂ କରିଥିଲେ। ସେ ବୋଲିଂ କରିଥିବା ୨୪ ବଲ ମଧ୍ୟରୁ ୨୩ ଡଟ୍ ବଲ ଥିଲା ଓ ୪ ଉଇକେଟ ମଧ ହାତେଇଥିଲେ। ତାଙ୍କ ଯୋଗୁ ମିଜୋରାମ ୫ ଓଭର ସୁଦ୍ଧା ୫ ଉଇକେଟ ହରାଇ ୨ ରନ୍ କରିଥିଲା। ଅପୂର୍ବା ଭରଦ୍ୱାଜ ୨୫ବଲର ସମ୍ମୁଖୀନ ହୋଇ ୬ ରନ୍ କରିଥିଲେ। ଦଳ ପାଇଁ ସେ ଏକମାତ୍ର ବ୍ୟାଟ୍ସ୍‌ୱମ୍ୟାନ ଭାବେ ସ୍କୋର କରିଥିଲେ। କିନ୍ତୁ ସେ ବୋଲିଂ କରୁଥିବାବେଳେ ୫ ଓ୍ୱାଇଡ୍ ବଲ ପକାଇଥିଲେ। ଫଳରେ ମଧ୍ୟପ୍ରଦେଶ ଦଳ ପ୍ରଥମ ଓଭରରେ ହିଁ ମ୍ୟାଚ୍ ଜିତି ନେଇଥିଲା।

### ସାଇ-ରାଇଜିଂ ଷ୍ଟୁଡେଣ୍ଟ ମ୍ୟାଚ ଡ୍ର

କଟକ ଅଫିସ, ୨୨।୨- ବିଡ଼ାନାସୀ ଗ୍ରାଉଣ୍ଡରେ ଶୁକ୍ରବାର ଫାଓ ମହିଳା ଲିଗର ସାଇ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର ରହିଛି । ସାଇ ପକ୍ଷରୁ ନିକିତା ବିଶି ପ୍ରଥମାର୍ଦ୍ଧର ୨୮ତମ ମିନିଟରେ ଗୋଲ ସ୍କୋର କରିଥିଲେ । ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟର ସୁଭଦ୍ରା ସାହୁ ଏକ ଗୋଲ ସ୍କୋର କରି ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ପରେ କୌଣସି ଗୋଲ ନହେବା ଯୋଗୁଁ ମ୍ୟାଚ୍ ଅମୀମାଂଶିତ ରହିଥିଲା ।

## ପ୍ରଥମ ଦିନିକିଆରେ ଭାରତ ବିଜୟୀ

**ମହିଳା କ୍ରିକେଟ**

**ମୁମ୍ବାଇ, ୨୨।୨ (ପି.ଟି.)**

ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତୀୟ ମହିଳା ଦଳ ୬୬ ରନରେ ବିଜୟ ଲାଭ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୯.୪ ଓଭରରେ ୨୦୨ ରନ କରି ଅଲଆଉଟ ହୋଇଯାଇଥିଲା। ଘରୋଇ ଦଳ ପରେ ଇଂଲଣ୍ଡକୁ ୧୩୬ ରନରେ ଅଲ୍ ଆଉଟ କରିଦେଇଥିଲା। ଭାରତ ପକ୍ଷରୁ ସଫଳ ବୋଲର ଭାବେ ଏକତା ବିସ୍ତ ୪ଟି ଉଇକେଟ ଅକ୍ତିଆର କରିଥିବାବେଳେ ଏସ. ପାଣ୍ଡେ ଓ ଡିଭି ଶର୍ମା ଦୁଇଟି ଲେଖାଏଁ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତୀୟ ମହିଳା ଦଳ:** ୪୯.୪ ଓଭରରେ ୨୦୨/ଅଲଆଉଟ (ଜେମିମା. ରୋଡ୍ରିଗୁଏଜ୍-୪୮ ; ସୋଫି. ଇକ୍କ୍ଲେଷ୍ଟୋନ୍-୨/୨୭)।
**ଇଂଲଣ୍ଡ ମହିଳା ଦଳ :** ୪୧ ଓଭରରେ ୧୩୬/ଅଲଆଉଟ (ନାଟାଲି ସ୍କିଭର-୪୪, ହିଥର ନାଇଟ୍-୩୯* ; ଏକତା ବିସ୍ତ୍-୪/୨୫)।

## ଗୁରୁକୁଳ ର୍‍ୟାଙ୍କିଙ୍ଗ୍ ଟେନିସ: ଅଂଶୁ ଚାମ୍ପିୟନ


ଅଂଶୁକୁମାର ଭୂୟାଁ ଓ ଶେଖ୍ ମହମ୍ମଦ ଇଫ୍‌ତିକାର୍ ଟ୍ରଫି ସହ।

ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି) ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ପୁରୁଷ ୫୦କେ ର୍‍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ଅଂଶୁକୁମାର ଭୂୟାଁ। ଶୁକ୍ରବାର ଫାଇନାଲରେ ଅଂଶୁ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍‌ଙ୍କୁ୬-୨, ୬-୪ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି। ପୁରୁଷ ଡବଲ୍ସରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି ଓଡ଼ିଆ ଯୋଡ଼ି ସତୀର୍ଥ ପଟ୍ଟନାୟକ ଓ ଆଶୁତୋଷ ଦାସ। ଫାଇନାଲରେ ଆନ୍ଧ୍ର ପ୍ରଦେଶର ଉମର ଶେଖ୍ ଓ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍ ଯୋଡ଼ି ୦-୬, ୬-୪,(୧୦-୪) ସେଟ୍‌ରେ ସତୀର୍ଥ-ଆଶୁତୋଷଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ଯତୀନ ବୈଶ୍ୟ, ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ) ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ସିଙ୍ଗଲ୍ସରେ ଚାମ୍ପିୟନ ଓ ରନର୍ସଅପ୍ ଖେଳାଳି ଯଥାକ୍ରମେ ୧୫ ଓ ୧୨ ରେଟିଂ ପଏଣ୍ଟ ପାଇଛନ୍ତି। ସେହିପରି ଡବଲ୍ସରେ ଚାମ୍ପିୟନ ଓ ରନର୍ସଅପ୍ ଯୋଡ଼ି ୧୨ ଓ ୮ ପଏଣ୍ଟ ଲେଖାଏ ହାସଲ କରିଛନ୍ତି।


ପୂର୍ବାଞ୍ଚଳ ବଧିର ଟି୨୦ କ୍ରିକେଟ ଉଦ୍‌ଘାଟନୀ ଅବସରରେ ଖେଳାଳିଙ୍କ ସହ ଅତିଥିମାନେ।

## ଜାତୀୟ ଜୁନିୟର ହକି: କ୍ୱାର୍ଟରରେ ଗାଙ୍ଗପୁର

**ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)**

ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଚାଲିଥିବା ଜାତୀୟ ଜୁନିୟର ହକି (ଡିଭିଜନ-ଏ) ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ହକି ଗାଙ୍ଗପୁର ଓଡ଼ିଶା ୧-୦ ଗୋଲରେ କର୍ଣାଟକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ପୁରନ କେରକେଟା ୫୯ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ଏହି ବିଜୟ ସହ ହକି ଗାଙ୍ଗପୁର ପୁଲ୍ 'ସି'ରେ ଉତ୍ତର ପ୍ରଦେଶ ପକ୍ଷରୁ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ପଞ୍ଜାବ, ଚଣ୍ଡିଗଡ଼, ହରିୟାଣା, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଓ ବିହାର ଦଳ ବିଜୟ ହାସଲ କରିଛନ୍ତି।

## ପୂର୍ବାଞ୍ଚଳ ବଧିର ଟି୨୦ କ୍ରିକେଟ ଉଦ୍‌ଘାଟିତ

# ଓଡ଼ିଶାର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ(ଆଇଏମ୍‌ଟି) ଖେଳ ପଡ଼ିଆରେ ୩ୟ ପୂର୍ବାଞ୍ଚଳ ବଧିର ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଆଇଏମଟିର ସହ ନିର୍ଦ୍ଦେଶକ ଡ. ଏସ.କେ. ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ଓଡ଼ିଶା ଓ ବିହାର ଖେଳାଳିଙ୍କ ସହ କରମର୍ଦ୍ଦନ କରିଥିଲେ। ଓଡ଼ିଶା ଓ ବିହାର ବ୍ୟତୀତ ଏଥିରେ ଝାଡ଼ଖଣ୍ଡ, ଆସାମ ଓ ପଶ୍ଚିମବଙ୍ଗ ଆଦି ୫ ରାଜ୍ୟ ଦଳ ଭାଗ ନେଇଛନ୍ତି।

ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା ୭ ଉଇକେଟରେ ବିହାରକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିହାର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୮୯ ରନ କରିଥିଲା। ଜବାବରେ ଓଡ଼ିଶା ୯ ଓଭରରେ ମାତ୍ର ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓଡ଼ିଶାର ଆର.ଆର ସହାନି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ଆୟୋଜକ ସଭାପତି ସ୍ନେହାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଡ. ବି.ସି. ସାହୁ, ଡ. ବାମ ପ୍ରସାଦ ବାଗ୍, ଡ. ବଙ୍କିମ୍ ଚନ୍ଦ୍ର ତ୍ରିପାଠୀ, ଓ୍ୱାଇ. ମହାପାତ୍ର, ବିଶିଷ୍ଟ ଚେସ୍ କୋଚ୍ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ବଧିର କ୍ରୀଡ଼ା ପରିଷଦ ସମ୍ପାଦକ ନିରଞ୍ଜନ ଜୋଷୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ଆଇଏମ୍‌ଟିର ବରିଷ୍ଠ ଅଧିକାରୀ ଅବଦୁଲ ରହିମ ଖାଁ, ବିଜୟ କୁମାର ପରିଡ଼ା, ପି.କେ. ମହାପାତ୍ର, ସଞ୍ଜୟ ପଣ୍ଡା, ଜେ.ଏନ. ବହିଦାର ପ୍ରମୁଖ ପରିଚାଳନା କରୁଛନ୍ତି। ଲୋକେଶ କୁମାର ଓ ସନ୍ତୋଷ ଜେନା ଅମ୍ପାୟର ଏବଂ ବିକାଲ ନାୟକ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ।

# ଯୋଜନାର ଚୂଡ଼ାନ୍ତ ରୂପ ପାଇଁ ଶେଷ ସୁଯୋଗ

**ଡିନ୍ ଜୋନ୍ସ**

ଆସନ୍ତା ଟି୨୦ ଓ ଦିନିକିଆ ସିରିଜରେ ଭାରତ ଓ ଅଷ୍ଟ୍ରେଲିଆ କିପରି ରଣନୀତି ଅବଲମ୍ବନ କରୁଛନ୍ତି ତାହା ବଡ଼ ପ୍ରଶ୍ନ। ଆଗାମୀ ଆଇପିଏଲ ଏବଂ ବିଶ୍ୱକପ ପୂର୍ବରୁ ନିଜ ଯୋଜନାକୁ ଚୂଡ଼ାନ୍ତ ରୂପ ଦେବାପାଇଁ ଭାରତ ପାଇଁ ଏହା ଶେଷ ସୁଯୋଗ। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ ଓ ଡେଭିଡ ଓ୍ୱାର୍ନର ଏବେ ମଧ୍ୟ କହୁଣିରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତେଣୁ ଆସନ୍ତା ମାସରେ ପାକିସ୍ତାନ ବିପକ୍ଷ ୪ର୍ଥ ଦିନିକିଆ ପର୍ଯ୍ୟନ୍ତ ସେମାନେ ଖେଳିପାରିବେ ନାହିଁ। ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ଦଳକୁ ନେଇ ଅଧିକ ସମସ୍ୟା ରହିଛି। ଦଳ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇନାହିଁ। ବିଶେଷ କରି ଟି୨୦ରେ ଟପ୍ ଅର୍ଡର ବ୍ୟାଟିଂ ଲାଇନ୍‌ଅପ୍ ସ୍ଥିର ହୋଇ ପାରିନାହିଁ। ଫଳରେ ପୂର୍ବରୁ ଭାରତ ବିପକ୍ଷରେ ଭଲ ଖେଳିପାରି ନ ଥିଲେ ହେଁ ଡାର୍ସି ଶର୍ଟ, ହ୍ୟାଣ୍ଡସ୍କମ୍ବ, ମ୍ୟାକ୍ସୱେଲ, ଟର୍ନର ଓ ଆରନ ଫିଞ୍ଚଙ୍କ ଉପରେ ଦଳ ପ୍ରାୟତଃ ନିର୍ଭର କରିବ।

ଅଷ୍ଟ୍ରେଲିଆ ନିର୍ବୋଧଭାବେ ଭାରତ ବିପକ୍ଷ ଗତ ଦିନିକିଆ ସିରିଜରେ ହାଜେଲଉଡ୍, କୁମିନ୍ସ ଓ ଷ୍ଟାର୍କଙ୍କୁ ରୋଟେଟ୍ କରିଥିଲା। ଶ୍ରେଷ୍ଠ ଦଳ ଚୟନ କରିପାରିଲେ ଯାଇ ବିଜୟ ହାସଲ ସମ୍ଭବ ହେବ। ୫୦ ଓଭର ବିଶିଷ୍ଟ ଦିନିକିଆ ଏବଂ ଟି୨୦ରେ ଏହି ଦଳ ଏବେ ମଧ୍ୟ ଡେଥ୍ ଓଭର ବୋଲର ଆବଶ୍ୟକ କରୁଛି। ତେଣୁ ଜାସନ ବେହେରନଡର୍ଫ ଓ ଝେଇ ରିଚାର୍ଡଶନ ଆଗାମୀ ସିରିଜରେ ସୁଯୋଗ ପାଇପାରନ୍ତି। ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କୁ ମଧ୍ୟ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ।

ନିକଟ ଅତୀତରେ ଭଲ ଖେଳି ନ ଥିଲେ ହେଁ ଭାରତ ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କୁ ଆଉ ଏକ ସୁଯୋଗ ଦେଇପାରେ। ଯଦି ଲୋକେଶ ଫର୍ମରେ ରହିଲେ ତେବେ ଭାରତ ପରଫେକ୍ଟ ଟିମ୍ ପାଇପାରିବ। ଶିଖର ଧାଓ୍ୱନଙ୍କୁ ମଧ୍ୟ ରନ ସଂଗ୍ରହ ପ୍ରତି ଧ୍ୟାନ ଦେବାକୁ ହେବ। ତେଣୁ ଘରୋଇ ଖେଳାଳିଙ୍କୁ ସେମାନଙ୍କ ଭୂମିକା ସମ୍ପର୍କରେ ମନେ ପକାଇ ଦେବାକୁ ଏହା ପ୍ରକୃଷ୍ଟ ସିରିଜ।

ଭାରତ ନିଶ୍ଚିତଭାବେ ଉଭୟ ଟି୨୦ ଓ ଦିନିକିଆ ସିରିଜ ଜିତିବାକୁ ଚାହିଁବ। ସତ କହିବାକୁ ଗଲେ ଭାରତ ଏହି ସିରିଜ ଆବଶ୍ୟକ କରୁନାହିଁ। କାରଣ ଏହି ଦଳ ସେଟ୍ ହୋଇ ସାରିଛି। ସମ୍ଭବତଃ ଭାରତ ୨ଟି ସ୍ଥାନ ପାଇଁ ପରୀକ୍ଷା ନିରୀକ୍ଷା କରିବ। ପ୍ରଥମ ହେଲା ରିଜର୍ଭ ଉଇକେଟ କିପର ଏବଂ ଦ୍ୱିତୀୟତଃ ଲୋକେଶ ଫର୍ମକୁ ଫେରୁଛନ୍ତି କି ନାହିଁ ଦେଖାଯିବ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପାଇଁ ସମ୍ଭବତଃ ୬-୭ ସ୍ଥାନ ପାଇଁ ଖେଳାଳି ସେଟ୍ କରିବାକୁ ପଡ଼ିବ।

ଅଷ୍ଟ୍ରେଲିଆ କଣ ଏହି ସିରିଜ ଜିତି ପାରିବ ? ତାହା ସେମାନେ ପାରିବେ ବୋଲି ମୁଁ ଭାବି ପାରୁନି। ତେବେ ସେମାନେ ଏହି ଅଭିଯାନକୁ କିପରି ସଫଳ କରିବାକୁ ଚେଷ୍ଟା କରୁଛନ୍ତି ତାହା ଦେଖିବାକୁ ବାକି ରହିଛି। ମାତ୍ର ସେମାନେ ଏଥିପାଇଁ ପ୍ରସ୍ତୁତ ଥିବାପରି ମୋର ମନେ ହେଉନାହିଁ। ଅଷ୍ଟ୍ରେଲିଆକୁ ବିଶ୍ୱ ବିଜୟୀ ପ୍ରତିଷ୍ଠା ଫେରାଇ ଆଣିବା ଆବଶ୍ୟକ ହେଉଛି। ଏହା ହେବାକୁ ହେଲେ ଖେଳଦ୍ୱାରା ପ୍ରତିପକ୍ଷ ଦଳକୁ ଭୟଭୀତ କରିବାକୁ ପଡ଼ିବ। ଅଷ୍ଟ୍ରେଲିଆ ପାଇଁ ଏହା ହିଁ ଭାରତ ଗସ୍ତର ଉଦ୍ଦେଶ୍ୟ ହେବା ଉଚିତ।

(ଗେମ୍ ପ୍ଲାନ)



DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଫେବୃୟାରୀ ୨୩/୨୦୧୯ Berhampur, Saturday, February 23/ 2019

## ସଂକ୍ଷେପରେ

### କୋଇଲା ବୋଝେଇ ଟ୍ରେନରେ ନିଆଁ

**ଭଦ୍ରକ ଅଫିସ, ୨୨।୨** - ଭଦ୍ରକ ଜିଲା ଧାମରାରୁ ଏନ୍‌ଟିପିସିକୁ କୋଇଲା ବୋଝେଇ କରି ନେଇଯାଉଥିବା ଏକ ମାଲବାହୀ ଟ୍ରେନରେ ଶୁକ୍ରବାର ରାତିରେ ନିଆଁ ଲାଗିଯାଇଥିଲା। ଭଦ୍ରକ କେନ୍ଦୁଆପଦା ଷ୍ଟେଶନ ନିକଟରେ ଟ୍ରେନର ଏକ ବଗିରେ ନିଆଁ ଲାଗିଥିବା ଡ୍ରାଇଭର ଜାଣିବାକୁ ପାଇଥଲେ। ଟ୍ରେନକୁ ଅଟକାଇ ଭଦ୍ରକ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୋଇଲା କୋଇଲା ଘଷି ହୋଇ ନିଆଁ ଲାଗିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ପାଟଣା, ୨୨।୨(ସ୍ୱ.ପ୍ର.):** ପାଟଣା ୨୨୦ ନମ୍ବର ଜାତୀୟ ରାଜପଥ ଆହାରପଡ଼ା ନିକଟରେ ଶୁକ୍ରବାର ଭୋର ସମୟରେ ଏକ ସ୍କର୍ପିଓ ପାଲଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଝାଡ଼ଖଣ୍ଡ କୋମାରଚୋଲି ବଡ଼ିବଜାରର ଏମ.ଡ଼ି ସଲାଉଦ୍ଦିନଙ୍କ ପୁଅ ଏମଡ଼ି ଆଫ୍ରଜ(୨୬)। ଓଆର୦୨ଏକ୍ସ୯୨୭୦ ନମ୍ବର ବିଶିଷ୍ଟ ସ୍କର୍ପିଓ ଇଲେକ୍ଟ୍ରି ସାର୍ଭିସ ତାର ବୋଝେଇ କରି ପାଟଣା ସାହାରପଡା ରାସ୍ତାରେ କରଞ୍ଜିଆ ଅଭିମୁଖେ ଯାଉଥିଲା। ସ୍କର୍ପିଓର ପଛ ଚକ ଫାଟି ଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡିରେ ଚୋରା ଇଲେକ୍ଟ୍ରି ତାର ପରିବହନ ହେଉଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏ ନେଇ ସାହାରପଡା ଫାଣ୍ଡି ଅଧିକାରୀ ଅଶୋକ କୁମାର ପୋହିଙ୍କୁ ପାଚାରିବାରୁ ତଦନ୍ତ ଜାରି ରହିଛି। ଗାଡି କୌଣସି କମ୍ପାନୀରୁ ତାର ପରିବହନ କରୁଥିଲା କି ଚୋରା ତାର ପରିବହନ କରୁଥିଲା ତାହା ତଦନ୍ତ ଚାଲିଥିବା ସେ କହିଛନ୍ତି। ଏ ନେଇ ପାଟଣା ଥାନାରେ ଏକ ମାମଲା (ନଂ.୨୪/୨୯) ରୁଜୁ ହୋଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହକୁ ପୋଲିସ ହସ୍ତାନ୍ତର କରିଛି।

### ଜେନେରେଟର ଅପରେଟରଙ୍କ ମୃତ୍ୟୁ

**କେନ୍ଦୁଝର, ୨୨।୨(ସ୍ୱ.ପ୍ର.):** ପୁରୁଣା ସହର ନିକଟରେ ଥିବା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସରେ ଜଣେ ଜେନେରେଟର ଅପରେଟରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଯୁବକଙ୍କ ନାମ ଦିଲେଶ୍ୱର ନାୟକ (୨୧)। ତାଙ୍କ ଘର ସ୍ଥାନୀୟ ହୁଡକୋ କଲୋନୀରେ। ସେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ବରଣ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଶୁକ୍ରବାର ଉକ୍ତ କ୍ୟାମ୍ପସରେ ଏକ ସେମିନାର ଚାଲିଥିଲା। ଏହି ସମୟରେ ଜେନେରେଟର ଚାଲିଥିବା ଏକ ରୁମରେ ଉକ୍ତ ଯୁବକ ମଦ୍ୟପାନ କରି ଶୋଇଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ସେ କିପରି ମୃତ୍ୟୁ ବରଣ କରିଛି ତାହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଏ ନେଇ ଟାଉନ ଥାନା ଦାୟିତ୍ୱରେ ଥିବା ଏସଆଇ ରନ କୁମାର ବିଶ୍ୱାଳ କହିଛନ୍ତି ଯେ, ଶବ ବ୍ୟବଚ୍ଛେଦ ଓ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ।

### ୧୭ କେନ୍ଦ୍ରରେ ୬୬ ପରୀକ୍ଷାର୍ଥୀ ଅନୁପସ୍ଥିତ

**ବାଲିଆପାଳ, ୨୨।୨(ଡି.ଏନ.ଏ.)-** ଶୁକ୍ରବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ୧୭ଟି ସେଣ୍ଟରରେ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନ ପରୀକ୍ଷାରେ ୩ହଜାର ୫ଶହ ୫୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୪୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ୬୬ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ଅଛନ୍ତି। ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଥିବା ବେଳେ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଖବର ମିଳିନାହିଁ।

■ ପିକ୍‌ଅପ ଭ୍ୟାନ୍‌କୁ ଧକ୍କା ଦେଲା ଟ୍ରକ୍

# ୨ ମହିଳା ମୃତ, ଡ୍ରାଇଭର ସମେତ ୪ ଗୁରୁତର

**ବିଶୋଇ, ୨୨।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ମଣଦା ସ୍ଥିତ ୪୯ନଂ ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ମହିଳା ପ୍ରାଣ ହରାଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ହେଲେ ମଣଦା ଗ୍ରାମର ସହଚରି ବେହେରା ଓ ସରି ବେହେରା। ଗୁରୁତର ଆହତମାନେ ହେଲେ ଡ୍ରାଇଭର ମଣଦା ପଞ୍ଚାୟତ ବୁଢ଼ୀଖମାରି ଗ୍ରାମର ଉତ୍ତମ ମହାନ୍ତ ଓ ଅନ୍ୟ ୩ ଜଣ ମହିଳା ମଣଦା ଅଞ୍ଚଳର ରୋଇବାରି ବେହେରା,ପ୍ରମିଳା ବେହେରା ଓ ମମତା ବେହେରା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଥିଲେ। ଖବର ପାଇ ମଣଦା ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ଉଠିଥିଲା। ଶୁକ୍ରବାର ସନ୍ଧ୍ୟାରେ ବନେକଳା ସ୍ଥିତ ଜାମବିଲା ପାଟବିଲା ଅଞ୍ଚଳରୁ ମଣଦାକୁ ଉକ୍ତ ୫ ମହିଳା ମାନେ ଏକ ଟାଟା ଆରିକ୍ସ (ଓ ୧୧ଏ ୦୬୪୧) ଗାଡ଼ିରେ ମାଟି ଆଣୁ ଫେରୁଥିଲେ। ରାଜପଥ ନିକଟବର୍ତ୍ତୀ ମଣଦା ନିକଟସ୍ଥ କଳିଙ୍ଗ କଲେଜ ନିକଟରେ ଏହି ଗାଡିଟି ଅଟକିଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଟ୍ରକ ଧକ୍କା ଦେଇଥିଲା। ଫଳରେ ଟାଟା ଆରିକ୍ସ ଗାଡ଼ିଟି ଭାଙ୍ଗି ଚୁରମାର ହୋଇଯାଇଥିବାବେଳେ ଟ୍ରକ୍‌ଟି ଫେରାର ହୋଇଯାଇଥିଲା। ସ୍ଥାନୀୟଲୋକେ ଗୁରୁତର ସମସ୍ତ ମହିଳା ଓ ଡ୍ରାଇଭରଙ୍କୁ ମଣଦା ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ। ସେଠାକାର ଡାକ୍ତର ୨ ମହିଳାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗୁରୁତର ଆହତଙ୍କୁ ବାରିପଦା ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି।



ଦୁର୍ଘଟଣାଗ୍ରସ୍ତ ଟାଟା ଆରିକ୍ସ।

## ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

**ଧାମନଗର, ୨୨।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଏକ ବିଦ୍ୟାଳୟର ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିଥିବା ଧାମନଗର ଥାନାରେ ଅଭିଯୋଗ କରାଯାଇଛି। ଶୁକ୍ରବାର ଛାତ୍ରୀଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଗତ ୧୫ ତାରିଖରେ ଛାତ୍ରୀ ଜଣଙ୍କ କାନ୍ଦି କାନ୍ଦି ସ୍କୁଲରୁ ଫେରିବାରୁ ତାଙ୍କ ମା' ଘଟଣା ସମ୍ପର୍କରେ ପଚାରିଥିଲେ। ସ୍କୁଲ ଛୁଟି ସମୟରେ ଶିକ୍ଷକ ଜଣଙ୍କ ତାଙ୍କୁ ଏକୁଟିଆ ଡାକି ନେଇ ଅସଦାଚରଣ କରିଥିବା ଛାତ୍ରୀ ଜଣଙ୍କ ତାଙ୍କ ମା'ଙ୍କୁ କହିଥିଲେ। ତାଙ୍କ ମା' ସଙ୍ଗେ ସଙ୍ଗେ ବିଦ୍ୟାଳୟକୁ ଯାଇଥିଲେ ମଧ୍ୟ ସେଠାରେ କାହାକୁ ନ ପାଇ ଫେରିଆସି ପରିଚାଳନା କମିଟି ସଭାପତିଙ୍କୁ ଏ ବିଷୟରେ ଜଣାଇଥିଲେ। ସେବେଠାରୁ ସମ୍ପୃକ୍ତ ଶିକ୍ଷକ ବିଦ୍ୟାଳୟକୁ ଆସୁ ନ ଥିବାରୁ ବାଧହୋଇ ଛାତ୍ରୀଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

# ୩ ପରୀକ୍ଷା କେନ୍ଦ୍ରରେ ୧୪୪ ଧାରା

**କେନ୍ଦୁଝର, ୨୨।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ମାଟ୍ରିକ ପରୀକ୍ଷା ଶୁକ୍ରବାର ଶାନ୍ତିପୂର୍ଣ୍ଣ ଭାବେ ଆରମ୍ଭ ହୋଇଛି। ସମୁଦାୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାରେ ୬୪୨ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡିଛି। ଆନନ୍ଦପୁର ଉପଖଣ୍ଡର ୩ ପରୀକ୍ଷା କେନ୍ଦ୍ରରେ ଗଣ୍ଡଗୋଳ ଆଶଙ୍କା କରି ଧାରା ୧୪୪ ଲାଗୁ କରାଯାଇଥିବା ଜଣାପଡିଛି। ସେଗୁଡିକ ହେଲା କୁଣ୍ଡଳେଇ ହାଇସ୍କୁଲ, ବେଲବାହାଳି, ବାରାହି ହାଇସ୍କୁଲ, ବଞ୍ଜୋ ଓ ଧନେଇ ବିଦ୍ୟାପୀଠ, ଖାଲିଆମେଣ୍ଟା ବୋଲି ଜଣାପଡିଛି। ଜିଲାରେ ସମୁଦାୟ ୧୨୩ କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ୨୩,୨୩୩ ଜଣ ରେଗୁଲାର ଓ ୧୨୨୧ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ପ୍ରଥମ ଦିନରେ ୬୪୨ ଜଣ ଅନୁପସ୍ଥିତ ଥିଲେ। ୩ ଜଣ ଅସାଧୁ ଉପାୟ ଅବଲମ୍ବନ କରୁଥିବା ବେଳେ ଧରାପଡିଛି। ପରୀକ୍ଷା ଅନୁଧ୍ୟାନ ପାଇଁ ଜିଲାର ୨ଟି ଓ ବୋର୍ଡର ଗୋଟିଏ ସ୍କ୍ୱାଡ ବୁଲୁଛି ବୋଲି ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। କୌଣସି ଗଣ୍ଡଗୋଳ ହୋଇନାହିଁ ବୋଲି ଡିଏସପି ହରିଶ ପାଣ୍ଡେ କହିଛନ୍ତି।

# ଉଦ୍ଧାର ହେଲା ହରିଣ ଛୁଆ

**ସଜନାଗଡ଼/ ନୀଳଗିରି, ୨୨।୨(ଡି.ଏନ.ଏ.)**



ନୀଳଗିରି ବ୍ଲକ ଜାମୁଡ଼ିଆ ପଞ୍ଚାୟତ ବଲବଲିଆ ଗ୍ରାମ ନିକଟ ଘାଘରା ନଦୀ କୂଳରୁ ଶୁକ୍ରବାର ମଧ୍ୟାହ୍ନରେ ଏକ ୨ବର୍ଷର ହରିଣ ଛୁଆ ବନବିଭାଗ ଉଦ୍ଧାର କରିଛି। ତାକୁ ସୁରକ୍ଷିତ ଭାବେ କୁଲଡ଼ିହା ଅଭୟାରଣ୍ୟରେ ଛାଡ଼ି ଦିଆଯାଇଛି। ଖାଦ୍ୟ ଅନ୍ୱେଷଣରେ ହରିଣ ଛୁଆଟି କୁଲଡ଼ିହା ଅଭୟାରଣ୍ୟରୁ ଗ୍ରାମାଭିମୁଖୀ ହୋଇଥିଲା। ପରେ ବାଟବଣା ହୋଇ ରାଜ୍ୟ ରାଜପଥ ପାର୍ ହୋଇ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ବୁଲୁଥିବାର ଜଙ୍ଗଲ ପାଖ ଗ୍ରାମବାସୀ ଗୁରୁବାର ଦେଖିଥିଲେ। ଗ୍ରାମବାସୀଙ୍କ ସୂଚନାନୁସାରେ ବନବିଭାଗ ପକ୍ଷରୁ ଫରେଷ୍ଟର ଗଣେଶ ପ୍ରସାଦ ଲେଙ୍କା ଓ ଦେବରାଜ ରାଉତ, ଗାର୍ଡ଼ ଦୁଷ୍ମନ୍ତ ଜେନା ଓ ସବୁଜବାହିନୀ କର୍ମୀ ମିଳିତ ଭାବେ ବଲବଲିଆ ନିକଟ ଘାଗରା ନଦୀ କୂଳରେ ଠାବ କରିଥିଲେ। ପରେ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶାନୁସାରେ ଉକ୍ତ ହରିଣ ଛୁଆକୁ କୁଲଡ଼ିହା ଅଭୟାରଣ୍ୟରେ ଛଡ଼ା ଯାଇଛି।

# ଝୋଟ କାରଖାନାରେ ଶ୍ରମିକ ଅଶାନ୍ତି

**ରୂପ୍‌ସା, ୨୨।୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଝୋଟ କାରଖାନାରେ ଶୁକ୍ରବାର ଶ୍ରମିକ ଅଶାନ୍ତି ଦେଖାଦେଇଛି। ଶ୍ରମିକଙ୍କ ବର୍ଦ୍ଧିତ ମଜୁରି ମିଳୁ ନ ଥିବାରୁ ଶ୍ରମିକମାନେ କାରଖାନା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶ୍ରମିକମାନଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଶ୍ରମିକ ସଂଘ ପକ୍ଷରୁ ସଭାପତିଙ୍କୁ ବହିଷ୍କାର ଦାବି କରାଯାଇଛି।

ଗତ ୨୦୧୮ ଅକ୍ଟୋବର ୩୦ ତାରିଖରୁ ଶ୍ରମିକଙ୍କ ମଜୁରି ହାର ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ସେହିଦିନଠାରୁ କାରଖାନାର ଶ୍ରମିକଙ୍କୁ ବର୍ଦ୍ଧିତ ମଜୁରି ମିଳୁ ନ ଥିଲା। ଏ ସମ୍ପର୍କରେ ଶ୍ରମିକମାନେ ବାରମ୍ବାର ସଂଘ ସଭାପତିଙ୍କୁ ଅବଗତ କରାଇଥିଲେ। ୪ମାସ ପରେ ଶୁକ୍ରବାର ମିଲ୍ ମାଲିକ, ସଂଘ ସଭାପତି ଓ ସଂଘର କର୍ମକର୍ତ୍ତା ଉପସ୍ଥିତିରେ ବର୍ଦ୍ଧିତ ମଜୁରି ପ୍ରଦାନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ମିଲ୍ ମାଲିକ କେବଳ ଅଣକୁଶଳୀ ଶ୍ରମିକଙ୍କୁ ବର୍ଦ୍ଧିତ ମଜୁରୀ ୨୮୦ ଟଙ୍କା ଦେବାକୁ ରାଜି ହେବା ସ୍ଥଳେ ଉଚ୍ଚବର୍ଗକୁଶଳୀ, କୁଶଳୀ, ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ଦରମା ମାତ୍ର ୩୫ଟଙ୍କା ବୃଦ୍ଧି କରିବାକୁ ଘୋଷଣା କରିଥିଲେ। ଏଥିରେ ଶ୍ରମିକମାନେ ରାଜି ନ ହୋଇ ପୂର୍ଣ୍ଣ ବର୍ଦ୍ଧିତ ମଜୁରି ପ୍ରଦାନ ପାଇଁ ଜିଦ୍ ଧରିଥିଲେ। ପ୍ରତିବାଦରେ କାରଖାନା ସମ୍ମୁଖରେ ସଂଘର ସଭାପତିଙ୍କ କୁଶପୁତ୍ତଳିକା ଦାହ କରି ବହିଷ୍କାର ଦାବି କରିଥିଲେ। ତୁରନ୍ତ ବର୍ଦ୍ଧିତ ମଜୁରୀ ମୁତାବକ ଦରମା ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ଜୋରଦାର୍ ଆନ୍ଦୋଳନ ହେବ ବୋଲି ସଂଘର ସମ୍ପାଦକ ଦୀପକ ପଣ୍ଡା, ଉପସଭାପତି ରଘୁନାଥ ସାହୁ, ସହସମ୍ପାଦକ ମନୋରଞ୍ଜନ ବାରିକ ଓ ଅଶୋକ ଦାସ, ସଙ୍ଗଠନ ସମ୍ପାଦକ ନିରଞ୍ଜନ ଦାସ ଓ ମନୋରଞ୍ଜନ ସାହୁ, କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମହାପାତ୍ର, ସନ୍ନ୍ୟାସୀ ସେଠୀ, ଘନଶ୍ୟାମ ରାଉଳଙ୍କ ସମେତ କାର୍ଯ୍ୟରତ ଶ୍ରମିକମାନେ ଚେତାବନୀ ଦେଇଛନ୍ତି।



କାରଖାନା ପରିସରରେ ଶ୍ରମିକଙ୍କ ବିକ୍ଷୋଭ।

# ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ତ୍ରୀଙ୍କୁ ହତ୍ୟା ମାମଲା: ଶିକ୍ଷକ ଗିରଫ

**ତିହିଡି, ୨୨।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ କାଁପଡ଼ାବିନ୍ଧା ଗ୍ରାମର ବିନିଲତା ଦାସ ନାମ୍ନୀ ଜଣେ ମହିଳାଙ୍କୁ ଗତ ୧୫ ତାରିଖରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ପରକୀୟା ପ୍ରୀତିକୁ ବିରୋଧ କରିବାରୁ ବିନିଲତାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ତିହିଡ଼ି ଥାନା ପୋଲିସ ତଦନ୍ତ କରି ଶୁକ୍ରବାର ବିନିଲତାଙ୍କ ସ୍ୱାମୀ ଶିକ୍ଷକ ନିର୍ମଳ ଚନ୍ଦ୍ର ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତବର୍ଷ ମାର୍ଚ୍ଚରେ ଭଦ୍ରକ କାଉପୁର ପଞ୍ଚାୟତ ମୁକ୍ତାଳି ଗ୍ରାମର କୁଳମଣି ଦାସଙ୍କ ଝିଅ ବିନିଲତା ନିର୍ମଳଙ୍କୁ ବିବାହ କରିଥିଲେ। ବିବାହ ପରେ ଅନ୍ୟ ଜଣେ ମହିଳାଙ୍କ ସହ ନିର୍ମଳଙ୍କର ଅନୈତିକ ସମ୍ପର୍କ ଥିବା ଜାଣି ବିନିଲତା ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ନିର୍ମଳ ବିନିଲତାଙ୍କୁ ହତ୍ୟା କରିଥିବା ତାଙ୍କ ଭାଇ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୭୭/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

# ଲାଞ୍ଚ ମାମଲା: ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଦଣ୍ଡିତ

**କଟକ ଅଫିସ, ୨୨।୨**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଣିତ୍ରୀ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଗୋଦାବରୀ ରଥ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ରଥଙ୍କୁ ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜେଲ୍ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନାଥାଉ କି, ମାଣିତ୍ରୀ ସ୍କୁଲରେ କାର୍ଯ୍ୟ କରୁଥିବା ସମୟରେ ପ୍ରଧାନଶିକ୍ଷୟିତ୍ରୀ ରଥ ୧୯ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେ ଏହି ଲାଞ୍ଚ ସିନ୍ଧୁକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଲକ୍ଷ୍ମୀ ଶଙ୍ଖୁଆଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। କାରଣ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଯୋଗାଣ କରୁଥିଲା। ସାମଗ୍ରୀ ବାବଦୀୟ ବିଲ୍‌ରେ ଦସ୍ତଖତ କରିବା ପାଇଁ ପ୍ରଧାନଶିକ୍ଷୟିତ୍ରୀ ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୧/୨୦୧୨) ରୁଜୁ ହୋଇଥିଲା। ମାମଲାଟି କୋର୍ଟଙ୍କ ବିଚାରାଧୀନ ଥିଲା। ଶୁକ୍ରବାର ଆଗତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ବିଚାରପତି ଅଭିଯୁକ୍ତ ପ୍ରଧାନଶିକ୍ଷୟିତ୍ରୀ ରଥଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୁର୍ନୀତି ନିବାରଣ ଆଇନର ପୃଥକ୍ ଧାରା ଅନୁଯାୟୀ ରଥଙ୍କୁ ୬ ମାସ ଜେଲ୍ ଓ ୩ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଜରିମାନା ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଆଉ ଅଧିକ ୧ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସେହିପରି ଅନ୍ୟ ଏକ ଧାରା ଅନୁଯାୟୀ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୩ହଜାର ଟଙ୍କା ଜରିମାନା ଦଣ୍ଡ ମିଳିଛି। ଜରିମାନା ଅର୍ଥ ଆଦାୟ ହୋଇ ନ ପାରିଲେ ଆଉ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ଦିଆଯାଇଛି। ତେବେ ସମସ୍ତ ଦଣ୍ଡ ଅଭିଯୁକ୍ତଙ୍କ ବିରୋଧରେ ଏକକାଳୀନ ଚାଲିବ ବୋଲି ବିଚାରପତି ସ୍ପଷ୍ଟ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ସେକ୍ ହାଜିରୁଦ୍ଦିନ ମାମଲା ପରିଚାଳନା କରୁଥିଲେ।

■ ଉନ୍ନୟନ କାର୍ଯ୍ୟରେ ଅନିୟମିତତା

# ପଣପଣା ପଞ୍ଚାୟତରେ ଭିଜିଲାନ୍ସ ଚଢାଉ

**ସୋର/ ବାହାନଗା, ୨୨।୨(ଡି.ଏନ.ଏ.)**

ଉନ୍ନୟନ କାର୍ଯ୍ୟରେ ଅନିୟମିତତା ନେଇ ଶୁକ୍ରବାର ଭିଜିଲାନ୍ସ ବିଭାଗ ପକ୍ଷରୁ ସୋର ବ୍ଲକ କାର୍ଯ୍ୟାଳୟ ଓ ବାହାନଗା ବ୍ଲକ ପଣପଣା ପଞ୍ଚାୟତରେ ଚଢାଉ କରାଯାଇଥିଲା।

୨୦୧୫ ମସିହାରେ ସୋର ବ୍ଲକ ନଦୀଗାଁ ପଞ୍ଚାୟତରେ ଇନ୍ଦିରା ଆବାସ ନିର୍ମାଣ ଓ ପୋଖରୀ ଖୋଳା ଯୋଜନାରେ ଅନିୟମିତତା ନେଇ ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା। ଡ଼ିଏସପି ସନ୍ତୋଷ ସାମନ୍ତ ରାୟଙ୍କ ନେତୃତ୍ୱରେ ଏହି ତଦନ୍ତ ଚାଲୁରହିଛି।

ସେହିପରି ପଣପଣା ପଞ୍ଚାୟତରେ ପକ୍କା ଘର ନିର୍ମାଣରେ ଅନିୟମିତତା ହୋଇଥିବା ଗତ ୪ବର୍ଷ ତଳେ ଗ୍ରାମର କେତେକ ବ୍ୟକ୍ତି ଜିଲା ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ୨୦୧୩, ୨୦୧୪, ୨୦୧୫ ଓ ୨୦୧୬ ବର୍ଷରେ ପଞ୍ଚାୟତର ବଣ୍ଟନ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘରରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। କେତେକ ବ୍ୟକ୍ତି ଘର ପାଇ ମଧ୍ୟ ନିର୍ମାଣ ନ କରି ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ବିଭାଗ ତରଫରୁ ପଞ୍ଚାୟତରୁ କାଗଜପତ୍ର ଜବତ କରାଯାଇଥିଲା। ଶୁକ୍ରବାର ଭିଜିଲାନ୍ସ ବିଭାଗ ତରଫରୁ ଇନ୍ସପେକ୍ଟର ଅନିରୁଦ୍ଧ ନାୟକଙ୍କ ନେତୃତରେ ୪ଜଣିଆ ଟିମ୍ ସହିତ ବ୍ଲକ ଭିଏଲ୍‌ଡବ୍ଲ୍ୟୁ ସସ୍ମିତା ସିଂ ଓ ଏଆରଆଇ ତାପସ ଜେନା ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ। ଅବସରପ୍ରାପ୍ତ ଭିଏଲଡବ୍ଲ୍ୟୁ ଗୋପୀନାଥ ମାଇତି ମଧ୍ୟ ଉପସ୍ଥିତ ଥିଲେ। ତାଙ୍କ ସମୟରେ ପକ୍କାଘର ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଟିମ୍ ୨୩ ଘର ମଧ୍ୟରୁ କେବଳ ୪ଟି ଘର ତଦନ୍ତ କରି ଫେରିଯାଇଥିଲେ। ୪ଟି ମଧ୍ୟରୁ ପଣପଣା ଗ୍ରାମର ଶିବ ପ୍ରସାଦ ବାରିକ୍ ଓ ବେଗୁନିଆ ଗ୍ରାମର ରଘୁନାଥ ମହାଳିକ ଦୁଇଜଣ ସମ୍ପୂର୍ଣ୍ଣ ଘର ନ କରି ଟଙ୍କା ହଡପ କରିନେଇଥିବା ଦେଖିବାକୁ ପାଇଥିଲେ। ଅନ୍ୟ ୨ଟି ସ୍ଥାନରେ ଘର ପାଇଥିବା ୨ ହିତାଧିକାରୀ ସେତେବେଳେ ଅଳ୍ପ କିଛି କାନ୍ଥ ଉଠାଇ ସମ୍ପୂର୍ଣ୍ଣ ଟଙ୍କା ନେଇ ଯାଇଥିବା ତଦନ୍ତ ସମୟରେ ଜାଣିବାକୁ ପାଇଛନ୍ତି।








2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ